# ସମାରୋହ

ଜୁନ୍ ୨୦୨୪

www.samaroha.in



# KALINGA COMMERCIAL CORPORATION LTD

## A Leading Turnkey Service Provider for Mining Sector

(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

# Magnum Auto

Passion for Cars

A PIT STOP FOR CAR LOVERS

**CALL NOW- 99370 00909**

WASHING | CLEANING | REPAIRS | SERVICE

DETAILING | FOAM WASH | UNDER- BODY | SOUND-SYSTEM

SEATS | ALLOYS | ALIGNMENTS | LIGHTS BULB | HORNS TYRES

3M WÜRTH JBL AutoBros KENWOOD Listen to the Future

HELLA PHILIPS Pioneer Infinity K&N

brembo BOSCH CROATIAN ROOTS MUSIC UNO MINDA

Fleetguard YOKOHAMA MICHELIN BRIDGESTONE

PETRONAS

**WE ARE EXCLUSIVE DISTRIBUTOR FOR PETRONAS LUBRICANTS**

MARUTI SUZUKI HONDA TOYOTA HYUNDAI Ford TATA

**Plot No: 891/1046, Pahala, Bhubaneswar, Behind PAL Heights Mantra**

20°20'32.8"N 85°52'56.3"E



Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟ୍‌ଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚ୍ଛଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 33 Issue - 9**
**June - 2024**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ମାତୃଶକ୍ତିର ସଶକ୍ତିକରଣରେ ଜାଗତିକ ଜାଗରଣ** କିଶୋର ଚନ୍ଦ୍ର ଜେନା..........୬


### କଥା ଓ କାହାଣୀ


**ପ୍ରଜାପତିର ନୂଆଢ଼େଣା** ତ୍ରିନାଥ ପଟ୍ଟନାୟକ............ ୮
**ପ୍ରେଜେଣ୍ଟସ୍** ମୂଳହିନ୍ଦୀ - ଭଗବତୀ ଚରଣ ବର୍ମା
ଓଡିଆ ରୂପାନ୍ତର - ଜନ୍ମେଜୟ ବାବୁ............... ୧୧
**ଅନ୍ୟ ଏକ ଚିତ୍ରାଙ୍ଗଦା** ଲେଖକ - ହର୍ଷ ଦତ୍ତ
ଅନୁବାଦ - ଗିରିଜା ମଞ୍ଜରୀ ପାଢ଼ୀ.......... ୧୪
**ଛୁଆ ଖୁଡ଼ି** ଉଷା ଶତପଥୀ................. ୨୨
**ଗରଳ** ଦୁର୍ଗାପ୍ରସାଦ ଆଚାର୍ଯ୍ୟ........... ୨୫
**ତିନୋଟି ସ୍କେଚ୍ ଅବ୍ୟକ୍ତ**
ମୂଳହିନ୍ଦୀ - ଆର୍ଯ୍ୟ ଝା
ଅନୁବାଦ - ନଗେନ୍ଦ୍ର ନାଥ ପଟ୍ଟନାୟକ...... ୨୭
**ମଳୟର ସ୍ପର୍ଶ** ଲିପିକା ପଟ୍ଟନାୟକ............ ୨୯
**ବ୍ରହ୍ମ ଦର୍ଶନ** ଚୈଧୁରୀ ବରଦା ପ୍ରସନ୍ନ ଦାସ...୩୧
**ଭଙ୍ଗା ଆଇନା** ଶ୍ରୀ ଶଶିଭୂଷଣ ମହାନ୍ତି..........୩୪


### ଧାରାବାହିକ ଉପନ୍ୟାସ


**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା....... ୩୯


### କବିତା


**ଜୀବନଚକ୍ର** ଡକ୍ଟର ନାରାୟଣ ପଣ୍ଡା.........୪୩
**ମୋତେ ଯେତେ ମାଠିବୁ ମାଠ** ରତ୍ନାକର ରାଉତ............. ୪୩
**ଆବାହନ** କିଶୋର ମିଶ୍ର.................. ୪୪
**ଦଦରା ନାଆ** ସରୋଜିନୀ ମିଶ୍ର............... ୪୪
**ପିଙ୍ଗଳାର ସ୍ପର୍ଶ** ଚୈତନ୍ୟ ପ୍ରସାଦ ବେହେରା.... ୪୫
**ନାରୀ ସର୍ବମୟୀ ସର୍ବବ୍ୟାପିନୀ** ଅନସୂୟା ପଣ୍ଡା................ ୪୫
**ବାହାନଗାରେ ବର୍ଷା** ଶ୍ରୀ ଭୁବନେଶ୍ୱର ବିଶି......... ୪୬
**ଗୋଧୂଳି** ଡକ୍ଟର ମିହିର ପଟ୍ଟନାୟକ...... ୪୬
**ପୁଅ** ସୁଜିତ୍ କୁମାର ମିଶ୍ର............ ୪୭
**ସମୟ : ତିନୋଟି ସ୍କେଚ୍** ସଂଜୟ କୁମାର ତ୍ରିପାଠୀ........ ୪୮
**ହଜିଛି ଅତୀତ... ରହିଛି ସ୍ମୃତିରେ** ସୁଜାତା ପତି...... ୪୮
**ବାଟ** ରାହାସ କୁମାର ବେହେରା...... ୪୮
**ବୁଢ଼ିଆଣୀ ବଡ଼ ଶିକ୍ଷାଦିଏ** ବିନୟ ଭୂଷଣ ପାଣିଗ୍ରାହୀ...... ୪୯
**ପ୍ରଥିତ : ପାର୍ଶ୍ୱଦେବତା** ଶ୍ରୀ ବଳରାମ ପୂଜାରୀ.......... ୪୯
**ମୈଥୁନ** ଡ଼ ବେଣୁଧର ପାଣିଗ୍ରାହୀ....... ୫୦
**ଚା' କପ୍ ଆଉ ତୁମେ** ସ୍ୱୟଂପ୍ରଭା ରଥ............... ୫୧

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**

- **ଶ୍ରୀ ଦେବ ପଟ୍ଟନାୟକ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଡା. ଅମରେନ୍ଦ୍ରନାଥ ଦାସ**

## ତନ୍ମାତ୍ର


**ବଡ଼େ ମିଆଁ - ଛୋଟେ ମିଆଁ**.................................. ୫୨


## ଖେଳ ଓ ଖେଳାଳୀ


**କ୍ରିକେଟ୍‌ର କ୍ରମବିକାଶରେ ଭାରତର ସ୍ଥାନ**.................... ୫୩


## ଜ୍ୟୋତିଷ ବିଚାର


**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁ୍ୟପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**


| **ସମାରୋହର ଦେୟ** | |
|---|---|
| | ବାର୍ଷିକ................ଟ. ୨୫୦.୦୦ ଦ୍ୱିବାର୍ଷିକ..............ଟ. ୫୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୭୫୦.୦୦ ୫ ବର୍ଷ ପାଇଁ..........ଟ. ୧୨୫୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* |

# ସମ୍ପାଦକୀୟ

ଶ୍ରୀମଦ୍ ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟରେ ସ୍ଥିତପ୍ରଜ୍ଞର ଚରିତ୍ର ବର୍ଣ୍ଣନା କରାଯାଇଛି। ପାଠକ, ଭକ୍ତ, ଅନିସନ୍ଧିତ୍ସୁ ସମସ୍ତଙ୍କ ମନରେ ସନ୍ଦେହ ଆସେ ଏପରି ବ୍ୟକ୍ତି ଏ ସଂସାରରେ ତିଷ୍ଠି ରହିବା କଣ ସମ୍ଭବ? କାହିଁକି ନା ଜଗତରେ ଏଭଳିଆ ମଣିଷ ଦିଶନ୍ତି ନାହିଁ। ଅର୍ଜୁନଙ୍କର ମଧ୍ୟ ସେତେବେଳେ ସନ୍ଦେହ ହୋଇଥିଲା। ଠିକ୍ ତା'ର ପରେ ପରେ ତୃତୀୟ ଅଧ୍ୟାୟରେ କର୍ମ ଅପେକ୍ଷା, ବୁଦ୍ଧି ଓ ଜ୍ଞାନକୁ ଶ୍ରେଷ୍ଠ ବୋଲି ଭଗବାନ କହିବା ବେଳେ, ଅର୍ଜୁନଙ୍କର ସନ୍ଦେହ ହେଲା। ସେ ସମୟରେ ସେ ଜଗତ୍‌ଗୁରୁ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଥିଲେ। ଯଦି ଆପଣ କର୍ମ ଅପେକ୍ଷା ବୁଦ୍ଧି ଓ ଜ୍ଞାନକୁ ଶ୍ରେୟ ମନେ କରନ୍ତି ତେବେ ମୋତେ କାହିଁକି ଏତେ ଚିନ୍ତାରେ ପକେଇଥିଲେ? ମୋ ବୁଦ୍ଧି ଏ ବିଷୟରେ ବିଶେଷ କିଛି କାମ କରିପାରୁନାହିଁ। ସେଥିପାଇଁ ଆପଣ ଗୋଟିଏ କଥା ସ୍ଥିର କରି କୁହନ୍ତୁ ଯାହା ମୁଁ କରିପାରିବି। ଭଗବାନ ମନୁଷ୍ୟ ମାନଙ୍କର ଦୁଇ ପ୍ରକାରର ନିଷ୍ଠା ଅଛି ବୋଲି ବୁଝେଇ କହିଥିଲେ। ଗୋଟିଏ ଜ୍ଞାନୀମାନଙ୍କର ଜ୍ଞାନ ଯୋଗରେ ନିଷ୍ଠା ହୁଏ। ଯୋଗୀ ମାନଙ୍କର କର୍ମ ଯୋଗରେ ନିଷ୍ଠା ହୁଏ। କାରଣ ମନୁଷ୍ୟ କର୍ମ ନକରି କଦାପି ରହିପାରିବ ନାହିଁ। ଯେକୌଣସି ପ୍ରକାରର କର୍ମ କରି ଚାଲିବ। ସେ ଯୁଗରେ ଯାହା ଯାହା କହିଥିଲେ, ଆଜି ଆମେ ଯଦି ଆମ ଭିତରକୁ ଦେଖିବା, ସମାଜକୁ ଦେଖିବା ଓ ପରିସ୍ଥିତିକୁ ଦେଖିବା, ତା'ର ଅନୁଭବ ଆମକୁ ପ୍ରମାଣ ପରି ମନେହେବ କାରଣ ଆମର ଚିତ୍ତ ଏପର୍ଯ୍ୟନ୍ତ ସ୍ଥିର ହୋଇ ରହିନାହିଁ। ମନୁଷ୍ୟର ବିକ୍ଷିପ୍ତ ମନ-ବୁଦ୍ଧି-ଚିତ୍ତ ଓ ଅହଂକାର ବର୍ତ୍ତମାନ ଯୁଗରେ ଏତେ ପ୍ରବଳ ହୋଇଯାଇଛି ଯେ ମନୁଷ୍ୟ ସ୍ଥିର ହୋଇ ରହିପାରିବ ନାହିଁ। ସ୍ଥିତପ୍ରଜ୍ଞ ହେବାର ବାଟ ପାଇପାରିବ ନାହିଁ। ସେ ହିମାଳୟ ଉପରେ ନିଷ୍ଠାପର ଭାବରେ ଧ୍ୟାନ କରିବାକୁ ଯାଇପାରିଥାଏ କିମ୍ବା କନ୍ୟାକୁମାରୀ ଯାଇପାରିଥାଏ। କିନ୍ତୁ ସେଥିରେ ସଫଳତା ପାଇବା ସମ୍ଭବପର ନୁହେଁ। କାରଣ ଏଇ ଯୁଗରେ ମୁନିଋଷିଙ୍କ ପରି ବର୍ତ୍ତମାନ ମନୁଷ୍ୟର ମନ-ବୁଦ୍ଧି-ଚିତ୍ତ ଅହଙ୍କାର କେହି ପରିଷ୍କାର ନୁହଁନ୍ତି। ସେଥିପାଇଁ ବର୍ତ୍ତମାନ ଚତୁର୍ଦ୍ଦିଗରେ ପ୍ରଦୂଷଣ ଘେରିରହିଛି। ସେ ବିଷୟରେ ଅଧିକା ଲେଖିବା ଦରକାର ନାହିଁ କାହିଁକି ସମସ୍ତେ ଜାଣିଛନ୍ତି।

ସେହି ପ୍ରଦୂଷିତ ମନନେଇ ଆମେ ବର୍ତ୍ତମାନ ୨୦୨୪ରେ ଲୋକସଭା ଓ ବିଧାନସଭା ନିର୍ବାଚନ କରିବା ସ୍ଥିର କରିଥିଲୁ। ଏହା ପୂର୍ବରୁ ୩-୪ ମାସ ବାକ୍ ବିତଣ୍ଡା, କଥା କଟାକଟି, ଠେଲା ପେଲା ପରେ କୌଣସି ମତେ ନିର୍ବାଚନଟି ସମାପ୍ତ ହୋଇଗଲା। ବର୍ତ୍ତମାନ ଫଳର ଆଶା। ଆଜି ଜୁନ୍ ୪ ତାରିଖ ନିର୍ବାଚନର ଫଳାଫଳ ଘୋଷଣା କରାଯିବ। ସେଥିରେ ସାରୁ ଖୋଳୁ ଖୋଳୁ ମହାଦେବ ବାହାରିବେ ବା ସାରୁ ଖୋଳୁ ଖୋଳୁ ଆଉ କ'ଣ ଆସିବ, ସେଇଟା ସନ୍ଧ୍ୟା ସୁଦ୍ଧା ଜଣାପଡ଼ିଯିବ। ଯେଉଁମାନେ ଜିତିବେ, ସେମାନେ ନିଶ୍ଚିତ ସୁଖୀ ହେବେ (କିନ୍ତୁ ସମ୍ପୂର୍ଣ୍ଣ ନୁହେଁ)। ଅନ୍ତରର ଆନନ୍ଦର ଉତ୍ସକୁ ଆମେ ଯଦି ପ୍ରକୃତ ଅନୁଭବ କରିପାରିବା ଏବଂ ତାହା ଆମକୁ ପୁଣି ଆଉ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ନିଶ୍ଚିତ କରିପାରିବ, କିନ୍ତୁ ତାହା ମଧ୍ୟ ସମ୍ଭବ ନୁହେଁ। ଭବିଷ୍ୟତ ହିଁ ବାକୀ କଥା କହିବ। ଆଜି ଯଦି ଚାରିବର୍ଷର ପିଲା ଆଗରେ ବାପ, ମା'କୁ ମାରିଦେଇ ଟାଙ୍ଗୀ ଦେବ, ଟଙ୍କା ପାଇଁ ପୁଅ, ବାପ ବା ମା'କୁ ମାରିଦେବ, ଏହାର ପ୍ରଭାବ ସମାଜରେ ବା ଆମ ଜୀବନରେ କେତେ କାମ କରିବ? ଜିତିଲା ଲୋକଙ୍କର ଭୟ କାଳେ କିଏ ତାକୁ ହତ୍ୟା କରିବ, କାରଣ ସେ ଶୁଦ୍ଧ ପଥ ଦେଇ ଏଥିରେ ପ୍ରବେଶ କରିନାହିଁ। ଶୁଦ୍ଧ, ନିର୍ମଳ, ଶାନ୍ତ ହୃଦୟ; କେବଳ ମନୁଷ୍ୟକୁ ନୁହେଁ, ପଶୁ, ପକ୍ଷୀ, ବୃକ୍ଷଲତା ଇତ୍ୟାଦି ସମସ୍ତଙ୍କୁ ସେଇ ହୃଦୟରେ ଦେଖିବ। କାରଣ ଆମେ ଆମର ହୃଦୟକୁ କଳୁଷିତ କରିସାରିଛୁ। ସେଥିର ଅମୃତ ଫଳ ମିଳିବା କଦାପି ସମ୍ଭବ ନୁହେଁ। ତେଣୁ ଆଜି ଘଡ଼ି ସନ୍ଧି ମୁହୂର୍ତ୍ତରେ ଜଗତର ନାଥ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣରେ ଆନ୍ତରିକ ପ୍ରାର୍ଥନା ସେ ଆମକୁ ଶୁଦ୍ଧ ଓ ପବିତ୍ର ମନ ଏବଂ ବୁଦ୍ଧି ପ୍ରଦାନ କରନ୍ତୁ। ତାକୁ ଛାଡ଼ି ଆଉ କୌଣସି ଉପାୟ ନାହିଁ। ତାଙ୍କର କରୁଣା ଆମମାନଙ୍କର ଧ୍ୟେୟ ହେଉ ଏବଂ ଅନବରତ ତାଙ୍କ ଚିନ୍ତାରେ ଆମ ଜୀବନ ଯାଉ। ତେବେ ଯାଇ ଏ ସଂସାରର ପରିବର୍ତ୍ତନ ହେବ।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ

ପ୍ରବନ୍ଧ

# ମାତୃଶକ୍ତିର ସଶକ୍ତିକରଣରେ ଜାଗତିକ ଜାଗରଣ

**କିଶୋର ଚନ୍ଦ୍ର ଜେନା**

ସମାନତା ଏବଂ ସ୍ୱତନ୍ତ୍ରତା ମଣିଷର ଜନ୍ମଗତ ଅଧିକାର ତଥା ସ୍ୱ ଅଭିବୃଦ୍ଧିର ଅଭିଚ୍ଛେଦ୍ୟ ଅଙ୍ଗ। ମେଲିଣ୍ଡା ଫ୍ରେନ୍‌ଚ ଗେଟ୍‌ସ୍‌ଙ୍କ ଭାଷାରେ ମହିଳାମାନଙ୍କ ଉତ୍‌ଥାନ ମାନବତାର ଉତ୍‌ଥାନ ଅଟେ। ମା ଦୁର୍ଗାଙ୍କ ସ୍ତୋତମ୍‌ରେ "ଯା ଦେବୀ ସର୍ବଭୁତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମଃ ସ୍ତସ୍ୱେ ନମଃସ୍ତସ୍ୱେ ନମଃସ୍ତେସ୍ୱେ ନମୋଃନମଃ"। ଲକ୍ଷ୍ମୀ ରୂପେଣ ସଂସ୍ଥିତା, ବିଦ୍ୟା ରୂପେଣ ସଂସ୍ଥିତା, କାୟା ରୂପେଣ ସଂସ୍ଥିତା ଇତ୍ୟାଦି ଇତ୍ୟାଦି। ମାତୃ ଜାତିକୁ ଆମ୍ଭେ ସନାତନ ଧର୍ମରେ ଶକ୍ତି ରୂପରେ ମାତୃରୂପରେ, ବିଦ୍ୟାର ପ୍ରବାହରେ, ଧନ ରତ୍ନ ଏବଂ ଐଶ୍ୱର୍ଯ୍ୟର ଆବାହନ ଆଦି ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧିର ମାନକ ରୂପେ ଆବାହନ କରିଥାଉ।

ମାତୃଶକ୍ତିର ସଶକ୍ତିକରଣ ଜାଣିବା ପୂର୍ବରୁ ଆମ୍ଭେ ଜାଣିବା ଉଚିତ୍ ହେବ ଯେ, ସଶକ୍ତିକରଣର ଅର୍ଥ କ'ଣ ? ସଶକ୍ତିକରଣର ଅର୍ଥ ହେଲା କୌଣସି ବ୍ୟକ୍ତି ତାହାର କ୍ଷମତାର ଆଧାରରେ ନିଜର ଜୀବନ ସହିତ ସମ୍ପର୍କ ଓ ସମସ୍ତ ନିର୍ଣ୍ଣୟ ସ୍ୱୟଂ ଗ୍ରହଣ କରିବାର ଯୋଗ୍ୟତା ହାସଲ କରିବା ବା ଅନ୍ୟ ଅର୍ଥରେ କହିବାକୁ ଗଲେ ଯେଉଁ ମହିଳା ପରିବାର ଏବଂ ସମାଜର ବନ୍ଧନରୁ ମୁକ୍ତି ପୂର୍ବକ ନିଜ ଜୀବନର ନିର୍ମାତା ନିଜେ ସାଜେ। ପ୍ରଥମ ଥର ଯଦି ଜଣେ ନାରୀ ନିଜର ନିର୍ଣ୍ଣୟ ନିଜେ ନବାକୁ ସମର୍ଥ ହୁଏ, ପରିବାର ଆଗେ ବଢ଼େ। ଗାଁ ମଧ୍ୟ ଆଗକୁ ବଢ଼େ ଏବଂ ରାଷ୍ଟ୍ର ବିକାଶର ଶିଖର ଛୁଏଁ। ଭାରତରେ ମହିଳାମାନଙ୍କୁ ସଶକ୍ତ କରିବାକୁ ହେଲେ ପ୍ରଥମେ ସମାଜରେ ସେମାନଙ୍କୁ ନାର୍ଯ୍ୟ ଅଧିକାର ଦେବା ଏବଂ ସେମାନଙ୍କର ମାନବିକ ମୂଲ୍ୟକୁ ଧ୍ୱଂସ କରୁଥିବା ତାମସ ଶକ୍ତିକୁ ଧ୍ୱଂସ କରିବାଟା ନିତାନ୍ତ ଜରୁରୀ। ଯଥା: ଯୌତୁକ ପ୍ରଥା, ଅଶିକ୍ଷା, ଯୌନ ଉତ୍ପୀଡ଼ନ ହିଂସା, ଅସମାନତା, ଭ୍ରୁଣ ହତ୍ୟା, ମହିଳାଙ୍କ ପ୍ରତି ଘରୋଇ ହିଂସା, ବଳାତ୍କାର, ବେଶ୍ୟାବୃତ୍ତି, ମାନବତସ୍କରୀ ଇତ୍ୟାଦି ଇତ୍ୟାଦି।

ଅନ୍ୟ ମହିଳାଙ୍କୁ ସଶକ୍ତ କରିବା ଦିଗରେ ଶକ୍ତି ଆମ ସମସ୍ତଙ୍କ ପାଖରେ ଅଛି। ସେହି ମହିଳାଟି ଆପଣଙ୍କର ଭଗ୍ନୀ, ପତ୍ନୀ, ମା ଓ ବନ୍ଧୁ ହୋଇପାରନ୍ତି। ଆମ୍ଭମାନଙ୍କ ଭିତରେ କେହିବି ଆମ୍ଭମାନଙ୍କ କାର୍ଯ୍ୟ ଶୈଳୀରେ ଏବଂ ଉର୍ଜାଶବ୍ଦର ପ୍ରୟୋଗରେ ଏମାନଙ୍କ ଭିତରୁ କାହାକୁବି ସଶକ୍ତ କରିପାରିବା।

ମହିଳାମାନଙ୍କୁ ସଶକ୍ତ କରିବାର ଅର୍ଥ ହେଉଛି ସେମାନଙ୍କୁ ତାଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ଏବଂ ତାଙ୍କର ସ୍ୱପ୍ନକୁ ସାକାର କରିବା ଏବଂ ଅଗ୍ରଗତି ପାଇଁ ତାଙ୍କ ସହିତ ଯୋଗାଯୋଗ କରିବା ଏବଂ ପ୍ରୋତ୍ସାହିତ କରିବା। ଯେତେବେଳେ ଜଣେ ଅନ୍ୟକୁ ସଶକ୍ତ କରାଏ, ସେତେବେଳେ ଆମ ସମସ୍ତଙ୍କ ପାଇଁ ଏହା ଗର୍ବର ବିଷୟ ହୋଇଥାଏ। ମହିଳାଙ୍କୁ ସମର୍ଥନ କରିବାର ଅର୍ଥ ହେଉଛି ସେମାନଙ୍କର ସ୍ୱ ଆତ୍ମବିଶ୍ୱାସର ଜାଗରଣ କରିବା। ମହିଳାମାନେ ନିଜର ଶକ୍ତି ଉପରେ ବିଶ୍ୱାସ କରିବା ଦରକାର ଏବଂ ଏ ଦିଗରେ ନିଜକୁ ବିଶ୍ୱାସ କରିବା ଆରମ୍ଭ କରିବା ଦରକାର। ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ପାଇଁ ନିଜ ଭିତରେ ଦୃଢ଼ତାର ଭାବ ପୋଷଣ କରିବା ଦରକାର ଏବଂ ଏଥିରେ କୃତକାର୍ଯ୍ୟ ମଧ୍ୟ ହେବା ଦରକାର। ଯେ କୌଣସି ମହିଳାଙ୍କୁ ସଶକ୍ତ କରିବାର ଅର୍ଥ କୌଣସି ପୁରୁଷକୁ ମଧ୍ୟ ଏଥିସହ ସଶକ୍ତ କରିବା। ଯେତେବେଳେ ଜଣେ ମହିଳା ଅନ୍ୟ ମହିଳାଙ୍କୁ ସଶକ୍ତ କରେ, ସେତେବେଳେ ସେ ମଧ୍ୟ ଜୀବନରେ ଶିକ୍ଷା ଗ୍ରହଣ କରେ ଯେ ନିଜକୁ କିପରି ସେ ନିଜେ ସଶକ୍ତ କରିପାରିବ। ମହିଳାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ସହଭାଗିତା, ଚିକିତ୍ସା ସହାୟତା, ରାଜନୈତିକ ଭାଗିଦାରୀ ଆଦି ଅଧିକାଂଶ କ୍ଷେତ୍ରରେ ଭେଦଭାବର ସାମନା କରିବାକୁ ପଡୁଛି, ଯାହା ଦର୍ଶାଉଛି ଯେ ବାସ୍ତବତାଠାରୁ ସେମାନେ କେତେ ଦୂରରେ !

ସାମାଜିକ ମାନଦଣ୍ଡ ଉପରେ ଆଧାରିତ ଲିଙ୍ଗଗତ ସମାନତା, ଲିଙ୍ଗଗତ ଦୃଶ୍ୟାନ୍ତର, ଲିଙ୍ଗଗତ ସହଭାଗିତା ଏବଂ ଲିଙ୍ଗଗତ ଅଭିବ୍ୟକ୍ତି ଉପରେ ରଢ଼ିବାଦୀମାନଙ୍କର ମତପୋଷଣକୁ ଏବଂ କାର୍ଯ୍ୟାବଳୀକୁ ସମାପ୍ତ କରିବା ଦରକାର, ଯାହାଫଳରେ ନାରୀମାନଙ୍କର ଏହି ସବୁକ୍ଷେତ୍ରରେ ସ୍ୱତଃସ୍ଫୁର୍ତଃ ଆଗ୍ରହ ପ୍ରକାଶ ପାଇବ ଏବଂ କାର୍ଯ୍ୟଦକ୍ଷତାକୁ ପ୍ରମାଣିତ କରିବ। ସମାନତା ଏବଂ ସ୍ୱତନ୍ତ୍ରତା ମଣିଷର ଜନ୍ମଗତ ଅଧିକାର ଏବଂ ସ୍ୱ ଅଭିବୃଦ୍ଧିର ଅଭିଚ୍ଛେଦ୍ୟ ଅଙ୍ଗ ମଧ୍ୟ।

ମହିଳା ସଶକ୍ତିକରଣ କ'ଣ ପାଇଁ ଦରକାର ? ଏହା ଏଇଥିପାଇଁ ଦରକାର କାରଣ ନାରୀମାନଙ୍କର ଲିଙ୍ଗଗତ ଭେଦଭାବ ରାଷ୍ଟ୍ରରେ ସାଂସ୍କୃତିକ, ସାମାଜିକ, ଆର୍ଥିକ ଏବଂ ଶୈକ୍ଷିକ ଅନ୍ତର ଜାଗ୍ରତ କରାଏ। ଯାହା ଦେଶ ପ୍ରଗତିର ପଥକୁ ରୁଦ୍ଧ କରି ବହୁ ପଛକୁ ନେଇଯାଏ । ଭାରତ ସମ୍ବିଧାନରେ ଉଲ୍ଲିଖିତ ସମାନତାର ଅଧିକାରକୁ ସୁନିଶ୍ଚିତ କରିବାପାଇଁ ମହିଳାଙ୍କୁ ସଶକ୍ତି କରିବା ସବୁଠାରୁ ବଡ଼ ଏବଂ ପ୍ରଭାବଶାଳୀ ଉପାୟ ଅଟେ। ଲିଙ୍ଗଗତ ସମାନତାର ପ୍ରାଥମିକତା ଏବଂ ପ୍ରଦାନତା ଦ୍ୱାରା ପୁରା ଭାରତରେ ମହିଳାମାନଙ୍କର ସଶକ୍ତିକଣରର ଅଭିବୃଦ୍ଧିର ବିକାଶ ଘଟିବା ସହିତ ଦେଶର ବିକାଶକୁ ତ୍ୱରାନ୍ୱିତ କରିବା।

ସବୁଠାରୁ ବଡ଼ କଥା ହେଲା ମହିଳାମାନଙ୍କର ଶାରୀରିକ, ମାନସିକ ଏବଂ ସାମାଜିକ କ୍ଷେତ୍ରରେ ବିକାଶ ଘଟିବା ସହିତ ସେମାନଙ୍କୁ ମଜଭୁତ ପ୍ରଦାନ କରିବା। ଗୋଟିଏ ଭଲ ଶିକ୍ଷା ବ୍ୟବସ୍ଥା ହିଁ ଗୃହରୁ ଆରମ୍ଭ ହୋଇଥାଏ ଏବଂ ସେମାନଙ୍କର ଅଭିବୃଦ୍ଧି ପାଇଁ ଏକ ସୁସ୍ଥ ପରିବାର ଆବଶ୍ୟକତା ନିତାନ୍ତ ଜରୁରୀ। ଯାହା ରାଷ୍ଟ୍ରର ବିକାଶ ଦିଗରେ ସାହାଯ୍ୟ କରେ । ଆଜି ମଧ୍ୟ ବହୁତ ପାହାଡ଼ିଆ ଏବଂ ଅନୁନ୍ନତ ଗ୍ରାମର ଗରୀବ ମଣିର ଅବସ୍ଥା ଯୋଗୁଁ ମାତା ପିତାଙ୍କର ଶିକ୍ଷା, ମହିଳାଙ୍କୁ କମ୍ ବୟସରେ ବିବାହ କରିଦେବା ଏବଂ ଅଳ୍ପ ବୟସରେ ପିଲା ଜନ୍ମ କରିବା ଆଦି ବହୁଳ ଭାବରେ ଦେଖାଯାଉଛି । ସେଥିପାଇଁ ସେମାନଙ୍କୁ ଆର୍ଥିକ ସ୍ୱଚ୍ଛଳତା ପ୍ରଦାନ ସହିତ ଶିକ୍ଷାର ବିକାଶ ଧାରା ସହିତ ଯୋଡ଼ିବା।

ମହିଳାଙ୍କ କାନୁନ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂସଦ ଦ୍ୱାରା ପାସ୍ ହୋଇଥିବା ପ୍ରମୁଖ ଅଧିନିୟମ ହେଲା- ପାରିଶ୍ରମିକ ଆକ୍ଟ- ୧୯୭୬, ଯୌତୁକ ପ୍ରଥା ଉଚ୍ଛେଦ ଅଧିନିୟମ- ୧୯୬୧, ଅନୈତିକ ବେପାର ଉଚ୍ଛେଦ ୧୯୫୬, ପ୍ରେଗ୍ନାନସି ଆକ୍ଟ ୧୯୮୭, ବାଲ୍ୟ ବିବାହ ଆଇନ ୨୦୦୬, ଲିଙ୍ଗ ନିରୂପଣ ଆକ୍ଟ ୧୯୯୪, କାର୍ଯ୍ୟାଳୟ ସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ଆକ୍ଟ, ମହିଳା ଆରକ୍ଷଣ ଆକ୍ଟ ୨୯ ସେପ୍ଟେମ୍ବର ୨୦୨୩ ଆଦି ପ୍ରମୁଖ। କିନ୍ତୁ ୨୬ ସେପ୍ଟେମ୍ବର ୨୦୨୩ ହେଉଛି ଏକ ଐତିହାସିକ ଦିବସ। ଏହି ସ୍ୱର୍ଣ୍ଣିମ ଦିବସରେ ମହିଳା ଆରକ୍ଷଣ ବିଲ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇ ମହିଳାମାନଙ୍କୁ ୩୩% ଆରକ୍ଷଣର ସୁବିଧା ଉପଲବ୍ଧ ହେଲା। ବର୍ତ୍ତମାନର ସରକାରଙ୍କର ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ଏହା ଏକ ଐତିହାସିକ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଭାରତରେ ମାତୃଶକ୍ତିର ଉତ୍‌ଥାନ ପାଇଁ ଉପର ବର୍ଣ୍ଣିତ ପଦକ୍ଷେପଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ହିଁ ନାରୀଜାତିର ଜାଗତିକ ଜାଗରଣ ଦିଗରେ ନୂତନ ଆଲୋକବର୍ତ୍ତୀକା ସାଜିବ।

*ପୂର୍ବତନ ବରିଷ୍ଠ ଅଧିକାରୀ (ବି.ଏସ୍.ଏନ୍.ଏଲ)*
*ଓ ଆଇନଜୀବୀ*
*ଦୂରଭାଷ: ୯୪୩୭୦୪୧୩୦୦*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ




# ପ୍ରଜାପତିର ନୂଆଡ଼େଣା

ତ୍ରିନାଥ ପଟ୍ଟନାୟକ

କାନ୍ଥରେ ଲେଖା ହୋଇଥିବା ଶୁଭବିବାହ, କଦଳି ଗଛ ଚିତ୍ର ନଲିଭୁଣୁ ପମିଅପା ବିଧବା ହୋଇଗଲା। ସେତେବେଳକୁ ତା ବୟସ ଅଠର କି ଊଣେଇଶି ହେବ। ବାହାଘରକୁ ବର୍ଷେ ସୁଦ୍ଧା ହୋଇନି। ତା ବର ଜଣେ ରାଜମିସ୍ତ୍ରୀ। ତା ଘର ଦ୍ୱାର ଗାଁ କାହାକୁ ଜଣା ନାହିଁ। ରାମ ଦାସ ଓ୍ୱାର୍ଡମେମ୍ବର ବରକୁ ଧରି ଆଣି ପମିଅପା ସାଥିରେ ବାହା କରି ଦେଇଥିଲା। ଏଠି ତା ବରକୁ ସେମିତି କାମ ଧନ୍ଦା ମିଳିଲାନି। ପଞ୍ଜାବ ଗଲା ମିସ୍ତ୍ରୀ କାମ କରିବା ପାଇଁ। କହିଥିଲା ତିନିମାସ ପରେ ଆସିବ। ଗଲା ଯେ ଗଲା। ଆଉ ଫେରିବ କ'ଣ ? କେବଳ ଖବର ଆସିଲା ପୋଲ ତଳେ କାମ କରୁଥିବା ବେଳେ, ପୋଲ ଭୁସୁଡ଼ି ପଡ଼ିଲା। ପୋଲ ତଳେ ପମି ଅପା ସ୍ୱାମୀର ଜୀବନ ଚାଲିଗଲା।

ଦଶବର୍ଷ ତଳେ ପମିଅପାର ବାପା ବସନ୍ତ ରୋଗରେ ପଡ଼ି ଆରପାରିକୁ ଚାଲିଯାଇଥିଲା। ପାଖରେ ଏବେ କେବଳ ମା ବୁଢ଼ୀ ଟିଏ। ଅଶୀ ବର୍ଷ ହେଲାଣି। ପମି ଅପାର ଶାଶୂଘର କେଉଁଠି ତ ତାକୁ, କି ତା ମା'କୁ ବି ମାଲୁମ୍ ନାହିଁ।

ଗୋରାତକ ଭାରି ସୁନ୍ଦରୀ ଝିଅଟିଏ ଆମ ପମି ଅପା। ଆମ ଗାଁର ହୀରା ସେ। ରୂପ ଯେମିତି ଗୁଣ ବି ସେମିତି, ହାଇ ସ୍କୁଲଯାଏ ଯାଇଛି। ସ୍ୱାମୀ ମଲାପରେ ସୁଦ୍ଧ ବିଧବା ସ୍ତ୍ରୀଟିଏ ଭଳି ଦେଖା ଯାଉନି। ଧଳା ଶାଢ଼ି କେବେ ହେଲେ ପିନ୍ଧିନି। ଅବିବାହିତ ଝିଅଟି ଭଳି ଦେଖା ଯାଉଥାଏ।

କିନ୍ତୁ ଗାଁ ଗଣ୍ଡା କଥା, ସତରେ ମିଛରେ ବାର ଲୋକ ବାର କଥା କହୁଥାନ୍ତି। ପମି ଅପା ହତଭାଗିନୀଟାଏ ବୋଲି କିଏ ସମବେଦନା ଜଣାଉଥାଏ ତ ଅନ୍ୟ କେହି ସେଇ କଥା ଭିତରେ ଅଲକ୍ଷଣି ବୋଲି ମଧ୍ୟ କହିଦେଉ ଥାଏ। ପମି କିନ୍ତୁ ଗାଁ ମାଇପିଙ୍କ କଥାରେ, ଗାଁର ଉଦବାର୍ଯ୍ୟା ଟୋକା ଗୁଡ଼ାକଙ୍କ କଥା ପ୍ରତି ଗୁରୁତ୍ୱ ଦେଇ ନଥାଏ। ନିଜ ଗୋଡ଼ରେ ଠିଆ ହେବା ପାଇଁ ଠିକ୍ କଲା। ସେ ଜାଣେ ସରକାରୀ ସାହାଯ୍ୟ ଚାହିଁଲେ ବି ମିଳିବନି। ଚାକିରୀ କିଏ ଦେବ ?

ପମି ଅପା ତା' ଦାଣ୍ଡଘରେ ଗୋଟିଏ ଦୋକାନ ଖୋଲିଲା ଯାହା ଅଳଙ୍କାର ଦିଖଣ୍ଡ ଥିଲା ତାକୁ ବିକି ମୂଳଧନ କଲା। ତେଜରାତି ଦୋକାନ ଟି ସିନା; ସବୁ ଜିନିଷ ମିଳେ। ପରିଶ୍ରମ କରି ବେଶ୍ ଦୁଇ ପଇସା ସେ ରୋଜଗାର କଲା। ପ୍ରଥମେ ପ୍ରଥମେ ସାଇକେଲ ଚଢ଼ି ବଜାରକୁ ଯାଇ ଦୋକାନ ପାଇଁ ମାଲମତା କିଣି ଆଣୁଥିଲା। ଏବେ ଲୋନ କରି ସ୍କୁଟରଟିଏ କିଣିଲାଣି। ଦୋକାନ ସମସ୍ତଙ୍କ ପାଇଁ ଖୋଲା।

ବିଡ଼ି ସିଗାରେଟ ପୁଡ଼ିଆ କିଣିବା ନାଁରେ ଟୋକା ଟୋକଳିଆ ପମି ଅପା ଦୋକାନରେ ପହଁଚି ଯାଆନ୍ତି। ଟାହି ଟାପରା କରନ୍ତି। ଅଧା ବୟସିଆ, ଦରବୁଢ଼ା ଲୋକ ଗୁଡ଼ାକ ମଧ୍ୟ ସଂଧ୍ୟା ହେଲେ ଜିନିଷ କିଣିବା ବାହାନାରେ ପମି ଅପା ଦୋକାନରେ ପହଁଚି ଯାଆନ୍ତି। ଡ଼ାହାଣିଆ ଆଖିରେ ଚାହିଁ ରହନ୍ତି ପମି ଅପାକୁ। ଆଖିରେ ପଲକ ପଡ଼େନି। ପମି ଅପା ସବୁ ଜାଣେ ଦେଖେ କିନ୍ତୁ କାହାକୁ କିଛି କୁହେନି। ତାର ମୁରବି ବୋଲି କେହି ନାହିଁ। କାଲି ତକରାଳ କଲେ କିଏ ତା ପାଖରେ ଠିଆ ହେବ। ଅଶୀ ବର୍ଷର ମା ବୁଢ଼ି କ'ଣ ବା ତାକୁ ସୁରକ୍ଷା ଦେବ। ଗାଁର ମୁରବି ଶ୍ରେଣୀର ଲୋକ ହେଉଛି ଦିନୁ ମହାନ୍ତି। ବେଶ ଖାତିରି ଅଛି ଗାଁ ମୁଲକରେ। ସେ ଦିନେ ଚା' ପତି ଓ ଅମୂଲ ଶହେ କିଣିବାକୁ ପମିଅପା ଦୋକାନକୁ ଆସିଲା। ରାତି ହୋଇଗଲାଣି। ଅପା ଦୋକାନ ବନ୍ଦ କରିବାକୁ ଯାଉଥାଏ। ପମି ଅପାର ସାହସକୁ ପ୍ରଶଂସା କଲା। ଏମିତି କାମିକା ଝିଅ ଖଣ୍ଡମଣ୍ଡଳରେ ନାହିଁ ବୋଲି କହିଲା। ପୁଣି ଝିଅଟା ହୀନ କପାଳି ବୋଲି କେତେ କୁମ୍ଭୀର କାନ୍ଦଣା କାନ୍ଦିଲା। ଦରଦ ଦେଖାଇ ଘର ଭିତରକୁ ପଶିଗଲା। କବାଟ ବନ୍ଦ କରି ଦେଲା ଦିନୁ ମହାନ୍ତି।

ସେଇ ସମୟରେ କିଛି ସୌଦା କଣିବା ପାଇଁ ଯାଇଥାଏ। ଅପେକ୍ଷା କଲି। କିଛି ସମୟ ପରେ ଦିନୁ ମହାନ୍ତି ଦୋକାନ ଘରୁ ବାହାରିଲା। ମୋତେ ଦେଖି ଅପ୍ରସ୍ତୁତ ହୋଇଗଲା। ପୁଣି ଦମ୍ ନେଇ କହିଲା – ଆରେ ପୁଅ କେଉଁ ଦିନଠୁ ଗାଁକୁ ଆସିଛୁ। ସବୁ ଭଲ ତ। ଆଉ ତମ ସହର କଥା କ'ଣ ? ଦିନୁ ମହାନ୍ତି ବୁଢ଼ା ନୁହଁନ୍ତି ମାତ୍ର ବୁଢ଼ାଙ୍କ ଭଳି ବାପ ଧନ ରି କଥା କୁହନ୍ତି। କିନ୍ତୁ ମନଟା ତାଙ୍କର ଜଣେ ଉଦ୍ଧତ ଯୁବକ ଠାରୁ ଆହୁରି ଅଧିକ। ମୋତେ ଏମିତି କିଛି ପଚରା ଉଚୁରା କରି ତରତର ହୋଇ ସେଇଠୁ ଚାଲିଗଲେ। ପମିଅପା ଦୋକନ ଘରୁ ବାହାରି ଆସିଲା। ଆଖିରେ ତାର ଲୁହ। ତାର ମୁଣ୍ଡର କେଶ ସବୁ ଆଲୁର ବାଲୁରୁ। ସତେ ଯେମିତି ସେ ଭୂତୁଣୀ।

ପଚାରିଲି – ପମି ଅପା ତୋର କ'ଣ ହୋଇଛି। ବୁଢ଼ି ଦେହ ବେଶି ଖରାପ ହେଲା କି ? ସେଥି ପାଇଁ କାନ୍ଦୁଛି କି ? କହୁନୁ ଡାକ୍ତରଙ୍କ ଠାରୁ ଔଷଧ ଆଣି ଦେବି। ସେ କିଛି ନ କହି କେବଳ ଫୁଲି ଫୁଲି କାନ୍ଦିବାକୁ ଲାଗିଲା। କାହାକୁ କିଛି ସୌଦା ନ ଦେଇ ଦୋକାନ ବନ୍ଦ କରି ଘର ଭିତରକୁ ଚାଲିଗଲା। ମୁଁ ମଧ୍ୟ ଜିନିଷ ନ କିଣି ବାଧ୍ୟ ହୋଇ ଘରକୁ ଫେରି ଆସିଲି।

ଆମ ଗାଁର ବିଦ୍ୟାଧର ଓରଫ ବିଦିଆନନା, ଯାହାକୁ ବିଦୁ ଡାକିଲେ

ବହୁତ ଖୁସି ହୁଅନ୍ତି । ଟିକିଏ ମାଇଚିଆ । ସ୍ୱର ବି ଝିଅ ସ୍ୱର ଭଳି । ଦେଖିବାକୁ ଭାରି ସୁନ୍ଦର । କୌଣସି ଝିଅ ସୁଦ୍ଧା ତାଙ୍କ ଭଳି ଗଢ଼ଣ ହେବନି । ଘନ କଳା କେଶ ତାଙ୍କର ପେଣ୍ଡାଯାଏ ପଡ଼ିଥାଏ । ମାଖୁନା ମୁହଁ ଗୋରା ତକ ତକ ଚେହେରା । ମୁହଁରେ ଲାଖି ରହି ଥାଏ ମିଠା ହସ ଧାରଟିଏ । ଆଖି ନ ନଚାଇ ସେ କଥା କୁହନ୍ତି ନାହିଁ । ବାପ ମା'ର ଗୋଟିଏ ବୋଲି ପୁଅ । ସେ କିନ୍ତୁ କିନ୍ନର ନୁହନ୍ତି । ଗାଁ ଦାଣ୍ଡରେ ଯେତେ ସବୁ ଡ୍ରାମା କି ଥିଏଟର ହେଲା ତାଙ୍କୁ ନାରୀ ଚରିତ୍ରରେ ଅଭିନୟ କରିବା ପାଇଁ ସୁଯୋଗ ଦିଆଗଲା । ସେ ସେତେବେଳେକୁ ଅଷ୍ଟମ ଶ୍ରେଣୀରେ ପଢୁଥାନ୍ତି । ଜଗତସିଂହପୁରର କୌଣସି ଏକ ଯାତ୍ରା ଦଳ ତାଙ୍କୁ ନାରୀ ଚରିତ୍ରରେ ଅଭିନୟ କରିବା ପାଇଁ ଯାତ୍ରା ପାର୍ଟିରେ ନେଇଗଲେ । ପାଠପଢ଼ାରେ ସେଇଠି ଡୋରି ବନ୍ଧାଗଲା । ସେ ସେଇ ଦଳରେ ହିରୋଇନ୍ ରୋଲ କଲେ ।

ତାଙ୍କର ବାର୍ଷିକ ଦରମା ଏତେ ଥିଲା ଯେ ଆମ ଅଞ୍ଚଳରେ ବଡ଼ ବଡ଼ ଚାକିରିଆଙ୍କ ରୋଜଗାର ଠାରୁ ବି ବହୁତ ଯଥେଷ୍ଟ । ସେ ବଦଳି ଗଲେ ସତେ ଯେମିତି ଜଣେ ନାରୀ । କଥାବାର୍ତ୍ତା, ହେୟାର ଷ୍ଟାଇଲ ସବୁ କିଛି ନାରୀର । ସେ ବର୍ଷାଦିନେ କେତେଦିନ ପାଇଁ ଛୁଟିରେ ଗାଁକୁ ଆସନ୍ତି । ତାଙ୍କର ଅନୁରୋଧରେ ମୁଁ ତାଙ୍କୁ ନନା ନ ଡ଼ାକି, ଡ଼ାକେ ବିଦୁ ନାନୀ ।

ନଈ ପାଖ ରାସ୍ତା ଦେଇ ପମି ଅପା , ବିଦୁନାନୀ ସ୍କୁଟର ଚଢ଼ି କେଉଁଆଡ଼େ ଯାଇଥିଲେ । ମୋତେ ଦେଖି ଅଟକି ଗଲେ । ବିଦୁ ନାନୀ ମୋ ପାଖକୁ ଆସି କହିଲେ, ତିନାବାବୁ ! ତମକୁ ଆମେ ଖୋଜୁଥିଲୁ । ଏ ଗାଁରେ ଅନ୍ୟାୟ ସବୁ ବଢ଼ି ଗଲାଣି । ଆଉ ଚଳି ହେବନି । ଆମକୁ କିଏ ସୁରକ୍ଷା ଦେବ ? ଟୋକା ଟୋକାଳିଆ ଯାହା ହେଉଥିଲେ ଆମେ ସହି ଯାଉଥିଲୁ । ଏବେ ବୁଢ଼ା ଗୁଡ଼ାକ ବି ଆମ ପିଛା ପଡ଼ିଗଲେଣି । ଆମ ଦେହ ଉପରେ ତାଙ୍କର ଆଖି । ଭାବୁଛୁ ଗାଁ ଛାଡ଼ି କେଉଁଆଡ଼େ ଚାଲିଯିବୁ । ଯାତ୍ରା ପାର୍ଟିରେ ରହିବୁ । ଆଜାକାଲି ଯାତ୍ରା ପାର୍ଟିରେ ଝିଅମାନେ ପାର୍ଟ କରିବାକୁ ଆଗ୍ରହ ପ୍ରକାଶ କଲେଣି । ଭାବିଛି ପାର୍ଟି ମାଲିକଙ୍କୁ କହି ପମିକୁ ଯାତ୍ରା ଦଳରେ ପୁରାଇ ଦେବି ।

କଥା କ'ଣ ମୋତେ କହୁନା, କିଏ କ'ଣ କହିଲାକି ? ମୁଁ ଆଶ୍ୱାସନା ଦେଇ କହିଲି । ବିଦୁ ନାନୀ ମୋ ପାଖକୁ ଆସି କହିଲେ ତୁ ପମିକୁ ପଚାରୁନୁ । ସେସବୁ କଥା କହିବ । କହଲୋ ପମି, ଲାଜ କ'ଣ ? ତିନା ବାବୁଙ୍କୁ ତୋ ଦୁଃଖ ଜଣାଇ ଦିଏ ।

ପମି ଅପା ଆଖିରୁ ଧାରେ ଲୁହ ଗଡ଼ାଇ କହିଲେ – ବୁଝିଲ ବାବୁ ! ଆମ ଗାଁ ଦିନୁ ମହାନ୍ତି, ବୁଢ଼ାଟିଏ ହେଲାଣି, ହେଲେ ତାର ଲୁଙ୍ଗୁଡ଼ା ପଣ ଗଲାନି । ମୋ ଘରେ ପଶି କହିଲା – ପମି ତୁତ ବିଧବା ହୋଇଗଲୁ । ତାହା ତୋ ଭାଗ୍ୟରେ ଥିଲା । ଜଣେ ବିଧବା ମାଇକିନିଆ ଏକା ଏକା ରହିବା ସହଜ ନୁହେଁ । ତୁ ମୋ କଥାରେ ରାଜି ହୋଇଯା । ମୁଁ ତୋ ପାଖକୁ ମୁରବି ଭାବେ ଯିବା ଆସିବା କରିବି । ତୋର ହାନି ଲାଭ ବୁଝିବି । କେହି ହେଲେ ତୋ ଉପରକୁ ଆଖି ଉଠାଇ ପାରିବେନି । ତୋ ଦୋକାନର ହିସାବପତ୍ର ରଖିବି । ସଉଦା ପାଇଁ ବଜାରକୁ ଯିବି । ତୋର ସବୁ କାମ କରି ଦେବି । ତା ପରେ ଘର ଭିତରେ ପଶି ମୋତେ ଭିଡ଼ା ଓଟରା କଲା ।

ସବୁ ବୁଝିଗଲି । ସେଦିନ ସଂଧ୍ୟାରେ ଦୋକାନ ଘରେ ଦିନୁ ମହାନ୍ତି କାହିଁକି ପଶି ଥିଲା । ପମି ଅପା ଦୋକାନ ବନ୍ଦ କରି ଘର ଭିତରକୁ ଚାଲିଗଲା । ଯିଏ ଯେତେ ଡାକିଲେ ଆଉ ଦୋକାନ ଘରକୁ ଆସିଲାନି ।

ସତରେ ଯଦି କେଉଁ ନାରୀ ବିଧବା ହୋଇଯାଏ, ତେବେ ସେ ନିରାଶ୍ରୟ ହୋଇଗଲା । ସତେ ଏ ସମାଜ ତାକୁ କେତେ କଦର୍ଯ୍ୟ ଭାଷାରେ ସମ୍ବୋଧନ ନ କରେ ? ସେ ରାଣ୍ଡୀ ଅଲକ୍ଷଣି, ବିବାହ ବ୍ରତ କି କୌଣସି ମାଙ୍ଗଳିକ କାର୍ଯ୍ୟରେ ତାର ଉପସ୍ଥିତିକୁ ବାରଣ କରାଯାଏ । ତା ମୁହଁ ଚାହିଁଲେ ଅଶୁଭ । ରଙ୍ଗିନ ଶାଢ଼ି ପିନ୍ଧି ପାରିବନି । ଆମିଷ ଖାଇବା ମନା । କି ପ୍ରକାର କୁ ପ୍ରଥା । ଏ ଏକବିଂଶ ଶତାବ୍ଦୀରେ ମଧ୍ୟ ସମାଜରୁ ଏ ଅପମାନ ଜନକ ପ୍ରଥା ଲୋପ ପାଇ ପାରିଲା ନାହିଁ ।

କିନ୍ତୁ ପୁରାଣ – ଇତିହାସ ଯୁଗରେ ଏପ୍ରକାର କୁପ୍ରଥା ନଥିଲା । କୁନ୍ତୀ ବିଧବା ହୋଇ ସୁଦ୍ଧା ପାଣ୍ଡବମାନଙ୍କର ସମସ୍ତ ଶୁଭ କାର୍ଯ୍ୟରେ ସେ ସେମାନଙ୍କ ସହିତ ଉପସ୍ଥିତ ଥିଲେ । ସେହିଭଳି ଶାନ୍ତାୟନୁଙ୍କର ବିଧବା ପତ୍ନୀ ସତ୍ୟବତୀ । ରାଜ୍ୟ ଶାସନ କରୁଥିଲେ । ପ୍ରଜାଙ୍କ ମଙ୍ଗଳ କରୁଥିଲେ । ବୀରାଙ୍ଗନା ଲକ୍ଷ୍ମୀବାଇ, ଓଡ଼ିଶାର ରାଣୀ ଶୁକଦେଈଙ୍କୁ ତ କେହି ରାଣ୍ଡୀ ଅଲକ୍ଷଣୀ ବୋଲି କହିବାକୁ ସାହସ କରୁନଥିଲେ । ବରଂ ସେମାନେ ଥିଲେ ବୀରାଙ୍ଗନା । ମୀରା ବାଇ ବିଧବା ହେଲେ ବି ସଧବା ଭଳି ସମାଜରେ ଚଳୁଥିଲେ । ସେମାନଙ୍କୁ କୃଷ୍ଣ ବିଧବା ବୋଲି ଭାଗବତ କୁହେ । ସ୍ତ୍ରୀ ମରିଗଲେ ତ କୌଣସି ପୁରୁଷ ସମାଜରେ ଅଲକ୍ଷଣା ବୋଲି ସମ୍ବୋଦନରେ ସମ୍ବୋଧବତ ହେଉନାହିଁ । ବରଂ ଆମ ଆର୍ଯ୍ୟ ସମାଜରେ ବିଧବାମାନେ କଲ୍ୟାଣ ମୟୀ । ମନ୍ଦୋଦରୀ ! କୁନ୍ତି, ତାରା ଏମାନେ ସତୀ ଓ ମଙ୍ଗଳମୟୀ । ତେବେ ଆଜିକାଲିର ବିଧବାମାନେ କାହିଁକି ସମାଜରେ ଅବହେଳିତ ହୋଇ ରହିବେ ?

ଯେଉଁ ଛତରା ବଦମାସ ଟୋକା କେତଟା ପମି ଅପାର ଲୋଭିଲା ଦେହଟାକୁ ଛିନ୍ନଭିନ୍ନ କରିବାକୁ ଚାହୁଁଥିଲେ ମେସାନେ ଏବେ ମିଛୁଆ ଦିନୁ ମହାନ୍ତିର ସାଙ୍ଗ ହୋଇଯାଇଛନ୍ତି । ବିଭିନ୍ନ କଥା କହି ପମି ଅପାର ଚରିତ୍ର ସଂହାର କରୁଛନ୍ତି । ଦିନୁ ମହାନ୍ତି ଟୋକାମାନଙ୍କୁ ବୁଝାଇ ଦେଲା, ଏ ଯେଉଁ ମାଇଚିଆ ବିଦୁକୁ ଦେଖୁଛ, ସେଇଟା ପକ୍କା ଅଛି । ପମିର ଛାଇ ଭଳି ଜଗିଛି, କେତେ ଦିନ ଏମିତି ତା ପାଖରେ ରହିବ ଦେଖିବା । ଏ ବିଦୁ ଦିନରେ ଅଧା ନାରୀ, ରାତି ହେଲେ ପରା ପମି ପାଖରେ ପୂରା ପୂରି ପୁରୁଷ ହୋଇଯାଏ । ସେମାନଙ୍କ ଭିତରେ ରାସ ଲୀଳା ଚାଲେ ।

ସେଇ ସମୟକୁ ସବୁ ମୋହ ବନ୍ଧନକୁ ତେଜି ପମି ଅପାର ବୁଢ଼ୀ ମା'ଟି ସତାନବେ ବର୍ଷରେ ଆଖି ବୁଜିଦେଲା । ଏବେ ପମି ଅପା ଏଡ଼େବଡ଼ ସଂସାରରେ ସଂପୂର୍ଣ୍ଣ ଏକା । ପମି ଅପାକୁ ସାହାରା ଦେବାକୁ ମୋ ପାଖରେ ତାକତ ନଥିଲା । ମୋ ପାଠ ପଢ଼ା ବି ସରି ନଥାଏ । ଗାଁରେ ମଧ୍ୟ ରହୁ ନଥିଲି ।

ଦିନେ ଦେଖିଲା ବେଳକୁ ପମି ଅପା ଦୋକାନ ଘରେ ତାଲା ପଡ଼ିଛି । ଗାଈ ବାଛୁରୀ ଦୁଇଟି, ଦୋକାନ ଘର ଓ ଜମି ଏକରକର ଦାୟିତ୍ୱ ପଡ଼ୋଶୀ ପଲେଇ ମଉସା ହାତରେ ଜିମା ଦେଇ କୁଆଡ଼େ ଗଲା, ସେ କଥା, ପଲେଇ ବୁଢ଼ାକୁ ଜ୍ଞାତ ନାହିଁ । ସେ ବି କହି ପାରୁନି ପମିର ସଂଧାନ । ପୁଣି ଶୁଣାଗଲା ଦୁଇଦିନ ହେଲା ବିଦୁନାନୀ ବି ଘରେ ନାହିଁ । ଦେଖିଥିବା ଲୋକମାନେ କୁହନ୍ତି ସେ ଦୁହେଁ, ରାତି ଚାରିଟାରେ ଗାଁରୁ ଯାଉଥିବା 'ତୀର୍ଥସାଥି' ବସ୍‌ରେ ଚଢ଼ି କେଉଁଆଡ଼େ ଚାଲିଗଲେ । ବଗୁଲା ବଗୁଲି ଭଳି ଲଗା ଲଗି ହୋଇ ବସି ସିଟରେ ବସିଥିଲେ । ବୋଧେ ଦୁହେଁ ଏକା ସାଙ୍ଗରେ ଗାଁ ଛାଡ଼ି ଚାଲି ଯାଇଛନ୍ତି ।

ଗାଁକୁ ଯାଇଥାଏ । ଘର ବାରଣ୍ଡାରେ ବସିଛି । ବିଦୁ ନାନୀ (ବିଦ୍ୟାଧର ନନା) ବାପା ବୋଉ ଆସି ମୋ ପାଖରେ ପହଁଚିଲେ । ତାର ଅନୁପସ୍ଥିତିରେ ଭାଙ୍ଗି ପଡ଼ିଥାନ୍ତି ବୁଢ଼ାବୁଢ଼ୀ, କହିଲେ – କେତେ ଆଶା କରିଥିଲୁ, ଏ ସନ ଆଉ ପୁଅକୁ ଯାତ୍ରା ପାର୍ଟିରେ ଛାଡ଼ିବୁନି । ଭଲ ତିଥି ଦେଖି ବାହା କରିଦେବୁ

ବୋଲି। ବୟସ ହୋଇଗଲାଣି। ନାତି କି ନାତୁଣୀ ଟିଏ ଦେଖି ମରିବୁ। ଆମ କଥାରେ ବିଦିଆ ରାଜି ବୋଲି ହଁ ଭରିଥିଲା। ଚାଷ ବାସ, ବେପାର ବଣିଜ କରିବ ବୋଲି ହଁ ଭରିଥିଲା। କଥା ଦେଇଥିଲା। କିନ୍ତୁ ଆମ କପାଳଫଟା। କୋଡ଼ିଏ ଜାଗାରେ ଯାଇ ବୋହୂ ଦେଖିଲୁ। ଶେଷରେ ଗୋଟିଏ ଝିଅକୁ ଆମର ମନ ପାଇଲା। ବଂଧୁ ମଧ୍ଯ ଭଲ ଚଳନ୍ତି ପକ୍ଷ। କାହିଁକି ନା ପୂର୍ବରୁ ଯେଉଁ ବଂଧୁକୁ ଆମ ମନ ପାଏ, ସେହି ଜାଗାରେ ଗାଁଲୋକ ବିଦିଆଟା ମାଇଚିଆ ବୋଲି କହି ଭଙ୍ଗେଇ ଦିଅନ୍ତି। କହିଲେ ମୋ ବିଦିଆ କ'ଣ ନା ହିଂଜିଡା। ପୁଅ କୁ ଆମେ ଜନ୍ମ କରିଛୁ, ଆମେ କ'ଣ ଜାଣିନୁ। ଆମ ଠାରୁ ଏମାନେ ଅଧିକ ଜାଣିଛନ୍ତି।

ମୁଁ ସେମାନଙ୍କୁ କହିଲି, ପରିସ୍ଥିତିରେ ପଡ଼ି ଗାଁ ଛାଡ଼ିଛନ୍ତି। ପମି ଅପାକୁ ବିଦିଆ ନନା ବହୁତ ଭଲ ପାଆନ୍ତି। ସ୍ନେହ କରନ୍ତି ନିରିମାଖିଟାଏ ବୋଲି। ଏଇ ଗାଁରେ କେତେଜଣ ଲୋକ ପମି ଅପାକୁ ରଖେଇ ଦେଲେନାହିଁ। ଦିନ ରାତି ତା' ପଛରେ ପଡ଼ିଲେ। ତା'ର କ'ଣ ନିଜର ସ୍ୱାଧୀନତା ନାହିଁ। ବେପାର ବଣିଜ କରି ନିଜେ ନିଜ ଗୋଡ଼ାର ଠିଆ ହୋଇ ବଞ୍ଚିପାରିବ ବୋଲି। କେବଳ ସବୁ ନାରୀ ପୁରୁଷର ଅଧିନରେ ରହି ବଞ୍ଚିବ ? ଏକି ପ୍ରକାର ସମାଜିକ ନୀତି। ବୋଧେ ପମି ଅପାକୁ ବିଦିଆନନା କେଉଁ ଯାତ୍ରା ପାର୍ଟିରେ ଚାକିରି ଦେବା ପାଇଁ ସାଥିରେ ନେଇ ଯାଇଛନ୍ତି। ସେମାନେ ବାହାରେ କେଉଁଠି ନିଶ୍ଚୟ ଅଛନ୍ତି। ମୁଁ କଟକ ଗଲେ ସେମାନଙ୍କର ସଂଧାନ ନେବି।

କଟକ ନିଆଳୀରେ ମୁଁ ଥାଏ। ଅଚିହ୍ନା ପଡ଼ିଆରେ କୌଣସି ଏକ ଯାତ୍ରା ପାର୍ଟି ନାଚୁଥା,। ସେ ସମୟର ଯାତ୍ରା ଏବେ ଆଉ ନାହିଁ। ପୁଅ ପିଲା ଝିଅ ଭଳି ସଜେଇ ହୋଇ ହିରୋଇନ ପାର୍ଟ କରୁଥାନ୍ତି। ତା ପରେ ପୁଅ ଝିଅ ମିଶି ନାରୀ ଭୂମିକାରେ ଅଭିନୟ କଲେ। ଏବେ କିନ୍ତୁ ସଂପୂର୍ଣ୍ଣ ଝିଅମାନେ ହିଁ ମହିଳା ଚରିତ୍ରରେ ଅଭିନୟ କରୁଛନ୍ତି। ବହୁ ଉଚ୍ଚ ଶିକ୍ଷିତା ଝିଅ ବୋହୁ ଯାତ୍ରା ପାର୍ଟିରେ ଅଭିନୟ କରିବା ପାଇଁ ଆଗେଇ ଆସୁଛନ୍ତି। ସମାଜ ବି ଗ୍ରହଣ କରି ଗଲାଣି, ପୁଅ ପିଲା ଆଉ ନାରୀ ଭୂମିକାରେ ଅଭିନୟ କରୁନାହାନ୍ତି।

ମୋ ଘର ପାଖରେ, ଯାତ୍ରା ପାର୍ଟିର କେତେକ କଳାକାର ଘର ଭଡ଼ା ନେଇ ସାତ ଆଠଦିନ ପାଇଁ ରହୁ ଥାନ୍ତି, ସକାଳୁ ସକାଳୁ ଦେଖିଲି ମୋ ଘର ପାଚେରୀ ପାଖରେ କିଏ ଜଣେ ଫୁଲ ତୋଳୁଛି। ଆରେ ଏତ ଆମ ପମିଅପା। ମୋତେ ହଠାତ୍ ଏତେ ପାଖରେ ପାଇ ପମି ଅପା ଆଶ୍ଚର୍ଯ୍ୟ ହୋଇଗଲେ। ମୋତେ ପଚାରିଲେ, ତିନାବାବୁ ତୁମେ ଏଠି କେମିତି, ମୁଁ ଉତ୍ତର ଦେଲି ଏଇ ଛଅମାସ ହେବ ମୁଁ ଏଠି ଆସି ଚାକିରି କରୁଛି। ପମି ଅପାଙ୍କୁ ଘର ଭିତରକୁ ଡ଼ାକିଲି।

ପମି ଅପା କହିଲେ ଆଉ ଗାଁରେ ଆମ ବିଷୟରେ କ'ଣ ସବୁ ଆଲୋଚନା ଚାଲିଛି ? ମୁଁ ଆଉ ବିଦିଆ ନନା ଘର ଛାଡ଼ି ଚାଲି ଆସିଲୁ। ଯାତ୍ରା ପାର୍ଟିରେ ଯୋଗ ଦେଲୁ। ମୋତେ ଯାତ୍ରା ପାର୍ଟିରେ ହିରୋଇନ ରୋଲ ମିଳିଲା। ବିଦିଆ ନନା ଦିନ ରାତି ଲାଗି ମୋତେ ଅଭିନୟ କଳାକୁ ଶିଖେଇ ଦେଲେ। ମୋ ଅଭିନୟକୁ ମଧ୍ଯ ଲୋକ ପସନ୍ଦ କଲେ। ଯାତ୍ରା ପାର୍ଟିରେ ମୋତେ ସମସ୍ତଙ୍କ ଠାରୁ ବେଶୀ ପାରିଶ୍ରମିକ ମିଳୁଛି, ଏତେ ଟଙ୍କା ଦରମା ପାଇବି ବୋଲି ମୁଁ ସ୍ୱପ୍ନରେ ସୁଦ୍ଧା ଭାବିନଥିଲି। ସବୁ ବିଦିଆ ନନାଙ୍କ ଲାଗି।

ଆଉ ଗୋଟିଏ ଦୁଃଖର କଥା ଜାଣ ତିନାବାବୁ।ବିଦିଆ ନନାଙ୍କୁ ଆଉ ହିରୋଇନ ପାର୍ଟ କି କୌଣସି ନାରୀ ଚରିତ୍ର ଆଉ ଏବେ ମିଳୁନି। ବିଦିଆ ନନାଙ୍କର ସେ କଳା ଭଅଁର ଲମ୍ବା କେଶ ତାଙ୍କ ମଥାରେ ନାହିଁ। ଆଉ ସବୁଦିନ କଲିକତି ବାସନା ଜଡ଼ାତେଲ ଲମ୍ବା କେଶରେ ମାରିବାକୁ ପଡୁନି। ଯାତ୍ରା ମାଲିକ ବାରିକ ଡ଼ାକି କାଟି ଦେଇଛନ୍ତି। ସେ ଏବେ ହାସ୍ୟ ରସ ପାର୍ଟିରେ ପରିବେଷଣ କରୁଛନ୍ତି। ଯେଉଁ ଦିନ କେଶ କଟାଗଲା, କି କାନ୍ଦ କାନ୍ଦିଲେ ବିଦିଆ ନନା। ତିନଦିନ ଯାଏ କିଛି ଖାଇଲେ ନାହିଁ। ମୁଁ ବୁଝାଇ ବୁଝାଇ ଥକି ପଡ଼ିଲି। ଯାତ୍ରା ମ୍ୟାନେଜର ବି ବହୁତ ଚିଡ଼ିଲେ। ସେ ଶେଷରେ ମୋ ପାଇଁ ହିଁ ଯାତ୍ରା ପାର୍ଟିରେ ପଡ଼ିକରି ଅଛନ୍ତି। ଆଉ ବେଶି ଦିନ ଏ ପାର୍ଟିରେ ରହି ହେବନି। ମୋତେ ଆସି ତିରିଶ ବର୍ଷ ଧରିବ। ମୋତେ ଏଣିକି ଆଉ ହିରୋଇନ୍ ପାର୍ଟ ମିଳିବନି। ମାଆ କି, ବୁଢ଼ୀ ରୋଲ ମିଳିବ। ଏତେ ଟଙ୍କାର ବି ଦରମା ମିଳିବନି।

ଆମ କଥା ବାର୍ତ୍ତା ମଝିରେ ବିଦିଆ ନନା ପମି ଅପାକୁ ଖୋଜି ଆମ ପାଖରେ ପହଁଚିଲେ। ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ।

ମୁଁ କହିଲି ବିଦିଆ ନନା ଏଠି ମୁଁ ଚାକିରି କରୁଛି। ନିଆଳୀ ଗାଁଟା ଭାରି ଭଲ। ତମକୁ କେମିତି ଲାଗିଲା ?

ବହୁତ ଭଲ, ଲୋକମାନଙ୍କର ସ୍ନେହ ଶ୍ରଦ୍ଧା ଭୁଲି ହେବନି।

ଦୁଇ ଚାରିଦିନ ପରେ ନିଆଳୀରୁ ଯାତ୍ରା ଉଠି କୋଣାର୍କକୁ ଚାଲିଗଲା। ଗଲାବେଳେ ବିଦିଆ ନନା ମୋତେ ଭେଟି କହିଲେ - କୋଣାର୍କରେ ଯାତ୍ରା ସରିଲେ ଆମକୁ ଦୁଇମାସ ଛୁଟି ମିଳିବ। ବର୍ଷା ଦିନ। ନୂଆ ବହି ପାଇଁ ଆଖଡ଼ା ଘରେ ସେଇଠୁ ମାସେ ଅଭିନୟ ଶିକ୍ଷା ଦିଆଯିବ। ଅଭ୍ୟାସ ଚାଲିବ। ସେଥିରେ କଳାକାର ବଦଳା ବଦଳି ହେବ। ଆମେ କିନ୍ତୁ ଆଉ ଯାତ୍ରା ପାର୍ଟିକୁ ଫେରିବୁନି, ଘରକୁ ଫେରି ସେଠି ଚାଷବାସ, ବେପାର ବଣିଜ କରିବୁ। ଆମ ପାଖରେ ଏବେ ଢ଼େର ଟଙ୍କା ଅଛି।

ମୁଁ ବୁଝିପାରିଲିନି 'ଏ ଆମେ' ଶବ୍ଦ କ'ଣ ? ତୁମେ ଦୁହେଁ ବାହା ସାହା ହୋଇ ଯାଇଛ ନା କ'ଣ ?

ନା ସେମିତି ନୁହେଁ। ତୁମେ ଯଦି ଗାଁକୁ ଯାଇ ସବୁ ବ୍ୟବସ୍ଥା କରିବ, ତେବେ ଯାଇ ଫେରିବୁ।

ଆରେ ଏତ ଖୁସିର କଥା, ବିଦିଆ ନନା ମୁଁ ଗାଁକୁ ଯାଇ ତୁମ ସହିତ ସାକ୍ଷାତ ହେବା ଖବରଟା, ତୁମ ବାପ ବୋଉଙ୍କୁ ଦେଇଦିଏ। ଆଉ ରାଜି କରାଇ ଦିଏ। ତୁମେ ଦୁହେଁ ନିର୍ଭୟରେ ଗାଁ ପହଁଚିବ। ତୁମେ ଦୁହେଁ ନୂଆ ବାର୍ତ୍ତାଟିଏ ସମାଜକୁ ଦେଇଛ। ତୁମ ଦୁହିଁଙ୍କୁ ଭଲ ପାଉଥିବା ବହୁ ଲୋକ ତୁମକୁ ସହଯୋଗ କରିବେ। ପ୍ରଶଂସା କରିବେ।

ପମି ଅପା ଓ ବିଦିଆ ନନା, ଆନନ୍ଦରେ କୁରୁଳି ଉଠିଲେ। ମୋତେ ଆଶୀର୍ବାଦ କଲେ। ମୁଁ ଦୁଆର ମୁହଁକୁ ଆସି ଅନୁଭବ କଲି ଦଲକାଏ ପବନ ଆମକୁ ଛୁଇଁଗଲା। ପୂର୍ବ ଦିଗରୁ ଆଜିର ସୂର୍ଯ୍ୟ ହସ ହସ ମୁହଁରେ ଉଦୟ ହୋଇ ଉଠୁଛନ୍ତି। ସତେ ଯେମିତି ପ୍ରଜାପତିର ନୂଆ ଡ଼େଣା ଗଜୁରି ଉଠିଛି, ନୂଆ ଉଡ଼ାଣ ପାଇଁ।

*ସଂପାଦକ, ପୁରାଣ ପତ୍ରିକା*
*ନିଆଳୀ - ୭୫୪୦୦୪, ଜି - କଟକ*

# ପ୍ରେଜେଣ୍ଟସ୍

**ମୂଳହିନ୍ଦୀ - ଭଗବତୀ ଚରଣ ବର୍ମା**
**ଓଡ଼ିଆ ରୂପାନ୍ତର - ଜନ୍ମେଜୟ ବାବୁ**

ଆମମାନଙ୍କ ଧ୍ୟାନ ସେହି ସୁନା ମୁଦି ଆଡେ ଚାଲିଗଲା, ଯେଉଁ ମୁଦି ଉପରେ ସୂକ୍ଷ୍ମ କାରୁକାର୍ଯ୍ୟ ଜରିଆରେ 'ଶ୍ୟାମ' ଲେଖା ହୋଇଥିଲା। ଦେବେନ୍ଦ୍ର ନିଜର ସେହି ସୁନା ମୁଦି ବିଷୟରେ କହିଲେ, - "ମୋ'ର ମିତ୍ର ଶ୍ୟାମନାଥ ଏଇ ମୁଦିଟି ମତେ ପ୍ରେଜେଣ୍ଟ କରିଥିଲେ। ଯେଉଁ ସମୟରେ ସେ ଏଇ ସୁନା ମୁଦିଟି ମତେ ପ୍ରେଜେଣ୍ଟ କରିଥିଲେ, ସେହି ସମୟରେ ସେ କହିଥିଲେ ଯେ, ମୁଁ ତାକୁ ସବୁବେଳେ ପିନ୍ଧିଥିବି। କାହିଁକିନା, ସେ ମୋ'ର ଧ୍ୟାନରେ ରହିଥିବେ।"

ପରମେଶ୍ୱରୀ କିଛି ସମୟ ଯାଏଁ ସେହି ମୁଦିକୁ ଦେଖିଲେ। ତା'ପରେ ସେ ଟିକିଏ ହସି କହିଲେ, - "ପ୍ରେଜେଣ୍ଟସ୍ ର କଥା ଯେତେବେଳେ ଉଠୁଛି, ସେତେବେଳେ ମୁଁ ଆପଣମାନଙ୍କୁ ଏକ ବିଚିତ୍ର ମଜାକିଆ ଓ ସତକାହାଣୀ ଶୁଣାଉଛି। ବିଶ୍ୱାସ କରନ୍ତୁ ବା ଅବା ନ କରନ୍ତୁ, ତାହା ଆପଣମାନଙ୍କ ଉପରେ ନିର୍ଭର କରୁଛି, ସେଥିପ୍ରତି ମୋ'ର କୌଣସି ମତ୍‌ଲବ୍ ନାହିଁ। ମୁଁ ତ କେବଳ ଏତିକି ଜାଣିଛି ଯେ, ଏଇ କଥା ସତ ଅଟେ। କାହିଁକିନା, ଏଇ କାହାଣୀରେ ମୋ'ର ବି ସଂପୃକ୍ତି ଅଛି। ଯଦି ଆପଣମାନେ ହରବରରେ ନାହାଁନ୍ତି, ତେବେ ମୁଁ ଶୁଣାଇବି।"

ଆମେ ସଭିଏଁ କହିଲୁ, - "ଆମେ ହରବରରେ ନାହୁଁ, ଆପଣ ଶୁଣାନ୍ତୁ।"

ପରମେଶ୍ୱରୀ କହିବାର ଆରମ୍ଭ କଲେ :- ଦି'ବର୍ଷ ତଳର କଥା, ନିଜ କଂପାନୀର ବ୍ରାଞ୍ଚ ମ୍ୟାନେଜର୍ ହୋଇ ମୁଁ ଦିଲ୍ଲୀ ଯାଇଥିଲି। ମୋ'ର ବଙ୍ଗଳା ଲାଗି କରି ଗୋଟେ କଟେଜ୍ ଥିଲା, ଯେଉଁଠି ଜଣେ ମହିଳା ରହୁଥିଲେ - ତାଙ୍କର ନାମ ଥିଲା, ଶ୍ରୀମତୀ ଶଶିବାଳା ଦେବୀ। ସେ ଗ୍ରାଜୁଏଟ୍ ଥିଲେ ଓ କୌଣସି ଗାର୍ଲସ୍ ସ୍କୁଲ୍‌ରେ ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ସନ୍ଧ୍ୟା ସମୟରେ ଯେତେବେଳେ ମୁଁ ଭ୍ରମଣ ପାଇଁ ଯାଉଥିଲି, ସେତେବେଳେ ଶ୍ରୀମତୀ ଶଶିବାଳା ଦେବୀ ପ୍ରାୟ ଭ୍ରମଣରେ ଯାଉଥିବା ଦେଖାଯାଉଥିଲେ।

ଦିନେ ମୁଁ ଭ୍ରମଣ ପାଇଁ ନିକଟସ୍ଥ ପାର୍କକୁ ଯାଇଥାଏ। ସେଠାରେ ମୁଁ ଦେଖିଲି ଯେ, ଶ୍ରୀମତୀ ଶଶିବାଳା ଦେବୀ ଏକ ଫୁଆରା ପାଖରେ ଠିଆ ହୋଇଛନ୍ତି। ସେ ବି ମତେ ଦେଖିଲେ, ଆଉ କିଛି ସମୟ ପରେ ସେ ଟହଲି ଟହଲି ଚାଲିଗଲେ। ଶ୍ରୀମତୀ ଶଶିବାଳା ଦେବୀ ମନ୍ଥର ଗତିରେ ମୋ' ଆଗେ ଆଗେ ଚାଲିଯାଉଥିଲେ ଓ ମୁଁ ତାଙ୍କ ପଛେ ପଛେ ପ୍ରାୟ ଦଶଗଜ ବ୍ୟବଧାନରେ ଚାଲିଯାଉଥିଲି। ସେ ମଝିରେ ମଝିରେ ପଛକୁ ଲେଉଟି ମତେ ଦେଖି ନେଉଥିଲେ। ହଠାତ୍ ତାଙ୍କର ରୁମାଲ୍ ତଳେ ପଡିଗଲା ଅବା ଏହା କହିପାରନ୍ତି ଯେ, ସେ ନିଜର ରୁମାଲ୍‌କୁ ଜାଣି ଜାଣି ପକାଇ ଦେଲେ। କାହିଁକିନା, ମୁଁ ତାଙ୍କୁ ରୁମାଲ ଜାଣି ଜାଣି ତଳେ ପକାଉଥିବା ସ୍ପଷ୍ଟ ଭାବରେ ଦେଖିପାରିଥିଲି। ରୁମାଲ୍‌କୁ ତଳେ ପକାଇ ସେ ଆଗକୁ ବଢିଗଲେ।

ବନ୍ଧୁଗଣ ! ମୋ'ର କର୍ତ୍ତବ୍ୟ ଥିଲା ଯେ, ମୁଁ ରୁମାଲ୍‌କୁ ଉଠାଇ ତାଙ୍କୁ ଫେରାଇ ଦେବା କଥା। ଆଉ ମୁଁ ଏମିତି କଲି ବି ସ୍ମିତ ସ୍ମିତ ହସି ସେ କହିଲେ, - "ଏଇ ରୁମାଲ୍‌କୁ ଉଠାଇ ମତେ ଦେଇଥିବାରୁ ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଛି।"

ମୁଁ ବି ସ୍ମିତ ସ୍ମିତ ହସି କହିଲି, - "ଧନ୍ୟବାଦର କ'ଣ ଆବଶ୍ୟକତା ? ଏହା ତ ମୋ'ର କର୍ତ୍ତବ୍ୟ ଥିଲା।"

ଶଶିବାଳା ଦେବୀ ମୋ'ଆଡେ ତୀବ୍ର ଦୃଷ୍ଟିରେ ଦେଖି କହିଲେ, - "ଆପଣ ଏଠି କେଉଁଠି ରହୁଛନ୍ତି ? ଆପଣଙ୍କୁ ଅନେକ ଥର ଏଠି ଦେଖିଛି।"

- "ନିଶ୍ଚିତ ଦେଖିଥିବେ। ମୁଁ ଆପଣଙ୍କ ପାଖରେ ଥିବା ବଙ୍ଗଳାରେ ରହୁଛି। ଏବେ ଏବେ ଆସି ରହୁଛି।"

- "ଆଚ୍ଛା ! ତେବେ ଆପଣ ମୋ'ର ପଡୋଶୀ ହେଲେ। କହିବାକୁ ଗଲେ, ଆପଣ ମୋ'ର ନିକଟତମ ପଡୋଶୀ।" କିଛି କ୍ଷଣ ଚୁପ୍ ରହି ସେ ପୁଣି କହିଲେ, - "ଏହା ତ ବଡ ମଜାର କଥା ଯେ, ଏତେ ନିକଟରେ ରହି ମଧ୍ୟ ଆମେ ଦୁହେଁ ଏ'ଯାଏଁ ପରିଚିତ ହୋଇପାରିନାହୁଁ।"

ମୁଁ ଟିକିଏ ଲଜ୍ଜିତ ହୋଇ କହିଲି, - "ଥରେ ମୋ'ର ଇଚ୍ଛା ହୋଇଥିଲା ଯେ, ମୋ'ର ସବୁ ପଡୋଶୀଙ୍କ ସହିତ ପରିଚିତ ହେବି। ଆଉ ପରିଚିତ ହେଲି ବି। ହେଲେ, ଆପଣ ଜଣେ ସ୍ତ୍ରୀ ହୋଇଥିବାରୁ ମୁଁ ଆପଣଙ୍କ ଗୃହକୁ ଯିବାପାଇଁ ସାହସ କରିପାରିଲି ନି।"

ଶଶିବାଳା ଦେବୀ ଖିଲିଖିଲି ହସି ପଡିଲେ ଏବଂ କହିଲେ, - "ତେବେ ଆପଣ ସ୍ତ୍ରୀମାନଙ୍କୁ ଏତେ ବେଶୀ ଡରନ୍ତି। ହେଲେ, ସ୍ତ୍ରୀମାନଙ୍କୁ ଡରିବାର କାରଣ ମୋ'ର ସମଝରେ ଆସୁନି। ଏବେ ଯଦି ଆପଣ ନିଜ ଭୟର ଭୂତକୁ ତଡି ପାରିଛନ୍ତି, ତେବେ କେବେ ମୋ'ର ଗୃହକୁ ଆସନ୍ତୁ। ଆପଣଙ୍କୁ ସତ କହୁଛି ଯେ, ସ୍ତ୍ରୀ ବଡ ନିର୍ବଳ ହେବା ସଙ୍ଗେ ସଙ୍ଗେ ବହୁତ କୋମଳ ହୋଇଥାନ୍ତି। ତେଣୁ, ସେମାନଙ୍କୁ ଭୟ କରିବାର ଏକ ବଡ ଭୁଲ୍ ଅଟେ।"

ଶଶିବାଳାଙ୍କ ମିଠା ହସ ଓ ବାକ୍‌ପଟୁତାରେ ମୁଁ ମୁଗ୍ଧ ହୋଇଗଲି। ସେ

ତ ସୁନ୍ଦରୀ ନଥିଲେ। ହେଲେ, କୁରୂପା ବି ନ ଥିଲେ ବୋଲି କୁହାଯାଇପାରେ। ତାଙ୍କର ଅବସ୍ଥା ପ୍ରାୟ ତିରିଶ ବର୍ଷର ହୋଇଥିବ। ସୁନ୍ଦର ଗଠନର ଦି'ପୁରିଆ ଶରୀର, ବଡ ବଡ ଆଖି ଓ ଗୋଲ ଚେହେରା। ମୁଖ ଟିକିଏ ଚୌଡା ଥିଲା, ମଥା ନିମ୍ନ ଥିଲା ଓ କେଶରାଶି ଘନ ତଥା କଳା ଏବଂ ତାହା ବେପରୁଆ ଭାବରେ ବିନ୍ୟାସ ହୋଇଥିଲା। ଫଳତଃ ଦି' ଚାରିଟି ଚୂର୍ଣ୍ଣକୁନ୍ତଳ ମୁଖସାମ୍ନାରେ ଝୁଲି ରହିଥିଲା, ଯେଉଁ ଗୁଡିକୁ ସେ ବାର୍‌ବାର୍ ସମ୍ଭାଳି ରଖୁଥିଲେ। ରଙ୍ଗ ତାଙ୍କର ଗୋରା ଓ ଉଚ୍ଚତା ମଧ୍ୟମ ଧରଣର। ମଲ୍‌ମଲ୍ ଛପା ବସ୍ତ୍ର ପିନ୍ଧିଥିଲେ, ପାଦ ଦି'ଟାରେ ସୁନ୍ଦର ଚପଲ୍ ଶୋଭା ପାଉଥିଲା।

ମୁଁ ଶଶିବାଳାଙ୍କ ଆଡେ ପ୍ରଥମ କରି ଆଖି ପୂରାଇ ଦେଖିଲି। ଶଶିବାଳାଙ୍କୁ ମୁଁ ଏମିତି ଦେଖୁଥିବା ଜାଣି ସେ ଟିକିଏ ସଂକୁଚିତ ହୋଇଗଲେ, ତା'ପରେ ସ୍ମିତ ସ୍ମିତ ହସି ସେ କହିଲେ, – "ଆପଣ ବିଚିତ୍ର ମଣିଷ ଭଳି ଦେଖାଯାଉଛନ୍ତି। ପୁଣି କେବେ ଆସିବେ ?"

– "ଆସନ୍ତାକାଲି ସନ୍ଧ୍ୟାରେ ଆପଣ କ'ଣ ଗୃହରେ ରହିବେ ?"

– "ଯଦି ଆପଣ ଆସିବେ, ନ ହେଲେ, ନିତ୍ୟନିୟମ ଅନୁସାରେ ମୁଁ ଭ୍ରମଣ ପାଇଁ ଚାଲିଯିବି।"

– "ତାହାହେଲେ ମୁଁ ଆସନ୍ତାକାଲି ସନ୍ଧ୍ୟା ପାଞ୍ଚ ବଜେ ଆସିବି।"

ଶଶିବାଳା ଓ ମୋ' ମଧ୍ୟରେ ବନ୍ଧୁତା ଆଶାଠୁଁ ଅଧିକ ବଢିଗଲା। ମୁଁ ବିବାହିତ, ଏହା ତ ଆପଣମାନେ ଜାଣିଛନ୍ତି। ଏହାଛଡା, ମୋ'ର ପତ୍ନୀ ବହୁତ ସୁନ୍ଦରୀ ବୋଲି ବି ଜାଣିଛନ୍ତି। ଏଥିପାଇଁ, ଏୟା ବି କହିପାରେ ଯେ, ମୋ'ର ବନ୍ଧୁତା ଆବଶ୍ୟକତାରୁ ଅଧିକ ବଢିଗଲା। ଶଶିବାଳାଙ୍କଠିଁ ଏକ ବିଚିତ୍ର ପ୍ରକାର ଆକର୍ଷଣ ଥିଲା, ଯାହା କୌଣସି ଗୃହିଣୀଙ୍କଠିଁ ମିଳିନଥାଏ। ଅର୍ଥାତ୍ ଶଶିବାଳାଙ୍କର ଶିକ୍ଷା ଓ ତାଙ୍କର ସଂସ୍କୃତି ! ମୁଁ ନିତ୍ୟ ତାଙ୍କ ଗୃହକୁ ଯିବାରେ ଲାଗିଲି। କେବେ କେବେ ସାରା ରାତି ମୁଁ ମୋ'ର ଗୃହକୁ ଫେରେନି।

ସେଭଳି ଗୋଟେ ଦିନ ସକାଳରେ ଯେତେବେଳେ ମୋ'ର ଆଖି ଖୋଲିଲା, ସେତେବେଳେ ମୋ'ର ମୁଣ୍ଡରେ ହଲ୍‌କା ହଲ୍ କା ଦରଜ ହେଉଥିଲା। ମୁଁ ଉଠିକି ପଲଙ୍କ ଉପରେ ବସି ପଡିଲି। ସେହି କୋଠରୀଟି ଶଶିବାଳାଙ୍କ ଥିଲା। ହେଲେ, ଶଶିବାଳା ସେତେବେଳେ କୋଠରୀରେ ନଥିଲେ, ବାଥ୍‌ରୁମ୍‌ରେ ସ୍ନାନ କରୁଥିଲେ। ଘଡି ଦେଖିଲି, ଆଠ ବାଜିଛି। ବଡ ହାଇଟେ ନେଇ ଉଠିଲି ଓ ଝରକା ଖୋଲିଲି। ସୂର୍ଯ୍ୟଙ୍କର କିରଣ କୋଠରୀ ଭିତରକୁ ପଶି ଆସିଲା। ବିଗତ ରାତିରେ ଟିକିଏ ଅଧିକ ଅନିଦ୍ରା ରହିଥିଲି- ସେଥିପାଇଁ ବୋଧେ ମୁଣ୍ଡ ଦରଜ ହେଉଥିଲା। ଡ୍ରେସିଂ ଟେବୁଲ୍‌ରେ ଲଟକା ହୋଇଥିବା ଆଇନାରେ ମୁଁ ନିଜର ମୁଖ ଦେଖିଲି, ଆଖି ଲାଲ ହୋଇଥିଲା ଓ ଚେହେରା କିଛି ସୁଖି ଯାଇଥିଲା। ହଠାତ୍ ମୋ'ର ଦୃଷ୍ଟି ଡ୍ରେସିଂ ଟେବୁଲ୍‌ର କୋଣରେ ଲଟକା ହୋଇଥିବା ଖଣ୍ଡେ କାଗଜ ଉପରେ ପଡିଗଲା। ସେଥିରେ କିଛି ଲେଖା ହୋଇଥିଲା। ତାହାକୁ ପଢିଲି, ଇଂରାଜୀରେ ଲେଖା ହୋଇଥିଲା; 'ପ୍ରକାଶ ଚନ୍ଦ୍ର'। ଯେ ପ୍ରକାଶ ଚନ୍ଦ୍ର କିଏ ? ମୁଁ ଏଇ ବିଷୟରେ ଚିନ୍ତା କରୁଥିଲା ବେଳେ ଶଶିବାଳା ଦେବୀଙ୍କ ଭେନିଟି ବାକ୍ସକୁ ଦେଖିଲି। ଏମିତିରେ ତ ଭେନିଟିବାକ୍ସକୁ ଅନେକ ଥର ଉପର ଠାଉରିଆ ଭାବରେ ଦେଖିଛି, ସେହି ଦିନ ସେହି ବାକ୍ସ ଭିତରକୁ ଦେଖିବାର ଇଚ୍ଛା ହେଲା। ପାଉଡର୍, କ୍ରିମ୍, ଲିପ୍‌ଷ୍ଟିକ୍, ବ୍ରୋ-ପେନ୍‌ସିଲ୍ ଆଦି ଅନେକ ଜିନିଷ ଭିତରେ ସଜା ହୋଇ ରଖା ହୋଇଥିଲା। ସବୁ ଜିନିଷକୁ ଓଲଟପାଲଟ କଲି। ହଠାତ୍ ଭେନିଟି ବାକ୍ସ ତଳସ୍ତରରେ ଏକ କାଗଜ ଲଟକା ହୋଇଥିବା ଦେଖାଗଲା, ଯାହା ଉପରେ ଲେଖା ଥିଲା – 'ସତ୍ୟନାରାୟଣ'। ଭେନିଟି ବାକ୍ସ ବନ୍ଦ କଲି। ହେଲେ ପ୍ରକାଶ ଚନ୍ଦ୍ର ଓ ସତ୍ୟନାରାୟଣ ଏଇ ଦି'ଜଣ ମତେ ଏକ ଅଜବ୍ ଚକ୍କର୍‌ରେ ପକାଇ ଦେଇଥିଲେ। ହଠାତ୍ ମୋ'ର ଦୃଷ୍ଟି କୋଣରେ ରଖା ହୋଇଥିବା ଗ୍ରାମୋଫୋନ୍ ଉପରେ ପଡିଲା। ଭାବିଲି, ଗୋଟେ ଦି'ଟା ରେକର୍ଡ ବଜାଇଲେ, ସମୟ କଟିଯିବ। ଗ୍ରାମୋଫୋନ୍ ଖୋଲିଲି ଓ ଖୋଲିବା କ୍ଷଣି ଚମକି ପଡି ପଛକୁ ହଟିଗଲି। ଭିତରର ଉପର ବାଲା ଘୋଡଣୀର କୋଣରେ ଖଣ୍ଡେ କାଗଜ ଲଟକା ହୋଇଥିଲା, ଯାହା ଉପରେ ଲେଖା ହୋଇଥିଲା, ଖ୍ୟାଲି ରାମ। ତା'ପରେ ସେଠି ଥିବା ଟିକିଏ ହାରମୋନିୟମ୍ ବଜାଇବାର ଇଚ୍ଛା ହେଲା। ହାରମୋନିୟମ୍‌ର ଗୋଟେ କୋଣରେ ବି କାଗଜ ଖଣ୍ଡେ ଲଟକା ଯାଇଥିଲା, ଯାହାରି ଉପରେ ଲେଖା ହୋଇଥିଲା – 'ଭୂରା ସିଂହ'। ତା'ପରେ ଚୁପ୍‌ଚାପ୍ ଆସି ବସ୍ତ୍ର ପିନ୍ଧିଲି। ହେଲେ, ଜୋତା ହଳକ ତଳେ ଭିତରକୁ ଚାଲିଯାଇଥିଲା। ତାକୁ ଆଣିବାପାଇଁ ତଳକୁ ନତ ହେଲି – ହାଃ ! ପଲଙ୍କ ର ପାଦ ପଛପଟରେ ଆଉ ଖଣ୍ଡେ କାଗଜ ଲଟକା ହୋଇଥିଲା, ଯାହାରି ଉପରେ ଲେଖା ହୋଇଥିଲା – 'ମୁହମ୍ମଦ ସିଦ୍ଦିକୀ।'

ଏଥର ମୁଁ କୋଠରୀର ସବୁ ଜିନିଷକୁ ଧ୍ୟାନର ସହିତ ଦେଖିବା ଆରମ୍ଭ କଲି। ସବୁ ଜିନିଷ ଉପରେ ଗୋଟେ ଗୋଟେ କାଗଜ ଲଟକା ହୋଇଥାଏ ଏବଂ ସେହି କାଗଜ ଗୁଡିକ ଉପରେ ଗୋଟେ ଗୋଟେ ନାମ, ଯେମିତି 'ୱିଲିୟମ୍ ଓର୍ବୀ', 'ପେଷ୍ଟନଜୀ'. 'ସୋରାବଜୀ ବାଗଲୀ ବାଲା', 'ରାମେନ୍ଦ୍ର ନାଥ ଚକ୍ରବର୍ତ୍ତି, ଶ୍ରୀକୃଷ୍ଣ ରାମକୃଷ୍ଣ ମେହତା, ରାମନାଥ ଟଣ୍ଡନ, ରାମେଶ୍ୱର ସିଂହ ଇତ୍ୟାଦି।'

ଏଇ ଅନୁସନ୍ଧାନରେ ଥକା ହୋଇ ମୁଁ ବସିଥିଲା ବେଳେ ଶଶିବାଳା ଦେବୀ ବାଥ୍‌ରୁମ୍ ଭିତରୁ ବାହାରିଲେ। ହସି ହସି ସେ ମତେ କହିଲେ, – "ପରମେଶ୍ୱରୀ ବାବୁ ! ଆଜି ବିଳମ୍ବରେ ଶୋଇ କରି ଉଠିଲେ।"

ମୁଁ ମୁଣ୍ଡ ନତ କରି ଉତ୍ତର ଦେଲି, – "ହଁ, ଶୋଇ କରି ଉଠିବାରେ ତ ବହୁତ ବିଳମ୍ବ ହେଲା। ହେଲେ, ଇତ୍ୟବସରରେ ମୁଁ ଗୋଟେ ଅନୁଚିତ୍ କାମ କରିଦେଇଛି, ଏଥିପାଇଁ ମତେ କ୍ଷମା କ'ଣ କରିବେନି ?"

ମୋ'ର ପାଖକୁ ଆସି ମୋ'ର ହାତ ଧରି ସେ କହିଲେ, – "ମୁଁ ତ ଆପଣଙ୍କର, ମୋ'ଠିଁ କାହିଁକି କ୍ଷମା ମାଗୁଛନ୍ତି ?"

– "ତଥାପି, ମୋ'ର କ୍ଷମା ମାଗିବା ଆବଶ୍ୟକ ବୋଲି ଭାବୁଛି। କଥାଟେ ପଚାରିବି, ସତ ସତ କହିବେ ?"

– "ଆପଣଙ୍କଠିଁ ମିଛ କହିବାର କଳ୍ପନା ବି ମୁଁ କରିନି।"

– "ତଥାପି, କଥା ଦିଅନ୍ତୁ ଯେ, ଆପଣ ସତ ସତ ବତାଇବେ।"

ମୋ'ର ସ୍କନ୍ଧ ଉପରେ ହାତ ରଖି ଶଶିବାଳା କହିଲେ, – "ମୁଁ କଥା ଦେଉଛି।"

ମୁଁ କହିଲି, – "ମୁଁ ଆପଣଙ୍କ କୋଠରୀକୁ ପ୍ରଥମ ଥର ପାଇଁ ଆଜି ପୂରାପୂରି ଦେଖିଲି, ଆପଣଙ୍କ ଅନୁପସ୍ଥିତିରେ। ମୁଁ ଜାଣେ ଯେ, ମୋ'ର ଏମିତି କରିବା ଅନୁଚିତ୍। ହେଲେ, ଉତ୍ସୁକତା ମତେ ବାଧ୍ୟ କଲା। ହଁ, ମୁଁ ଆପଣଙ୍କ କୋଠରୀର ସବୁ ଜିନିଷକୁ ଦେଖିଲି, ବହୁତ ଧ୍ୟାନରେ। ହେଲେ, ସବୁ ଜିନିଷ ଉପରେ ଗୋଟେ ଗୋଟେ କାଗଜ ଲଟକା ଯାଇଛି ଏବଂ ସେହି କାଗଜ ଗୁଡିକ ଉପରେ ଭିନ୍ନ ଭିନ୍ନ ପୁରୁଷଙ୍କ ନାମ ଲେଖା ହୋଇଛି। ଏଇ ରହସ୍ୟକୁ ବହୁତ ପ୍ରଚେଷ୍ଟା କରିବା ସତ୍ତ୍ୱେ ମୁଁ ବୁଝି ପାରିଲି ନି। ଏବେ ମୁଁ ଆପଣଙ୍କଠୁଁ ଏଇ ରହସ୍ୟକୁ ବୁଝିବା ପାଇଁ ଚାହୁଁଛି।"

ଶଶିବାଳା ଦେବୀ ସ୍ମିତ ସ୍ମିତ ହସି କୋମଳ ସ୍ୱରରେ ଧୀରେ ଧୀରେ

କହିଲେ, - "ପରମେଶ୍ୱରୀ ବାବୁ, ଏଇ ରହସ୍ୟ ଯେମିତି ରହିଛି, ସେମିତି ରହିବାକୁ ଦିଅନ୍ତୁ - ଏଇ ରହସ୍ୟକୁ ଆପଣ ମୋ'ଠୁଁ ବୁଝିବାକୁ ଋହଁନ୍ତୁ ନି। କାରଣ, ଆପଣ ଏଇ ରହସ୍ୟକୁ ଜାଣିଲେ, ଦୁଃଖିତ ହେବେ ଓ ଏମିତି ବି ହୋଇପାରେ ଯେ, ଏୟାକୁ ଜାଣି କରି ଆପଣ ନାରାଜ ହୋଇଯାଇପାରନ୍ତି।"

- "ନା, ମୁଁ ନା ଦୁଃଖିତ ହେବି ନା ନାରାଜ ହେବି।"

- "ଆଚ୍ଛା, ଆପଣ ମତେ କଥା ଦିଅନ୍ତୁ।"

- "ମୁଁ କଥା ଦେଉଛି !"

ଶଶିବାଳା ଚୌକିରେ ବସି ପଡି କହିଲେ, - "ପରମେଶ୍ୱରୀ ବାବୁ! ଏଇ ରହସ୍ୟ ପ୍ରତି ମୋ'ର ଦୁର୍ବଳତା ସହିତ ସୁହୃଦୟତା ବି ଅଛି। ଏଇ ସବୁ ଜିନିଷ ମତେ ମୋ'ର ପ୍ରେମିକ ମାନଙ୍କଠୁଁ ପ୍ରେଜେଣ୍ଟରେ ମିଳିଛି। ମନେ ରଖନ୍ତୁ ଯେ, ମୁଁ ପ୍ରତ୍ୟେକ ପ୍ରେମିକଙ୍କଠୁଁ କେବଳ ଗୋଟେ ବସ୍ତୁ ହିଁ ନେଇଛି ଏବଂ ମୋ' ପାଖରେ ଏତେ ଅଧିକ ଜିନିଷ ହୋଇଗଲାଣି ଯେ, ପ୍ରତିଟି ପ୍ରେମିକଙ୍କ ନାମ ମନେ ରଖିବା ଅସମ୍ଭବ। ଜିନିଷ ଗୁଡିକ ନିତ୍ୟ ବ୍ୟବହାର ଯୋଗ୍ୟ। ଏଥିପାଇଁ, ପ୍ରତ୍ୟେକ ପ୍ରେମିକଙ୍କ ବସ୍ତୁ ଉପରେ ମୁଁ ତାଙ୍କର ନାମ ଲେଖି ଦେଇଛି। ଫଳତଃ କ'ଣ ହୁଏନା, ଯେବେ କେବେ ବି ମୁଁ ସେହି ବସ୍ତୁକୁ ବ୍ୟବହାର କରେ, ସେହି ପ୍ରେମିକଙ୍କ ସ୍ମୃତି ମୋ'ର ହୃଦୟରେ ଜାଗିଉଠେ। କ'ଣ କହିବି, ପରମେଶ୍ୱରୀ ବାବୁ! ମୋ'ର ହୃଦୟ ଏତେ ନିର୍ବଳ ଯେ, ମୁଁ ମୋ'ର ପ୍ରେମିକମାନଙ୍କୁ ଭୁଲିବାକୁ ଋହେଁ ନା, ଆଦୌ ଭୁଲିବାକୁ ଋହେଁ ନା।"

- "ଆପଣଙ୍କ ପାଖରେ ମୋଟ କେତେଟା ଜିନିଷ ଅଛି ?" ମୁଁ ପଋରିଲି।

- "ଶତାନବେ।"

- "ଏତେ ଅଧିକ !" ଆଶ୍ଚର୍ଯ୍ୟର ସହିତ କେବଳ ଏତକ ମୁଁ କହିଲି, ତା' ନୁହେଁ ଏକ ପ୍ରକାର ଚିଲ୍ଲାଇ ଉଠିଲି।

- "ହଁ, ଏତେ ଅଧିକ !" ଶଶିବାଳା ଦେବୀଙ୍କର ସ୍ୱର ଗମ୍ଭୀର ହୋଇଗଲା ଏବଂ ସେ କହିବାରେ ଲାଗିଲେ, - "ପରମେଶ୍ୱରୀ ବାବୁ, ମୋ'ର ବିବାହ ହୋଇନାହିଁ, ଆପଣ ଜାଣିଛନ୍ତି। ହେଲେ, ଆପଣ ଏହା ଭାବିବେ ନି ଯେ, ମୋ'ର ବିବାହ କରିବାର ଇଚ୍ଛା କେବେ ବି ନଥିଲା। ମୁଁ ସତ କହୁଛି ଯେ, ଗୋଟେ ସମୟ ଥିଲା, ମୋ'ର ବିବାହ କରିବାର ପ୍ରବଳ ଇଚ୍ଛା ଥିଲା। ପ୍ରତ୍ୟେକ ବ୍ୟକ୍ତି, ଯିଏ ମୋ'ର ଜୀବନରେ ଆସିଲା, ସିଏ ଭବିଷ୍ୟର ସୁଖ ସ୍ୱପ୍ନ ଦେଖାଇଲା, ଆଉ ପ୍ରତ୍ୟେକ ବ୍ୟକ୍ତିକୁ ଭାବୀ ପତି ରୂପେ ଦେଖିଲି ମୁଁ। ହେଲେ, କ'ଣ ହେଲା ? ସେହି ବ୍ୟକ୍ତି ମତେ ପ୍ରେଜେଣ୍ଟ ଦେଇପାରୁଥିଲା। ହେଲେ, ନିଜର କରିପାରୁନଥିଲା। ଧୀରେ ଧୀରେ ମୁଁ ଏଥିରେ ଅଭ୍ୟସ୍ତ ହୋଇଗଲି। ଏଇ ରହସ୍ୟମୟ ଜୀବନ ଧୀରେ ଧୀରେ ମୋ'ପାଇଁ ଗୋଟେ ଖେଳ ବନିଗଲା। ଭାବେ ଯେ, ସେହି ଦିନ ଗୁଡିକରେ ମୁଁ କେତେ ବୋକୀ ଥିଲି ଓ ବିବାହ ପାଇଁ ଲାଳାୟିତ ହେଉଥିଲି ଏବଂ ପତ୍ରପତ୍ରିକାରେ ମୁଁ ବିବାହ ପାଇଁ ବିଜ୍ଞାପନ ବି ବାହାର କରୁଥିଲି। ହେଲେ, ପ୍ରତ୍ୟେକଟି ମଣିଷ ଭୁଲ୍ କରେ, ମୁଁ ବି ଭୁଲ୍ କଲି। ଏବେ ବନ୍ଧନର କୌଣସି ଆବଶ୍ୟକତା ନାହିଁ। ଜୀବନ ଗୋଟେ ଖେଳ। ହେଲେ, ସବୁଠୁଁ ସୁନ୍ଦର ଖେଳ ହୃଦୟର ନୁହେଁ, ଭୋଗ ବିଳାସର ଖେଳ ଅଟେ ଓ ଖୋଲି କରି ଖେଳିବା ଆମର କର୍ତ୍ତବ୍ୟ ଅଟେ। ପରମେଶ୍ୱରୀ ବାବୁ, ଏଇଟା ମୋ' ସ୍ମୃତିର କାହାଣୀ ଅଟେ ଓ ମୋ'ର ସ୍ମୃତିର ରୂପକୁ ଆପଣ ତ ଦେଖି ସାରିଛନ୍ତି।"

- "ସାଧାରଣ ମନୁଷ୍ୟଙ୍କ ପାଇଁ ଏୟା ଠିକ୍ ହୋଇପାରେ।" ଟିକିଏ ସଂକୁଚିତ ହୋଇ ମୁଁ କହିଲି।

- "ସାଧାରଣ ମନୁଷ୍ୟଙ୍କ ପାଇଁ କାହିଁକି ? ଆପଣଙ୍କ ନମ୍ବର ଅଠାନବେତମ ହେବ।" ଖିଲି ଖିଲି ହସି ଶଶିବାଳା ଉତ୍ତର ଦେଲେ।

ସେହି ସମୟରେ ମୁଁ କେ'ଜାଣି କାହିଁକି ଯେ, ଦାର୍ଶନିକ ବନିଗଲି। ବନ୍ଧୁଗଣ! ମୋ'ର ଜୀବନରେ ଏମିତିରେ ତ ଦର୍ଶନ ଓ ମୋ' ମଧ୍ୟରେ ଏତିକି ହିଁ ବ୍ୟବଧାନ ଅଛି, ଯେତେକି ଭୂମି ଓ ଆକାଶ ମଧ୍ୟରେ ଥାଏ। ହେଲେ, ଶଶିବାଳାଙ୍କର କାହାଣୀ ଶୁଣି କରି ମୁଁ ବାସ୍ତବରେ ଦାର୍ଶନିକ ବନିଗଲି। ମୁଁ କହିଲି, - "ହଁ, ଜୀବନ ଏକ ଖେଳ ସେତେବେଳଯାଏଁ, ଯେତେବେଳଯାଏଁ ଆମେ ଖେଳି ପାରିବା। ଅଶକ୍ତ ହେବାମାତ୍ରେ ଏଇ ଜୀବନ ଆମ ସାମ୍ନାରେ ଏକ ଭୟଙ୍କର ଓ କୁରୂପ ସମସ୍ୟା ବନି କରି ଦଣ୍ଡାୟମାନ ହୋଇଯାଏ। ଆପଣ ବର୍ତ୍ତମାନ ବିଷୟରେ ଭାବୁଛନ୍ତି, ମୁଁ ଭବିଷ୍ୟ ବିଷୟରେ ଭାବୁଛି, ଦଶବର୍ଷ ପରର କଥା ଭାବୁଛି। ସେହି ସମୟରେ ଆପଣଙ୍କ ମୁଖରେ ଲୋଚାକୋଚା ପଡିଯିବ, ଲୋକେ ଆପଣଙ୍କ ସହିତ ଖେଳିବାର କଳ୍ପନା କରିବେ ନି। ଆଉ ଏଇ ସ୍ମୃତି ଗୁଡିକ ଆପଣଙ୍କୁ ସୁଖୀ ବନାଇବା ବଦଳରେ ଖାଇ ଗୋଡାଇବ। ଆପଣଙ୍କ ଆଗ ଓ ପଛରେ କେହି ରହିବେ ନି, ନିଜର ସାଜସଜ୍ଜା, ଶୃଙ୍ଗାରର କାରଣ ଯୋଗୁଁ ଆପଣ କିଛି ବଞ୍ଚାଇ ବି ପାରିନଥିବେ। ସେତେବେଳେ ଏଇ ଖେଳର ଶେଷ ହୋଇଯିବା ପରେ ବୃଦ୍ଧାବସ୍ଥା, ଦୁର୍ବଳତା, ଭୋକ, ବେମାରି ଆଉ ବିଗତ ଜୀବନର ପଶ୍ଚାତ୍ତାପ୍ ବାକି ରହିଯିବ। ଏଥିପାଇଁ ମୁଁ ଆପଣଙ୍କୁ ସେହି ଜିନିଷ ପ୍ରେଜେଣ୍ଟ କରିବି, ଯାହା ସେହି ଦିନ ଗୁଡିକରେ ଆପଣଙ୍କ କାମରେ ଆସିବ। ଆପଣଙ୍କ ସଂଗ୍ରହ ଗୁଡିକ ବହୁମୂଲ୍ୟ ଅଟେ, ମୁଁ କଥା ଦେଉଛି ଯେ, ମୁଁ ଦଶବର୍ଷ ପରେ ଆପଣଙ୍କ ସଂଗ୍ରହକୁ ପାଞ୍ଚ ହଜାର ଟଙ୍କାରେ କିଣି ନେବି। ଫଳତଃ ଏଇ ଅଭିଶପ୍ତ ସ୍ମୃତି ଚିହ୍ନ ଗୁଡିକ ସେହି ସମୟରେ ଆପଣଙ୍କ ସାମ୍ନାରୁ ହଟିଯିବ ଓ ଆପଣ ରାମଙ୍କ ଭଜନ କରିବେ ଏବଂ ଭଗବାନ୍ ଙ୍କ ପାଖକୁ ଯିବାପାଇଁ ପ୍ରସ୍ତୁତ ହେବେ। ଏହା ସହିତ ପାଞ୍ଚ ହଜାର ଟଙ୍କାରେ ଆପଣ ବୃଦ୍ଧ କାଳର କଷ୍ଟକୁ ବି କମ୍ କରିପାରିବେ।"

ମୁଁ ପରମେଶ୍ୱରୀଙ୍କୁ କହିଲି, - "ତା'ପରେ ସେ ବୋଧହୁଏ ଆପଣଙ୍କୁ ଋକର ଜରିଆରେ ନିଜର କୋଠରୀରୁ ତଡି ଦେଇଥିବେ ?"

ପରମେଶ୍ୱରୀ ହସି ପଡି କହିଲେ, - "ଆରେ ନା, ସେ କିଛି ସମୟ ଯାଏଁ ଭାବିଲେ। ତା'ପରେ କହିଲେ, - "ଆପଣ ଯାହା କିଛି କହିଲେ, ସେ ସବୁ କଥାକୁ ଠିକ୍ ବୋଲି ମାନୁନି। ହେଲେ, ଏତିକି ଅବଶ୍ୟ ମାନୁଛି ଯେ, ମୁଁ ନିଜର ବୃଦ୍ଧକାଳ ପାଇଁ କୌଣସି ପ୍ରକାର ବ୍ୟବସ୍ଥା କରିନି। ଏଥିପାଇଁ, ମୁଁ ଆପଣଙ୍କୁ ଏଇ ସବୁ ଜିନିଷ ବିକ୍ରି କରି ଦେବି। କଣ୍ଟ୍ରାକ୍ଟ ସାଇନ୍ କରି ଦିଅନ୍ତୁ। ତା'ପରେ ମୁଁ କଣ୍ଟ୍ରାକ୍ଟ ସାଇନ୍ କରିଦେଲି। ଏବେ ଦି'ବର୍ଷ ବିତିଗଲାଣି। ଗତକାଲି ହିଁ ତାଙ୍କର ପତ୍ର ଆସିଛି, ଯେଉଁଥିରେ ଲେଖା ହୋଇଛି ଯେ, ଆଜିଯାଏଁ ତାଙ୍କ ପାଖରେ ଶହେ ତେର ଜିନିଷ ହୋଇଗଲାଣି।"

*ପଟ୍ଟନାୟକ ପଡା, ସମ୍ବଲପୁର - ୧*
*ଦୂରଭାଷ: ୯୩୪୮୪୮୦୩୨୨*

# ଅନ୍ୟ ଏକ ଚିତ୍ରାଙ୍ଗଦା

**ଲେଖକ - ହର୍ଷ ଦତ୍ତ**
**ଅନୁବାଦ - ଗିରିଜା ମଞ୍ଜରୀ ପାଢ଼ୀ**

*(ଏହା ମହାଭାରତ କଥିତ ମଣିପୁର ରାଜକନ୍ୟା ଅର୍ଜୁନ ପତ୍ନୀ ଚିତ୍ରାଙ୍ଗଦାର ଉପାଖ୍ୟାନ ନୁହେଁ। ଏହା ଦେବ ଶିଳ୍ପୀ ବିଶ୍ୱକର୍ମା କନ୍ୟା ଚିତ୍ରାଙ୍ଗଦାର କାହାଣୀ।)*

ବେଦନାରେ ଘୃତାଚୀର କଣ୍ଠସ୍ୱର ଯେମିତି ସ୍ତବ୍ଧ ହୋଇଗଲା। ସାନ୍ତ୍ୱନାର କୌଣସି ନିର୍ଦ୍ଦିଷ୍ଟ ଭାଷା ନାହିଁ। ନିଜ ଝିଅର ଦୁଃଖର ଗଭୀରତାକୁ ସ୍ପର୍ଶ କରିବାକୁ ଯାଇ ଘୃତାଚୀ ନିଜର ବ୍ୟର୍ଥତାକୁ ସ୍ପଷ୍ଟ ଅନୁଭବ କରିପାରୁଛନ୍ତି। ଅଥଚ ଯେଉଁ ଅନ୍ୟାୟ ଏହି ଅତଳ ବେଦନାକୁ ଜନ୍ମ ଦେଇଛି ତା'ର ବିରୁଦ୍ଧାଚରଣ କରିବା ପରି ସାମର୍ଥ୍ୟ ତାଙ୍କର ନାହିଁ। ବରଂ ଅନ୍ୟାୟକୁ ପ୍ରତିହତ କରି ନ ପାରି ଅପରିଣାମ ଦର୍ଶିନୀ ନିଜ କନ୍ୟା ଚିତ୍ରାଙ୍ଗଦା ଉପରେ କ୍ଷୁବ୍ଧ ହୋଇ ଉଠିଛନ୍ତି। ଆତ୍ମଜାକୁ କଠୋର ଭାଷାରେ ଆଘାତ କରିବା ପାଇଁ କିଛି ସମୟ ପୂର୍ବରୁ କହିଛନ୍ତି- ତୋ ପରି ପାପିନୀର ଏହାଛଡ଼ା ଆଉ କି ଶାସ୍ତି .....

ବାକ୍ୟଟିକୁ ପୂର୍ଣ୍ଣ କରି ପାରି ନାହାନ୍ତି ଘୃତାଚୀ। କ୍ଷୋଭର ବହ୍ନି ହଠାତ୍ ଲିଭି ଯାଇଛି। ଏଣୁ ଘୃତାଚୀ ନୀରବ। ଅପଲକ ନେତ୍ରରେ ପଥର ମୂର୍ତ୍ତି ପରି ସେ ଝରକା ଆଡ଼କୁ ମୁହଁ କରି ଠିଆ ହୋଇଛନ୍ତି। ବାହାରେ ସୂର୍ଯ୍ୟାଲୋକ। ପୁଷ୍ପ ପଲ୍ଲବିତ ବସନ୍ତ ପ୍ରକୃତି ସ୍ଥିର ହୋଇଯାଇଛି। କେବଳ ଏକ ଅଜଣା ପକ୍ଷୀର କୂଜନ ନିଃଶବ୍ଦତାକୁ ଭଙ୍ଗ କରୁଛି। ବହୁ ପୂର୍ବରୁ ପ୍ରଭାତ ଅତିକ୍ରାନ୍ତ। ଦିନେନ୍ଦ୍ର ସୂର୍ଯ୍ୟ ଧୀରେ ଧୀରେ ଦ୍ୱିପହର ଆଡ଼କୁ ଆଗେଇଛନ୍ତି। ଅଳ୍ପ ସମୟ ପରେ ନୈମିଷ୍ୟାରଣ୍ୟର ପାଶ୍ୱବର୍ତ୍ତୀ ଲୋକାଳୟ ଗୁଡ଼ିକରୁ ହାସ୍ୟ ବିନୋଦରତା ନବ ଯୌବନା ତରୁଣୀମାନେ ସରସ୍ୱତୀ ନଦୀକୁ ଅବଗାହନ କରିବାକୁ ଯିବେ। ଚିତ୍ରାଙ୍ଗଦାର ପ୍ରାଣପ୍ରିୟା ସଖୀମାନେ ଗତକାଲି ପରି ଆଜି ହୁଏତ ତାକୁ ମଧୁର ଆହ୍ୱାନ ଜଣାଇବେ। ଗବାକ୍ଷର ଶ୍ୱେତ ମର୍ମର ଝରକାଟିକୁ ଶେଷ ଥର ପାଇଁ ନିରୀକ୍ଷଣ କରି ଘୃତାଚୀ ପୁନରାୟ କନ୍ୟାକୁ ଚାହିଁ କହିଲେ, ଆରେ ଅଭାଗିନୀ, ତୁ କାହିଁକି ସଖୀମାନଙ୍କ ନିଷେଧକୁ କର୍ଣ୍ଣପାତ କଲୁ ନାହିଁ କାହିଁକି ?

ଅଦୂରରେ ରଖା ଯାଇଥିବା ପୁଷ୍ପ ପାତ୍ରଟି ନୂଆ ଭାବରେ ସଜ୍ଜିତ କରିବ ବୋଲି ଭାବୁଥିଲା ଚିତ୍ରାଙ୍ଗଦା। ପତ୍ରରେ ସଂଯୋଜିତ କୁସୁମ ଗୁଡ଼ିକର ସ୍ଥାନ ପରିବର୍ତ୍ତନ କରିପାରିଲେ, ବର୍ଣ୍ଣ ସମାହାର ଆହୁରି ସୁଦୃଶ୍ୟ ହେବ। ମାଆଙ୍କ ଅନୁଚ୍ଚ ଅଥଚ ଆର୍ତ୍ତ ଜିଜ୍ଞାସାରେ ଚିତ୍ରାଙ୍ଗଦାର ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। କରୁଣ ଦୃଷ୍ଟିରେ ମାତାଙ୍କ ଆଡ଼କୁ ଚାହିଁ ଚିତ୍ରାଙ୍ଗଦା ଶାନ୍ତ ସ୍ୱରରେ କହିଲା - ମା, କେହି କଣ ଇଚ୍ଛା କରି ଦୁର୍ଭାଗ୍ୟକୁ ବରଣ କରିବାକୁ ଚାହେଁ? ମୁଁ ସ୍ୱୀକାର କରୁଛି। ସଖୀମାନେ ମୋତେ ଏଥିରୁ ନିବୃତ୍ତ କରିବାକୁ ଚେଷ୍ଟା କରିଥିଲେ। ସଖୀ ଅଚିର ପ୍ରଭା କହିଥିଲା। ଆତ୍ମପ୍ରଦାନରେ ମୋର କୌଣସି ଅଧିକାର ନାହିଁ। ବା ସ୍ୱତନ୍ତତା ନାହିଁ। କାରଣ ମୋ ପିତା ବର୍ତ୍ତମାନ ଜୀବିତ। ସେ ମୋତେ କାହା ହାତରେ ମଧ ଦାନ କରିପାରନ୍ତି ନିଜ ଇଚ୍ଛା ଅନୁସାରେ।

କଠୋର ସ୍ୱରରେ ଘୃତାଚୀ କହିଲେ - ଅଚିର ପ୍ରଭା ତ ଠିକ୍ କହିଥିଲା। ତୁ ଯାହାକୁ ଆତ୍ମଦାନ ବୋଲି ଭାବୁଛୁ, ତାହା ହେଉଛି ଆତ୍ମ ବିକ୍ରୟ। ତୋର ଜନ୍ମଦାତା ପିତା କାଲିଠାରୁ ତୋର ମୁଖଦର୍ଶନ କରୁନାହାନ୍ତି। ତାଙ୍କୁ ଉପେକ୍ଷା କରି ତୁ ନିଜେ ଉପେକ୍ଷିତା ହେଲୁ। ଏମିତି ପାପିଷ୍ଠା କନ୍ୟାକୁ ଜନ୍ମ ଦେଇଛି ବୋଲି ସେ ମୋତେ ଦୋଷୀ ବୋଲି ଭାବି ବର୍ଜନ କରିଛନ୍ତି। ମୁଁ ଜଣେ ଅପ୍ସରା। ଅଶେଷ ରୂପ ହିଁ ଆମମାନଙ୍କର ଶତ୍ରୁ। ଦେବତା- ଦାନବ- ମାନବ ସମସ୍ତେ ହିଁ ଆମାନଙ୍କ ରୂପରେ ମୁଗ୍ଧ ହୋଇ ଆମକୁ ନେଇ ନାନା ପ୍ରକାର ବ୍ୟବହାର କ୍ରିୟା ସମ୍ପନ୍ନ କରନ୍ତି। ମୁନିମାନଙ୍କ ତପସ୍ୟା ଭଙ୍ଗ ପାଇଁ, ସନ୍ତାନ ଉତ୍ପାଦନ ପାଇଁ କିମ୍ବା ନିତାନ୍ତ ମନୋରଞ୍ଜନ ପାଇଁ ଆମେମାନେ ବ୍ୟବହୃତ ହେଉ। ମୁଁ ମଧ ଏଥିରୁ ବ୍ୟତିକ୍ରମ ନୁହେଁ। କିନ୍ତୁ ପିତୃ ପରିଚୟରେ ତୁ ଯେ ଦେବକନ୍ୟା ! ତୁ କେମିତି ତାହା ଭୁଲିଗଲୁ।

ଅଶେଷ ଯନ୍ତ୍ରଣାରେ ସଙ୍କୁଚିତ ହୋଇ ଚିତ୍ରାଙ୍ଗଦା କହିଲା - ହୁଏତ ଦୁର୍ବଳତା, ଚରମ ଦୁର୍ବଳତା। ସେତେବେଳେ କିନ୍ତୁ ଆତ୍ମ ଅଧିକାର ବୋଧ ପ୍ରବଳ ହୋଇ ଉଠିଥିଲା। ସଖୀ ଶ୍ରୀପୂର୍ଣ୍ଣା ମୋତେ ମନେ ପକାଇ ଦେଲା, ଦେବଶିଳ୍ପୀ ବିଶ୍ୱକର୍ମା ମୋର ପିତା। ସମସ୍ତ ସୃଷ୍ଟି ଶକ୍ତି ତାଙ୍କ ଭିତରେ ସଂଚିତ ହୋଇ ରହିଛି। ସେ କହିଥିଲା - ତୁମର ପିତା ପରମ ଧାର୍ମିକ ଏବଂ ସର୍ବଶାସ୍ତ୍ର ବିଷାରଦ। ସୁତରାଂ ସ୍ୱୟଂସିଦ୍ଧା ହୋଇ ନରପତି ସୁରଥକୁ ତୁମର ଅଙ୍ଗଦାନ କରିବା କୌଣସି ଭାବେ ଯୁକ୍ତିଯୁକ୍ତ ହୋଇପାରେନା। "ପିତା ତବାସ୍ତି ଧର୍ମିଷ୍ଠଃ, ସର୍ବଶାସ୍ତ୍ର ବିଶାରଦଃ। ନ ତେ ଯୁକ୍ତ ମିହାତ୍ମାନଂ ଦାତୁଂ ନରପତେଃ ସ୍ୱୟଂ।"

ଘୃତାଚୀର ନାସାରନ୍ଧ୍ର କ୍ରୋଧରେ ବିସ୍ଫାରିତ ହେଲା। ସେ କର୍କଷ ସ୍ୱରରେ କହିଲେ। କେଉଁଗୋପନ ଶକ୍ତିର ପ୍ରରୋଚନାରେ ତୁ ରାଜା ସୁଦେବ ପୁତ୍ରକୁ ଆତ୍ମଦାନ କଲୁ।

ଅଧୋବଦନା ଚିତ୍ରାଙ୍ଗଦା କିଛି କ୍ଷଣ ଚିନ୍ତାକଲା। ତା'ପରେ ଦୃଢ଼ କଣ୍ଠରେ କହିଲା, ମା', ସେହି ଶକ୍ତିର ନାମ ସ୍ୱ-ଅଧୀନତା। ସେହି ବଳର ନାମ ସ୍ୱତନ୍ତ୍ରତା। ମୋ ବ୍ୟକ୍ତିସତ୍ତାକୁ ମୁଁ ଅପମାନିତ କରିପାରିନି। ନିଜ ଆକାଂକ୍ଷାକୁ ସମ୍ମାନ ଜଣାଇ କ'ଣ ନରହତ୍ୟା ପରି ପାପ କରି ପକାଇଛି।? କାହାକୁ ମୁଁ ଜୀବନ ସଙ୍ଗୀଭାବେ ଗ୍ରହଣ କରିବି, କେଉଁ ପୁରୁଷର ପାଣି ଗ୍ରହଣ କରିବି ବା କାହାର ଅଙ୍କ ଶାୟିନୀ ହେବି, ତାହା ସ୍ଥିର କରି ବା କାର୍ଯ୍ୟରେ ପରିଣତ କରିବାରେ କୌଣସି ଅଧିକାର କ'ଣ ମୋର ନାହିଁ? ଆଶ୍ଚର୍ଯ୍ୟ କଥା। ମୁଁ କ'ଣ ପ୍ରଥମେ ସ୍ୱୟଂ ସିଦ୍ଧା ହେଲି ? ମୋ ପୂର୍ବରୁ କେହି କଣ କୌଣସି ଇପ୍‌ସିତ ପ୍ରାର୍ଥୀଙ୍କୁ ଗ୍ରହଣ କରି ନାହାନ୍ତି ? ପିତା କଣ' କାହାର ଆତ୍ମ ପରିଣୟର ଇତିହାସ ଅବଗତ ନାହାନ୍ତି? ସେ ତ ନିଜକୁ ସର୍ବଜ୍ଞ ବୋଲି ଘୋଷଣା କରନ୍ତି !

କନ୍ୟାଠାରୁ ବାରମ୍ବାର ଏପରି ପ୍ରଶ୍ନ ଶୁଣି, ଘୃତାଚୀ ନିଜକୁ ସମ୍ବରଣ କରିପାରିଲେ ନାହିଁ। ବଜ୍ର ପରି ସଶବ୍ଦେ ଯେପରି ମାଟିରେ ପତିତ ହେଲେ, "ନିଜକୁ ସ୍ୱତନ୍ତ୍ର ବୋଲି ଚିହ୍ନିତ କରିବାକୁ ଯାଇ ତୁ ଅତଳରେ ପତିତ ହୋଇଛୁ। ସମାଜ ଯେଉଁମାନଙ୍କୁ ଘୃଣାରେ ଜାଳି ପୋଡ଼ି ଭିତରକୁ ଠେଲି ଦେଇଛି, ତୋର ଅବସ୍ଥା ସେହି ପତିତାମାନଙ୍କ ପରି ହେବ, ଯାହା ମୁଁ ଦିବ୍ୟ ଚକ୍ଷୁରେ ଦେଖି ପାରୁଛି।

ଦୁଇ ଚକ୍ଷୁରେ ଅଗ୍ନି ଜଳାଇ, ଶୀତଳ କଣ୍ଠରେ ଚିତ୍ରାଙ୍ଗଦା କହିଲା – ଅପାର ଲାଞ୍ଛନା ସତ୍ତ୍ୱେ ମୁଁ ଭାସି ଯିବି ନାହିଁ ମା ! ପିତା ହୁଏତ ମୋତେ ଅଭିଶାପ ଦେବେ। କ'ଣ ଘଟିବ କିଛି ଜାଣି ନାହିଁ। ତେବେ ତୁମ କନ୍ୟା ମନେ ମନେ ପ୍ରସ୍ତୁତ। ମୁଁ କୌଣସି ଅନ୍ୟାୟ ବା ଅଧର୍ମ କରିନାହିଁ। ରାଜା ସୁରଥ ପ୍ରତି ମୋର ଅନୁରାଗ କେବେ ବି ମିଥ୍ୟା ନୁହେଁ। ସେ ସତ୍ୟ ସଂପନ୍ନ ପରମ ବିଶୁଦ୍ଧ ସ୍ୱଭାବ।

"ରାଜା ସୁରଥଃ ସତ୍ୟକଃ ଶୁଚିଃ।" ଏଣୁ ମୋର ଏହି ଆତ୍ମ ନିବେଦନ ତୃଟି ଯୁକ୍ତ ନୁହେଁ। ଏହା ମହା ଦୁର୍ଘଟଣା ମଧ୍ୟ ନୁହେଁ। ଅପାତ୍ରରେ ମୁଁ ପ୍ରେମ ନିବେଦନ କରିନାହିଁ। ମୋର ଆକାଂକ୍ଷା ଓ ରାଜ ଶ୍ରେଷ୍ଠ ସେହି ମଣିଷଙ୍କର କାମନାକୁ ମୁଁ ସମ୍ମାନ ଜଣାଇଛି। ମା, ମୁଁ ନିର୍ଦ୍ଦୋଷ। ଆତ୍ମ ପ୍ରତାରଣା ଅପେକ୍ଷା ମୁଁ ସତ୍ୟକୁ ଅଧିକ ସମ୍ମାନ ଦେଇଛି। ପିତାଙ୍କ ନିକଟରେ ଏ ସତ୍ୟ ଅପ୍ରିୟ। ତୁମ ପାଖରେ ଏ ସତ୍ୟ ନିଷ୍ଠୁର। କିନ୍ତୁ ମୋ ପାଖରେ ଏ ସତ୍ୟ ଅଲଂଘନୀୟ।

କନ୍ୟାର ଏ ଦୃଢ଼ଚେତା ଅଭିବ୍ୟକ୍ତିରେ ଅନ୍ତରରେ ଆଶ୍ୱସ୍ତି ଅନୁଭବ କଲେ ଘୃତାଚୀ। ପିତା ଓ କନ୍ୟାର ଦ୍ୱନ୍ଦ୍ୱ ବା ସଂଘାତ ତାଙ୍କର ଅଭିପ୍ରାୟ ନୁହେଁ। କିନ୍ତୁ ବିଶ୍ୱକର୍ମା କୌଣସି ପ୍ରକାରେ ଘଟଣାଟିକୁ ସହଜ ଭାବରେ ଗ୍ରହଣ କରି ପାରୁନାହାନ୍ତି। ଇଚ୍ଛା କରିଥିଲେ ସେ ଚିତ୍ରାଙ୍ଗଦାକୁ ନିଜର ଉଦାର ପିତୃଗୁଣରେ କ୍ଷମା କରି ଦେଇ ପାରିଥାନ୍ତେ।

ବିଶ୍ୱକର୍ମାଙ୍କର ଚାରିକନ୍ୟା। ସଂଜ୍ଞା, ଚିତ୍ରାଙ୍ଗଦା, ସୁରୂପା ଓ ବର୍ହିଷ୍ମତୀ। ଇତି ମଧ୍ୟେ ତାଙ୍କର ଜ୍ୟେଷ୍ଠ କନ୍ୟା ଖ୍ୟାତ ନାମ୍ନୀ ସଂଜ୍ଞାକୁ ପିତା ମହାତେଜା ସୂର୍ଯ୍ୟଙ୍କ ସହିତ ବିବାହ ସଂପନ୍ନ କରାଇଥିଲେ। କିନ୍ତୁ ଏହି ପ୍ରିୟ କନ୍ୟା ମହାତେଜା ସୂର୍ଯ୍ୟଙ୍କ ତେଜକୁ ସହି ପାରୁ ନାହାନ୍ତି ଦେଖି ବିଶ୍ୱକର୍ମା 'ଭ୍ରାମି' ନାମକ ଏକ ଯନ୍ତ୍ରରେ ସୂର୍ଯ୍ୟଙ୍କୁ ସ୍ଥାପନ କରି ତାଙ୍କ ତେଜକୁ କମ କରି ଦେଇଛନ୍ତି। ସ୍ୱୟଂ ସିଦ୍ଧା ଏହି ଦ୍ୱିତୀୟା କନ୍ୟାର ଆଚରଣରେ ସେ ବଜ୍ର କଠୋର। ତୃତୀୟା ଏବଂ କନିଷ୍ଠା କନ୍ୟାଙ୍କ ଭାଗ୍ୟରେ କ'ଣ ଅଛି ଭାବି ଘୃତାଚୀ ମନେ ମନେ ଶିହରି ଉଠିଲେ।

କିଛିକ୍ଷଣ ପରେ କନ୍ୟାପାଖକୁ ଆସି ସେ ଆଦରରେ କହିଲେ – ଶେଷରେ ସତ୍ୟର ହିଁ ଜୟ ହୁଏ। ତୁମେ ପିତାଙ୍କ ଦୁର୍ବ୍ୟବହାରରୁ ବିରତ ହେବ। ଗତକାଲି ତୁମ ପରିଣୟ ସଂବାଦ ଶୁଣି କ୍ରୋଧିତ ହୋଇ ସେ ଯେଉଁ ଆଚରଣ କରିଛନ୍ତି, ପୁରୁଷ ସମାଜ ତାକୁ ସ୍ୱଭାବିକ ବୋଲି ମନେ କରନ୍ତି। ମୁଁ କିନ୍ତୁ ମର୍ମେ ମର୍ମେ ଅନୁଭବ କରେ। ଏହା କେତେ ବେଦନା ଦାୟକ ଏବଂ ଯୁକ୍ତିବୋଧ ବର୍ଜିତ। ପୁରୁଷର ଅହଂକାର ପ୍ରତିଗୃହର କୋଣେ କୋଣେ ଅଗ୍ନିଶିଖା ଖେଳାଇ ଦିଏ। ସେଇ ହୁତାଶନ ଗ୍ରାସରେ କେହି କ'ଣ ଶେଷ ପର୍ଯ୍ୟନ୍ତ ସୁସ୍ଥ ଭାବରେ ପ୍ରାଣ ଧାରଣ କରିପାରେ ? ପାରେନା। ଏକ ଚକ୍ଷୁ ପୁରୁଷ ସମାଜ କେବେ ଯେ ଏକଥା ବୁଝିବ ! ମା', ମୁଁ ତୁମକୁ ଆର୍ଶୀବାଦ କରୁଛି। ତୁମେ ବିଜୟିନୀ ହୁଅ।

ଚିତ୍ରାଙ୍ଗଦା ଆବେଗାପ୍ଳୁତ ହୋଇ ଘୃତାଚୀଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲା। ତା ପରେ ପଚାରିଲା ବାପା କୁଆଡ଼େ ଯାଇଛନ୍ତି ? ମୁଣ୍ଡ ହଲାଇ ଘୃତାଚୀ କହିଲେ – ମୁଁ ଜାଣେ ନାହିଁ। ଆଜି ସକାଳେ ପ୍ରସାଦର ଅଳିନ୍ଦରୁ ଦେଖିଲି ସେ ଏକାକୀ ଗଜବାହିତ ଶକଟ ଆରୋହଣ କରି ନଦୀ ଆଡ଼କୁ ଚାଲିଛନ୍ତି।

ଆଉ ଥରେ ବି ତୋର କକ୍ଷ ଆଡ଼କୁ ଦୃଷ୍ଟିପାତ କରିନାହାନ୍ତି। ବିଶ୍ୱକର୍ମା ଯେ ଏମିତି କାହିଁକି ପଥର ପରି ଆଚରଣ କରୁଛନ୍ତି। ମୁଁ ପ୍ରାର୍ଥନା କରୁଛି, ଜଳ ବାହିନୀ ନଦୀ ମାତା ସରସ୍ୱତୀ ଦେବଶିଳ୍ପୀଙ୍କୁ ସ୍ଥିରତା ଦାନ କରନ୍ତୁ। ଘୃତାଚୀ ପୁନରାୟ ଗବାକ୍ଷ ପାଖକୁ ଫେରିଗଲେ। ବାହାରେ ରହିଥିବା ପ୍ରଡଧାନ ପ୍ରସାଦ ଆଡ଼କୁ ଚାହିଁ ମନେ ମନେ ନଦୀ ପଥ ଦେଇ ଚାଲିଲେ ସରସ୍ୱତୀଙ୍କ ପାଖକୁ। ତା' ପରେ ନିମ୍ନ ସ୍ୱରରେ କହିଲେ – ଅମ୍ବିତମେ ନଦୀ ତମେ ଦେବୀ ତମେ ସରସ୍ୱତୀ, ଅପ୍ରସସ୍ତା ଇବ ସ୍ମାମି ପ୍ରଶସ୍ତି ମନ୍, ନ ସ୍କୃଧି।"

ମା'ମାନଙ୍କ ମଧ୍ୟରେ ଶ୍ରେଷ୍ଠ, ନଦୀମାନଙ୍କ ମଧ୍ୟରେ ଶ୍ରେଷ୍ଠ, ଦେବୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେ ସରସ୍ୱତୀ ଆମମାନଙ୍କୁ ସମୃଦ୍ଧିଶାଳୀ କରନ୍ତୁ। ଝିଅକୁ ଚାହିଁ ଘୃତାଚୀ ପୁନରାୟ ତୃପ୍ତି ଅନୁଭବ କଲେ। ଚିତ୍ରାଙ୍ଗଦାକୁ ଏ ପର୍ଯ୍ୟନ୍ତ ସନ୍ତାପ ବିଧ୍ୱସ୍ତ କରି ପାରିନାହିଁ। ଘୃତାଚୀ ଧୀରେ ଧୀରେ କନ୍ୟାର କକ୍ଷରୁ ବାହାରି ଆସିଲେ।

ପୁଷ୍ପାଧାରଟିକୁ ପୁନର୍ନିର୍ମାଣ କରିବା ମାନସରେ କକ୍ଷ ତଳେ ବସି ପଡ଼ିଲା ଚିତ୍ରାଙ୍ଗଦା। ମା'ଙ୍କର ଉଦ୍‌ବେଗ ସ୍ୱାଭାବିକ। ପିତାଙ୍କର ଆତ୍ମ ଅଭିମାନରେ ଆହତ ହୋଇଛି। ସେଇ କ୍ଷତସ୍ଥାନ କେବେ ଭରିବ ତାହା ଚିତ୍ରାଙ୍ଗଦାକୁ ଅଜଣା। ତେବେ ଯଦି ସେ ପିତୃ ସ୍ନେହରୁ ବଞ୍ଚିତ ହୁଅନ୍ତି, ତେବେ ସବୁଠାରୁ ବେଶି କଷ୍ଟ ପାଇବେ ମା'। ଅପ୍ସରା ମା'ମାନଙ୍କ ଜୀବନରେ ଏମିତି ଗୋପନ କଷ୍ଟର କାହାଣୀ ଲୁଚି ରହିଛି। ତା' ଉପରେ ପୁଣି ନିଜ କନ୍ୟାର ଦୁର୍ଦ୍ଦଶା ଘୃତାଚୀଙ୍କୁ ଆହୁରି ଦୁଃଖରେ ବୁଡ଼ାଇ ଦେବ ଏ ବିଷୟରେ କୌଣସି ସନ୍ଦେହ ନାହିଁ। କିନ୍ତୁ ଚିତ୍ରାଙ୍ଗଦା ଆଉ କଣ କରିଥାନ୍ତା ! ରାଜା ସୁରଥଙ୍କୁ ଆତ୍ମଦାନ ନ କରିଥିଲେ ଭୁଲ ହୋଇଥାନ୍ତା। ଚିତ୍ରାଙ୍ଗଦାକୁ ଜଣା ନାହିଁ ଏମିତି ଦୁର୍ଲଭ ମୁହୂର୍ତ୍ତ ତା' ଜୀବନରେ କେବେ ଆସିବ। ଏକଥା ଦେବଶିଳ୍ପୀଙ୍କ କନ୍ୟା ଜୀବନରେ କ'ଣ ଭାବିଥିଲା ? ଗତକାଲିର ଅନତି ସଖୀ ହୃଦୟଙ୍ଗମା, ଅଚିରପ୍ରଭା, ଶ୍ରୀପର୍ଣ୍ଣା ଏବଂ ଐଣିକା ସହିତ ସରସ୍ୱତୀ ନଦୀକୁ ଅବଗାହନ କରିବା ପାଇଁ ଯାଇଥିଲା ଚିତ୍ରାଙ୍ଗଦା। ପ୍ରାୟ ଯେମିତି ଯାଇଥାଏ। ପ୍ରକୃତି ଷଡ଼ଋତୁ ଦ୍ୱାରା ସଜାଇଛି ଏଇ ବସୁଧାକୁ। ଷଡ଼ଋତୁକୁ ନେଇ ଚାଲିଥାଏ ଷୋଡ଼ଶ ଉତ୍ସବ। ଷୋଡ଼ଶକୁ ଘେରି ରହିଥାଏ ଦ୍ୱାତ୍ରିଂଶତ

ଆନନ୍ଦ। ସେଇ ଆନନ୍ଦରୁ ଉତ୍ପନ୍ନ ଚତୁଃଷଷ୍ଠୀ କଳା। ବିପୁଳା ମଧୁମନ୍ତୀ ସରସ୍ୱତୀର ଜଳରେ ସ୍ନାନ ସମ୍ପନ୍ନ କଲେ, ଏହି ଆନନ୍ଦ ଲାଭ ହୁଏ। ଚିତ୍ରାଙ୍ଗଦା ଏବଂ ତାର ସଖୀମାନେ ଏ ନଦୀକୁ ପୁଣ୍ୟ ପ୍ରାର୍ଥନା କରିବାକୁ ଆସି ନଥାନ୍ତି। ଆସନ୍ତି ଅପାର ଆନନ୍ଦରେ ସ୍ନାନ କରିବାକୁ।

କାଲି ସଖୀମାନଙ୍କୁ ଧରି ନୈମିଷାରଣ୍ୟ ନିକଟବର୍ତ୍ତୀ ଏକ ନିର୍ଜନ ସ୍ଥାନରେ ଚିତ୍ରାଙ୍ଗଦା ଯେତେବେଳେ ଜଳ କେଳିରେ ମଗ୍ନ, ହଠାତ୍ ସେହି ସମୟରେ ନଦୀ କୂଳରେ ଅଟକିଲା ରାଜା ସୁରଥଙ୍କ ରଥ। କନ୍ଦର୍ପ ନିନ୍ଦିତ କାନ୍ତି, ଶୁଦ୍ଧ ସତ୍ତ୍ୱ ସତ୍ୟବାଦୀ ରାଜପୁରୁଷ ସୁରଥ। ପ୍ରଥମେ ତାଙ୍କୁ ଦେଖିବାକୁ ପାଇ ଐଣିକା ସଖୀମାନଙ୍କୁ ଇଙ୍ଗିତରେ କହିଲା - ଏଇ ଦେଖ, ଯେ ରଥରୁ ଓହ୍ଲାଉଛନ୍ତି, ସେ ରାଜା ସୁରଥ।

ଚମକି ପଡ଼ି ଚିତ୍ରାଙ୍ଗଦା ପଚାରିଲା - କେମିତି ଜାଣିଲୁ ଏ ରାଜା ସୁରଥ ? ଐଣିକା କହିଲା - ମୋ ପାଖରେ ଏ ଅଜଣା ନୁହନ୍ତି। ଆହା କି ରୂପ ! କି କାନ୍ତି। କି ଶାରୀରିକ ଐଶ୍ୱର୍ଯ୍ୟ। ଯାଙ୍କୁ ଆଗରୁ ଥରେ ଦେଖିଛି। ଅପଲକ ନୟନରେ ଚିତ୍ରାଙ୍ଗଦା ମନ୍ତ୍ରମୁଗ୍ଧ ହୋଇ ରାଜପୁରୁଷଙ୍କୁ ଅବଲୋକନ କରିଛି। ନଦୀ ତୀରରୁ ଜଳ ପାଖକୁ ଆଗେଇ ଚାଲିଥିଲେ ସୁରଥ। ରାଜାଙ୍କର ପ୍ରତ୍ୟେକ ପଦକ୍ଷେପରେ, ସେଇ ମୁହୂର୍ତ୍ତରେ ଚିତ୍ରାଙ୍ଗଦାର ହୃଦୟରେ ଯେମିତି ଗୋଟିଏ ଗୋଟିଏ ପଦ୍ମଫୁଲ ଫୁଟି ଉଠୁଥିଲା। ସେତେବେଳେ ବିଶ୍ୱକର୍ମା ନନ୍ଦିନୀ ସଖୀମାନଙ୍କୁ କହିଥିଲା, ପ୍ରଥମ ଦର୍ଶନରେ ରାଜା ସୁରଥଙ୍କ ପ୍ରତି ମୁଁ ପ୍ରଣୟାସକ୍ତ ହୋଇଛି। ମୋର ଅନ୍ତର ଆତ୍ମନିବେଦନ ପାଇଁ ବ୍ୟାକୁଳ ହୋଇ ଉଠୁଛି। ଏଇ ଆକାଂକ୍ଷାକୁ ମୁଁ ଗୋପନ ରଖିବାକୁ ଚାହୁଁ ନାହିଁ। ଆଗୋ, ମୋର ପ୍ରିୟ ସଖୀଗଣ, ମୁଁ ଏହାଙ୍କ ହାତରେ ନିଜକୁ ସମର୍ପଣ କରିବାକୁ ଚାହୁଁଛି। ମୋର ଆତ୍ମଦାନ ସତ୍ୟ ହେଉ, ସଙ୍କୋଚହୀନ ହେଉ, ତହିଁରେ ଯେମିତି ଚତୁରତା ଲେଶ ମାତ୍ର ନଥାଏ। ତୁମେମାନେ ମୋର ସହାୟ ହୁଅ। ତତ୍କ୍ଷଣାତ୍ ଶ୍ରୀପର୍ଣ୍ଣା ହୃଦୟଙ୍ଗମା,ଅଚିରପ୍ରଭା, ଐଣିକା ପରସ୍ପରକୁ ଚାହିଁ ମଳିନ ହୋଇଗଲେ। ଦେହ ଭଙ୍ଗିମାରେ ସେମାନେ ଅନିଚ୍ଛା ପ୍ରକାଶ କଲେ। ପୃଥିବୀରେ ଯେମିତି ଏପରି ଘଟଣା ଘଟିବା ଉଚିତ ନୁହେଁ। ପ୍ରାଣପଣେ ବାଧା ଦେଇଥିଲା ଶ୍ରୀପର୍ଣ୍ଣା କିନ୍ତୁ ସେତେବେଳେ ରାଜା ସୁରଥ ଏମାନଙ୍କ ନିକଟବର୍ତ୍ତୀ ହୋଇ ଅଭିଭୂତ ଆଉ ସ୍ତମ୍ଭିତ ହୋଇ ଯାଇଥିଲେ। ପଲକହୀନ ନେତ୍ରରେ ବରବର୍ଣ୍ଣିନୀ, ରୂପରାଣୀସମୃଦ୍ଧା ଚିତ୍ରାଙ୍ଗଦାକୁ ଦେଖି ଗଦ୍ ଗଦ୍ ହୋଇ ମଧୁର କଣ୍ଠରେ କହିଲେ - "ଆଗୋ ମୁଗ୍ଧା ଆଗୋ ମଦାଳସା, ତୁମକୁ ଦେଖି ମୁଁ ମୋହିତ ହୋଇଛି। ମଦନଦେବ ଅତିଥି ହୋଇ ତାଙ୍କର ଦୃଷ୍ଟି ରୂପକ ଶର ଦ୍ୱାରା ମୋତେ ଆହତ କରୁଛି। ଅତଏବ ତୁମୋ ମୋତେ ତୁମର ବକ୍ଷ ଶଯ୍ୟାରେ ଶୟନ କରାଅ। ନ ହେଲେ ବାରମ୍ବାର ଅତି ଦର୍ଶନ ପ୍ରଭାବରେ କାମ, ଦଗ୍ଧ କରି ପକାଇବ।

ରାଜା ସୁରଥଙ୍କର ଅନ୍ତରର ଆକୁତିରେ ଚିତ୍ରାଙ୍ଗଦା ଅସ୍ଥିର ହୋଇ ଉଠିଲା। ତା'ର ମନୋଭୂମି ପୂର୍ବରୁ ପ୍ରସ୍ତୁତ ଥିଲା। ଅତଏବ ସଖୀମାନଙ୍କ ନିଷେଧ ସତ୍ତ୍ୱେ ରାଜା ସୁରଥଙ୍କୁ ଆତ୍ମଦାନ କରିବାକୁ କ୍ଷଣ ମାତ୍ର ସମୟ ନେଇନି ଚାରୁଶୀଳା, ପଦ୍ମନେତ୍ରୀ ତନ୍ୱୀ ଚିତ୍ରାଙ୍ଗଦା। କୌଣସି ନିଷେଧ, କୌଣସି ଭୟ, କୌଣସି ତନ୍ତ୍ର ତାକୁ ନିଷେଧ କରି ପାରିନି। ଚିତ୍ରାଙ୍ଗଦା ଏବେ ବି ବିଶ୍ୱାସ କରେ, ମୋ ଦ୍ୱାର। କୌଣସି ଭ୍ରମ ହୋଇ ପାରେନି। ବରଂ କାଲିର ମିଳନ ମୁହୂର୍ତ୍ତଟି ମୋ ଜୀବନର ସବୁଠାରୁ ଆନନ୍ଦ ଘନ ମୁହୂର୍ତ୍ତ।

(୨)

ପିତାଙ୍କ କ୍ଷୋଭ ଏବଂ ଶାନ୍ତ ଦାହର କଥା ଭାବି ପ୍ରଥମେ ଚିତ୍ରାଙ୍ଗଦାର ମନ ଦ୍ୱନ୍ଦ୍ୱ ସଂକୁଳ ହୋଇ ଉଠିଥିଲା। ଜଣଙ୍କର ନିଷେଧ ଆଉ ଅନ୍ୟ ଜଣଙ୍କର ଆକର୍ଷଣ, ଏହି ଦ୍ୱନ୍ଦ୍ୱରେ ପଡ଼ି ଚିତ୍ରାଙ୍ଗଦା କ'ଣ କରିବ ସ୍ଥିର କରିପାରୁନଥିଲା। ଅଥଚ ରାଜନନ୍ଦନ ସୁରଥଙ୍କୁ ଭୁଲି ଯିବା ବା ଉପେକ୍ଷା କରିବା ତା' ପକ୍ଷରେ ଅସମ୍ଭବ ଥିଲା। ବିଶ୍ୱକର୍ମାଙ୍କ ରୋଷାଗ୍ନି ଯଦି ନିର୍ବାପିତ ନହୁଏ, ତଥାପି ସେ ସୁରଥଙ୍କୁ କୌଣସି ପ୍ରକାରେ ତ୍ୟାଗ କରିପାରିବ ନାହିଁ। ପ୍ରେମାଭିଭୂତ ହୋଇ ପତି ରୂପେ ଯାହାକୁ ଚିତ୍ରାଙ୍ଗଦା ବରଣ କରିଛି, ତାଙ୍କୁ ତ୍ୟାଗ କରିବା କେବଳ ଅପରାଧ ନୁହେଁ ନିଜର ଆତ୍ମାକୁ ବରଂ ଅସମ୍ମାନ କରିବା। ଯଦିଓ ହୃଦୟଙ୍ଗମା ଅଚିରପ୍ରଭା, ଐଣିକା, ଶ୍ରୀପର୍ଣ୍ଣା ପ୍ରମୁଖ ଆଜି ମଧ୍ୟ ସରସ୍ୱତୀ ନଦୀକୁ ସ୍ନାନ କରିବା ପାଇଁ ଚିତ୍ରାଙ୍ଗଦାକୁ ଡାକି ତା' କକ୍ଷର ଦ୍ୱାର ଦେଶରେ ଅପେକ୍ଷା କରିଥିଲେ। ପ୍ରଧାନ ପରିଚାରିକା ନନ୍ଦୟନ୍ତି ବିନମ୍ର ସ୍ୱରରେ କେବଳ କହିଥିଲା - ହେ, ଶୁଭାନନୀ, ଆପଣଙ୍କ ସଖୀମାନେ ବାହାରେ ଅପେକ୍ଷା କରିଛନ୍ତି। ସ୍ନାନ କରିବାକୁ ଯାଆନ୍ତୁ।

ଚିତ୍ରାଙ୍ଗଦା ଦ୍ୱିଧା ଜଡ଼ିତ ସ୍ୱରରେ କହିଲା, ସେହି ନଦୀ ମାତୃକା ସରସ୍ୱତୀ ପାଖକୁ ମୁଁ ପୁଣି କାହିଁକି ଯିବି ? ଯେ ମୋତେ ସୁଧାରସ ସିଞ୍ଚନ କଲେ ଅଥଚ ଅଭିଳାଷ ପୂର୍ଣ୍ଣ କରିବାରେ କାର୍ପଣ୍ୟ କରୁଛନ୍ତି। ନନ୍ଦୟନ୍ତୀ ଅଳ୍ପ ହସି କହିଲା, ସେ କୃପଣ ସ୍ୱଭାବ, ଆପଣ କ'ଣ ଜାଣିନାହାନ୍ତି, ସ୍ରୋତବାହିତ ଗତାନୁଗତିକ ଜୀବନର ବିରୁଦ୍ଧାଚରଣ କଲେ ସମାଜ ଖଡଗହସ୍ତ ହୋଇଉଠେ। ତୁମ ପିତା ଏ ଗଡାଳିକା ସ୍ରୋତକୁ ମାନ୍ୟ କରନ୍ତି। କିନ୍ତୁ ଆପଣ ଯାହା କରିଛନ୍ତି, ତାହା ବରଂ ସହଜାତ ସ୍ୱଭାବ। ଚିତ୍ରାଙ୍ଗଦା, ଏହି ପରିଚାରିକାର ଦୃଷ୍ଟିଭଙ୍ଗୀ ଜାଣି ମୁଗ୍ଧ ହେଲା।

ନନ୍ଦୟନ୍ତୀ ପ୍ରତି କୃତଜ୍ଞ ହୋଇ ଚିତ୍ରାଙ୍ଗଦା କହିଲା - ଅବଗାହନ ପାଇଁ ତୁମେ ମୋତେ ପ୍ରସ୍ତୁତ କରାଇଦିଅ। ସଖୀମାନଙ୍କୁ ଟିକେ ପ୍ରତୀକ୍ଷା କରିବାକୁ କୁହ।

ବିଶ୍ୱକର୍ମାଙ୍କ ପ୍ରାସାଦଠାରୁ ନଦୀର ଦୂରତ୍ୱ ତିନିକ୍ରୋଶ। ପଥରେ ଆସୁଆସୁ ହୃଦୟଙ୍ଗମା କହିଲା - ଚିତ୍ରା ଗତକାଲି ତୁମେ ଯାହାଙ୍କୁ ବରଣମାଳା ପିନ୍ଧାଇ ପତି ରୂପେ ବରଣ କରିଛ, ତାଙ୍କ ସହିତ ଆଜି ତୁମର ସାକ୍ଷାତ ଅତ୍ୟନ୍ତ ପ୍ରୟୋଜନ। କାଲି ତୁମେ ସ୍ୱପ୍ନରେ ବିଭୋର ହୋଇଥିଲ ଏବଂ ରାଜା ସୁରଥ ମଧ୍ୟ କାମନାବଶତଃ ଅନ୍ଧମୋହରେ ଆଚ୍ଛନ୍ନ ଥିଲେ। ଆଜି ତୁମେମାନେ ବାସ୍ତବଭୂମିରେ ଠିଆ ହୋଇ ବାକ୍ୟ ବିନିମୟ କରିବ। ଏଥର ଦିନ ଯାପନର କଥାମାଳା ଲିପିବଦ୍ଧ କରିବାକୁ ହେବ। ଆମେ ଏହା ଚାହୁଁ।

ଐଣିକା ଏହାର ପେଲବ ଦେହଲତାରେ ହସ୍ତ ସ୍ପର୍ଶ କରି ସ୍ମିତହସି କହିଲେ - ସଖୀଚିତ୍ରା, ମୋ ମନ କହୁଛି, ସେହି ସୁଦେବ ତନୟ ନରପତି ଏ ପର୍ଯ୍ୟନ୍ତ ସରସ୍ୱତୀ କୂଳେ ଉପସ୍ଥିତ। ତୀରବର୍ତ୍ତୀ କେଉଁ ଗଛମୂଳେ ତୁମ ପାଇଁ ପ୍ରତୀକ୍ଷାରତ। ସେଇ ବୃକ୍ଷର ପତ୍ରମର୍ମରେ ଧ୍ୱନିତ ହେଉଛି ତୁମନାମ। ଆଉ ରାଜପୁରୁଷଟି ତୁମକୁ ସଶରୀରେ ପାଇବା ପାଇଁ ବ୍ୟାକୁଳିତ। ସଖୀର ଏହି ବ୍ୟଞ୍ଜନାପୂର୍ଣ୍ଣ ବାକ୍ୟ ବିନ୍ୟାସରେ ଲଜ୍ଜା ଅନୁଭବ କରିଛି ଚିତ୍ରାଙ୍ଗଦା। ଐଣିକାର କୋମଳ ବାହୁକୁ ମୃଦୁ ଆଘାତ କରି କପଟ ସ୍ୱରରେ କହିଛି, ଚାରୁହାସିନୀ, ମୁଁ ଏବେ ରାଜମହିଷୀ, ମୋ ସହିତ କୌତୁକ କରିବାକୁ ତୋତେ ଭୟ ଲାଗୁନି ? ଚିତ୍ରାଙ୍ଗଦାର ବାକ୍ୟବିଳାସରେ ମୁଖରିତ ହେଉଥିଲା

ପଥ। ରଥରୁ ଓହ୍ଲାଇ ନଦୀତଟରେ ପହଞ୍ଚିବା ପୂର୍ବରୁ ଅଚିରପ୍ରଭା କହିଲା – ମୁଁ ଠିକ୍ କହୁଛି, ତୁ ନିଶ୍ଚୟ ବୀରପୁରୁଷ ସୁରଥଙ୍କ ପ୍ରେମରେ ବ୍ୟାପୃତ ହୋଇ ଯଥା ସୁଖରେ ବହୁ କାଳ ବିତାଇବୁ। 'ତତ୍ର ସତ୍ୟା, ଯଥା ସୁଖମ୍' ସ୍ମରତ୍ୟାଂ ସୁରଥଂ ବୀରଂ ମହାନ୍ କାଳଃ ସମଭ୍ୟାଗତ୍।

ଶ୍ରୀପର୍ଣ୍ଣା ଆଦି ସଖୀମାନେ ଯେମିତି ଭବିଷ୍ୟଦ୍ରଷ୍ଟା। ଏମାନଙ୍କ କଥା ଠିକ୍। ସରସ୍ୱତୀ ନଦୀ ତଟରେ ରାଜା ସ୍ୱୟଂ ଦଣ୍ଡାୟମାନ। ସହାସ୍ୟେ ଦୁଇବାହୁ ଉତ୍ତୋଳିତ କରି ସୁରଥ ଆଗେଇ ଆସି ଚିତ୍ରାଙ୍ଗଦାକୁ ସମ୍ଭାଷଣ କଲେ। ଅୟି ସୁନେତ୍ରା, ଚାରୁବନ୍ଦିତା କମଳିନୀ, ମୋତେ ଆଲିଙ୍ଗନ ଦ୍ୱାରା ତୃପ୍ତ କର। ତୁମେ କ'ଣ ମୋର ପୁନଃଦର୍ଶନ କାମନାରେ କାଲିଠାରୁ ଉତ୍କଣ୍ଠାର ସହିତ ଅପେକ୍ଷା କରିନାହଁ ?

କ୍ରୀଡା ବନତା ଚିତ୍ରାଙ୍ଗଦା ଅନୁଭବ କଲା, ତା ଦେହ ଶିହରିତ ହେଉଛି। ଏ କ'ଣ ଲଜ୍ଜା ନା ବାସନା ? ଗତକାଲି ଏହି ରାଜପୁତ୍ର ତାକୁ ଅସମ୍ପୃକ୍ତ କରି ପକାଇଥିଲେ। ଯାଙ୍କୁ ଦେଖିବା ମାତ୍ରେ ଚିତ୍ରାଙ୍ଗଦା ପ୍ରେମ ଓ କାମର ଯୁଗବତ୍ ପୀଡ଼ାରେ ସଖୀମାନଙ୍କୁ ସ୍ପଷ୍ଟ ଭାବେ ଜଣାଇଥିଲା, ଏହି ରାଜପୁତ୍ର ମଦନ ଦ୍ୱାରା କାମୋତ୍ତେଜିତ ହୋଇଛନ୍ତି। ସେ ସତ୍ୟରେ ମୋତେ କାମନା କରୁଛନ୍ତି। ତେଣୁ ଏହି ପରମସୁନ୍ଦର ରାଜାଙ୍କୁ ଆତ୍ମଦାନ କରିବା ଯୁକ୍ତିସଂଗତ।

ଧୀରେ ଧୀରେ ଆଗେଇ ଆସୁଛନ୍ତି ସୁରଥ। ଏବେ କ'ଣ କରିବା ଉଚିତ, ଅନୁଚିତ, ଏ ବିଚାର କରି କରି ଚାରିଆଡ଼କୁ ଦୃଷ୍ଟି ନିକ୍ଷେପ କଲା, ଚିତ୍ରାଙ୍ଗଦା। ତା'ପରେ ବିସ୍ମିତ ହୋଇ ଦେଖିଲା, ସଖୀମାନେ ତା' ପାଖରୁ ଦୂରେଇ ଯାଇଛନ୍ତି। ନିଜକୁ ସେ ଅସହାୟ ମନେ କଲା। ଗଭୀର ଆବେଗରେ ତା'ର ଚକ୍ଷୁ ମୁଖ ମୁଦ୍ରିତ ହୋଇ ଆସିଲା। କ୍ଷଣକ ଭିତରେ ଚେତନା ଓ ବାହ୍ୟଜ୍ଞାନ ଅନ୍ତର୍ହିତ ହୋଇଗଲା। ସୁରଥଙ୍କ ଶରୀରାଗ୍ନିରେ ଆତ୍ମାହୁତି ଦେବା ପାଇଁ ଏବେ ଚିତ୍ରାଙ୍ଗଦା ପ୍ରସ୍ତୁତ। ସେହି ମୁହୂର୍ତ୍ତରେ କ୍ରୁଦ୍ଧ ଏକ ବିକୃତ କଣ୍ଠର ବଜ୍ରନିର୍ଘୋଷରେ ଚମକି ଉଠିଲା ଚତୁର୍ଦ୍ଦିଗ। ରହିଯା, ରହିଯା, କନ୍ୟା।

ଚିତ୍ରାଙ୍ଗଦା ଓ ତା'ର ସଖୀମାନେ ଡରିଯାଇ ଦେଖିଲେ ଏହି ମଧୁର ମିଳନ ଲଗ୍ନରେ ସହସା ଆବିର୍ଭୁତ ହୋଇଛନ୍ତି ସ୍ୱୟଂ ବିଶ୍ୱକର୍ମା। ତାଙ୍କର ଅନିନ୍ଦିତ, ସୁନିର୍ମିତ, ଅଙ୍ଗ ସୌଷ୍ଟବ, ଜ୍ୱଳନ୍ତ ଅଗ୍ନିସମ କମ୍ପମାନ। ଦେବ ଶିଳ୍ପୀଙ୍କ ରୁଦ୍ରମୂର୍ତ୍ତି ଦର୍ଶନ କରି ସୁରଥ ସାମାନ୍ୟ ଡରିଗଲେ। ଏବଂ ନିଜର ଆଗମନର ଗତି ସମ୍ବରଣ କଲେ।

ଦ୍ରୁତ ପଦକ୍ଷେପରେ କନ୍ୟାର ସମୀପବର୍ତ୍ତୀ ହୋଇ ବିଶ୍ୱକର୍ମା କହିଲେ ହେ, ପୁତ୍ରୀ, ସ୍ତ୍ରୀଜାତର ଯାହାଇଚ୍ଛା ତାହା କରିବାର ସ୍ୱାଧୀନତା ନାହିଁ, ଏକଥା କ'ଣ ଜାଣିନାହଁ, ମୋତେ ପୂରା ଉପେକ୍ଷା କରି, ସଖୀମାନଙ୍କ ନିଷେଧକୁ ନ ମାନି, କାହିଁକି ତୁମେ ଏହି ରାଜାଙ୍କୁ ସ୍ୱାମୀ ରୂପେ ବରଣ କରିଛ ? ବିବାହ ବିଷୟରେ ନାରୀ ସ୍ୱତନ୍ତ୍ର ଭାବେ କୌଣସି ସିଦ୍ଧାନ୍ତ ନେଇପାରେନା। ଏ କ୍ଷେତ୍ରରେ ସେ ପରାଧୀନା। ତୁମେ କ'ଣ ସ୍ୱାଧୀନତା ଏବଂ ପରାଧୀନତାର ପାର୍ଥକ୍ୟ ଭୁଲି ଯାଇଛ ? ସୁତୀକ୍ଷ୍ଣ ଶସ୍ତ୍ର ପରି ଗୁଡାଏ ପ୍ରଶ୍ନ ଚିତ୍ରାଙ୍ଗଦା ଆଡକୁ ଧାଇଁ ଆସିଲା। ପିତାଙ୍କର ଏହି ଅହଂ ସର୍ବସ୍ୱ ମୂର୍ତ୍ତି ସହିତ ଆଗରୁ ସେ ପରିଚିତ ନଥିଲା। ଅପରାଧିନୀ ନ ହୋଇଥିବା ସତ୍ତ୍ୱେ, ବିଶ୍ୱକର୍ମା ତାଙ୍କୁ ନିର୍ଦ୍ଦୟ ଭାବେ ଆଘାତ କଲେ। ଚିତ୍ରା ଭାବିଲେଏଇଟା ଆବହମାନ କାଳରୁ ଚଳି ଆସିଥିବା ପୁରୁଷ ଶାସିତ ସମାଜର, ସ୍ନେହଶୀଳ ପିତାଙ୍କର ନୁହେଁ। ବେଦନାହତ ହେବା ସତ୍ତ୍ୱେ, ଅବନତ ମସ୍ତକରେ ଅଥଚ ଦୃଢ଼ କଣ୍ଠରେ ସେ କହିଲା – ଜାଣେ ପିତା। ନାରୀର କୌଣସି ସ୍ୱାଧୀନତା ନାହିଁ। ଏହି ଧାରଣା ସର୍ବତ୍ର ପରିବ୍ୟାପ୍ତ। ମାତ୍ର ମୁଁ ଜାଣେ, ସ୍ୱାଧୀନତା ଜନ୍ମାର୍ଜିତ, ଆଉ ଅଧୀନତା ଆରୋପିତ।

ବିଶ୍ୱକର୍ମା ରାଗିଯାଇ କହିଲେ, ସ୍ତବ୍ଧ ହୁଅ। ସୁରଥ ସହିତ ତୁମର ସ୍ୱୟଂ ବିବାହକୁ ମୁଁ ସ୍ୱୀକାର କରୁନାହିଁ। ତୁମର ଏହି କର୍ମ, ରମଣୀ ସ୍ୱଭାବକୁ ଲଂଘନ କରିଛି। ତୁମେ ଯାହାକୁ ସ୍ୱତନ୍ତ୍ରତା ବୋଲି କହୁଛ, ତାହା ପ୍ରକୃତରେ ସ୍ୱେଚ୍ଛାଚାର।

ଚିତ୍ରାଙ୍ଗଦା ଏଥର ତାର ଚାରୁନେତ୍ର ଟେକି ରାଜା ସୁରଥଙ୍କୁ ଚାହିଁଲା। ସହ ଧର୍ମୀ ତଥା ପ୍ରେମାସ୍ପଦ ସୁରଥ ଦେବ ଚିତ୍ରାର ଅନୁଚ୍ଚାରିତ ଭାଷାକୁ ପଢ଼ିପାରିଲେ। ତତ୍କ୍ଷଣାତ୍ ବିଶ୍ୱକର୍ମାଙ୍କୁ ଯଥା ବିହିତ ସମ୍ମାନ ପ୍ରଦର୍ଶନ କରି କହିଲେ, ହେ ଦେବ, ଆପଣଙ୍କ କନ୍ୟା ଚିତ୍ରାଙ୍ଗଦା ସାଧ୍ୱୀ, ଅତି ରୂପ ଗୁଣବତୀ। ମୋତେ ପତି ରୂପେ ବରଣ କରି କୌଣସି ଅନ୍ୟାୟ କରିନି। ଆମେ ଦୁହେଁ ପ୍ରଣୟ ନିକଟରେ ଦାୟବଦ୍ଧ ହୋଇ ପରିଣୟ ସୂତ୍ରେ ଆବଦ୍ଧ ହୋଇଛୁ। ପରିଣୟ କ'ଣ ଗର୍ହିତ କର୍ମ ? କଦାପି ନୁହେଁ। ଆପଣ ସମସ୍ତ ବିଷୟଟିକୁ ଶାନ୍ତ ଭାବରେ ବିଚାର କରନ୍ତୁ। ଜଣେ ସ୍ନେହଶୀଳ ଶିଳ୍ପୀ ପିତା ନିକଟରେ ମୋର ଏହି ପ୍ରାର୍ଥନା। ରାଜପୁତ୍ରଙ୍କ ଯୁକ୍ତି ସଂଗତ ସୁମିଷ୍ଟ ବଚନରେ ବିଶ୍ୱକର୍ମାଙ୍କର କ୍ରୋଧାଗ୍ନି ତିଳେ ମାତ୍ର ପ୍ରଶମିତ ହେଲା ନାହିଁ। ବରଂ କନ୍ୟାର ଏହି ପତିକୁ ସେ ଉପେକ୍ଷା କଲେ। ତା'ପରେ ତର୍ଜନି ଉଠାଇ ଚିତ୍ରାଙ୍ଗଦାକୁ କହିଲେ – ରେ ମନ୍ଦବୁଦ୍ଧି କନ୍ୟା, ମୁଁ ତୁମକୁ ଏଇକ୍ଷଣି ଅଭିଶାପ ଦେଉଛି, ଯେହେତୁ ତୁମେ ସ୍ତ୍ରୀ ଧର୍ମ ଛାଡ଼ି ନିଜକୁ ଦାନ କରିଛ। ସେହି କାରଣରୁ ତୁମର ବିବାହ ସ୍ୱୀକୃତ ହେବନାହିଁ। ବିବାହ ରହିତା ହୋଇ ତୁମେ ସ୍ୱାମୀ ସୁଖରୁ ବଂଚିତା, ପୁତ୍ର ଲାଭରେ ଅସମର୍ଥା, ଏବଂ ଯାହାଙ୍କୁ ପତିରୂପେ ସ୍ୱୟଂସିଦ୍ଧା ହୋଇ ବରଣ କରିଛ ତା ସହିତ ସର୍ବଦା ଯୋଗଶୂନ୍ୟ ହେବ।

ନଦୀକୂଳ ସଂଲଗ୍ନ ବିସ୍ତୀର୍ଣ୍ଣ ତଟ ବନଭୂମି ବିଶ୍ୱକର୍ମାଙ୍କର କଠୋର ଅଭିସମ୍ପାତ ଶୁଣି ସ୍ତମ୍ଭିତ ହୋଇଗଲା। ତା'ପରେ ଉଠିଲା ହା,ହାକାର ଧ୍ୱନି। ଚିତ୍ରାଙ୍ଗଦା ଏବଂ ତା'ର ସଖୀ ଚତୁଷ୍ଟୟ ଏହି ଅକଳ୍ପନୀୟ ଦୁଃସହ ପରିସ୍ଥିତି ପାଇଁ କେବେ ବି ପ୍ରସ୍ତୁତ ନଥିଲେ। ସେମାନେ ଆର୍ତ୍ତନାଦ କରିବାକୁ ବି ଭୁଲି ଗଲେ। ଶାପ ଦେଇ ସାରି ବିଶ୍ୱକର୍ମା ହାତୀରେ ବସି ଅନ୍ୟସ୍ଥାନକୁ ଚାଲିଗଲେ। କ୍ରୋଧଭରେ ନିଜ କନ୍ୟାକୁ ମଧ୍ୟ ଚାହିଁଲେ ନାହିଁ।

ରାଜା ସୁରଥ କିଂକର୍ତ୍ତବ୍ୟ ବିମୂଢ଼। କ'ଣ କରିବେ, କାହାକୁ ସାନ୍ତ୍ୱନା ଦେବେ। ନିଜର ଦୁର୍ଭାଗ୍ୟକୁ ନା ଶାପଗ୍ରସ୍ତା ସହଧର୍ମିଣୀ ଚିତ୍ରାଙ୍ଗଦାକୁ ? ଏକଥା ଭାବି ପ୍ରଣୟାକୁଳ ରାଜପୁତ୍ର ନିଜ ପତ୍ନୀଙ୍କୁ କହିଲେ, ପ୍ରିୟା, ବିନାପାପରେ ତୁମର ଏହି ଗୁରୁଦଣ୍ଡକୁ ମୁଁ ଲାଘବ କରିବି। ମୁଁ ଅହଂକାରପୂର୍ଣ୍ଣ ପୌରୁଷ ଅପେକ୍ଷା ହୃଦୟଭରା ପ୍ରେମର ସ୍ଥାନ ଉଚ୍ଚରେ ବୋଲି ଭବେ। ସୁରଥ ଆଉ କ'ଣ କହିବାକୁ ଯାଉଥିଲେ। କିନ୍ତୁ ଦୈବ ଅଭିଶାପକୁ ସାର୍ଥକ କରିବା ଅଭିପ୍ରାୟରେ ବିପୁଳ ସ୍ରୋତା ସରସ୍ୱତୀ ହଠାତ୍ ଏକ ଭୀଷଣ ରୂପ ଧାରଣ କଲେ। ତତ୍କ୍ଷଣାତ ତୀବ୍ର ଜଳସ୍ରୋତରେ।

ସେହି ରାଜପୁତ୍ରଙ୍କୁ ଭସାଇ ନେଲେ ତ୍ରୟୋଦଶ ଯୋଜନ ଦୂରକୁ। ସୁରଥ ଓ ଚିତ୍ରାଙ୍ଗଦାର ବିଚ୍ଛିନ୍ନତା ସମ୍ପନ୍ନ ହେଲା। ଯେଉଁ ଜନ୍ମଦାତା ସ୍ନେହୀ, ପରମ ପୂଜ୍ୟ, ସେ ପୁଣି ଅତ୍ୟାଚାରୀ ଓ ହନ୍ତାରକ। ଏହି ବିପରୀତ ଧର୍ମୀ ଆଘାତ ଚିତ୍ରାଙ୍ଗଦା ସହି ପାରିଲା ନାହିଁ। ପୁଣି ଦେବୀତମା ସରସ୍ୱତୀ, ଯେଉଁ

ଆଚରଣ କଲେ, ଯେପରି ସୁରଥଙ୍କୁ କେଉଁ ଅଜଣା ସ୍ଥାନକୁ ଭସାଇ ନେଲେ, ପ୍ରବଳ ସ୍ରୋତରେ ତାହା ମଧ ଅଭାବନୀୟ। ଚିତ୍ରାଙ୍ଗଦା ଆଉ ସହି ପାରିଲା ନାହିଁ। ସନ୍ତପ୍ତ ହୋଇ ଭୂମିରେ ଲୋଟି ପଡ଼ିଲା। ପ୍ରିୟ ସଖୀର ଦୁର୍ଦ୍ଦଶା ଦେଖି ଅଚିରପ୍ରଭା ହୃଦୟଙ୍ଗମା, ଶ୍ରୀପର୍ଣ୍ଣା ଓ ଐଣିକା ଭୟରେ ତ୍ରସ୍ତ ହୋଇ ଉଠିଲେ। ନାନା ପ୍ରକାର ଚେଷ୍ଟା କରି, ସଖୀର ଚେତା ଫେରାଇ ନପାରି ସ୍ଥିରକଲେ, ସରସ୍ୱତୀ ନଦୀର ଜଳରେ ଚିତ୍ରାକୁ ଅଭିଷିକ୍ତ କରାଯିବା ଅତ୍ୟନ୍ତ ଆବଶ୍ୟକ। ନହେଲେ ଚେତା ଫେରିବ ନାହିଁ।

ଚାରି ସଖୀ ଚିତ୍ରାଙ୍ଗଦାକୁ ବହନ କରି ନଦୀକୂଳକୁ ନେଇଗଲେ। ତା' ଉପରେ ବାରମ୍ବାର ଜଳ ସିଞ୍ଚନ କଲେ। ଶୀତଳ ଜଳ ବାରମ୍ବାର ଛାଟିବା ପରେ ଚିତ୍ରାଙ୍ଗଦା ମୃତବତ୍ ହୋଇଗଲା। ସଖୀର ଏ ଅବସ୍ଥା ଦେଖି ପ୍ରିୟ ସଖୀ ଶ୍ରୀପର୍ଣ୍ଣା ଆର୍ତ୍ତନାଦ କରି ଉଠିଲେ। ସବୁ ସଖୀମାନେ କାନ୍ଦି କାନ୍ଦି କହିଲେ – ଶୋକ –ତାପରେ ଦଗ୍ଧ ହୋଇ ଆମ ପ୍ରିୟ ସଖୀ ଶେଷରେ ପ୍ରାଣ ତ୍ୟାଗ କଲା। ଏବେ ଆମେ କ'ଣ କରିବୁ ? ଚିତ୍ରାର ଶେଷକୃତ୍ୟ କରିବାକୁ ସେମାନେ ସ୍ଥିର କଲେ। ତେବେ ମାତା ଘୃତାଚୀକୁ ଖବର ଦେବା ଦରକାର। ସେମାନେ ପରିଚାରିକା ନନ୍ଦୟନ୍ତୀଠାରୁ ଶୁଣିଥିଲେ, ମାତୃ ଦେବୀ ଘୃତାଚୀ, ଘଟଣା ପରମ୍ପରାରେ ମର୍ମାହତ। ଝିଅର ମୃତ୍ୟୁ ସମ୍ବାଦ ଶୁଣିଲେ, ସେ ନିଶ୍ଚୟ ପ୍ରାଣ ତ୍ୟାଗ କରିବେ। ଆଉ ପିତା ବିଶ୍ୱକର୍ମା ଆହ୍ଲାଦିତ ହେବେ ଏଥିରେ ସନ୍ଦେହ ନାହିଁ। ଚିତ୍ରାଙ୍ଗଦାର ଅନୂଢ଼ା ଭଉଣୀ ଦୁଇଟି ନୃତ୍ୟଗୀତ ଶିକ୍ଷା ପାଇଁ ଗନ୍ଧର୍ବ ଲୋକକୁ ଯାଇଛନ୍ତି।

କ୍ଷଣକାଳ ଚିନ୍ତାକରି ସମସ୍ତେ ଚିତ୍ରାଙ୍ଗଦାର ଦାହ କର୍ମ କରିବାକୁ ସ୍ଥିର କଲେ। ତା'ପରେ ପ୍ରିୟ ସଖୀ ମୃତକଳ୍ପା ଚିତ୍ରାଙ୍ଗଦାକୁ ଶୁଆଇ ଦେଇ ଅନ୍ତିମ କ୍ରିୟା କରିବାର ଆୟୋଜନରେ ଲାଗିଲେ। କାଷ୍ଠ, ଅନ୍ୟାନ୍ୟ ଦାହ କର୍ମର ସରଞ୍ଜାମ ଯୋଗାଡ଼ କରି ଅଗ୍ନି ଆଣିବାକୁ ପାଖ ଗାଁକୁ ଗଲେ। ଏଣେ ସଖୀମାନେ ଚାଲିଯିବାର କିଛି ସମୟ ପରେ ଚିତ୍ରାଙ୍ଗଦାର ଚେତା ଫେରିଲା। ସେ ଦେଖିଲା, ପ୍ରିୟ ସଖୀମାନେ କେହି ତା ପାଖରେ ନାହାନ୍ତି। ନିଦାରୁଣ ଅଭିମାନ ଏବଂ ଅପାର ବେଦନାରେ ସେ ପ୍ରାଣତ୍ୟାଗ ନିଷ୍ପତ୍ତି ନେଲା। ବିଳମ୍ବ ନକରି ସରସ୍ୱତୀ ନଦୀର କ୍ଷିପ୍ର ସ୍ରୋତରେ ନିଜକୁ ନିକ୍ଷେପ କଲା। କିନ୍ତୁ ସରସ୍ୱତୀ ତା'ର ମନୋକାମନା ପୂର୍ଣ୍ଣ କଲେ ନାହିଁ। ଆଉ ବେଗବତୀ ଗୋମତୀ ନଦୀର ସଲୀଳ ଆବର୍ତ୍ତରେ ନିକ୍ଷେପ କଲେ। ପୁଣି ଗୋମତୀ ଚିତ୍ରାଙ୍ଗଦାର ଭବିଷ୍ୟତ ଜାଣି ତାକୁ ନିକ୍ଷେପ କଲେ – ସିଂହ–ବ୍ୟାଘ୍ର ସଂକୁଳ ଘନ ଅରଣ୍ୟକୁ। ଥରକୁ ଥର ଏହି ଚରମ ଦୁର୍ଗତି ଭୋଗି ଭୋଗି ସେହି ମହାରଣ୍ୟର ଏକ ନିବିଡ଼ ଘଞ୍ଚ ସ୍ଥାନରେ ଥିବା ବିରାଟ ଏକ ବୃକ୍ଷମୂଳେ ଆଶ୍ରୟ ନେଲେ ଚିତ୍ରାଙ୍ଗଦା। ଏହାପରେ ଘୋର କ୍ରନ୍ଦନରୋଳରେ ବନ ଭୂମିକୁ ପଚାରିଲେ, ହେ ଅରଣ୍ୟାନୀ। ତୁମେ କହି ପାରିବ କି, ନାରୀର ଅଭିପ୍ରାୟ କାହିଁକି ଏତେ ମୂଲ୍ୟହୀନ ?

## (୩)

ଆକାଶ ପଥରେ ବିହାର କରୁଥିଲେ ଦେବଯୋନି ସମ୍ଭୂତ ଏକ ଯକ୍ଷ। କ୍ରନ୍ଦନରତା ଚିତ୍ରାଙ୍ଗଦାକୁ ଦେଖି ଜନମାନବହୀନ ସେହି ବନରେ ଅବତରଣ କଲେ ସେହି ଦୟାଳୁ ଯକ୍ଷ। ସେ ପିତା ପରିତ୍ୟକ୍ତା ଚିତ୍ରାଙ୍ଗଦା ପାଖକୁ ଯାଇ କହିଲେ ହେ କନ୍ୟାସମା ସୁତନୁକା। ତୁମେ ଅଶ୍ରୁବିସର୍ଜନର କାରଣ କୁହ। କିଏ ତୁମକୁ ପରିତ୍ୟକ୍ତ ଅବସ୍ଥାରେ ରଖି ଦେଇଛି। ମୁଁ କୁବେରଙ୍କର ଜଣେ ଅନୁଚର। ତୁମେ ନିର୍ଭୟ, ନିସଂକୋଚରେ ମତେ ସବୁ ଜଣାଅ। ଚିତ୍ରାଙ୍ଗଦା ନିରନ୍ତର ଦୁଃଖର ଆଘାତରେ ଶରୀର ଓ ମନରେ ବିପର୍ଯ୍ୟସ୍ତ ସମ୍ମୁଖରେ ଦଣ୍ଡାୟମାନ ଯକ୍ଷକୁ ଦେଖି ତାକୁ ଲାଗିଲା ଜଳପ୍ରବାହରେ ଭାସି ଆସିଥିବା କାଠ ଖଣ୍ଡଟିଏ ପରି। ଏ ଅବସ୍ଥାରୁ ପରିତ୍ରାଣ ପାଇବା ପାଇଁ ଶରୀର କଷ୍ଟ ସତ୍ତ୍ୱେ ବି ଚିତ୍ରାଙ୍ଗଦା ଆମୂଳଚୂଳ ଘଟଣାଗୁଡ଼ିକ କହିଗଲା।

ସହୃଦୟ ଯକ୍ଷ ସମସ୍ତ ଘଟଣା ଶୁଣିସାରି ଅଳ୍ପ ହସି କହିଲେ – ହେ ଭଦ୍ରା ତୁମେ ମୋ ସହିତ ଆସ। ମୁଁ ତୁମକୁ ରାଜା ସୁରଥଙ୍କ ପାଖକୁ ନେଇଯିବି। ତୁମକୁ ନିଶ୍ଚୟ ତାଙ୍କ ସହିତ ମିଳନ କରାଇଦେବି। ତେବେ ତା' ପୂର୍ବରୁ ଭଗବାନ ଶ୍ରୀକଣ୍ଠ ମନ୍ଦିରକୁ ଯିବାକୁ ପଡ଼ିବ। ଯେଉଁ ମନ୍ଦିରଟି କାଳିନ୍ଦୀ ନଦୀର ଦକ୍ଷିଣ ଦିଗରେ ଅବସ୍ଥିତ। ସୁଲୋଚନା ଚିତ୍ରାଙ୍ଗଦା ଦୟାଳୁ ଯକ୍ଷ ସାହାଯ୍ୟରେ ମହେଶ୍ୱର ଶ୍ରୀକଣ୍ଠଙ୍କ ମନ୍ଦିର ଅଙ୍ଗନରେ ଉପସ୍ଥିତ ହେଲା। ଅନାଗତ ଭବିଷ୍ୟତ ସମ୍ପର୍କରେ ଚିତ୍ରାଙ୍ଗଦାକୁ ଆଶ୍ୱସ୍ତ କରି ଯକ୍ଷ ପୁଣି ଆକାଶ ପଥକୁ ଚାଲିଗଲେ। ମହେଶ୍ୱର ଶ୍ରୀକଣ୍ଠଙ୍କୁ ଦର୍ଶନ କରି ଏବଂ କାଳିନ୍ଦୀ ଜଳରେ ଅଭିଷେକ କରି ସେହିଠାରେ ପ୍ରଣାମ କରି ପଡ଼ି ରହିଲା ଚିତ୍ରାଙ୍ଗଦା। ମଧ୍ୟାହ୍ନ ହୋଇଗଲା। ଶ୍ରୀକଣ୍ଠ ମନ୍ଦିର ଶୀର୍ଷରେ ସୂର୍ଯ୍ୟଙ୍କର ଉଜ୍ଜ୍ୱଳ କିରଣ ପଡିଛି। ସେହି ରୋଦନ ପରାୟଣା ଚିତ୍ରାଙ୍ଗଦା ଚକ୍ଷୁମୁଦ୍ରିତ କରିଥିଲେ ମଧ ଅନୁଭବ କଲେ, ମନ୍ଦିର ପ୍ରାଙ୍ଗଣରେ କେହି ଆସି ଉପସ୍ଥିତ ହୋଇଛନ୍ତି। ଚକ୍ଷୁ ଉନ୍ମୋଚନ କରି ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲା। ସାମବେଦୀ ପାଶୁପତ୍ୟାଚାର୍ଯ୍ୟ ଶୁଭ ଲକ୍ଷଣଯୁକ୍ତ ତପୋଧନ ଋତଧ୍ୱଜ ସମାଗତ ହୋଇଛନ୍ତି। ମଧ୍ୟାହ୍ନ ହେତୁ ଶ୍ରୀକଣ୍ଠଙ୍କ ସ୍ନାନ ସାରିବା ପାଇଁ, ମୁନିଶ୍ରେଷ୍ଠ ଆୟୋଜନ ଆରମ୍ଭ କଲେ। ଏହା ସହିତ ବେଦନାହତ ଚିତ୍ରାଙ୍ଗଦାକୁ କ୍ଷଣେ ନିରୀକ୍ଷଣ କରି ଭାବିଲେ, କିଏ ଏହି ଭାବମୟୀ ?

ପୂଜା ସାରି ଋତଧ୍ୱଜ, ମନ୍ଦିର ବାହାରକୁ ଆସୁଆସୁ ଚିତ୍ରାଙ୍ଗଦା ଆଗେଇ ଆସି କୃତାଞ୍ଜଳି ପୁଟରେ ତାଙ୍କୁ ଯଥା ବିହିତ ବନ୍ଦନା କଲେ।

ମୁନି ତାଙ୍କୁ ଆଶୀର୍ବାଦ କରିବା ପରେ ନନ୍ଦିନୀଙ୍କୁ ପଚାରିଲେ, ବତ୍ସ, ତୁମେ ସାକ୍ଷାତ ସୁରସୁତା ସଦୃଶୀ। ହେ ଅନୁପମା, ତୁମେ କାହାର କନ୍ୟା ? କେଉଁ ଉଦ୍ଦେଶ୍ୟରେ ଏହି ମନୁଷ୍ୟହୀନ ପଶୁହୀନ ମହାବନରେ ଅବସ୍ଥାନ କରୁଛ ?

ଋତଧ୍ୱଜଙ୍କର ଏହି ସସ୍ନେହ ପ୍ରଶ୍ନର ଉତ୍ତରରେ ଅଶ୍ରୁ ସମ୍ବରଣ କରି ବିଶାଳ ନୟନା ଚିତ୍ରାଙ୍ଗଦା ସମୁଦାୟ ଘଟଣାକୁ ବ୍ୟକ୍ତ କଲେ। ପ୍ରଥମେ ଜ୍ଞାନସମ୍ପନ୍ନ ଋଷି ଶାନ୍ତ, ହୃଦୟରେ ସବୁ ଶୁଣିଲେ। କିନ୍ତୁ ତା'ପରେ ପ୍ରଜ୍ୱଳିତ ଅଗ୍ନିପରି ଅତିଦ୍ରୁତ ବିଧ୍ୱଂସୀ ଆକାର ଧାରଣ କରି ବିଶ୍ୱକର୍ମା ଉଦ୍ଦେଶ୍ୟରେ ଅଭିଶାପ ବର୍ଷଣ କରି କହିଲେ, ଯେହେତୁ ବିଶ୍ୱକର୍ମା ପରିଣୀତା ନିଜ କନ୍ୟାକୁ ତା'ର ପତି ସହିତ ସଂଯୋଜିତ କରିନାହିଁ, ସେହି ହେତୁ ନିର୍ମାଣ ଦେବତା ବାନର ଯୋନିରେ ପତିତ ହେଉ।

ତପସ୍ୱୀ ପ୍ରବର ଋତ୍ଧ୍ୱଜଙ୍କ ଉଚ୍ଚାରିତ ଅଭିଶାପ ନିଜ କାନରେ ଶୁଣି ମଧ ଚିତ୍ରାଙ୍ଗଦାକୁ ଅବିଶ୍ୱାସ ଲାଗିଲା। କାହିଁକି ନା ଯେଉଁ କୁଯୁକ୍ତିରେ ପିତା ବିଶ୍ୱକର୍ମା ତାକୁ ଚରମ ଦୁର୍ଦ୍ଦଶାଗ୍ରସ୍ତ ଜୀବନ ଯାପନ କରିବାକୁ ବାଧ କରିଛନ୍ତି, ଅଭିଶପ୍ତ ଭାବେ ଦିନ କଟାଇବାକୁ ବାଧ କରିଛନ୍ତି। ସେହି କୁଯୁକ୍ତିକୁ ହେୟ ମନେ କରି ଋତଧ୍ୱଜ ସମ୍ମାନ କଲେ ଚିତ୍ରାଙ୍ଗଦାର ଆତ୍ମନିବେଦନକୁ। ଏକେ ତ ସମାଜ ନାରୀର ନିଜ ଅଧିକାର ଓ ଅଭିପ୍ରାୟ ପୁରୁଷତନ୍ତ୍ର ଦ୍ୱାରା ଧୂଳିଧୂସରିତ

କରିଛି, ତା'ପରେ ପୁଣି ଓଲଟା ସେହି ତନ୍ତ୍ର ହିଁ ନାରୀର ସ୍ୱାତନ୍ତ୍ର୍ୟ ଉର୍ଦ୍ଧ୍ୱକୁ ଟେକି ଧରିଛି । ଏହି ବିପରୀତ କଥା ଦେଖି ଚିତ୍ରାଙ୍ଗଦା ହତ ଚକିତ । ବାକ୍ୟ ହରା । ଋତୁ ଧ୍ୱଜଙ୍କ ପ୍ରତି କୃତଜ୍ଞତା ଜଣାଇ ସେ ଆଉଥରେ ଭୂମିଷ୍ଠ ପ୍ରଣାମ ଜଣାଇଲା ।

ଋତୁଧ୍ୱଜ ପୁନରାୟ ସ୍ନାନାଦି କ୍ରିୟା ସମ୍ପନ୍ନ କଲେ । ଏବେ ସୂର୍ଯ୍ୟ ଅସ୍ତାଚଳଗାମୀ । ଶ୍ରଦ୍ଧାସ୍ପଦ ମୁନି ପ୍ରବର ପଶ୍ଚିମ ସନ୍ଧ୍ୟା ବନ୍ଦନା ଶେଷ କରି ଦେବଦେବ ମହାଦେବଙ୍କୁ ପୂଜା କଲେ । ଯଥା ବିଧାନେ ଦେବେଶ ଶଙ୍କରଙ୍କ ଅଭ୍ୟର୍ଥନା ଶେଷ କରି ପତି ପ୍ରେମ କାତରା ରୋଦନ ପରାୟଣା ଚିତ୍ରାଙ୍ଗଦାକୁ କହିଲେ, ହେ କନ୍ୟା ସମା ସୁଭଦ୍ରା, ତୁମେ ଏକ୍ଷଣି ସପ୍ତ ଗୋଦାବରୀକୁ ଗମନ କର । ସେଠାରେ ଅବସ୍ଥାନ ପୂର୍ବକ ଭୂମା ସ୍ୱରୂପ ହଟକେଶ୍ୱର ଶିବଙ୍କ ଉପାସନାରେ ରତ ହୁଅ । ଅୟି ସୁଭ୍ରୁ ଶୁଣ, କନ୍ଦରମାଳୀ ଦୈତ୍ୟର ପୁତ୍ରୀ ବେଦବତୀ ନାମରେ ବିଖ୍ୟାତ । ସେହି କଲ୍ୟାଣୀ ସପ୍ତ ଗୋଦାବରୀକୁ ଆଗମନ କରିବ । ତାଛଡା ଅଞ୍ଜନ ନାମକ ଯକ୍ଷର କନ୍ୟା ଦମୟନ୍ତୀ ନାମରେ ଯେ ପରିଚିତା ସେ ମଧ୍ୟ ସେଠାକୁ ଆସିବ । ଗନ୍ଧର୍ବ ପର୍ଜନ୍ୟର ଦୁହିତା ତପସ୍ୱିନୀ ବେଦବତୀ ମଧ୍ୟ ସେଠାରେ ଉପସ୍ଥିତ ହେବ । ତୁମେ ଚାରିଜଣ ମିଶି ହଟକେଶ୍ୱର ମହାଦେବଙ୍କର ଅର୍ଚ୍ଚନାରେ ନିରତ ରହିବ । ଶ୍ରୀକଣ୍ଠ ନୀଳକଣ୍ଠ ତୁମ ସମସ୍ତଙ୍କର ସମସ୍ତ ମନସ୍କାମନାପୂର୍ଣ୍ଣ କରିବେ ।

ଋତୁଧ୍ୱଜଙ୍କ ନିର୍ଦ୍ଦେଶ ଓ ଆଶୀବଚନରେ ଚିତ୍ରାଙ୍ଗଦାର ହୃଦୟ ଆନନ୍ଦରେ ପୂର୍ଣ୍ଣ ହୋଇ ଉଠିଲା । ମୁନି ଶ୍ରେଷ୍ଠଙ୍କୁ ଯଥା ବିହିତ ପ୍ରଣାମ ଆଦି ନିବେଦନ କରି ସେ ସୁପ୍ତ ଗୋଦାବରୀ ତୀର୍ଥକୁ ଯାତ୍ରା କଲା । ପ୍ରିୟ ଦର୍ଶନୀ କନ୍ୟାଟିର ଗମନପଥକୁ ଏକ ଦୃଷ୍ଟିରେ ଚାହିଁ ରହିଥିଲେ ଋତୁଧ୍ୱଜ । ବିବାହ ସୁଖ ବଂଚିତା, ନିର୍ଦ୍ଦୋଷ, ଦୁଃଖିନୀ ଚିତ୍ରାଙ୍ଗଦା ପାଇଁ ତାଙ୍କର ଅନ୍ତର ଉଦ୍‌ବେଳିତ ହୋଇ ଉଠିଲା । ବେଦନା ପୀଡ଼ିତ ହୃଦୟରେ ସେ ଭଗବାନ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଅନେକ ଶ୍ଳୋକ ରଚନା କଲେ । ଏମିତି କୌଣସି ଦେବତା, ଅସୁର, ଯକ୍ଷ, ରାକ୍ଷସ ବା ମନୁଷ୍ୟ ନାହିଁ ଯେ ସ୍ୱପରାକ୍ରମରେ ଏହି ମୃଗନୟନା ବାଳା ଚିତ୍ରାଙ୍ଗଦାର ଅପାର ଦୁଃଖକୁ ନିରାକୃତ କରିପାରିବେ ।

ଏ ଦିଗରେ ଋତଧ୍ୱଜଙ୍କ ଅଭିଶାପରେ ଦେବଶିଳ୍ପୀ ବିଶ୍ୱକର୍ମା ବାନର ଯୋନି ପ୍ରାପ୍ତ ହୋଇଛନ୍ତି । କେବଳ ସେତିକି ନୁହେଁ । ବିଧିର ବିଧାନରେ ସେ ମେରୁ ଶିଖରର ଭୂପୃଷ୍ଠରେ ପଡ଼ି ପଶୁ ପରି ଆଚରଣ କରୁଛନ୍ତି । ଶାଳୁକିନୀ ନଦୀ କୂଳର ଘୋର ବନରେ ଅବସ୍ଥିତ ପାହାଡ଼ ଉପରେ ବାସ କରିବାକୁ ଲାଗିଲେ ବିଶ୍ୱକର୍ମା । ଏଠାରେ ବଣ ଫୁଲ ଫଳ ଓ କନ୍ଦମୂଳ ଭକ୍ଷଣ କରି ଅପକର୍ମ କରି, ଅସ୍ଥିର ଚପଳତା ପୂର୍ଣ୍ଣ ଜୀବନ ଯାପନ କଲେ ବିଶ୍ୱକର୍ମା । ଏପରି ବହୁ ବର୍ଷ ଅତିବାହିତ ହୋଇଗଲା । ଅକାରଣେ କନ୍ୟାକୁ ଅଭିସମ୍ପାତ ଦେବା ଫଳରେ ଋଷିବରଙ୍କ ଅଭିଶାପରେ ସେ ଏହି ଶାସ୍ତି ଭୋଗ କରୁଛନ୍ତି ।

ବୀର ସୁରଥଙ୍କ ଚିନ୍ତାରେ ଏକାକିନୀ ଚିତ୍ରାଙ୍ଗଦା ସ୍ୱପ୍ନ ପୂରଣର ଆସନ୍ନ ଆନନ୍ଦରେ ଏତେ ଦିନ ଯାଏ ସପ୍ତ ଗୋଦାବରୀ ତୀର୍ଥରେ ଅବସ୍ଥାନ କରୁଥିଲା । କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଆଗରୁ ସେ ପୁଷ୍କର ତୀର୍ଥକୁ ଯାଇଥିଲା । ପୁଷ୍କରକୁ ଯେଉଁମାନେ ଆସିଥିଲେ, ସେହି ସବୁ ମୁନି ସାଧକ, ରାଜନ୍ୟ ବର୍ଗ ଏବଂ ଜନପଦ ବାସୀମାନେ, ସ୍ୱସ୍ଥାନେ, ସ୍ୱଗୃହେ ବା ଅନ୍ୟ କେଉଁ ତୀର୍ଥକୁ ଫେରି ଯାଇଛନ୍ତି । ଏହି କ୍ଷଣି ସମଗ୍ର ତୀର୍ଥ ସ୍ଥାନ ନିର୍ଜନ । ଚିତ୍ରାଙ୍ଗଦାର ପ୍ରତିଟି ମୁହୂର୍ତ୍ତ ରାଜନନ୍ଦନ ସୁରଥର ଧ୍ୟାନରେ ଅତିବାହିତ ହେଉଛି । ଏମିତି ଦିନେ ଗନ୍ଧର୍ବ କନ୍ୟା ବେଦବତୀ ଆସି ସେଠାରେ ପହଞ୍ଚିଲା । ଚିତ୍ରାଙ୍ଗଦା ଓ ବେଦବତୀ ପରସ୍ପର ଅପରିଚିତ । ଯଦିଓ ଏହା ମଧ୍ୟରେ ଯକ୍ଷ ସୁତା ଦମୟନ୍ତୀ ଓ ଅସୁର ଦୁହିତା ବେଦବତୀ ଭାଗ୍ୟପଡ଼ିତା ହୋଇ ଏ ସ୍ଥାନକୁ ଆସିଛନ୍ତି । କିନ୍ତୁ ସେହି କନ୍ୟା ଦୁହିଁଙ୍କ ସଙ୍ଗେ ମଧ୍ୟ ନାନା କାରଣରୁ ଚିତ୍ରାଙ୍ଗଦାର ପରିଚୟ ଘଟି ପାରିନି । କନ୍ୟା ଦୁଇଟି କେଉଁଠି ଅଛନ୍ତି ତାହା ବି ସେ ଜାଣିନି । ସେମାନେ ଏପର୍ଯ୍ୟନ୍ତ ମଧ୍ୟ ଏକତ୍ର ହୋଇ ପାରିନାହାନ୍ତି ।

ବେଦବତୀ ଆତ୍ମ ପରିଚୟ ଦେବା ପୂର୍ବରୁ ମଧୁର ସ୍ୱରରେ ଚିତ୍ରାଙ୍ଗଦାକୁ ପଚାରିଲେ – କିଏ ତୁମେ ସୁତନ୍ୱୀ । କାହିଁକି ଏ ନିର୍ଜନରେ ବାସ କରୁଛ ?

ଦେବନନ୍ଦିନୀ ଚିତ୍ରାଙ୍ଗଦା ଏଇ ପ୍ରଶ୍ନରେ ପୁଣି ବେଦନାସିକ୍ତ ଦିନଗୁଡ଼ିକୁ ଯେପରି ଫେରି ଆସିଲା । ଭଗ୍ନ ହୃଦୟରେ ସେ ଉତ୍ତର ଦେଲା – ଅୟି, ସୁନ୍ଦରୀ, ମୁଁ ବିଶ୍ୱକର୍ମାର ଦୁହିତା ଚିତ୍ରାଙ୍ଗଦା । ଏହା ପରେ ସେ ତାର ଅତୀତର ଘଟଣାବଳୀକୁ ସେମାନଙ୍କ ଆଗରେ କହିଗଲା । ନିଜର କଥାଗୁଡ଼ିକ ଶୁଣି ବେଦବତୀ ବିସ୍ମୟ ହୋଇ କହିଲା – ତୁମେ ପରାହତ ହୋଇ ମୃତ୍ୟୁକୁ ଆଲିଙ୍ଗନ କରିବାକୁ ଯାଇଥିଲ ତୁମ ପ୍ରାଣ କଣ ଏତେ ମୂଲ୍ୟହୀନ ?

ଅବନତ ମୁଖୀ ହୋଇ ଚିତ୍ରାଙ୍ଗଦା କରୁଣ ହସ ସହିତ କହିଲା, ତୁମେ ହୁଏତ ଆଶ୍ଚର୍ଯ୍ୟ ହେଉଛ । କିନ୍ତୁ ଏହା ସବୁ ସତ୍ୟ । ସୁରଥଙ୍କ ସହିତ ମୋର ଅନେକ ଦିନରୁ ବିଚ୍ଛେଦ ଘଟିଛି । ତାଙ୍କୁ ପାଇବା ଆଶାରେ ସପ୍ତ ଗୋଦାବରୀ ତୀର୍ଥରେ ବହୁବର୍ଷ ଅତିବାହିତ କରିଛି । ଏଥର ଆସିଛି ଉତ୍ତର ଦିଗରେ ଅବସ୍ଥିତ ଏହି ତୀର୍ଥ ପ୍ରବର ପୁଷ୍କରକୁ । ତଥାପି ଏ ପର୍ଯ୍ୟନ୍ତ ତାଙ୍କର ଦେଖା ପାଇଲି ନାହିଁ । ଅଥଚ ସୁରଥ ହିଁ ମୋ ହୃଦୟର ଆନନ୍ଦ ସଂପାଦକ ଏବଂ ସେ ମୋର ପତି । ଚିତ୍ରାଙ୍ଗଦା ଏଥର ପଚାରିଲା, କୃଶୋଦରୀ, ଏଥର କୁହ ତୁମେ କିଏ ? କେଉଁ କାରଣରୁ ତୁମେ ଏଠାକୁ ଆଗମନ କରିଛ ?

ସୁଲୋଚନା ଗାନ୍ଧର୍ବୀ ଉତ୍ତର ଦେଲା – ମୋ ନାମ ବେଦବତୀ ଗନ୍ଧର୍ବ ପର୍ଜନ୍ୟଙ୍କ ଔରସରେ ଅପ୍ସରା ଘୃତାଚୀ ଗର୍ଭରୁ ମୁଁ ଜନ୍ମ ଗ୍ରହଣ କରିଛି । ସ୍ୱୟଂ ବ୍ରହ୍ମା କହିଛନ୍ତି, ମୁଁ ମହାତ୍ମା ମନୁଙ୍କ ପୁତ୍ର ବୀର୍ଯ୍ୟଶାଳୀ ଇନ୍ଦ୍ରଦ୍ୟୁମ୍ନଙ୍କର ମହିଷୀ ହେବି ।

ଚିତ୍ରାଙ୍ଗଦା ଅତ୍ୟନ୍ତ ବିସ୍ମୟରେ ଉଚ୍ଚ ସ୍ୱରରେ କହି ଉଠିଲା, ଘୃତାଚୀ ତୁମର ମା ? ଆତ୍ମାର ସଂପର୍କରେ ଆମେ ଦୁହେଁ ଭଉଣୀ । କିନ୍ତୁ କି ଆଶ୍ଚର୍ଯ୍ୟ ଗର୍ଭଧାରିଣୀ ଘୃତାଚୀର ପରିଚୟରେ ଆମେ ପରିଚିତ ନୁହେଁ । ଆମ ଦୁହିଁଙ୍କର ଭାଗ୍ୟ ବିପର୍ଯ୍ୟସ୍ତ । ବେଦବତୀ, ତୁମର ଜୀବନ ବୃତ୍ତାନ୍ତ ଏଥର ଶୁଣିବି । ଆସ, ଆଗେ ଆମେ ସ୍ତନ ସୁଧାଦାୟିନୀ ମାତୃ ଦେବୀଙ୍କ ସ୍ମରଣ କରି ଆଲିଙ୍ଗନ ବଦ୍ଧ ହେବା । ଅପସରା ମାନଙ୍କର ଜୀବନ ବଡ଼ ବିଚିତ୍ର । ସମ୍ମାନ ଓ ଅସମ୍ମାନ ଭିତରେ ସେମାନଙ୍କ ଅବସ୍ଥାନ । ଦେବଯୋନି ବିଶିଷ୍ଟା ହେବା ସତ୍ତ୍ୱେ ବି ଏମାନଙ୍କୁ କେହି ଦେବୀ କହନ୍ତି ନାହିଁ । ଗନ୍ଧର୍ବଙ୍କ ସ୍ତ୍ରୀ ବୋଲି ପରିଚିତ ହେବା ସତ୍ତ୍ୱେ ବି ଅପ୍ସରାମାନଙ୍କର କୌଣସି ନିର୍ଦ୍ଦିଷ୍ଟ ସ୍ୱାମୀ ବା ପତି ନାହାନ୍ତି । ପେଶାରେ ନୃତ୍ୟ ଗୀତ ପଟ୍ଟୀୟସୀ ଅପ୍ସରାଗଣ ସ୍ୱର୍ଗବେଶ୍ୟା । ଦେବତା, ଦାନବ, ଯକ୍ଷ, ମାନବ ସମସ୍ତେ ଏମାନଙ୍କୁ ଭୋଗ୍ୟବସ୍ତୁ ରୂପେ ବ୍ୟବହାର କରନ୍ତି । ଅବାରିତ ଯୌନ ସଂସର୍ଗର କାରଣରୁ କେବେ ଦେବତା ଔରସରୁ କେବେ ଗନ୍ଧର୍ବ ଔରସରୁ କେବେ ମଧ୍ୟ ମୋହଗ୍ରସ୍ତ ମୁନି ଋଷିମାନେ ଏମାନଙ୍କ ଗର୍ଭରେ ପୁତ୍ର ବା କନ୍ୟା ସନ୍ତାନ ଉତ୍ପାଦନ କରିଛନ୍ତି । ଏଇ ଯେମିତି ସ୍ୱର୍ଗର ଛଅଜଣ ଶ୍ରେଷ୍ଠ ଅପ୍ସରାଙ୍କ ମଧ୍ୟରୁ ଅନ୍ୟତମା ଘୃତାଚୀର

ଏକ କନ୍ୟା ଚିତ୍ରାଙ୍ଗଦାର ପିତା ଦେବ ବିଶ୍ୱକର୍ମା। ଅପର କନ୍ୟା ବେଦବତୀର ଜନକ ଗନ୍ଧର୍ବ ପର୍ଜନ୍ୟ। କିନ୍ତୁ ଏହି କନ୍ୟା ସନ୍ତାନର ଜନକମାନେ ଘୃତାଚୀକୁ ସହଧର୍ମିଣୀର ମର୍ଯ୍ୟାଦା ଦେଇ ନାହାନ୍ତି। ଏହି ନିଷ୍ଠୁର ଅବମାନନା ସତ୍ତ୍ୱେ ବି ଘୃତାଚୀର ମାତୃତ୍ୱ କନ୍ୟା ଦୁହିଁଙ୍କ ପାଇଁ ଶୋକ ସଂଯୁକ୍ତ। ନିରୁଦ୍ଦିଷ୍ଟ କନ୍ୟା ମାନଙ୍କୁ ଅନ୍ୱେଷଣ କରି କରି ସେ ଉଦୟଗିରିରେ ଉପସ୍ଥିତ ହୋଇଛନ୍ତି। ହଠାତ୍ କପି ଶରୀର ବିଶ୍ୱକର୍ମାଙ୍କ ସହିତ ତାଙ୍କର ଏଠାରେ ଦେଖା ହୋଇଗଲା। ମାତା ଘୃତାଚୀ କନ୍ୟାମାନଙ୍କ ସଂପର୍କରେ ସୁସମ୍ବାଦ ପାଇବା ଆଶାରେ ପଚାରିଲେ, ହେ ଶାଖାମୃଗ ବିଶ୍ୱକର୍ମା ଦେବତା, ତୁମେ ସତ କୁହ, ମୋ କନ୍ୟାମାନେ କେଉଁଠି ? ତୁମେ ତାଙ୍କୁ ଦେଖିଛ କି ? କପିବର ମୃଦୁ ହସି ଉତ୍ତର ଦେଲେ, ସତ କହୁଛି ମୁଁ ସେମାନଙ୍କୁ ଥରେ ଦେଖିଥିଲି। ସେତେବେଳେ ସେମାନେ ପଶୁପକ୍ଷୀ ସମନ୍ୱିତ କାଳିନ୍ଦୀ ନଦୀର ପବିତ୍ର ତୀରରେ ଶ୍ରୀକଣ୍ଠ ମନ୍ଦିର ପାଖରେ ରହୁଥିଲେ।

ଏକଥା ଶୁଣି ଘୃତାଚୀ ସ୍ଥିର କଲେ, ସେ ଏବେ ଯାଇ ପରମ ପବିତ୍ର ସେଇ ସ୍ରୋତସ୍ୱିତୀ ପାଖକୁ ଯିବେ। ଏହି ଅଭିପ୍ରାୟ ଜାଣି ବାନର ପତି ମଧ ଘୃତାଚୀର ଅନୁଗମନ କଲେ। ଏହାପରେ ସେମାନେ ବହୁପଥ ଅତିକ୍ରମ କରି କାଳିନ୍ଦୀ ନଦୀ କୂଳରେ ଉପସ୍ଥିତ ହେଲେ।

ପବିତ୍ର କାଳିନ୍ଦୀ ନଦୀ ତଟରେ ଏହି ସମୟରେ ଅବସ୍ଥାନ କରିଥିଲେ ମହର୍ଷି ଋତୁଧ୍ୱଜ ଏବଂ ତାଙ୍କ ପୁତ୍ର ଜାବାଳୀ। କପିକୁ ଦେଖିବା ମାତ୍ରେ ଜାବାଳୀ ତାଙ୍କ ପିତାଙ୍କୁ କହିଲେ – ତାତ, ଏହି ବେଗବାନ ବଳବାନ ଓ ଦୁଷ୍ଟମତି ବାନର ଯେ ପୂର୍ବରୁ ଆମକୁ ଜଟା ପାଶରେ ବଟ ବୃକ୍ଷରେ ବାନ୍ଧି ରଖିଥିଲା।

ଋତୁଧ୍ୱଜ ଆଶ୍ଚର୍ଯ୍ୟ ହୋଇ ବାନରକୁ ନିରୀକ୍ଷଣ କରି କହିଲେ – ହେ ମହାବଳ, କେଉଁ ବ୍ୟକ୍ତିକୁ ବଧ ବା ବନ୍ଧନ କରିବା କାହାର କର୍ତ୍ତବ୍ୟ ହୋଇ ନପାରେ, ତଥାପି ବଧ ଓ ବନ୍ଧନ, ପୂର୍ବ କର୍ମଫଳ ଯୋଗୁ ହୋଇଥାଏ। ତୁମେ ଅକାରଣେ ମୋର ପ୍ରିୟ ପୁତ୍ରକୁ ଜଟା ଜୁଟ ଦ୍ୱାରା ବାନ୍ଧି ରଖିଥିଲ। ବହୁ ଚେଷ୍ଟା ସତ୍ତ୍ୱେ କେହି ବି ଜାବଳୀକୁ ମୁକ୍ତ କରି ପାରିନି। ଶେଷକୁ ଶାକଳନଗରର ରାଜା ମହାବଳ ଇନ୍ଦ୍ରଦ୍ୟୁମ୍ନଙ୍କ ଭ୍ରାତା ନରପତି ଇକ୍ଷ୍ୱାକୁ ଙ୍କ ପୁତ୍ର ବୀର ଶକୁନି, ଅର୍ଦ୍ଧ ଚନ୍ଦ୍ର ଶର ପ୍ରୟୋଗ କରି ସେଇ ବୃକ୍ଷକୁ ତିନି ଖଣ୍ଡ କଲେ। ମୋ ପୁତ୍ର ଏବେ ବି ସେଇ ଖଣ୍ଡିତ ଶାଖାଟି ମସ୍ତକରେ ବହନ କରିଛି। ହେ ବାନର ପତି, ତୁମର ବନ୍ଧନ ତୁମେ ହିଁ ମୋଚନ କରିଦିଅ। ତୁମ ବିନା କେହି ଏହି କାମ କରିପାରିବ ନାହିଁ। ଋଷି ଶ୍ରେଷ୍ଠଙ୍କର ଏପରି ଆଦେଶ ଓ ଅନୁରୋଧ ଶୁଣି ବାନର ଧୀରେ ଧୀରେ ଜାବଳୀଙ୍କ ଜଟାଭାର ଉନ୍ମୋଚନ କରିଦେଲେ। ଆନନ୍ଦିତ ଓ ସନ୍ତୁଷ୍ଟ ଋତୁଧ୍ୱଜ ଗଭୀର ପ୍ରିତି ସହକାରେ ବୃକ୍ଷଚରକୁ କହିଲେ, ତୁମର ଆକାଂକ୍ଷିତ ଯେ କୌଣସି ବର ଗ୍ରହଣ କର। ମୁଁ ତୁମକୁ ପ୍ରଦାନ କରିବି। ମହର୍ଷିଙ୍କ କଥା ଶୁଣି ଇତରଯୋନିରେ ନିପତିତ ମହାତେଜା ବିଶ୍ୱକର୍ମା କହିଲେ, ହେ ବ୍ରାହ୍ମଣ, ଆପଣ ଯଦି ମୋତେ ଯଥା ଅଭିଳକ୍ଷିତ ବରଦାନ କରିବାକୁ ଇଚ୍ଛୁକ, ତାହେଲେ ଯେଉଁ ଭୟଙ୍କର ଅଭିଶାପ ଆପଣ ଦେଇଛନ୍ତି ତାହା ଫେରାଇ ନିଅନ୍ତୁ। ମୁଁ ଶିଳ୍ପ ଦେବତା ବିଶ୍ୱକର୍ମା। ପୁଣି ଆପଣଙ୍କ ଆଶ୍ରିତା ଚିତ୍ରାଙ୍ଗଦାର ପିତା। କନ୍ୟାକୁ ଅଭିଶାପ ଦେଇଥିଲି ବୋଲି କ୍ରୋଧ ବଶତଃ ଆପଣ ମୋତେ ଅଭିଶାପ ଦ୍ୱାରା ବାନର ଶରୀରରେ ରୂପାନ୍ତରିତ କରିଥିଲେ। ଅତଃ ପର ମର୍କଟ ଶରୀର ପ୍ରାପ୍ତ ହୋଇ ଚପଳତା ହେତୁ ମୁଁ ବହୁବିଧ ଅପକର୍ମ କରିଛି। ଯେମିତି ଆପଣଙ୍କ ପୁତ୍ରକୁ ଅହେତୁକ ବାନ୍ଧି ରଖିଥିଲି। ଆପଣଙ୍କ ନିକଟରେ ପ୍ରାର୍ଥନା, ସେହି ଅଜ୍ଞାନତା ଜନିତ ଦୋଷ ସମୂହ ଯେପରି କ୍ଷୟ ପ୍ରାପ୍ତ ହୁଏ।

ବିଶ୍ୱକର୍ମାଙ୍କ ମନୋବାଞ୍ଛା ଜାଣି ପ୍ରୀତ ସନ୍ତୁଷ୍ଟ ମୁନିବର କହିଲେ – ତଥାସ୍ତୁ। ତୁମେ ଯେତେବେଳେ ଘୃତାଚୀ ଗର୍ଭରୁ ଏକ ମହାବଳଶାଳୀ ପୁତ୍ର ଉତ୍ପାଦନ କରିବ, ସେତେବେଳେ ତୁମର ଶାପ ମୋଚନ ହେବ। ମୁଁ ତୁମକୁ ଆଶୀର୍ବାଦ କରୁଛି।

ଏହି କଥା ବଳିଶ୍ରେଷ୍ଠ ଶାଖାମୃଗ ବିଶ୍ୱକର୍ମା ନିଜ କନ୍ୟାର ଜନନୀ ଘୃତାଚୀକୁ କାମନାପର ହୋଇ ପ୍ରସନ୍ନ ଚିତ୍ତରେ ଆହ୍ୱାନ କଲେ। ଯଦିଓ ତନ୍ୱୀ ଅପ୍ସରା ସେତେବେଳେ ଦୁଇକନ୍ୟାଙ୍କ ସଂସର୍ଗ ଲାଭ ପାଇଁ ଉନ୍ମନା ହୋଇଛନ୍ତି। କିନ୍ତୁ ସେମାନେ କେହି ଶ୍ରୀକଣ୍ଠ ସଦନରେ ନାହାନ୍ତି ବୋଲି ଜାଣି ଅଗତ୍ୟା ଦେବଶିଳ୍ପୀଙ୍କ ଇଙ୍ଗିତର ଉତ୍ତର ଦେଇ କୋଳାହଳ ନାମକ ଏକ ବିଖ୍ୟାତ ପର୍ବତ ଶ୍ରେଷ୍ଠରେ ବିଶ୍ୱକର୍ମା ଘୃତାଚୀ  ସହିତ ଯାତ୍ରା କଲେ ରତି ବିହାର ଉଦ୍ଦେଶ୍ୟରେ।

ଏ ଦିଗରେ ସପ୍ତ ଗୋଦାବରୀ ତୀର୍ଥରେ ପୁନରାଗମନ ପୂର୍ବରୁ ଋତୁଧ୍ୱଜ ପୁତ୍ର ସହ ପୃଥିବୀ ପରିଭ୍ରମଣରେ ପହଞ୍ଚିଲେ ବଦରିକା ଆଶ୍ରମରେ।

ସେଠାରେ ତପୋବନରେ କୃଶ, ଦୀନ ଭାବାପନ୍ନ, ଜଟା ଜୁଟ ଧାରୀ ରାଜା ସୁରଥଙ୍କ ସହିତ ତାଙ୍କର ଦେଖା ହେଲା।

ତପସ୍ୱୀ ଋତୁଧ୍ୱଜ ଶୋକାର୍ତ୍ତ ସୁରଥଙ୍କୁ ଆଶ୍ୱସ୍ତ କରି କହିଲେ, ହେ ଭଗବାନ ଶୋକ ପରିହାର କର। ତୁମେ ଯେଉଁ ଚିତ୍ରାଙ୍ଗଦାକୁ ନୈମିଷ୍ୟାରଣ୍ୟରେ ଦେଖିଥିଲ, ତାକୁ ମୁଁ ସପ୍ତ ଗୋଦାବରୀ ତୀରରେ ଦେଖି ଆସିଛି। ମୋ ସହିତ ସେଠାକୁ ଚାଲ। ମୁଁ ତୁମର ପ୍ରିୟାନୁଷ୍ଠାନ କରିବି।

ଆଜି ଋତୁଧ୍ୱଜ ଆଦି ଶ୍ରେଷ୍ଠ ନରମାନେ ରଥାରୋହଣ କରି ସପ୍ତ ଗୋଦାବରୀକୁ ଆସିଛନ୍ତି। ମଧ୍ୟାହ୍ନ ସମୟରେ ଆସିଥିବାରୁ ସମସ୍ତେ ପରିଶ୍ରାନ୍ତ ଓ ତୃଷାର୍ତ୍ତ। ଏହାପରେ ସେମାନେ ତୀର୍ଥୋଦକ ପାନ କରି ତୃପ୍ତି ଲାଭ କରି ପରମ ପ୍ରଶସ୍ତ ହଟକେଶ୍ୱର ଦେବାଳୟ ଅଭିମୁଖେ ଗମନ କଲେ। ଅଶ୍ୱପଦ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଲା। ଚିତ୍ରାଙ୍ଗଦା ଏବଂ ଅନ୍ୟାନ୍ୟ ବିଦୁଷୀ ରମଣୀଗଣ କଣ ହେଉଛି ଦେଖିବା ପାଇଁ ମନ୍ଦିର ଉପରିସ୍ଥ ପ୍ରକୋଷ୍ଠର ବାହାରେ ଆସି ଠିଆ ହେଲେ। ତୀର୍ଥ ଜଳ ଦ୍ୱାରା ସିଞ୍ଚିତ ନର ପୁଙ୍ଗବମାନଙ୍କୁ ଦେଖି ପୁଲକ- ହାସ୍ୟ ଲାସ୍ୟରେ ମୋହିତ ହୋଇ ଉଠିଲେ – ଦେବବତୀ ଦମୟନ୍ତୀ ପ୍ରମୁଖ ଶୁଭାଙ୍ଗନା ମାନେ। ଜଟା ମଣ୍ଡଳ ଧାରୀ ସୁରଥଙ୍କୁ ଦେଖି ଚିତ୍ରାଙ୍ଗଦା ଅନ୍ୟ ତିନି କନ୍ୟାଙ୍କୁ କହିଲା – ଦେଖ, ଦେଖ ଏଇ ଯେ ଶ୍ୟାମଜଳଦ ସମ ମହାବାହୁ ଯୁବା ପୁରୁଷ ଦେଖା ଯାଉଛନ୍ତି। ଯାହାଙ୍କ ରୂପ ଅତି ମନୋହର। ଏହି ରାଜନନ୍ଦନଙ୍କୁ ମୁଁ ସ୍ୱାଧୀନ ଭାବରେ ପତି ରୂପେ ଗ୍ରହଣ କରିଥିଲି।

ତ୍ରୈଲୋକ୍ୟ ପତି ଭଗବାନ ହଟକେଶ୍ୱରଙ୍କୁ ଯଥାବିହିତ ପୂଜା ନିବେଦନ କଲେ ସମବେତ ପାର୍ଥିବ ଅପାର୍ଥିବ ଗଣ। ଚାରୁଶୀଳା ଲଳନାମାନେ ଦେବାଧି ଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯେତେବେଳେ ଗୀତ ଗାଇବାକୁ ଆରମ୍ଭ କଲେ, ସେତେବେଳେ ସୁବେଦ ନନ୍ଦନ ସୁରଥ ବିଶ୍ୱକର୍ମା ନନ୍ଦିନୀ ଚିତ୍ରାଙ୍ଗଦକୁ ଦେଖି ଦୃଷ୍ଟିଚିତ୍ତ ହେଲେ। ତାଙ୍କର ବିରହ କାତର ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇ ଉଠିଲା।

ଏହି ସମୟରେ କପିବର ବିନ୍ଧ୍ୟପର୍ବତ ଅତିକ୍ରମ କରି ଘୃତାଚୀକୁ ଧରି ସପ୍ତ ଗୋଦାବରୀରେ ଉପସ୍ଥିତ ହେଲେ। ଜନ୍ମଦାତ୍ରୀ ଶୁଭଦର୍ଶନୀ ଘୃତାଚୀ ପାଖରେ ଥାଇ ପରମ ପ୍ରଶାନ୍ତି ଲାଭ କଲେ ଚିତ୍ରାଙ୍ଗଦା ଓ ବେଦବତୀ। ଆଉ ଝିଅ ଦୁଇଟିକୁ ନିକଟରେ ପାଇଁ ଆଲିଙ୍ଗନ ପୂର୍ବକ ବାରମ୍ବାର ମସ୍ତକ ଆଘ୍ରାଣ କରିବାକୁ ଲାଗିଲେ ଅପ୍ସରା ଶ୍ରେଷ୍ଠା ଜନନୀ ।

କ୍ରମେ କ୍ରମେ ଋତୁଧ୍ୱଜଙ୍କ ନିର୍ଦ୍ଦେଶରେ ସେହି ଦେବ ସ୍ଥାନରେ ସମାଗତ ହେଲେ ଦେବବତୀର ଜନ୍ମଦାତା ଦୈତ୍ୟଶ୍ରେଷ୍ଠ କନ୍ଦରମାଳୀ, ଦମୟନ୍ତୀର ଜନକ ଯକ୍ଷ ଅଞ୍ଜନ ଏବଂ ବେଦବତୀର ପିତା ଗନ୍ଧର୍ବ ପର୍ଜନ୍ୟ। ସ୍ନେହାର୍ଦ୍ର ନୟନରେ କନ୍ୟାମାନଙ୍କୁ ଦେଖି ଚିତ୍ରାଙ୍ଗଦା ଅଶ୍ରୁଜଳ ପୂର୍ଣ୍ଣା ନୟନା ହେଲେ। ଗଭୀର ଶୋଚନାରେ ଭାବିଲେ, ସମସ୍ତେ ଆସିଛନ୍ତି ଆଉ ମୋର ପିତା ବିଶ୍ୱକର୍ମା କେଉଁଠି ? ସେ କାହିଁକି ଆସି ନାହାନ୍ତି ?

ଆବେଗ କମ୍ପିତ ଚିତ୍ରାଙ୍ଗଦାର ମନର ଆକାଂକ୍ଷାକୁ ଅନୁଭବ କରି ତାକୁ ସାନ୍ତ୍ୱନା ଦେଇ ଋତୁଧ୍ୱଜ କହିଲେ, ପୁତ୍ରୀ ତୁମେ ବିଷନ୍ନ ହେଉଛ କାହିଁକି ?

ଏଠାରେ ଉପସ୍ଥିତ ଏଇ ବାନର ପତି ହିଁ ତୁମର ପିତୃଦେବ। ଅଶ୍ରୁତ୍ୟାଗ କରି ଚିତ୍ରାଙ୍ଗଦା ଗଭୀର ବିଷାଦରେ କହିଲା – ମହର୍ଷି ହାୟ, ଏହି ବୃକ୍ଷରେ ମୋ ପିତା। ମୁଁ ଏକ କୁପୁତ୍ରୀ ହୋଇଥିବା ଯୋଗୁଁ ମୋ ପିତାଙ୍କର ଏତେ ନୀଚ ପରିଣତି ହୋଇଛି। ହେ ବ୍ରହ୍ମନ୍, ମୁଁ ପିତୃହନ୍ତୀ। ମୁଁ ଏକ୍ଷଣି ଶରୀର ତ୍ୟାଗ କରି ମୃତ୍ୟୁବରଣ କରିବାକୁ ଚାହେଁ।

ଅଶେଷ ସାନ୍ତ୍ୱନା ବର୍ଷଣ କରି ଚିତ୍ରାଙ୍ଗଦାକୁ ଯୋଗୀ ଶ୍ରେଷ୍ଠ କହିଲେ – କାହିଁକି ବିଷାଦଗ୍ରସ୍ତା ହୋଇ ଦେହତ୍ୟାଗ କରିବ ? ମୁଁ କହୁଛି ତୁମର ବିନାଶ ନାହିଁ। ମୁଁ ତୁମ ପିତାଙ୍କୁ ମୁଁ ଏବେ ଆଶୀର୍ବାଦ କରୁଛି, ପୁନରାୟ ସେ ବିଶ୍ୱକର୍ମା ରୂପ ପ୍ରାପ୍ତ ହୁଅନ୍ତୁ।

ମହର୍ଷିଙ୍କ କଥା ଶୁଣି ଘୃତାଚୀ କନ୍ୟାକୁ କହିଲେ, ତୁମେ ଶୋକ ପରିତ୍ୟାଗ କର। ଏହା ନିଃସନ୍ଦେହ ଯେ, ପ୍ରଣମ୍ୟ ଋତୁଧ୍ୱଜଙ୍କ ଆଶୀର୍ବାଦରୁ ଦଶମାସ ମଧ୍ୟରେ ମୋ ଗର୍ଭରୁ ତୁମ ପିତୃତୁଲ୍ୟ ଏକ ପୁତ୍ର ଉତ୍ପନ୍ନ ହେବ।

ନିଜ ମା, ମୁହଁରୁ ଏକଥା ଶୁଣି ହର୍ଷଚିତ୍ତ ହୋଇ ନିଜର ବିବାହ ଏବଂ ନିଜ ପିତାଙ୍କର ପୂର୍ବ ରୂପ ଦର୍ଶନ ପ୍ରତୀକ୍ଷାରେ କାଳଯାପନ କଲେ। ଏହାପରେ ଦଶମାସ ଅତିକ୍ରାନ୍ତ ହେବା ପରେ ଘୃତାଚୀ ସେହି ଗୋଦାବରୀ ତୀରେ ଏକ ପୁତ୍ର ପ୍ରସବ କଲେ। ଏହି ପୁତ୍ରର ନାମ ନନ୍ଦ। ପୁତ୍ର ଜନ୍ମ ହେବା ପରେ ବିଶ୍ୱକର୍ମାଙ୍କର କପିତ୍ୱ ମୋଚନ ହେଲା। ଦେବଶିଳ୍ପୀ ଆଦର ପୂର୍ବକ କନ୍ୟାକୁ ଆଲିଙ୍ଗନ କରି କହିଲେ, ଭ୍ରମ ଓ ଅହଂକାର ବଶତଃ ଯେଉଁ ଶାନ୍ତି-ସନ୍ତାପ ଆମେ ଭୋଗୁଥିଲେ। ତାହାର ଆଜିଠାରୁ ପରିସମାପ୍ତି ଘଟିଲା। ମୁଁ ପ୍ରୀତ। ତୁମେ ବି ଆନନ୍ଦିତା। ଏବେ ଲୋକାଚାର ନିର୍ଦ୍ଦେଶିତ ଶସ୍ତ୍ରୋକ୍ତ ବିଧିରେ ସୁରଥଙ୍କ ସହିତ ତୁମର ଶୁଭପରିଣୟ ସଂପନ୍ନ ହେବ, ହେ ମୋର ପ୍ରାଣ ପୁତ୍ତଳିକା, ତୁମେ ଦେହ ମନରେ ପ୍ରସ୍ତୁତ ହୁଅ।

ଆଲିଙ୍ଗନ ବଦ୍ଧ ପିତାଙ୍କ ପ୍ରଶସ୍ତ ବକ୍ଷରେ ମଥା ରଖି ଚିତ୍ରାଙ୍ଗଦା ଶାନ୍ତ ଅଥଚ ଦୃଢ଼ କଣ୍ଠରେ କହିଲା – ଲୋକ ସମକ୍ଷରେ ପ୍ରଥାଗତ କନ୍ୟା ସଂପ୍ରଦାନ ମାଲ୍ୟଦାନ ଅପେକ୍ଷା ହୃଦୟ ବନ୍ଧନ କଣ ମୂଲ୍ୟହୀନ !

ଆତ୍ମଜାର ଏହି ପ୍ରଶ୍ନର ଉତ୍ତର ବିଶ୍ୱକର୍ମାଙ୍କୁ ଅଜଣା ନଥିଲା। ମସ୍ତିଷ୍କଠାରୁ ହୃଦୟର ସ୍ଥାନ ଉଚ୍ଚରେ। ମସ୍ତିଷ୍କ ବିଚାର ଓ ବର୍ଜନ କରିପାରେ। କିନ୍ତୁ ହୃଦୟର ଧର୍ମ ଆତ୍ମସ୍ଥ କରିବା, ଆକର୍ଷଣ କରିବା, ଦୁଃଖଜିତା କନ୍ୟାର ମସ୍ତକରେ ହାତ ରଖି ବିଶ୍ୱକର୍ମା କହିଲେ, ମନୁଷ୍ୟର ସମସ୍ତ ଭାବ ମଧ୍ୟରେ ପ୍ରଣୟର ସ୍ଥାନ ସର୍ବ ପ୍ରଥମ। ତାପରେ କାମ। ପ୍ରେମ ଅନୁଭବବେଦ୍ୟ ଏକ ମହାଭାବ। କିନ୍ତୁ କାମ ଦେହଜାତ କ୍ରିୟା କଳାପ। ମୁଁ ପ୍ରଣୟକୁ ମହାନ୍ ରୂପେ ପ୍ରଣାମ ଜଣାଉଛି। "ପ୍ରଣାମାମି ପ୍ରଣୟମ୍।"

ଚିତ୍ରାଙ୍ଗଦା ପିତାଙ୍କ କଥାରେ ସାମାନ୍ୟ ଆଶ୍ୱସ୍ତ ହୋଇ ପୁଣି ଶାନ୍ତ ଭାବରେ ବିଶ୍ୱକର୍ମାଙ୍କୁ ପଚାରିଲା, ପ୍ରଣୟ ଯଦି ମହାଭାବ ହୁଏ, ତେବେ କେଉଁ ସତ୍ୟ ପ୍ରତିଷ୍ଠା ହେଲା ? ଅନୁତପ୍ତ ବିଶ୍ୱକର୍ମା ଉତ୍ତର ଦେବାରେ ଅକ୍ଷମ ହେଲେ। ସୁକନ୍ୟା ଏଥର ଅଶ୍ରୁସିକ୍ତ କଣ୍ଠରେ କହିଲା – ଆପଣଙ୍କ ବିବେଚନାହୀନ, କ୍ରୋଧପୂର୍ଣ୍ଣ ଅକାରଣ ଅଭିଶାପ ଯୋଗୁ ସୁରଥ ଏବଂ ମୋ ଯୌବନର ଅନେକ ଗୁଡ଼ିଏ ବର୍ଷ ଧ୍ୱଂସପ୍ରାପ୍ତ ହୋଇଛି। ସେହି ନଷ୍ଟ ବର୍ଷଗୁଡ଼ିକ କିପରି ପୁନଃପ୍ରାପ୍ତ ହେବ ପିତା ? କେଉଁ ମନ୍ତ୍ର ବଳରେ ଯୌବନର ସ୍ୱପ୍ନଜାତ ମୁହୂର୍ତ୍ତଗୁଡ଼ିକୁ ପ୍ରତ୍ୟାଗତ ହେବ ? କୁହ ପିତା, କୁହ। ଦୁହିତାର ଏହି ଆର୍ତ୍ତ ଜିଜ୍ଞାସାରେ ନିର୍ମାଣର ଦେବତା ନିଜ ଅନ୍ତରରେ ଯେପରି ଭୟଙ୍କର ଧ୍ୱଂସର ଶବ୍ଦ ଶୁଣିପାରିଲେ।

*ଏଲ୍ ୩/୩ ଖାରବେଳ ନଗର*
*ଭୁବନେଶ୍ୱର -୧*

# ଛୁଆ ଖୁଡ଼ି

## ଉଷା ଶତପଥୀ

ପ୍ରତ୍ୟେକ ମଣିଷ ତାଙ୍କର ଜୀବନର ଦୀର୍ଘ ଚଲାପଥରେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସନ୍ତି । କିଛି ସମୟ ବା କିଛି ଦିନ ସେମାନଙ୍କର ସ୍ମୃତି ମନ ଭିତରେ ରହେ । ଧୀରେ ଧୀରେ ସେ ସ୍ମୃତି ଚିହ୍ନ ଆପେ ଆପେ ହୃଦୟରୁ ଲିଭିଯାଏ । ସେମାନଙ୍କ ଭିତରୁ କେତେଜଣ ଅତି ସାଧାରଣ ଲାଗିଲେ ବି ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ସବୁଦିନ ପାଇଁ ମନ ଭିତରେ ଆଙ୍କି ହୋଇ ରହିଯାଏ । ସେମିତି ଜଣେ ନାରୀ ହେଲେ 'ଛୁଆଖୁଡ଼ି' ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ମୋତେ ତାଙ୍କ ପ୍ରତି ଆକୃଷ୍ଟ କରିଥିଲା ।

ଛୁଆଖୁଡି ହେଉଛନ୍ତି ସମ୍ପର୍କରେ ମୋର ଖୁଡି ଶାଶୁ । ମୁଁ ଯେତେବେଳେ ଅବିନାଶଙ୍କୁ ବିବାହ କରି ତାଙ୍କ ଗାଁରେ ପାଦଦେଲି ସେ ପର୍ଯ୍ୟନ୍ତ ମୁଁ ନିଜ ଆଖିରେ ଗାଁ ଦେଖିନଥିଲି । ସହରରେ ମୋର ଜନ୍ମ । ମୋର ଶୈଶବ, କୈଶୋର ଓ ଯୌବନ ସବୁ ହିଁ କଟିଥିଲା ସହରରେ । କେବଳ ରଚନା ବହିର 'ପଲ୍ଲୀର ଦୃଶ୍ୟ'ରେ ହିଁ ମୋର ଗାଁ ବିଷୟରେ ଧାରଣା ସୀମିତ ଥିଲା । ତେଣୁ ଯେତେବେଳେ ଅବିନାଶଙ୍କ ସହ ମୋର ବିବାହ ସ୍ଥିର ହେଲା ମୁଁ ମନେ ମନେ ଆତଙ୍କିତ ହୋଇଯାଇଥିଲି । ମା, ମାଉସୀ, ଖୁଡି ଏମାନେ ମଧ୍ୟ ଗାଁର ଚଳଣି, ସେମାନଙ୍କର ଛୁଆଁ-ଅଛୁଆଁ ବାରଣ, ଛୋଟ ଛୋଟ କଥାରୁ ଖୁଣ ବାହାର କରିବା ଅଭ୍ୟାସ ବିଷୟରେ ମତେ ସଜାଗ କରିଦେଇଥିଲେ । ଅବିନାଶ ଯଦିଓ ସହରରେ ବ୍ୟାଙ୍କ ମ୍ୟାନେଜର ଭାବରେ ଚାକିରୀ କରୁଥିଲେ, ତାଙ୍କର ଗାଁ ଘର ବ୍ୟତୀତ କୌଣସି ସହରରେ ଘର ନଥିଲା । ତେଣୁ ଅଗତ୍ୟା ତାଙ୍କର ବଧୂ ହୋଇ ଗାଁକୁ ଯିବାକୁ ପଡ଼ିଥିଲା । ତେଣୁ ଅନାଗତ ଭବିଷ୍ୟତର କଳ୍ପନାରେ ଛାତିରେ ପଥର ଲଦି ମୁଁ ତାଙ୍କ ଘରେ ପାଦ ଦେଲି ।

ଘରେ ନପଶୁଣୁ ଚାଲ ବାଜିଲା ପରି ପ୍ରଥମ ଦିନ ହିଁ ମୁଁ ଏକ ବଡ଼ ବିପଦର ସମ୍ମୁଖୀନ ହେଲି । ଅବିନାଶଙ୍କ ଘରେ ଗାଧୁଆ ଘର ନଥିଲା । ତେଣୁ ବଡ଼ି ଅନ୍ଧାରରୁ ଶାଶୁ ମତେ ନିଦରୁ ଉଠାଇ ପୋଖରୀରେ ଗାଧୋଇବାକୁ ନେଇଗଲେ । ତାଙ୍କ ଘର ପଛପଟେ ତାଙ୍କର ନିଜସ୍ୱ ଗୋଟିଏ ବଗିଚା ଓ ତା' ମଧ୍ୟରେ ଗୋଟିଏ ପୁଷ୍କରିଣୀ ଥିଲା । ପୁଷ୍କରିଣୀକୁ ଯିବା ପାଇଁ ମଝିରେ ଦୁଇଜଣଙ୍କ ଘର ପାର ହୋଇଯିବାକୁ ପଡୁଥିଲା । ସେଇଘର ମଧ୍ୟରୁ ଗୋଟିଏ ଥିଲା ଛୁଆଖୁଡିଙ୍କ ଘର ।

ପ୍ରଥମ ଦିନ ଯେତେବେଳେ ଶାଶୁ ହାତରେ ଲଣ୍ଠନଧରି ମୋତେ ପୁଷ୍କ ଗାଡ଼ି ଗଡ଼ିଆ ପାଖକୁ ନେଇ ଯାଉଥିଲେ ସେତିକିବେଳେ ମୁଁ ଛୁଆଖୁଡିଙ୍କୁ ଭେଟିଥିଲି । ସେ ମଧ୍ୟ ଡିବି ଆଲୁଅରେ ତାଙ୍କର ମାଟି ଘରର ବାରଣ୍ଡା ଗୋବରରେ ଲିପୁଥିଲେ । ସେତେବେଳେ ତାଙ୍କ ସାଙ୍ଗରେ ମୋର ଆଳାପ ହୋଇନଥିଲା କି ମୁଁ ତାଙ୍କ ବିଷୟରେ କିଛି ଜାଣିନଥିଲି । ସେଦିନ ମୁଁ ପୋଖରୀରେ ଗାଧୋଇ ଓଦା ଲୁଗାରେ କେମିତି ଘରକୁ ଆସିଥିଲି ସେକଥା ଭାବିଲେ ଏବେବି ମୋ ଦେହ ଶୀତେଇ ଉଠୁଛି । କିନ୍ତୁ ସମୟକ୍ରମେ ସେସବୁ ମୋର ଅଭ୍ୟାସରେ ପଡିଯାଇଥିଲା ।

କିଛି ଦିନ ଭିତରେ ବନ୍ଧୁବାନ୍ଧବ ସବୁ ଯିଏ ଯାହା ଘରକୁ ଚାଲି ଯାଇଥିଲେ । ଅବିନାଶ ମଧ୍ୟ ତାଙ୍କ କର୍ମସ୍ଥଳୀକୁ ଫେରିଗଲେ । ଘରେ କେବଳ ଶାଶୁ-ଶ୍ୱଶୁର-ଦିଅର ଓ ନଣନ୍ଦ ରହିଗଲେ । ମତେ ଘରର ସବୁ କାମ କରିବାକୁ ପଡ଼ିଲାନି ଯେ ମୋର ପରୀକ୍ଷା ଆରମ୍ଭ ହୋଇଗଲା । ମାଟିହାଣ୍ଡିରେ କାଠଚୁଲିରେ ରୋଷେଇ କରିବା, ଘର ଲିପିବା, ଦହି ଗୋଳେଇବା ଏସବୁ ମତେ କରିବାକୁ ପଡିଲା । ଏସବୁ ମତେ କଷ୍ଟ ଲାଗୁଥିଲେ ବି ସେସବୁ ମୁଁ ଶୀଘ୍ର ଶିଖିଗଲି । ସବୁଠାରୁ କଷ୍ଟ ଲାଗୁଥିଲା କଂସାବାସନ ସବୁ ଖାଇ ସାରିବା ପରେ ମାଜିବା ପାଇଁ ଗଡିଆକୁ ନେଇଯିବା । ଖାଲି ପାଦରେ ଏତେ ଓଜନର ବାସନ ସବୁ ନେଇ ମୁଁ ଗଡିଆକୁ ଯାଉଥିଲି ଓ ମାଟିରେ ମାଜି ସଫା କରି ଓଦାଲୁଗାରେ ସେସବୁ ଧରି ଘରକୁ ଫେରୁଥିଲି । ମୋତେ ବହୁତ କଷ୍ଟ ହେଉଥିଲା କିନ୍ତୁ କାହା ଆଗେ କହିବି । ନଣନ୍ଦ ବିବାହିତ ଥିଲେ । କିଛି ଦିନ ରହି ସେ ତାଙ୍କ ଘରକୁ ଚାଲିଗଲେ । ଅବିନାଶ ଶନିବାର ରାତିକୁ ଆସନ୍ତି ଓ ସୋମବାର ସକାଳୁ ଚାଲି ଯାନ୍ତି । ଏପରି ପରିସ୍ଥିତିରେ ଛୁଆଖୁଡି ହିଁ ମୋତେ ଅନେକଟା ସାହସ ଓ ସାନ୍ତ୍ୱନା ଦେଉଥିଲେ । ଏବେ ତାଙ୍କ ସାଙ୍ଗରେ ମୋର ବେଶ ଘନିଷ୍ଠତା ହେଇଯାଇଥିଲା । ତାଙ୍କର ଦୁଃଖ-କଷ୍ଟ, ଅକ୍ଳାନ୍ତ ପରିଶ୍ରମ ହିଁ ମୋ ମନବଳକୁ ଦୃଢ଼ କରୁଥିଲା ।

ପ୍ରାୟ ପ୍ରତିଦିନ ସକାଳେ ଅବା ସନ୍ଧ୍ୟାରେ ତାଙ୍କ ସହ ମୋର ଗଡିଆକୂଳରେ ଭେଟ ହେଉଥିଲା । ଗଡିଆ ପାହାଚ ଉପରେ ବସି ସେ ତାଙ୍କର ପ୍ରତିଦିନର ସଂଘର୍ଷର କାହାଣୀ ମତେ ଶୁଣଉଥିଲେ । ମୋଠାରୁ

ବୟସରେ ସାତ, ଆଠ ବର୍ଷ ବଡ ହେବେ ସେ। ସେତେବେଳେକୁ ତାଙ୍କୁ ବତ୍ରିଶ, ତେତ୍ରିଶ ବର୍ଷ ହେବ। ବେଶ୍ ସୁନ୍ଦରୀ ଦେଖିବାକୁ। ହେଲେ ପାଞ୍ଚଟି ଛୁଆଙ୍କର ମା' ହୋଇସାରିଥିଲେ ସେ। କକେଇଙ୍କର ଦ୍ୱିତୀୟ ପକ୍ଷର ସ୍ତ୍ରୀ ତାଙ୍କଠାରୁ ଦଶବର୍ଷ ସାନ। ସୁଦୂର କଳାହାଣ୍ଡିରେ ଚାକିରୀ କରୁଥାନ୍ତି କକେଇ। ପିଲାଦିନୁ ପିତୃ ମାତୃହୀନ। ବଡ ଭାଇ ଭାଉଜ ହିଁ ତାଙ୍କର ଅଭିଭାବକ। ବଡ ଯାଆ ଅତ୍ୟନ୍ତ ରୁକ୍ଷ ସ୍ୱଭାବର। ଶାଶୁଠାରୁ ଅଧିକ ଶାସନ କରି ଛୁଆଖୁଡିଙ୍କୁ ରଖିଥାନ୍ତି ସେ। ଘର ଗୋଟକାର କାମ, ଧାନ ଉସୁଆଁ, ଧାନକୁଟାରୁ ଆରମ୍ଭ କରି ଘରର ସକଳ କାମ ତାଙ୍କ ଦ୍ୱାରା କରାନ୍ତି। କକେଇ ତ ବର୍ଷକୁ ଦୁଇଥର ମାତ୍ର ଆସନ୍ତି। ସେତେବେଳେ ତ ଗମନାଗମନର ଏତେ ସୁବିଧା ନଥିଲା। ଟଙ୍କା ପଠାନ୍ତି ବଡ ଭାଇନାଙ୍କୁ। ସେ ଟଙ୍କା ବଡଭାଇନା ତାଙ୍କ ପିଲାଙ୍କ ପାଠପଢ଼ାରେ ଖର୍ଚ୍ଚ କରନ୍ତି। ଛୁଆଖୁଡ଼ିଙ୍କ ହାତକୁ ଗୋଟିଏ ପଇସା ଆସେନି। ବଡଯାଆଙ୍କର ରାଜତ୍ୱ ଘରେ। ତାଙ୍କ ଆଗରେ କଥା କହିବାକୁ କାହାର ସାହସ ନାହିଁ। ରନ୍ଧାବଢ଼ା କରି ରଖନ୍ତି ଖୁଡି। କିନ୍ତୁ ନିଜ ପିଲାଙ୍କୁ ଖାଇବାକୁଦେବାବେଳକୁ ହାଣ୍ଡିରେ କିଛି ନଥାଏ। ହେଲେ ଖୁଡି ସେଥିରେ ହାରି ଯାଇନଥିଲେ । ମତେ ଥରେ କହିଲେ, ଜାଣିଲୁ ଅନୁ ଡରିଯିବ ଯିଏ ସିଏ ମରିଯିବ। ମୋର ପାଠପଢ଼ିବାକୁ ବହୁତ ଇଚ୍ଛା ଥିଲା। ହେଲେ ଗାଁରେ ସ୍କୁଲ ନଥିବାରୁ ନନା ମୋତେ ଅନ୍ୟ ଗାଁକୁ ଛାଡିଲେନି। ସପ୍ତମ ଶ୍ରେଣୀରୁ ମୋର ପାଠରେ ଡୋରି ବନ୍ଧା ହେଲା। ହେଲେ ମୋ ପିଲାଙ୍କୁ ମୁଁ ବହୁତ ପାଠ ପଢ଼େଇବି। ଯେତେ ହଇରାଣ କଲେ ବି ମୁଁ ଡରିଯିବିନି। ମାଗି ଯାଚି ମୁଁ ମୋ ପିଲାଙ୍କୁ ପାଠ ପଢ଼େଇବି। ଛୁଆ ଖୁଡିଙ୍କର ଧୈର୍ଯ୍ୟ, ସହନଶୀଳତା ଓ ପରିସ୍ଥିତି ସଙ୍ଗେ ବୁଝାମଣା କରି ନିଜ ଲକ୍ଷ ପଥରେ ଆଗେଇବାର ଦୃଢ଼ ସଂକଳ୍ପ ହିଁ ତାଙ୍କ ପ୍ରତି ଆକୃଷ୍ଟ କରିଥିଲା ମୋତେ। ପ୍ରକୃତରେ ସେ ଏତେକାମ ଭିତରେ ବି ପିଲାଙ୍କୁ ଗୋଡେ ଗୋଡେ ଜଗିଥାନ୍ତି। ସକାଳୁ ଗଡିଆକୁ ଗଲାବେଳକୁ ଅଖା ଖଣ୍ଡେ ଖଣ୍ଡେ ପକେଇ ପୁଅ ତିନିଜଣ ବାଡିଦୁଆରେ ବହିଧରି ବସିଥିବେ। ଖୁଡି ପିଣ୍ଡା ଲିପୁଥିବେ। ଗିନାରେ ମୁଢ଼ି ଗଣ୍ଡେ ଗଣ୍ଡେ ଧରିଥିବେ ସେମାନେ। ସାତଛିଣ୍ଡା ଲୁଗାକୁ ଦେହରେ ଗୁଡେଇଥିବେ ଖୁଡି। ବେଳେବେଳେ ଆମ ଘରକୁ ଆସି ମୋ ଶାଶୁଙ୍କ ପାଖରୁ ପଇସା ଧାରନିଅନ୍ତି। ପିଲାଙ୍କ ପରୀକ୍ଷା ଫିସ୍ ଦେବାକୁ ଗରା, କୁଣ୍ଡ ଆଣି ଶାଶୁଙ୍କ ପାଖରେ ବନ୍ଧା ଦିଅନ୍ତି। ଏମିତି ଚାଲିଥାଏ ତାଙ୍କ ସଂସାର। ପିଲାମାନେ କିନ୍ତୁ ଭଲ ପାଠ ପଢ଼ନ୍ତି।

ଦିନ ଗଡିଚାଲିଥାଏ। ମୁଁ ବି ଏ ଭିତରେ ଗାଁ ଚଳଣୀରେ ଅଭ୍ୟସ୍ତ ହୋଇ ଯାଇଥାଏ। ଗୋଟିଏ ପୁତ୍ର ସନ୍ତାନର ମା ବି ହୋଇ ଯାଇଥାଏ। ଖୁଡିଙ୍କର ବଡପୁଅ ମ୍ୟାଟ୍ରିକ ଟପର ହୋଇ ରେଭେନ୍ସା କଲେଜରେ ପଢୁଥାଏ। ଏତିକି ବେଳେ ଅବିନାଶଙ୍କର ଟ୍ରାନ୍ସଫର ହୋଇଗଲା ମାଲଦା। ଦିଅରଙ୍କର ବି ବାହାଘର ସରିଥାଏ। ତେଣୁ ମୋର ଘରୁ ଗୋଡ କାଢ଼ିବାରେ ଆଉ ବାଧା ନଥିଲା। ମୁଁ ଅବିନାଶଙ୍କ ସହ ଚାଲିଗଲି ମାଲଦା। ମାଲଦାରେ ଦୁଇବର୍ଷ ରହିବା ଭିତରେ ଆମେ ଗାଁକୁ ଦୁଇଥର ଆସିଥିଲୁ। ସେତେବେଳେ ଛୁଆଖୁଡିଙ୍କର ବଡପୁଅ ଦେବାଶୀଷ ଆଇଆଇଟି ଖଡଗପୁରରେ ଇଂଜିନିୟରିଂ ପଢ଼ିବାକୁ ଚାଲିଯିବା ଖବର ଶୁଣି ମୁଁ ବହୁତ ଖୁସି ହୋଇଥିଲି।

ସମୟର ଶ୍ରୋତ କାହାକୁ ଅପେକ୍ଷା କରେନି। ସେଇ ଶ୍ରୋତରେ ଭାସି ଭାସି ଆମେ ଓଡ଼ିଶା ବାହାରେ ସହର ପରେ ସହର ବୁଲି ଚାଲିଲୁ। ଆଉ ଗୋଟିଏ ପୁତ୍ରସନ୍ତାନର ଜନନୀ ହୋଇ ସାରିଥିଲି ମୁଁ। ଦୁଇ ପୁଅଙ୍କର ପାଠପଢ଼ା ଓ ଅବିନାଶଙ୍କର ଚାକିରୀ ନେଇ ଆମେ ଆଉ ବେଶୀ ଗାଁକୁ ଆସି ପାରୁନଥିଲୁ।

ସମୟକ୍ରମେ ଅନେକ ପରିବର୍ତ୍ତନ ହୋଇଯାଇଥିଲା। ଶାଶୁ, ଶ୍ୱଶୁରଙ୍କ ଦେହାନ୍ତ ବି ହୋଇଗଲା। ସେହି ସମୟରେ ଆମେ ଗାଁକୁ ଆସିଥିଲୁ। ଗାଁର ବି କାୟାର ପରିବର୍ତ୍ତନ ହୋଇଯାଇଥିଲା। ଆଗର ଗାଁ ଆଉନଥିଲା। ଛୁଆଖୁଡିଙ୍କର ସାନ ଦୁଇପୁଅ ମଧ୍ୟ ପାଠପଢ଼ି ଭଲ ଚାକିରୀ କରିଥିଲେ। ବଡଝିଅର ବିବାହ ବି ସରି ଯାଇଥିଲା। ସାନଝିଅ ଦିଲ୍ଲୀରେ ଚାକିରୀ କରୁଥିଲା। ତାଙ୍କ ଦେଢ଼ଶୁରଙ୍କର ଦେହାନ୍ତ ହୋଇଯାଇଥିଲା। ବଡଯା ପୁଅ ବୋହୂଙ୍କ ପାଖେ କଟକରେ ରହୁଥିଲେ।

ମୋର ଦୁଇପୁଅ ବି ଚାକିରୀ କରି ଓଡ଼ିଶା ବାହାରକୁ ଚାଲିଗଲେ। ସେମାନଙ୍କର ବିବାହ ବି ହୋଇଗଲା। ଅବିନାଶ ଚାକିରୀରୁ ଅବସର ନେଲେ। ଭୁବନେଶ୍ୱରରେ ଫ୍ଲାଟଟିଏ କିଣିଥିଲେ ଅବିନାଶ। ହେଲେ ଜନ୍ମମାଟିରେ ଆକର୍ଷଣ ତାଙ୍କୁ ସହରରେ ରହିବାକୁ ଦେଲାନି। ଶେଷରେ ସେ ନିଜ ଭିଟାମାଟିକୁ ପ୍ରତ୍ୟାବର୍ତ୍ତନ କଲେ।

ପ୍ରାୟ ପଚାଶ ବର୍ଷ ପରେ ପୁଣି ମୁଁ ଗାଁକୁ ଆସିଲି। ଅନେକ କିଛି ପରିବର୍ତ୍ତନ ହେଇଯାଇଥିଲା। ସବୁ କିଛି ନୂଆନୂଆ ଲାଗୁଥିଲା। ଗାଁରେ ଆଉ ମାଟି ଘର ନଥିଲା। ଗଡିଆ ପୋଖରୀରେ ଆଉ କେହି ଗାଧଉ ନଥିଲେ। ସମସ୍ତଙ୍କ ଘରେ ଇଲେକ୍ଟ୍ରିକ ଲାଇଟ, ପାଣି ପାଇପ, ଗାଡି, ସମସ୍ତଙ୍କ ପାଦରେ ଚପଲ। ମୋର ବୋହୂ ହୋଇ ଆସିବା ବେଳର କଷ୍ଟ ମନେ ପଡିଗଲା।

ପଛ କଥା ମନେ ପଡିବା ମାତ୍ରେ ହିଁ ମୋର ମନେ ପଡିଲେ ଛୁଆଖୁଡି। କରୋନା ସମୟରେ କକେଇଙ୍କର ଦେହାନ୍ତ ହେବା ଖବର ଶୁଣିଥିଲି। ତେଣୁ ଗାଁରେ ପହଞ୍ଚିବା ପରେ ମୁଁ ପ୍ରଥମେ ଛୁଆଖୁଡିଙ୍କୁ ଦେଖା କରିବାକୁ ଗଲି। ମୋତେ ଦେଖି ସେ ଖୁସିରେ କୁଣ୍ଢେଇ ପକେଇଲେ। ଡାକିନେଇ ସୋଫାରେ ବସେଇ ବୋହୂକୁ ଚା' କରିବାକୁ କହିଲେ। ଏବେ ତାଙ୍କ ଘର ଆଉ ମାଟିଘର ନଥିଲା। କୋଠାଘର - ଘରେ ବାଥ୍‌ରୁମ୍। ପାଣି ପାଇପ। ମୋଟର ବସିଛି ଘରେ। ଘରର ସାଜସଜ୍ଜା ବି ଆଧୁନିକ ଧରଣର। ଦେଖି ଖୁସିହେଲି।

ଚା' ପିଉ ପିଉ ଖୁଡି ଗପ ଆରମ୍ଭ କରିଦେଲେ। କହିଲେ ମା' ଅନୁ - ତୁ ତ ଦେଖିଛୁ। କେତେ କଷ୍ଟରେ ମୋ ପିଲାଙ୍କୁ ମୁଁ ମଣିଷ କରିଛି। ପେଟରେ ଦାନା ନଥିଲା କି ପିନ୍ଧିବାକୁ କନା ନଥିଲା। ସେମାନଙ୍କୁ ପାଠପଢ଼େଇବା ପାଇଁ କାହା କାହା ପାଖେ ମୁଁ ହାତ ପତେଇନି। ହେଲେ ସମୟ କ'ଣ ସବୁବେଳେ ସମାନ ଥାଏ। ଦୁଃଖ ଆସେ - ଚାଲିଯାଏ। ପୁଣି ସୁଖ ଆସେ। ଏ ସଂସାରରେ କିଛି ଚିରସ୍ଥାୟୀ ନୁହେଁ। ଦୁଃଖ ନଥିଲେ କ'ଣ ସୁଖର ମହତ୍ତ୍ୱ କେହି ବୁଝନ୍ତେ? ଦେଖିଛୁ ତ ତୁ ସାତ ଚିରା ଲୁଗାରେ ଦେହକୁ ଲୁଚାଇବାକୁ ମୁଁ କେତେ ଚେଷ୍ଟା କରୁଥିଲି। ଏବେ ମୋ ପାଖରେ ଆଲମୀରା ଭର୍ତ୍ତି ଲୁଗା। ଏତେ ବଡ ବଡ ଲୁଗାକୁ ମୁଁ

ଘୋସାରି ପାରୁନି। ପଇସାର ଅଭାବ ନାହିଁ। ପେନ୍‌ସନ୍ ପାଉଛି। ପୁଅ – ଝିଅମାନେ ବି ଦଉଛନ୍ତି। ଖର୍ଚ୍ଚ କରିବାକୁ ବାଟ ନାହିଁ। ଏଇ ହଉଚି ସମୟର ଖେଳ। ସେତେବେଳେ ଭୋକରୁ ରକ୍ଷା ପାଇବାକୁ ମୁଢ଼ି ଗଣ୍ଡେ ମିଳୁନଥିଲା। ଏବେ ଖାଇବା ଜିନିଷରେ ଘର ଭର୍ତ୍ତି। ହେଲେ ହଜମ କରିବାକୁ ଶକ୍ତି ନାହିଁ। କଷ୍ଟ କରି ପିଲାମାନଙ୍କୁ ପାଠ ପଢ଼େଇଲି। ଦେବାଶିଷ ଇଂଜିନିୟର ଚାକିରୀ କଲା। ତା'ପରେ ତାର ସାହାଯ୍ୟରେ ଶୁଭାଶିଷ, ସ୍ନେହାଶୀଷ ଦୁଇଜଣ ପାଠ ପଢ଼ିଲେ। ଶୁଭ ଏବେ ରିଡର। ସ୍ନେହ ନେଭିରେ ଚାକିରି କରୁଥିଲା। ରିଟାଏଡ କରି ଏବେ ଆସି ଘରେ ଅଛି। କକେଇ ବି ରିଟାଏଡ କରି ଘରେ ଆସି ରହିଲେ। ଘର ଭଙ୍ଗା ହୋଇ ନୂଆଘର ତିଆରି ହେଲା। ବଡଝିଅ ଶ୍ୟାମା ତ ଏଇ ପାଖରେ ବାହା ହୋଇଛି। ଜ୍ୱାଇଁ ବି ସରକାରୀ ଚାକିରୀ କରୁଥିଲେ। ଏବେ ରିଟାଏଡ କରି ଘରେ ଅଛନ୍ତି। ପାଖରେ ଅଛନ୍ତି। ସବୁବେଳେ ଆସି ଭଲ ମନ୍ଦ ବୁଝି ଯାଉଛନ୍ତି। ସାନଝିଅ କ୍ଷମା ଦିଲ୍ଲୀରେ ଅଛି। ଚାକିରୀ କରିଛି। ପ୍ରତିମାସରେ ମୋ ପାଖକୁ ଟଙ୍କା ପଠଉଛି। ହେଲେ ମୋର ଆଉ ସେସବୁ ଲୋଡା ନାହିଁ। ତେୟାଅଶୀ ବର୍ଷ ହେଲାଣି। ଯେତିକି ଦୁଃଖ ପାଇଥିଲି ତାଠାରୁ ଅଧିକ ସୁଖ ପାଇଲିଣି। ଧର୍ମରେ ଥିଲି, କାହାର କ୍ଷତି କରିନଥିଲି ବୋଲି ଏଇ ଜନ୍ମରେ ସବୁ ଭଲ ମନ୍ଦ ଅନୁଭବ କରିଦେଲି। କିନ୍ତୁ ଦେଖ ତୁ। ଅନ୍ୟାୟର ଫଳ। ବଡ ଯାଆଙ୍କର ପିଲାମାନେ କିଛି କରିପାରିଲେନି। ଘର ଖଣ୍ଡକ ଭାଙ୍ଗିରୁଜି ଶେଷରେ ମାଟିରେ ମିଶିଗଲା। ଏବେ ଛେଳି, କୁକୁର ସେଠି ଡେଉଁଛନ୍ତି। ଗାଁରୁ ଗଲେ ଯେ ଆଉଗାଁକୁ ଫେରିଲେନି। ପୁଅଗଲା ବୋହୂ ଗଲା ଝିଅ ବି ଗଲା। ଦେଢ଼ଶୁର ତ ପ୍ରଥମେ ଯାଇଥିଲେ। ଶେଷରେ ଯାଆ ଗଲେ। ଏବେ ଗୋଟିଏ ପୁଅ ଅଛି ହେଲେ ବାତରୋଗରେ ଆକ୍ରାନ୍ତ ହୋଇ ଚାଲିବୁଲି ପାରୁନି। ବଂଶରଖିବାକୁ କେହି ନାହିଁ। ଘର ଭାଙ୍ଗିଲା – ବଂଶ ବି ବୁଡିଗଲା।

ପାପ-ପୂଣ୍ୟ ସବୁ ଏଇଠି ମା। ଈଶ୍ୱର ସବୁ ଦେଖୁଛନ୍ତି ସେ ହେଉଛନ୍ତି ସବୁଠୁ ବଡ ବିଚାରପତି। ସେ ସବୁ ଦିଅନ୍ତି। ସେ ବି ସବୁ ନେଇଯାଆନ୍ତି। ନୀରବରେ ନିଃଶବ୍ଦରେ। ମୁଁ ଶୁଣୁଥିଲି ତାଙ୍କ କଥା – ତାଙ୍କ ଜୀବନ ଦର୍ଶନ। ସେ ବେଶୀ ପାଠ ପଢ଼ିନଥିଲେ କିନ୍ତୁ ଜୀବନକୁ ତାଙ୍କଠାରୁ ଅଧିକ କିଏ ବୁଝିଛି ?

ସନ୍ଧ୍ୟା ହେଇ ଆସିଥିଲା। ମୁଁ ଛୁଆଖୁଡ଼ିଙ୍କଠାରୁ ବିଦାୟ ନେଲି। ତାଙ୍କରି କଥା ମୋ ମନ ଭିତରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା।


Looking forward to our association in Rotary
Rtn. Jayashree Rtn. Tanmay Mohanty
Rotary Club of Bhubaneswar
Web: www.luminousinfoways.com Email: jaya@lipl.in, tanmay@lipl.in Contact No.: +91 9238426536
Luminous Infoways
Delivering values through qualitative thinking
Proud to be associated with
ସୂଚନା ଅଧିକାର
RTI Central Monitoring Mechanism
e-Blood Bank
An Integrated Blood Bank Automation System
e-nirman
Online Project Monitoring System
Dedicated to Personalized e-Governance

# ଗରଳ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

'ସୁନନ୍ଦା, ତମେ ଅମୃତ-ମାଠିଆରୁ ଏ ପର୍ଯ୍ୟନ୍ତ ଅମୃତ ପିଉଥିଲ। ତୁମେ ତାକୁ ଗୋଇଠାମାରି ଭାଙ୍ଗି ଦେଲ। ତୁମର ଦୁର୍ଭାଗ୍ୟ, ଏଥର ବିଷ ମାଠିଆରୁ ବିଷ ପିଇବା ହିଁ ସାର ହେବ', ଆପଣାର ସ୍ୱରକୁ ଯଥା ସମ୍ଭବ ଆବେଗ ମୁକ୍ତ ରଖି ଅବିନାଶ ଏଇ ପଦିକ କହିଦେଲା। ଆଉ କିଛି ସମୟ ନିଃଶ୍ୱାସ ଚାପି ରଖି ଭାବି ଚାଲିଥିଲା – ଏଇ ସୁନନ୍ଦା ଲୋଟି ପଡ଼ିଛି ତା ପାଦତଳେ, ତା' ଆଖି ଲୁହରେ ଧୋଇ ଦେଉଛି ଅବିନାଶର ସବୁ କ୍ଷୋଭ, ମଥାପିଟି କହୁଛି, 'ମୁଁ ଆଉ ତମକୁ କଷ୍ଟ ଦେବିନି, ମୋର ଭୁଲ୍ ବୁଝିଛି, ତମର ଯଉଥିରେ ଆନନ୍ଦ ମୋର ସେଥିରେ ଆନନ୍ଦ। ତମେ ଯଦି ଚାହୁଁଛ 'ଥାଉ, ଥାଉ ସୁନନ୍ଦା, ଆଉ କହିବା ଆବଶ୍ୟକ ନାହିଁ, ହେଲା, ସେତିକିଇ ମୁଁ ଚାହୁଁଥିଲି, ଏମିତି ଗୋଟାଏ ସମର୍ପିତ ଭାବ, ଏମିତି ଗୋଟାଏ ଅନ୍ତରଙ୍ଗ କାକୁତି, ଅବିନାଶ କରିଥାନ୍ତା, ଆଉ ସୁନନ୍ଦାକୁ ବକ୍ଷରେଚାପିଧରି ପ୍ରମୋଧନା ଦେଇଥାନ୍ତା ଆପଣାକୁ। କିନ୍ତୁ ଏମିତି କିଛି ହେଲାନି, ଏବଂ ଅବିନାଶ ଯେ ଖୁବ୍ ବେଶୀ ବିସ୍ମିତ ହେଲା ତା' ନୁହେଁ। ସେ ଦୀର୍ଘ ଆଠବର୍ଷ ହେଲାଣି ତା'ର ବିବାହିତ ପ୍ରତ୍ୟେକ ମୁହୂର୍ତ୍ତରେ ସେ ସୁନନ୍ଦାର ଭାବ ଓ ଅଭାବର ମର୍ମରେଖାକୁ ବେଶ୍ ଚିହ୍ନିସାରିଛି, ଏବଂ ଚିହ୍ନିବା ପରେ ଆପଣାକୁ ଖୁବ୍ କଷ୍ଟ ଦେଇ ମନାଇ ରଖିଛି, ହୁଏତ ବିସ୍ଫୋରଣ ଘଟିଥିଲେ ଖୁବ୍ ଭଲ ହୋଇଥାନ୍ତା, କିନ୍ତୁ ଅବିନାଶର ଦରଦୀ, ଦୁର୍ବଳ ବ୍ୟକ୍ତିତ୍ୱଟି କାହିଁକି କେଜାଣି ଥରିଉଠେ, ଏବଂ ଥରିଲା ଥରିଲା ହାତରେ ପଥର ପରେ ପଥର ସେ ଲଦି ଦେଇ ଚାଲେ ମୁହଁରେ ଫାଙ୍କରେ, କାଳେ ସେଇ ଚରମ ମୁହୂର୍ତ୍ତଟି ଆସିଯିବ – ସେ ବିଛାଡ଼ି ହୋଇପଡ଼ିବ, ଆପଣାକୁ ଆଉ ମୋଟେ ଖୋଜିପାଇବନି ସେହି ଭୟଙ୍କର ଆଗ୍ନେୟ କୋଳାହଳରେ। ନାଁ, ସୁନନ୍ଦା ଅବିନାଶ ପାଦତଳେ ଲୋଟି ପଡୁନି। ସେ ଉଠିପଡୁଛି ତା'ର ସେଇ ଚିରାଚରିତ ଉଦ୍ଧତ ଅଭିମାନରେ, ବୋଧହୁଏ ସେ ସବୁଥର ପରି ଏଥର ବି ଭାବିନେଇଛି, ହଁ, ବିଚାରା ଆଦର୍ଶବାଦୀ ଭାବୁକ ସ୍ୱାମୀଟି ତା'ର ଆଜି ନହେଲେ କାଲି ପୁଣି ତା' ପାଖକୁ ଆସିବ ଆଖିରେ ପୁଣି ସେହି ସାଲିସ୍‌ଭରା ଆତ୍ମୀୟତାର ରଂଗନେଇ। ସେ ଜାଣିଛି ବେଶ୍ ଅବିନାଶକୁ, ଯେତେ ବୌଦ୍ଧିକ ବୌଦ୍ଧିକ ଲାଗିଲେ ବି ନିହାତି ଲୁତୁପୁତୁ କିଶୋରଟିଏ ଯିଏ ଖାଲି ଉଷ୍ମତା ଖୋଜେ, କୋଣଟିଏ ଖୋଜେ ଆକ୍‌ଚା ମାକ୍‌ଚା ହୋଇ ଛପିଯିବାକୁ। ସୁନନ୍ଦା ଆଉ ବାଧ କଲାନି ଅବିନାଶକୁ ତାକୁ କୋଳେଇ ନେବାକୁ।

ତିନିଦିନ ହେଲା ଗୁମ୍‌ସୁମ୍ ଭାବରେ ଅବିନାଶ ତାକୁ ଆଡଆଖିରେ ଚାହୁଁନି, ସ୍ପର୍ଶ କରିବା ତ ଦୂରର କଥା। ସେଇ ଗୁମ୍‌ସୁମ୍ ଭାବଟି କାଟିବା ପାଇଁ ତା'ର ଆଉ ଆନ୍ତରିକ ତାଡନା ଆସିବା କଥା ତା ଆସୁନି- କାରଣ ଅବିନାଶ ଯଉ କଥାଟି ତାଠୁଁ ଆଦାୟ କରିବାକୁ ଚାହୁଁଛି, ଯଉ ପ୍ରତିଶ୍ରୁତିଟି ପାଇବାକୁ ଚାହୁଁଛି ତା' ସୁନନ୍ଦା ବେଶ୍ ଜାଣେ, ଏବଂ ଠିକ୍ ସେଇଥିପାଇଁ ତା' ଭିତର କୋରି ହୋଇଗଲା ରୁକ୍ଷ ନିର୍ମମତାରେ, ତା' ଆଖିରୁ ଅଗ୍ନିଝୁଲ ଫୁଟି ପଡ଼ିଲା ଓ ସେ ଉଠି ଚାଲିଗଲା- ଅବିନାଶ ବେଶ୍ ବାରିପାରିଲା ସୁନନ୍ଦାର ମନରେ, ଦେହରେ ଆଙ୍କି ହୋଇଯାଉଥିବା ଇର୍ଷିତ ଦର୍ପିତ ଅଭିମାନର ଚିତାଗୁଡ଼ିକୁ ଓ ସେ ସେଇ ଅନ୍ଧାର ଭିତରେ ଅସ୍ପଷ୍ଟ ଆର୍ତ୍ତନାଦ କରିଉଠିଲା ଆପଣାର ଅସହାୟତାରେ, ଦୁର୍ବଳତାରେ।

ସୁନନ୍ଦା ! ସ୍ୱାମୀ ସ୍ତ୍ରୀର ସମ୍ପର୍କ କେବଳ ମାନସିକ, ଆତ୍ମିକ ବୁଝାମଣାରେ। ତମେ ପାଠ ପଢ଼ିଛ, ଏଇ ଛୋଟ କଥାଟି ଆଜିଯାଏ ବୁଝିଲନି – ଅବିନାଶ ନିଜ ପାଇଁ ସୋଫାସେଟ୍‌ରେ ବିଛଣା ସଜାଡୁଥିବା ଛାୟାମୂର୍ତ୍ତିଟିକୁ ଚାହିଁ କହୁଥିଲା – ଏଥର ତା' ସ୍ୱରରେ ଫୁଟିଉଠୁଥିଲା ଏକ କରୁଣତା, ଏକ ବିଷାଦିତ ଭାବ – ଏବଂ ଅବିନାଶ ଖାସ୍ ସେଇଥିପାଇଁ ବେଶୀ କଷ୍ଟ ପାଉଥିଲା ସେ ଯେ ଭାଙ୍ଗିପଡୁଛି ଏକଥା ସୁନନ୍ଦା ହୁଏତ ଜାଣିପାରି ବିକୃତ ସନ୍ତୋଷରେ କୁରୁଳି ଉଠୁଥିବ, ଆଉ ହୁଏତ ପୁଣି ଭାବି ବସିବ, ଏଥର ବି ସେ ଜିତିବ, ସେ ପୁଣି ଫେରାଇ ଆଣିବ ଅବିନାଶକୁ ତା'ରି ସ୍ୱାର୍ଥ ବଳୟକୁ। ସୁନନ୍ଦା କିନ୍ତୁ ଶୋଇଗଲା – ସୁନନ୍ଦା ଶୋଇଗଲା ଅବିନାଶ ବେଶୀ ଜୋର୍ କରିବନି ତା'ର ଆଦର୍ଶରେ, ତା'ର କଳ୍ପିତ ଛାଞ୍ଚରେ ତାକୁ ଗଢ଼ିବାକୁ। କାରଣ ସୁନନ୍ଦା ଜାଣିଛି ସ୍ୱାମୀ ଭାବରେ ସେ ଯାହାକୁ ପାଇଛି, ଏବଂ ସୁନନ୍ଦା ସେଥିପାଇଁ ବହୁତ ଅବିନାଶକୁ ପ୍ରଶଂସା କରେ, ଭାଇ, ବାପା, ଭଉଣୀ ଓ ବାନ୍ଧବୀମାନଙ୍କ ଆଗରେ, ଏବଂ ନିଜର ଭାଗ୍ୟକୁ ବି, ହଁ ସେଇ ମଣିଷଟି ନିର୍ବିବାଦରେ ଆପଣାର କ୍ଷତଗୁଡିକ ଉପରେ ପ୍ରଲେପ ନେଇ ବେଶ୍ ସହଜ, ରୋମାଣ୍ଟିକ୍ ଭାବରେ ତାଠୁଁ ଚୁମା ଖାଏ, ତାକୁ ଟିକିଏ ମୁହୂର୍ତ୍ତ ପାଇବା ମାତ୍ରେ ହିଁ କୋଳ କରେ, ତାକୁ ନିବିଡ ଭାବରେ ଧରି ପ୍ରଗଲ୍‌ଭ ହୋଇ ଉଠେ ରସିକତାରେ, କାମୁକତାରେ ବି।

ଅବିନାଶ ଅନ୍ଧାରକୁ ଦେଖୁଥିଲା ସଜଳ ଆଖିରେ। ଅନ୍ଧାରକୁ ପଚାରୁଥିଲା – ହେ ମହାନ୍ଧକାର ସତ୍ତା, ଆଉ କୋଉ ଯନ୍ତ୍ରଣାଟା ମୋ ପାଇଁ ବାକି ରଖିଛୁ ଯେ। ଗୋଡେ ଗୋଡେ ସବୁ ସ୍ୱପ୍ନକୁ ମୋର ଧୂଳିସାତ୍ କରିସାରିବା ପରେ ବି ତୋ'ର କ୍ରୂର ଖେଳ ସରିଲାନି। ଜନ୍ମ ମୁହୂର୍ତ୍ତରୁ ଏ ପର୍ଯ୍ୟନ୍ତ ଯେତେଯେତେ ଭାରୀ ବୋଝ ସବୁତ ମୋର ଦୁର୍ବଳ କାନ୍ଧରେ ଥୋଇ ଚାଲିଛୁ ଯେ ପଡ଼ିଉଠି ଝୁଣ୍ଟି ନୟାନ୍ତ ହୋଇ ସବୁ ବହନ କରିଚାଲିଛି, ଏଇ ବିଶ୍ୱାସରେ କାଳେ ତୋ'ର ସବୁ ରୋଷ ସରିଯିବ, ଆଉ ଟିକେ ହସିଦେବୁ, ଟିକିଏ ହସ,

ବାସ୍ ସେତିକିଇ ଯଥେଷ୍ଟ, ତୁତ ଜାଣିଛୁ ଖୁବ୍ ଅଳ୍ପରେ ସନ୍ତୁଷ୍ଟ ହୋଇ ପାରିବାର ଅମୂଲ୍ୟ ଦୀକ୍ଷାଟି ସେଇ ମୁହୂର୍ତ୍ତରେ ଯେବେ ତୋ କୋଳରୁ ଡେଇଁ ପଡ଼ିଥିଲି ନେଳି ଆଲୁଅକୁ, ସେଇ ମୁହୂର୍ତ୍ତରେ ହିଁ ଶିଖିଥିଲି। ଅନ୍ଧାରରେ ଦୁଇ ହାତ ଯୋଡ଼ି ରୋମାଞ୍ଚିତ ହୋଇ ଉଠିଲା ଅବିନାଶ। ତା'ର ଅଜାଣତରେ ବିନ୍ଦୁ ବିନ୍ଦୁ ଲୁହଠୋପା ଝରିପଡୁଛି ତା'ର ଦୁଇ ଆଖିରୁ। ଅବିନାଶ ପ୍ରକୃତିସ୍ଥ ହେଲା, ନିଜକୁ ଧକ୍କାରିଲା, ଏଇଥିପାଇଁ ଯେ ସେସବୁକୁ ସତ ମାଟିରେ ଲୋଟିଗଲାଣି, ସେ ମାନିନେଲାଣି ଅବଧାରିତ ସତ୍ୟଟିକୁ – ନିଷ୍ଠୁର ବାସ୍ତବତାର ବେଦୀରେ ସ୍ପନ୍ଦିତ ହୃଦୟର ମର୍ମନ୍ତୁଦ ମୃତ୍ୟୁକୁ। ଆପଣାକୁ ଗୋଟାଇ ଆଣିବାକୁ ପାରୁପର୍ଯ୍ୟନ୍ତ ଚେଷ୍ଟାକଲା ସେ, ଆଉ ଆପଣାକୁ ସମ୍ବୋଧନ କଲା ପ୍ରବୋଧନା ଦେବା ଛଳରେ – ଧେତ୍ ଅବିନାଶ, ଏତେ ଶୀଘ୍ର ନଇଁପଡ଼ିଲ, ଧିକ୍ ତୋର ବିଦ୍ୟା, ବୁଦ୍ଧି, ପୌରୁଷକୁ,ଧିକ୍ ତୋର ରାଶି ରାଶି ଦର୍ଶନ ଭଣ୍ଡାରକୁ। ଉଠ୍, ପୁଣିଥରେ ପ୍ରସ୍ତୁତ ହୁଅ ଠିଆ ହେବାକୁ ହଁ, ତୋ ପାଦତଳର ମାଟି ଧସିଯାଉଛି ନାଁ, ଠିକ୍ ଅଛି, ହାତ ବଢ଼ାଇ ଧରିନେ ଅଦୃଶ୍ୟ ଓହଳଗୁଡ଼ିକୁ, ବେଶ୍ ଝୁଲି ଝୁଲି ବଞ୍ଚିଯା ତୋର ଅବଶିଷ୍ଟ ଆୟୁଷ ହସରେ, କାନ୍ଦରେ, ଯନ୍ତ୍ରଣାରେ, ଉତ୍ତେଜନାରେ। ଅବିନାଶ, ଏଇ ତ ଜୀବନ – ତଳେ ଅଜଗରର ଲହଲହ କରାଳ ବେଷ୍ଟନୀର ଭୟ, ଉପରେ ବ୍ୟାଘ୍ରର ଲହ ଲହ ଜିହ୍ୱା – ଆଉ ଠିକ୍ ମଝିରେ ପେଣ୍ଡୁ ପେଣ୍ଡୁ କୋଳି, ଠିକ୍ ଯଉ ଓହଳ ଧରି ଝୁଲିଥିବୁ ତାରି ପାହାନ୍ତାରେ।

ସୁନନ୍ଦା! କ'ଣ ବା ଅଧିକ ବା ତମଠାରୁ ଚାହିଁଥିଲି। ସବୁ ସ୍ୱାମୀ ସ୍ତ୍ରୀମାନଙ୍କଠାରୁ ଯାହା ଚାହାନ୍ତି ସେଇଆତ – କିଛିଟା ଆତ୍ମୀୟ ଉତ୍ତାପ, ଅନ୍ତରଙ୍ଗତା, ଆଉ ଦୈହିକ ଉତ୍ତେଜନା। ଦୈହିକ ଉତ୍ତେଜନା, ଉତ୍ତାପ ଦେବାରେ ତମେ କାର୍ପଣ୍ୟ କରିନ, (କରି ମଧ୍ୟ ପାରିବନି) – କିନ୍ତୁ ଆତ୍ମୀୟତା, ଅନ୍ତରଙ୍ଗତା ତ କାହିଁ ଦେଇପାରିଲନି। ସୁନନ୍ଦା, ତମେ ହୁଏତ ଅନ୍ତରାଙ୍ଗତା କହିଲେ ସବୁ ସାଧାରଣ ସ୍ତ୍ରୀମାନଙ୍କ ଭଳି ଦୈହିକ, ଭୌତିକ ଭାବ ଅଭାବର ମିଳନକୁ ହିଁ ବୁଝୁଥିବ। କିନ୍ତୁ ତମେ ବୁଝିପାରିଲନି ତମର ସ୍ୱାମୀର ମନଟିକୁ, ଆତ୍ମାକୁ – ଯଉ ମନଟି ସବୁ ସ୍ୱାର୍ଥ ବିଜଡିତ କ୍ରିୟାରେ ଚାହେଁ ଏକ ନିବିଡ଼ ନିଃସ୍ୱାର୍ଥପରତା, ସବୁ ଭୋଗ ମଧ୍ୟରେ ଟିକିଏ ତ୍ୟାଗର ପବିତ୍ର ଉଜ୍ଜ୍ୱଳତା। ଆପଣାର ଆତ୍ମକଥକତାର ପ୍ରାବଲ୍ୟରେ ହସି ଉଠିଲା ମନେ ମନେ ଅବିନାଶ ସେ ଜାଣେ ଯଦି ଏଇସବୁ ସୁନନ୍ଦାକୁ ସେ ପ୍ରକାଶ୍ୟ ଭାବରେ କହିଥାନ୍ତା, ସୁନନ୍ଦା ଦୁର୍ବୋଧ କବିତା ବୋଲି ଧରିନେଇ ମୁହଁ ବୁଲାଇ ଦେଇଥାନ୍ତା, କିମ୍ବା କହିଥାନ୍ତା, ରଖ ତମର ବଙ୍କାବଙ୍କା କଥା, ମୁଁ ତ ଛାତ୍ରୀଟିଏ ନୁହଁ ଯେ ତମର ସବୁକଥା ଘୋଷି ଘୋଷି ମନେ ରଖିବି ପରୀକ୍ଷାରେ ଫେଲ୍ ହବା ଭୟରେ। ଆଃ, କି ଅସମ୍ଭବ ସ୍ପର୍ଶକତାରହୀନତା, ବୌଦ୍ଧିକ ଉଦାରବତ୍ତା ସୁନନ୍ଦାର। ଅଦ୍ଭୁତ ଉପାଦାନରେ ଗଢ଼ା ଏଇ ନାରୀଟି, ଯିଏ ହୁତ, ଜୀବନ ମାନେ କେବଳଇ ବୁଝେ ଗୋଟେ ଛୋଟ କୂପ ଭିତରେ ସ୍ୱାର୍ଥବ୍ୟୁହଟିଏ ରଚିବା ଓ ତା'ରି ଭିତରେ ପରମ ଶାନ୍ତିରେ ଶୋଇଯିବା। ହଁ, ଅବିନାଶର ସବୁବେଳେ ଦୟାହୁଏ ଏଇ ନାରୀଟି ଉପରେ। ଅସହାୟା ଅବଳାଟିଏ ସେ ଯିଏ ବନ୍ଧା ପଡ଼ିଛି ତା'ର ସଂକୁଚିତ ମାନସିକତାରେ, ଯିଏ ବଂଚିଚାଲିଛି ଆପଣା ବାଗରେ, ଆପଣାର ଛାଞ୍ଚରେ। ଏବଂ ଅବିନାଶ ଜାଣିଛି ସୁନନ୍ଦା ପ୍ରତି ଏଇ ପ୍ରଚ୍ଛନ୍ନ ଦୟାବୋଧ ଯୋଗୁଁ ହିଁ ସେ ଦୁର୍ବଳ ହୋଇପଡ଼ିଛି, ଶୋଷିତ ହୋଇଚାଲିଛି ତା'ର ଜ୍ଞାତସାରରେ। ଅନେକ ସମୟରେ ସେ ଭାବେ ସୁନନ୍ଦା ମୋତେ ବିବାହ କରି ସୁଖୀ ହୋଇପାରିନି କାରଣମୁଁ ତା'ର ଇପ୍ସିତ ପୁରୁଷ ହୋଇପାରିନି ଯିଏକି ସାଉଁଳେଇ ଦେଇପାରିବ ତା'ର ସକାଳ ରୁଚି ଅଭିରୁଚିକୁ, ତା'ର ସ୍ୱାର୍ଥସର୍ବସ୍ୱ ବିଳାସୀ ସ୍ତ୍ରୀ ସତ୍ତାଟିକୁ।

ସୁନ୍ଦା କଡ ଲେଉଟାଉଛି ବାରମ୍ବାର। ଅନ୍ଧାର ଭିତରେ ଅବିନାଶ ବେଶ୍ ବାରିପାରୁଥିଲା ସୁନନ୍ଦାର ଅସ୍ପଷ୍ଟ ଦୀର୍ଘଶ୍ୱାସ। ଅବିନାଶ ଜାଣେ, ସୁନନ୍ଦା ଶୋଇପାରିବନି। ରାତିରେ କେବେ ଅଲଗା ହୋଇ ସେ ଶୋଇନି। ଶୋଇବା ପୂର୍ବରୁ ଅବିନାଶର ପ୍ରଶସ୍ତ ଛାତିରେ ଲୋଟି ପଡ଼ିଲେ ହିଁ ତା'ର ଆଖିପତା ମୁଦି ହୋଇ ଆସେ ନିର୍ଭୟ ଅନୁରାଗରେ। ସୁନନ୍ଦା, ତମେ ଏକ ବିଶ୍ୱସ୍ତ ସ୍ୱାମୀର ନିର୍ଭୟ ଆଶ୍ୱାସନା ଚାହିଁଥିଲ, ଏବଂ ମୁଁ ତମକୁ ଏ ପର୍ଯ୍ୟନ୍ତ ।ତାହାହିଁ ଦେଇ ଆସିଛି ତୁମର ସହସ୍ର ତୁଚ୍ଛିମାର୍ଜନା କରି, କାରଣ ମୁଁ ଭାବିଥିଲି ହୁଏତ ମୋର ଏଇ ପରମ ବିଶ୍ୱସ୍ତତା ଓ ତମପାଇଁ ମୋର ଚରମ ସଂବେଦନଶୀଳତା ତମକୁ ପରିବର୍ତ୍ତନ କରିଦେବ, ତମେ ପ୍ରସ୍ତୁତ ହବ ନିଜକୁ ତମ ସ୍ୱାମୀର ଏକାନ୍ତ ଇଚ୍ଛାର ପ୍ରତିମା ରୂପେ ଗଢ଼ିବାକୁ। କିନ୍ତୁ ତମେ ହାରିଗଲ ଓ ତମର ଅଜ୍ଞାତସାରରେ ରଜ୍ଜୁଟିକୁ କାଟିଦେଲ ନିର୍ଦ୍ଦୟ ଆତ୍ମସର୍ବସ୍ୱତାରେ ସୁନନ୍ଦା, ମୋତେ ଆଉ ଦୋଷ ଦେଇପାରିବନି। ହୁଏତ ସୁଖଶାନ୍ତିରେ, ସ୍ୱାମୀ ସୋହାଗର ନିର୍ଭୟ ଛାୟାରେ ରହିବା ତମ ଭାଗ୍ୟରେ ଆଉ ସମ୍ଭବ ହେବନି। ହିଁ, ଅମୃତ – ମାଠିଆଟିକୁ ଗୋଡରେ ତମେ ଯେତେବେଳେ ଠେଲିଦେଇଛ ଏବେ ବିଷ–ପାତ୍ରର ହଳାହଳକୁ ତୁମକୁ ପିଇବାକୁ ହିଁ ହେବ। ଗଭୀର ଉତ୍ତେଜନାରେ ଉଠିପଡ଼ିଲା ଅବିନାଶ। ଚିତ୍କାର କରି ଉଠିଲା – ସୁନନ୍ଦା, ତମେ ମୋତେ ନିଷ୍କୃତି ଦିଅ, ପ୍ଲିଜ, ତମେ ଶେଠାରୁ ଦୂରେଇ ଯାଅ ଚିରଦିନ ପାଇଁ। ମୁଁ ନାଚାର।

ସୁନନ୍ଦା ସମ୍ମୋହିତ ହେବା ପ୍ରାୟ ସେଇ ଅନ୍ଧାର ଭିତରେ ଉଠିଆସି ଅବିନାଶ ପାଖରେ ବସିପଡ଼ିଲା ଆଉ କହିଲା, କ'ଣ ତମର ହୋଇଛି, ଚୁପ୍ ହେଲ, ପୁଅ ଉଠିବ ଯେ ଚମତ୍କୃତ ହେଲା ଅବିନାଶ, କି ଶୀତଳ ପ୍ରତିକ୍ରିୟା ସୁନନ୍ଦାର ଏବଂ ମନେମନେ ପ୍ରଶଂସା କଲା ଏଥି ପାଇଁ ଯେ ସୁନନ୍ଦା ବେଶ୍ ସହଜ ଭାବରେ ଭାବିନେଇଛି ବଈନାଶ ପୁଣି ସବୁଥର ପରି ନରମିଯାଇ ଆପଣାକୁ ରୁଦ୍ଧ କରିଦେବ ଓ ତା' ପାଖରେ ବାଧ୍ୟ ଦରଦୀ ସ୍ୱାମୀଟିଏ ହୋଇଯିବ। ସ୍ପଷ୍ଟ ହେବାକୁ ଚେଷ୍ଟାକଲା ଅବିନାଶ ଆଉ କହିଲା – ସୁନନ୍ଦା, ତମେ ମୋର ବାପା, ବୋଉ,ଭାଇ,ଭଉଣୀ–ସମସ୍ତଙ୍କଠାରୁ ମୋତେ ଦୂରେଇ ଆଣିବାକୁ ଏତେଦିନ ଚେଷ୍ଟା କଲା ପରେବି ବାରମ୍ବାର ବିଫଳ ହୋଇଛି, ଏବଂ ତମେ ଜାଣିଛ ମୁଁ ତମର ଏ ପ୍ରକାର ଅପଚେଷ୍ଟାକୁ କେତେ ଘୃଣା କରେ। ତମେ ମୋର ପରିବାରର ପ୍ରତ୍ୟେକଙ୍କୁ ଘୃଣା କଲ ବୋଲି ମୁଁ ଟାଣିଥିଲେ ମଧ୍ୟ କାଳେ ତମ ମନୋଭାବରେ କିଛି ପରିବର୍ତ୍ତନ ହେବ ବୋଲି ଦୀର୍ଘ ଆଠବର୍ଷକାଳ ଅପେକ୍ଷା କଲି, କିନ୍ତୁ ମୋର ଦୁର୍ଭାଗ୍ୟ, ତମେ ନୀଚ ପ୍ରାଣସତ୍ତାରୁ ଆପଣାକୁ ମୁକୁଳାଇ ପାରିଲନି। ସୁନନ୍ଦା, ଏକ ପରିପୂର୍ଣ୍ଣ ମଧୁର ପାରିବାରିକ ସମ୍ପର୍କକୁ ତମେ ଚୁରି ଦେଇଚାଲିଛ। ତମେ, ମୋତେ ମାନସିକ ନିର୍ଯ୍ୟାତନା ଦେଇ ଚାଲିଛ ନିର୍ମମ ଉତ୍ସାହରେ – ଯେଉଁ ନିର୍ଯ୍ୟାତନାର ଗଭୀର କଳାଦାଗକୁ କେବଳ ମୁଁ ହିଁ ମୋର ନିଭୃତ ସମୟରେ ନିରେଖି ଦେଖୁଛି, ଯାହାକୁ ଲିଭାଇବାକୁ ଯେତେ ଚେଷ୍ଟା କଲେ ବି ଜ୍ୱଳନ୍ତ ହୋଇ ରହୁଛି ଏବଂ ମୁଁ ଜାଣିଛି ଯେ ପର୍ଯ୍ୟନ୍ତ ତମେ .... ପ୍ରବଳ ଉତ୍ତେଜନାରେ ରୁଦ୍ଧି ହୋଇଗଲାଶ ଅବିନାଶର କଣ୍ଠ ଓ ସେ କାତର ସ୍ୱରରେ ସୁନନ୍ଦାକୁ କହୁଥିଲା .... ତମେ ଚାଲିଯାଅ, ମତେ ମୁକ୍ତିଦିଅ ତମର ଏଇ ଅଣନିଶ୍ୱାସୀ ବନ୍ଧନରୁ।

*ଅବସରପ୍ରାପ୍ତ ପ୍ରାଧ୍ୟାପକ, ଇଂରାଜୀ*
*ଗ୍ରାମ/ପୋ: କୋଡିଆ, କାଦୁଅପଡା, ତିର୍ତ୍ତୋ, ଜଗତସିଂହପୁର*
*ଦୂରଭାଷ: ୯୮୫୩୩୫୫୧୦୭*

# ତିନୋଟି ସ୍କେଚ୍
# ଅବ୍ୟକ୍ତ

ମୂଳହିନ୍ଦୀ -ଆର୍ଯ୍ୟ ଝା
ନଗେନ୍ଦ୍ର ନାଥ ପଟ୍ଟନାୟକ

'ଦେଖ ଆସିଗଲ ନା!' ଘଂଟାଟେ ଅପେକ୍ଷା କଲାପରେ ସମୀର ମୁର୍କି ମୁର୍କି ହସ ଫୁଟାଇ ଏମିତି କହିବା ମଧ୍ୟ କେତେ ଶୋଭା ପାଉଥିଲା ତାକୁ ଶବ୍ଦରେ ବି ବଖାଣିହୋଇ ପାରିବ ନାହିଁ ।

-'ହଁ ଆସିଗଲି' କହି ଫିକ୍ କିନା ହସିଦେଲା । ସେଇକ୍ଷଣି ପାଦଟାତାର ଥମ୍‌କିନା ଅଟକିଗଲା । ଲାଗୁଥିଲା ଯେମିତି କାନରେ ପାଉଁଜିର ରୁଣୁଝୁଣୁ ନିକ୍ୱଣ ଝଙ୍କୃତ ହୋଇଉଠୁଛି । ଆରମ୍ଭରୁ ହୋଇଥାନ୍ତେ କି ଏମିତି !'

ପ୍ରଥମେ ଭଲା ଡକାଇଥାନ୍ତା, ଆଖିଯୋଡିକ କିଛିଟା ଆର୍ଦ୍ରହୋଇ ଆସିଲାବେଳକୁ ସେ କହିଲା-'ଚାଲ, ଆଉ କାଇଁକି ବସିଛ ?'

ଆଜି ପୁଣିତା' ସାଙ୍ଗରେ ଚାଲିବା ଆରମ୍ଭ କରିଦେଲି । ଶରୀର ଏକଦମ୍ ଉଶ୍ୱାସ ଲାଗୁଥିଲା । ସ୍ଥିତପଜ୍ଞ ଯୋଗୀମାନଙ୍କ ମାନସ ସ୍ଥିତିରେ ଥିଲି । ଯୋଉଠି ଦେହ, ସେଇଠି ମନ । ପାଦ ସହିତ ପାଦ ମିଶାଇ ମୁଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ର ସ୍କ୍ୱିରାଇଜରେ ଘୂରିବୁଲୁଥିଲି । ଲକ୍ଷହୀନ ଭାବେ ଘୂରିବୁଲୁଥିବା ବେଳେ ମୁଁ ଯେ ପ୍ରେମପ୍ରୀତିରେ ମସଗୁଲ୍ ଥିଲି କେହି କହିପାରୁନଥିଲେ । ଖାଲି ମନ ଥିଲା ବୋଲି ସବୁକିଛି ବୁଝିହେଉଥିଲା । ସେଇ ଅକୁହା କଥାଗୁଡାକ ଯାହା କେବେ କହିହୋଇ ନଥିଲା । କିଛିକଥା ଓଠରେ ଲାଖି ନଥାଏ, କିନ୍ତୁ ହୃଦୟକୁ ସିଧା ଠକ୍ ଠକ୍ କରେ । ଏମିତିକିଛି ଥିଲା ଆମର କଥା କହିବାର ତରିକା ।

- 'କୁଆଡେ ହଜିଗଲ ?' ସମୀରର ହସ ହସ ମୁହଁ ଦେଖିବା ମାତ୍ରେ ଲଜ୍ଜା ସରମରେ ଜଡସଡ ହୋଇ ମୁହଁତଳକୁ ପୋତିଦେଲା ।

- 'କୁଆଡେ ନୁହେଁ . . .ଏବେ ଏଇଠି ଅଛି ।'

ବାପା ମତେ ଏଇଠି ଆଣିଥିଲେ ।

ସମୀର ରିଷ୍ଟୋରାଂ ସାମନାରେ ଛିଡାହୋଇଥିଲା । ରିଷ୍ଟୋରାଂ ମଧ୍ୟବିତ ପରିବାରଲୋକଙ୍କ ପାଇଁ ଉଦ୍ଦିଷ୍ଟ । ବହୁତ ଭିଡ ଜମୁଥିଲା ସେଠି । ମୁହାଁମୁହିଁ ହୋଇ ବସିଥିଲେ । କଥାବାର୍ତ୍ତା ଏବେ ଆରମ୍ଭ ହୋଇଥିଲାବେଳେ ପାଖ ଟେବୁଲକୁ ଚଉକି ଉପରେ ବସିଗଲେ । କଣ ସବୁ ଗପିବାରେ ଲାଗିଲେ ।

କେବେକେବେ ମହଲାରେ ଖୁବ୍ ସୁନ୍ଦର ରାସ୍ତା ଥାଏ । କିଛିମୁହୂର୍ତ୍ତ ଭିତରେ ଆପାତତଃ ନିଜସ୍ୱ ଅଧିକାର ଥିବା ଅନ୍ତତଃ ପକ୍ଷେ ବିଶ୍ୱାସ କରାଯାଏ । ପୁଣିଥରେ ଅଲଗା ହେବା ଆଗରୁ ସେ ମୋ ଭିତରେ ହଜିଯାଏ । କିନ୍ତ ସତକଥାଟା ହେଲା ଭୋଜନ କରିବାଛଡା ଆଉ କୌଣସି ଚାରା ନ ଥିଲା । ସର୍ବସାଧାରଣ ସ୍ଥାନରେ ପ୍ରତିଟି କଥା ବ୍ୟକ୍ତ କରାଯାଉନଥିଲା । ଯୋଉ ମୁହୂର୍ତ୍ତମାନଙ୍କ ପାଇଁ ଏମିତି କିଛି ବିଚାର ରଖାଯାଇଥିଲା ସେସବୁ ଆଗାମୀ କିଛି ନିମିଷକରେ ଗର୍ଭିତ ହେବାକୁ ଯାଉଥିଲା ।

ଏକ ବିକଟ ଚିତ୍କାରର ବିବଶତା, ବନ୍ଦ ଆଖିରେ ମୌସୁମୀର ବାରିଧାରା ବର୍ଷିବାକୁ ଲାଗିଲା । ସେ ଆଖିରେ ଦେଖିଲା ବେଳକୁ କିଛିଟା କଷ୍ଟ ଅନୁଭବ ହେଲା । ବୋଧହୁଏ ଖୁସିର ମୁହୂର୍ତ୍ତମାନେ ଲୁହର କଥା ବୁଝିପାରିଲେ ନାହିଁ । ସ୍ତ୍ରୀ ଆଉ ପୁରୁଷଙ୍କ ବିଚାର ତ ଭିନ୍ନ ଏଠି । ସାଥୀର ଯନ୍ତ୍ରଣାକୁ ଜିଣିନିଏ ସ୍ତ୍ରୀଲୋକଟି । କିନ୍ତୁ ପୁରୁଷ କେବଳ ତାକୁ ଖୁସୀର ଦେଖିବାକୁ ଇଚ୍ଛାକରେ । ତା' ଦୃଷ୍ଟିରେ ଘୋଡା ଦୌଡର ତାହା ହିଁ ଲକ୍ଷସ୍ଥଳ ଯାହାକି ତା'ର ପ୍ରେରଣାର ଉତ୍ସ । ସେଇଠି ପହଁଚିସାରି ସେ ବିଜେତା ବୋଲି ଅନୁଭବ କରିବାକୁ କାମନା କରେ । ସାଥୀର ଖୁସୀରେ ନିଜଖୁସିକୁ ଦ୍ରବୀଭୂତ କରିବାର ଉତ୍କଂଠା ନେଇ ତା ଆଡେ ଦୃଷ୍ଟିପାତ କରେ । ସେ ଲୁହବତୁରା ଆଖି ତାକୁ ପରାଜିତ ସୈନିକ ଭଳି ଅନୁଭବ କରାଏ । ସେତେବେଳେ ସେ ବିଚଳିତ ହୋଇଉଠେ । ହେଲେ ପୁରୁଷ ପରାଭବକୁ ବରଦାସ୍ତ କରିପାରେନି ।

ଭଲ ହେଲା, ପ୍ରତୀକ୍ଷାର ଅନ୍ତ ଘଟିଲାବେଳକୁ ଗୋଟେ କଳାଚଷମା କିଣା ଯାଇଥିଲା । ସମୀରକୁ ମୋ ଆଖିର ଲୁହରେ ଛପିଥିବା ନିଜ ପ୍ରେମର ପୀଡା ଯନ୍ତ୍ରଣାକୁ ଦେଖିବା ପାଇଁ ଭାରାକ୍ରାନ୍ତ ଲାଗୁଥିଲା । ମତେ ଏସବୁ ବ୍ୟକ୍ତିଗତ ମୁହୂର୍ତ୍ତମାନଙ୍କ ମଧଦେଇ ସେମିତି ଯିବାକୁ ପଡିଥିଲା । କିଛିକ୍ଷଣ ନିରବତା ପରେ ମୁଁ ଆଖିଯୋଡିକୁ ଆଛାଦିତ କରିଦେଲି । ଅନ୍ତତଃ ପକ୍ଷେ ସେ ଏବେ କଥାବାର୍ତ୍ତା କରିପାରିବ । ଆବେଗ ଭରା ଲୁହ ସବୁ କଂଠକୁ ଅବରୁଦ୍ଧ କରିଦେଲାରୁ ୱାସରୁମ୍ ଯିବା କଥାଟା କହିଲି ଏକାକୀ ଛିଡାହୋଇଥିବା ବେଳେ ପୁଣି ପିଛିଲା ଦିନଗୁଡିକର ଯାତ୍ରାରେ ବାହାରି ପଡିଲି ।

ରାଣଖାଇ କହୁଛି ଖାଲି ପଢିବି ଆଉ କୌଣସି ସାଙ୍ଗ ଦୋସ୍ତଙ୍କ ପାଲରେ ପଡିବି ନାହିଁ । ପାପା ନିଜର ମୁଣ୍ଡଛୁଇଁ ରାଣ ନିୟମ କରିଥିଲେ । ଜୀବନ ଦେଇଥିଲେ ଏବଂ ଜୀବନ ଜିଇଁବାର ଅଧିକାର ଛିନ୍ନ

କରିନେଇଥିଲେ । ସମୀର ଭିନେ ହେଲାବେଳେ ପଚାରିଲା ଆଗକୁ କ'ଣ କରିବ ସେ ହସି ହସି କହିଥିଲେ – ସେଇଆ କରିବି ଯାହା ସମସ୍ତେ କରନ୍ତି । ପୁଣି ତା' ପ୍ରଶ୍ନବାଣର ଉତରରେ କହିଦେଲେ–'ମୁଁ ସାମାନ୍ୟ ଅସାଧାରଣ ଲୋକ ।'

–'ତୁମେ ଅସାଧାରଣ ହୋଇଥାଅ । ଘରଜଂଜାଳରେ ଛନ୍ଦିହେବାପାଇଁ ନିଜକୁ ତିଆରି କରନାହିଁ । ମୋ କଥାମାନି କ୍ୟାରିଅର ପ୍ରତି ଧ୍ୟାନ ଦିଅ ।'

–'ହେଲେ ନାହିଁ, ନା ସେ ଗମ୍ଭୀରତା ଥିଲା ନା ସେ ବିଚାରବୋଧ । ବାସ୍ ଜୀବନରେ କୌଣସି ଆପତି ଅଭିଯୋଗ ନାହିଁ, ସବୁକିଛି ଭଲରେ ଭଲରେ ଚାଲୁଛି ।'

– – – –

## (୨)

ୱାସରୁମ ବାହାରେ ଲୋକଙ୍କ ଧାଡି ଲମ୍ବିଥିଲାବେଳେ ଫେରିଆସି ନିଜ ସିଟ୍‌ରେ ବସିପଡିଲି । ଅଳ୍ପ ସମୟ ପାଇଁ ନିଜକୁ ସମ୍ଭାଳିନେଇଥିଲି ।

– 'କ'ଣ ଖାଇବୁ ତୁ ?'

– 'ସେଇ ଚିଜ୍ ଯାହା ଆଗରୁ ଖାଉଥିଲି ।'

– 'ନାଇଁ, ନିଜ ଆଖିରେ ନିରେଖୁଛି । ଟିକିଏବି ବଦଳି ନ ନାହିଁ ।' ସେମିତି ଫେସ୍‌ବୁକ୍‌ରେ ତ ତା' ପରିବାର ଫଟୋରେ ସମସ୍ତଙ୍କୁ ଦେଖିସାରିଥିଲି । ତଥାପି ପରିବାର ସଦସ୍ୟବାବଦରେ ପଚାରିନେଲି ।

– 'ଶାହୀନ କେମିତି ଅଛ ? ତୁମେ ପ୍ରେମ ବିବାହ କଲ ନା !'

– 'ତୁ କ'ଣ ଭେଟିଥିଲୁ ନା !'

– 'ଥଟ୍ଟା ମଜାକଥା ଛାଡ୍ ... ।'

– 'ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା, ତୁମର ଝଲକ ସେଇଠି ଦେଖିବାକୁ ମିଳିଥିଲା ଯେଉଁଠି ତୁମେ ଅଟକିଗଲ ?'

– 'ମୋତୁ ଯଦି ତୁମେ ଏମିତି ଇଚ୍ଛା କରିଥିଲ ଆଗରୁ କହିଲନି କାହିଁକି ?'

ଅବଶ୍ୟ ଅଟକି ଯାଇଥିଲି । କ୍ୟାରିୟରକୁ ଆଗକୁନେବା ପାଇଁ କହିଥିଲି, କିନ୍ତୁ ନୁହେଁ । ତୁମର ଆନୁଗତ୍ୟ ଓ ବିଶ୍ୱସ୍ତତା ନିଜସ୍ୱ ପରିବାର ପାଇଁ କିଛିଟା ଅଧିକ ଥିଲା

– 'ହା-ହ...ରୁଢ଼ିବାଦୀ ପରିବାରରେ ଅଛୁ ନା !'

– 'ଆଉ କିଛି ନିଜ ବାବଦରେ ବତାଅ ।'

– 'ମଜାମସ୍ତିର ଜୀବନ । ତୁମସାଙ୍ଗରେ ରହିଛି ବୋଲି ପିଜା ବନେଇଛି। ଏବେ ପତିଦେବ ଆଉ ପିଲାପିଲିଙ୍କ ପାଇଁ ଚୁଡା ମଟର ତରକାରି ବନାଉଛି ।'

– 'ତୁମ ସହ ସାକ୍ଷାତ ସମ୍ଭାଷଣ କେମିତି ଥିଲା ?'

– 'ତାହା ତ ଏବେ ଚାଲୁରହିଛି ।'

ଦୁହିଁଙ୍କୁ ଖୁବ୍ ହସମାଡିଲା । ଏମିତି ହସି ହସି ନିଶ୍ଚଳ ଥିଲି । ଯେମିତି ବାରବର୍ଷର ଯୁବା ହୋଇଯାଏ । ପୁଣି ହେବ ।'

– 'ହଁ, କୋଡିଏ ବର୍ଷ ବୟସରଙ୍କ ଭେଟ ହୋଇଥିଲା, ଏବେ ତିନିବର୍ଷ ପରେ ଭେଟୁଛି, ପ୍ରୋଗ୍ରେସନ ଏଲିମିନେସନ ହିସାବରେ ଆଗାମୀ ମୁଲାକାତ ଚାଳିଶବର୍ଷ ପରେ । ବୋଧହୁଏ ସେଇ ଅନ୍ତିମ ଦିନ ଉପଗତ ହେବ ।' ମୁଁ ମୁର୍କି ହସହସି କହିଲି ।

– 'ବଦମାସ୍ ବାଳିକା କୋଉଠିକାର ! ସଦାବେଳେ ହୃଦୟ ଜଳିଲା ଭଳି କଥାବାର୍ତା କରୁଛୁ । ପ୍ରତିଥର ସେଇ ଗୋଟିଏ ଜବାବ ଦେଉଛୁ- କ'ଣ କରିବି ?'

– 'ସଂସ୍କାର ବିରୋଧୀ ପରିବାରରେ ତୁ ଜନ୍ମହୋଇଛୁ ନା ! ଉଁ ଗତାନୁଗତିକ ଭାବେ ଉତ୍ତର ଦୋହରାଇଲି । ପ୍ରେମ କରିବା, ପ୍ରେମ ନିବେଦନକୁ ପାଳନ କରିବା ଆଉ ତାକୁ ବାହାହେବା ପର୍ଯ୍ୟନ୍ତ ପର୍ଯ୍ୟାୟରେ ପହଁଚିବା ସମସ୍ତଙ୍କ ପାଇଁ କାଠିକର ହୋଇ ନ ଥାଏ । ତା'ହେଲେ ତ ଦି ପଦ ହସଖୁସି ମିଠା କଥାକୁ ସ୍ୱୀକାର କରିବାରେ ସମୀର ଭଳି ଭଲଲୋକଙ୍କ ଦୋସ୍ତି ମଧ୍ୟ କିଛିଟା କମ୍ ନୁହେଁ ।

—

## ( ୩ )

ଆଜି ସକାଳୁ କୌଣସି ଏକ ସାହିତ୍ୟସଭାରେ ଭାଗନେବାକୁ ଅହମ୍ମଦାବାଦ ଆସିଥିଲି । ସଭା ତ ଗୋଟେ ବାହାନା ଥିଲା, କିନ୍ତୁ ଏହି ଛଳନକୁ ନେଇ ମୁଁ ନିଜେ ଜିଇଁଥିଲି ବିତିଯାଇଥିବା ମୁହୂର୍ତରେ ।

ମନ ପୁଣି ଯୁବା ହେବାକୁ ଅସ୍ଥିର, ଉଛନ୍ନ ହୋଇଉଠୁଥିବା ବେଳେ ତାକୁ ଭିତରେ ଚାପି ରଖି ନିଜକୁ ସହଜ ସ୍ୱାଭାବିକ କରିନେଲି । ଘର ଫେରିଯିବା ପାଇଁ ଫ୍ଲାଇଟ୍ ଛାଡିବାର କିଛିଘଂଟା ବାକି ଥିଲା । କେତେବେଳୁ ପହଁଚିସାରିଥିଲା ଫ୍ଲାଇଟ୍ । ଭାବବିହ୍ୱଳ ମନକୁ ସମ୍ଭାଳିନେଇ ଆଗକୁ ମଧ୍ୟ ବଢିବା ଜରୁରୀ ଥିଲା । ସମୀରର ହାତରେ ମିଠା ପାନ ଖଣ୍ଡେ ଥିଲା ।

– 'ମତେ ଖୁଆଅ ନା !'

– 'ଏବେ ଖାଇବ !'

– 'ହଁ !'

– 'ଶସ୍ତାରେ କାମ ତୁଟାଇ ଦେବ ନା !' ସେ ଫେଁ କିନା ହସିଉଠିଲା ।

– 'ଶସ୍ତାରେ କ'ଣ ? ଜୀବନ ବ୍ୟାପୀ ଖର୍ଚ୍ଚ ତୁଲାଉଛି ମୁଁ ।'

ଧୀର ସ୍ୱରରେ କହି ସେ ଚାଲିଗଲା, ଯାହାଏ ଯାଏ କହି ନ ଥିଲା । ସେଇ ଅକୁହା କଥା ସହସା ବାହାରି ଆସିଲା । ତାଠୁ ଦୂରକୁ ଯିବାପାଇଁ ଚେଷ୍ଟାକରି ମଧ୍ୟ ଦୂରେଇଯାଇ ପାରିଲି ନାହିଁ । ଜଣାଥିଲା ଏବେ ବୋଧେ କେବେ ଭେଟିପାରିବି ନାହିଁ ।

ପଛକୁ ବୁଲିପଡି ଦେଖେତ ସେ ସେଇଠି ଛିଡାହୋଇ ମୋର ଆଗକୁ ବଢିବାବାଟକୁ ଅପେକ୍ଷା କରୁଥିଲେ । ନଜର ହଟେଇବା ମୁସ୍କିଲ ଥିଲା । ତଥାପି ଦୃଷ୍ଟି ଫେରାଇ ଆଣିଲି । ସତରେ ଏ ଜୀବନ ବି ବାରମ୍ବାର ପରୀକ୍ଷା ନେଇଥାଏ ।

*ପ୍ରାକ୍ତନ ଅତିରିକ୍ତଶାସନ ସଚିବ, ଓଡ଼ିଶା ସରକାର,*
*ଓସ୍କାରସିଟି, ଲକ୍ଷ୍ମୀସାଗର, କେନାଲରୋଡ଼, ଭୁବନେଶ୍ୱର*
*ଦୂରଭାଷ: ୯୪୩୮୩୩୨୧୩୮*

# ମଳୟର ସ୍ପର୍ଶ

## ଲିପିକା ପଟ୍ଟନାୟକ

ସଞ୍ଜ ନଇଁ ଆସୁଥାଏ। ଗଙ୍ଗ ଶିଉଳିର ଭୁରୁଭୁରୁ ବାସ୍ନାରେ। ବାସ୍ନାୟିତ ପରିବେଶ। ଶ୍ରୀ ରାଧା ବସିଛନ୍ତି ଲନ୍‌ରେ। ଏ ପର୍ଯ୍ୟନ୍ତ ଅଫିସରୁ ଫେରିନାହାନ୍ତି ଅବଧେଶ। ପୋଷା କୁକୁରଟି ବାରମ୍ବାର ଗେଟ୍ ପାଖରୁ ଯାଇ ଫେରିଆସୁଥାଏ ଶ୍ରୀରାଧାଙ୍କ ପାଖକୁ। ସତେ ଯେମିତି ସେ ବି ଅବଦେମଙ୍କୁ ଅପେକ୍ଷାକରି ରହିଛି ଏବଂ ଫେରିଆସି ଶ୍ରୀରାଧାଙ୍କ ପାଦତଳେ ମୁହଁମାରି କହୁଛି ମା ଏତେ ସମୟ ହେଲାଣି କାବୁ କାହିଁକି ଫେରି ନାହାନ୍ତି ?

ତାକୁ ପାଖକୁ ଆଉଦେଇଆଣି ତା ଦେହକୁ ଆଉଁଷି ଦେଇ ଶ୍ରୀରାଧା କୁହନ୍ତି ତୁ ବ୍ୟସ୍ତ ହୁଅନା ତୋ ବାବୁ ଆସୁଥିବେ। ରାସ୍ତାରେ ଟ୍ରାଫିକ୍ ଜାମ୍ ଓ ଡ୍ରାଇଭର ଧିରେ ଧିରେ ଗାଡ଼ି ଚଳାଉଥିବ ତୁ ଏଇ ଲନ୍‌ରେ ଖେଳୁଥା....

ଏଇ ଜ୍ୟାକ୍ ତାଙ୍କର ସବୁକିଛି ଅବଧେମ ଅଫିସ ଚାଲିଗଲା ପରେ ବାସ୍ ଏଇ ତାଙ୍କ ସଂସାର। ତା ସେବା କରେ ସୁମି ମାଉସୀ। ତାକୁ ଖୁଆଇ ପିଆଇ ଚାଲିଗଲେ ତା'ରି ସହ ସମୟ କଟାନ୍ତି ଶ୍ରୀରାଧା। କୋଳରେ ସନ୍ତାନ ନ ଥିବାର ଦୁଃଖକୁ ଭୁଲିବାକୁ ଚେଷ୍ଟାକରନ୍ତି ତା ସହ ଗପି ଗପି।

କେତେ ଡାକ୍ତର ନ ଦେଖେଇଲେଣି ସେ କେତେ ଦିଅଁ ଦେବତା ପୂଜା ନ କଲେଣି ସତେ, ସବୁ ବ୍ୟର୍ଥ ଦୀର୍ଘ ସାତବର୍ଷର ରାସ୍ତା ଚାଲିଲେଣି ଅବଧେଶଙ୍କ ସହ- ଏଇଟା କମ୍ କଥା ନୁହେଁ। ସନ୍ତାନଟିଏ ନଦେଇ ପାରିବାର ଦୁଃଖକୁ ସେ କେବେବି ପ୍ରକାଶ କରିନାହାନ୍ତି ଶ୍ରୀରାଧାଙ୍କ ଆଗରେ। ସବୁବେଳେ ହସ ହସ ମୁହଁ ଖିଲି ଖିଲି ହସରେ ଭଳେଇ ଦିଅନ୍ତି ପତ୍ନୀ ଶ୍ରୀରାଧାଙ୍କୁ।

ଶ୍ରୀରାଧା କାନ୍ଦିପକାନ୍ତି ସ୍ୱାମୀ ଅବଧେଶ ଛାତିରେ ମୁହଁ ଗୁଞ୍ଜି।

ଗାଁରେ ରୁହନ୍ତି ଶାଶୁ ଏବଂ ଶ୍ୱଶୁର। ନାତିନାତୁଣୀଟିଏର ସ୍ୱପ୍ନ ଦେଖି ଦେଖି ଶାଶୁ ଚାଲିଗଲେ ଆରପାରିକୁ। ଶ୍ୱଶୁର ବି ଦିନେ କହିଲେ ମା'ରେ ସଂସାରକୁ କେବେ ଆଗେଇ ନେବ ? ସେଇଥିରୁ ଶ୍ରୀରାଧା ଅନୁମାନ କରିନେଲେ ଯେ ତାଙ୍କର ଏକମାତ୍ର ପୁତ୍ର ଅବଧେଶ ପିତୃତ୍ୱ ଲାଭ କରନ୍ତୁ। ବାସ୍ତବିକ କଥା କେଉଁ ପିତାମାତା ନ ଚାହିଁବେ ନାତିନାତୁଣୀଟିଏ ପାଇଁ ? ଶ୍ୱଶୁର ଭାବୁଥିଲେ ମୁଁ ବୋଧେ ସନ୍ତାନ ପ୍ରସବ ହେବାକୁ ଇଚ୍ଛୁକ ନୁହେଁ ସେଥିପାଇଁ ମୁହଁ ଖୋଲି କହିଥିଲେ ଏ କଥା।

ଗାଁ ଘରେ ରହିବାକୁ ଭଲ ଲାଗୁଥିଲେ ବି ସେଦିନ ଆମ ନିଶ୍ୱାସୀ ଲାଗୁଥିଲା ଶ୍ରୀଙ୍କୁ। ଶାଶୁଙ୍କ ଫଟୋଟିକୁ ଚାହିଁ ପାଦତଳେ ପଡ଼ିଗଲା ତାଙ୍କର। ମା ତୁଲ୍ୟ ଶାଶୁଙ୍କୁ ହାତଯୋଡ଼ି ଅନୁନ୍ୟ ହେଲା ପଣତ ପତେଇ ଆଶିର୍ବାଦ ଭିକ୍ଷା ମାଗୁଥିଲା ତାଙ୍କୁ। ଆଖିରୁ ବୋହିଯାଉଥିଲା ଅବାରିତ ବାରିଧାରା।

ସେ ପାଖରୁ ସାଙ୍ଗମାନଙ୍କୁ ଦେଖାକରିବାକୁ ଯାଇଥିବା ଅବଧେଶ ଫେରିଆସି ଦେଖିଥିଲେ ଶ୍ରୀଙ୍କ ଶୁଖିଲା କାନ୍ଦୁରା ମୁହଁ ଆଉ ମା'ଙ୍କ ଫଟୋ ତଳେ ବସି ବିଳିବଳେଇ ହେଉଥିବାର। ତଳୁ ଉଠେଇ ପାଖକୁ ଟୋଳି ଆଣିଥିଲେ ଅବଧେଶ। ତମେ କାହିଁକି ଏତେ ଅଧୈର୍ଯ୍ୟ ହେଉଛ ଶ୍ରୀ ? ପିଲା ଆଦି ନହେଲେ କାଲିହେବ ନହେଲେ ଦୁଃଖ କରି ମଳିନ ଦିଶୁ।

ମୁଁ ଜାଣିଛି ମୁଁ ମା ହୋଇ ପାରିବିନି ତମେ କିନ୍ତୁ ମତେ ସବୁକିଛି ଲୁଚଉଛ।

ସେଦିନ ଘରକୁ ବଡ଼ ପିଉସୀ ଆସିଥିଲେ ଭାରି ସ୍ନେହୀ ଲୋକ ସେ ଶ୍ରୀ ରାଧାଙ୍କୁ ଝିଅ ଭଳି ସ୍ନେହ କରନ୍ତି କିନ୍ତୁ କଥା କହୁ କହୁ କହିଦେଲେ ମା'ରେ ନାରୀର ପୂର୍ଣ୍ଣତା ଆସେ ମାତୃତ୍ୱରେ। ସେଦିନ ଏତିକି କଥାରେ ଶ୍ରୀରାଧା ତାଙ୍କୁ ଜାବୁଡ଼ି ଧରି କାନ୍ଦି ପକେଇଥିଲେ।

ସେ କହିଲେ ତୁ ଏମିତି ଭାଙ୍ଗି ପଡ଼ିଲେ ଚଳିବ ? ଅମକ ଲୋକର ବିବାହର ଅଠର ବର୍ଷରେ ପୁଅହେଲା। ଆମ ଗାଁ ଭରତ ସାହୁର ବାରବର୍ଷରେ ଦୁଇଟା ପୁଅ ଝିଅ ହେଲେ ତୁ କାନ୍ଦେନା ଭଗବାନ ଚାହିଁଲେ ଆମ ଅଗଣାରେ କୁଆଁ କୁଆଁ ଡାକ ଶୁଭିବ। ତୁ ଟିକେ ନିତି ସୋମବାରରେ ଶିବ ପୂଜା କରିବୁଟି। ଶିବଙ୍କ ଆଶିର୍ବାଦରେ ନହେବାକଥା ହେବ। କୋପେବର ନହିଲେ ତପେ ବର। ସେ ହିଁ ହତ୍ତାକର୍ତ୍ତା ଦଇବ ବିଧାତା ତାଙ୍କରି ଆଶିର୍ବାଦରୁ ତୁ ମା' ଡାକ ନିଶ୍ଚୟ ଶୁଣିବୁ। ପିଉସୀଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳିଲେ ଶ୍ରୀରାଧା। ଠାକୁର ପ୍ରେମରେ ଏତେ ପାଗଳୀ

ହୋଇଗଲେ ଯେ ଅବଧେଶଙ୍କ ଖବର ବୁଝିବାକୁ ସମୟ ମିଳିଲାନି ତାଙ୍କର। ସୁମି ହାତରୁ ଖାଇବାକୁ ପଡୁଥିଲା ତାଙ୍କୁ।

ବିରକ୍ତ ହେଲେ ଅବଧେଶ। କହିଲେ ଦେଖ ଶ୍ରୀ ମୁଁ ତମ ମୁହଁକୁ ଦେଖି ସନ୍ତାନ ନ ହେବାର ଦୁଃଖକୁ ଭୁଲିଯାଇଛି। ତମେ ଯଦି ଘଣ୍ଟା ଘଣ୍ଟା ଠାକୁର ଘରେ କଟେଇବ ତା ହେଲେ ମୁଁ କାହାମୁହଁ ଦେଖି ଦିନ କଟେଇବି ? ସକାଳୁ ଉଠିଲା ବେଳକୁ ଠାକୁର ଘରେ ଅଫିସ ଗଲାବେଳକୁ ମନ୍ଦିରରେ ସନ୍ଧ୍ୟାରେ ଅଫିସରୁ ଫେରିଲା ବେଳକୁ ପୁଣି ଠାକୁର ଘରେ କାହା ପାଖରେ ଖୋଲିବି ମନ ସିନ୍ଧୁକର କଥା ?

ପ୍ଲିଜ୍, ତମେ ଜମା ବିରକ୍ତ ହୁଅନି ମୋର ବିଶ୍ୱାସ ଠାକୁର ନିଶ୍ଚୟ ଆମ କଥା ଶୁଣିବେ। ଆମ କୋଳକୁ ସନ୍ତାନଟିଏ ଦେବେ।

ତମ ପାଗଳାମୀ ଛାଡ଼ ଶ୍ରୀ ଆସ ମୋ ପାଖକୁ ଆସ (ହାତକୁ ଧରି ଟାଣିନେଇ) ତମର ମନେ ଅଛି ଆମ କଲେଜ ବେଳର କଥା କେତେ ଚୁଲବୁଲି ଥିଲ ତମେ। ବସ ଏଇଠି ମୋ ପାଖରେ। ତମେ ଆମ କଲେଜର ସଦ୍ୟପ୍ରଟିତ ଫୁଲ ଥିଲ। ତମ ଚାରିପାଖରେ କେତେ ଭ୍ରମର ଉଡ଼ି ବୁଲୁଥିଲେ ତମ ସୌନ୍ଦର୍ଯ୍ୟର ମଧୁ ଚାଖିବା ପାଇଁ। ମୁଁ- ଅଧମ ଏକା ରହି ଯାଉଥିଲି ତମ ଠୁ ଟିକେ ଦୂରେଇକି। ନା ତମକୁ ଚାହୁଁଥିଲି ନା ତମ ପ୍ରେମ ନିଘା ମତେ ଘାରୁଥିଲା। ପାଠପଢ଼ା ବ୍ୟତୀତ ମତେ ଅନ୍ୟ କିଛି ଦିଶୁ ନଥିଲା କି ମୋର ରକ୍ଷଣଶୀଳ ବାପାଙ୍କ ଆଜ୍ଞାକୁ ଅବଜ୍ଞା କରିପାରୁନଥିଲି। ତା ବୋଲି ମୋ ଭିତରେ ପ୍ରେମ ଉଦ୍ରେକ ହେଉ ନ ଥିଲା କି ମୁଁ ରୋମାଞ୍ଚ ହେଉ ନଥିଲି ସେ କଥା ନୁହେଁ ମୁଁ ବି ମଣିଷ। ମୋର ବି ରକ୍ତ ମାଂସର ଶରୀର। ମୁଁ କିନ୍ତୁ ସେ ସବୁକୁ ଅଣଦେଖା କରି ଆଗ କ୍ୟାରିୟର ପ୍ରତି ଧ୍ୟାନ ଦେଉଥିଲି।

ଦିନେ ରାସ୍ତାରେ ଗୋଟେ ଅଜଣାଗାଡ଼ି ମୋ ଗାଡ଼ିକୁ ପିଟିଦେଇ ଯୋର୍‌ରେ ଚାଲି ଚାଲି ଆଉ ମୁଁ ସେଇଠି କ୍ଷତବିକ୍ଷତ ହୋଇପଡ଼ି ଥିଲି ଆଉ ସଂଯୋଗ ବଶତ ତମେ ସେଇ ବାଟଦେଇ ଯାଉଥିଲ ତମେ ସ୍କୁଟି ଅଟକାଇ ଦୌଡ଼ି ଆସି ମତେ ଉଠାଇବସାଇଥିଲ। ତମର ସୁକୋମଳ ନରମ ହାତରେ ମୋ କ୍ଷତରୁ ଧୂଳିମାଟି ସଫାକରି ନିଜ ଓଢ଼ଣୀରେ ମୋ ଦେହରୁ ରକ୍ତ ପୋଛିଦେଇ ମତେ ତମ ସ୍କୁଟିରେ ବସେଇ ମେଡିକାଲ ନେଇଯାଇଥିଲ। ମୋ ଦେହର ସମସ୍ତ କ୍ଷତକୁ ବ୍ୟାଣ୍ଡେଜ୍ କଲାପରେ ବି ମୁଁ ଆଡମିସନ ହୋଇଥିଲି କାରଣ ମୋ ମୁଣ୍ଡରେ ବି ଶକ୍ତ ମାଡ଼ ହୋଇଥିଲା ଫାଟି ନଥିଲେ ବି ଫୁଲିଯାଇଥିଲା ରକ୍ତ ମଧ ବହିଯାଉଥିଲା ଆଉ ଡକ୍ଟର କହିଲେ X-Ray କରିବା ପାଇଁ। ତମେ ମୋ ପାଖରେ ବସି ତମ ନରମ ପାପୁଲିରେ ମୋ ମଥା ସାଉଁଳେଇ ଦେଉଥିଲ। ବିଶ୍ୱାସ କର ତମର ସ୍ପର୍ଶ ମତେ ମେଡିକାଲ ଟ୍ରିଟ୍‌ମେଣ୍ଟ ଠାରୁ ବେଶୀ ଭଲ ଲାଗୁଥିଲା। ସେଇ ସ୍ପର୍ଶ ମୋର ଆଜିବି ମନେପଡ଼ିଲେ ଦେହରେ ଗୋଟେ ଶିହରଣ ସୃଷ୍ଟିହୁଏ। ସେଇଦିନରୁ ମୋର ତମପ୍ରତି ଗୋଟେ ଅହେତୁକ ଆକର୍ଷଣ ବଢ଼ିଯାଇ ସମ୍ପର୍କଟିଏ ଗଢ଼ି ଉଠିଲା। ସେଇ ସମ୍ପର୍କରେ ଆମେ ଦୁଇଟି ଉଡ଼ାପକ୍ଷୀ ବାନ୍ଧିହୋଇଯାଇଥିଲେ। ପରଦିନ ସାରା କଲେଜଟାରେ ହୁରି ପଡ଼ି ଗୋଟେ ମୃଦୁ ଗୁଞ୍ଜରଣ ସୃଷ୍ଟି ହେଲା, ଅବଧେଶ ଭଳି ପିଲା..... ନା ଏ ସମ୍ଭବ ନୁହେଁ। ଏମିତି ଅନେକ କଥା। ତମ ମୋ କୁ ଏକାଠି ଦେଖିଲେ କେହି ଈର୍ଷାରେ ଜଳିଲେ। ଆମେ କିନ୍ତୁ ନଛୋଡ଼ ବନ୍ଧା। ତାପରେ ମୁଁ ମନଭରି ଦେଖିଲି ମୋ ସ୍ୱପ୍ନ ସୁନ୍ଦରୀକୁ ପୁରା ମନର ଆଖିରେ। ତମକୁ ମୁଁ ଏମିତି ଭଲପାଇଗଲି ଯେ ମେ ପାଠ୍ୟ ପୁସ୍ତକର ପ୍ରତି ପୃଷ୍ଠାରେ ମୁଁ ଦେଖିଲି ତମ ମୁହଁ, ଭଲ ପାଇବାର ନିଶାରେ ବୁଡ଼ିଗଲି ମୁଁ ମୋ ପାଇଁ ତମବିନା ଅନ୍ଧକାରମୟ ସାରାଦୁନିଆଟା। ସତେ ଯେମିତି ମୋ ଦୁନିଆ କେବଳ ତମେ। ତମେ କିନ୍ତୁ ମତେ ବହୁତ ସାହାଯ୍ୟ କଲ। ମତେ ଉତ୍ସାହିତ କଲ ମନଦେଇ ପଢ଼ି ଗୋଟେ ଭଲ ମଣିଷ ହେବାପାଇଁ ସବୁ କ୍ଷେତ୍ରରେ ତମେ ମୋ ପାଖେ ପାଖେ ରହି ମନ୍ତ୍ରୀଟିଏ ପରି ପରାମର୍ଶ ଦେଇଚାଲିଲ।

ମୁଁ ଗୋଟିଏ ଚାନ୍ସରେ OPSC କ୍ଲିୟର କରି ଏବେ ମୁଁ ଜଣେ ପୌର ଅଧିକାରୀ। ତମର ପ୍ରିୟ ଅବଧେଶ। ତମରି ପାଇଁ ସେ ଦୁନିଆ ସହିତ ଲଢ଼ିଦେଇଛି ଏମିତି ବି ତା ପରିବାର ସହ ପ୍ଲିଜ୍ ମୋ ପାଖକୁ ଟିକେ ଲାଗି ଆସ। ତମେ ଜାଣି ପାରୁଛ ଏବେ ଏବେ ତମେ ମୋ ଠାରୁ କେତେ ଦୂରେଇ ଯାଇଛ ? ଡାକ୍ତରଙ୍କ କଥା କ'ଣ ଅନ୍ୟଥା ହେବ। ଦୁଃଖ କରନି। ଦୁହେଁ ଦୁହିଁଙ୍କ ମୁହଁକୁ ଚାହିଁ ଦିନ କାଟି ନେବା। ମୁଁ ସନ୍ତାନ ବିନା ବଞ୍ଚିଯିବି କିନ୍ତୁ ତମ ବିନା ନୁହେଁ। ଯଦି ସନ୍ତାନଟିଏ ପାଇଁ ତମେ ଏତେ ବ୍ୟଗ୍ର କିମ୍ବା ମା' ଡାକ ଶୁଣିବା ପାଇଁ ଏତେ ପାଗଳିନୀ ତେବେ ଆଜି ଚାଲ ତମ କୋଳରେ ମୁଁ ସନ୍ତାନଟିଏ ଦେବା ପାଇଁ ସବୁ ବ୍ୟବସ୍ଥା କରି ଆସିଛି।

କେଉଁଠି ?

ଚାଲ ତ ! ତମେ ବାହାର ମୁଁ ଗାଡ଼ି ବାହାର କରୁଛି।

ଆଜି ଶ୍ରୀରାଧାଙ୍କ ମନରେ ଯେମିତି ମଳୟ ବହୁଛି। ଫଗୁଣ ଫୁଲର ଭୁରୁଭୁରୁ ବାସ୍ନାରେ ବାସ୍ନାୟିତ ତାଙ୍କ ମନ ଉପବନ। ଧନ୍ୟ ତମେ ଅବଦେଶ। ପିତୃତ୍ୱ ପାଇଁ ତମେ ଯୋଗ୍ୟ। ତଥାପି ମୋ ପାଇଁ ତମର ଏତେ ବଡ଼ ତ୍ୟାଗ.... ?

*ଦୂରଭାଷ: ୯୩୩୭୨୩୮୩୯୨*

# ବ୍ରହ୍ମ ଦର୍ଶନ

ଚୌଧୁରୀ ବରଦା ପ୍ରସନ୍ନ ଦାସ

ଲୋକାରଣ୍ୟ କୋର୍ଟରେ ବିବାହ ବିଚ୍ଛେଦ ମାମଲାର ଶୁଣାଣି ବେଳେ ସ୍ୱାମୀ ଶୁଭେନ୍ଦୁଙ୍କ ଓକିଲଙ୍କର ବୟାନକୁ ସ୍ତମ୍ଭୀଭୂତ ହୋଇ ଶୁଣୁଥିଲା ଝରଣା। ହାଇକୋର୍ଟର ନାମଜାଦା ଓକିଲଙ୍କୁ ଆଣିଛନ୍ତି ଶୁଭେନ୍ଦୁଙ୍କ ପରିବାର। ତାଙ୍କର ଫିସ୍ ଅନେକ। ସେଇ ଓକିଲଙ୍କର ବାକ୍‌ପଟୁତା ଅସଂଭବ ଧରଣର। ନିଜର ଯୁକ୍ତି ଉପସ୍ଥାପନ କାଳରେ ଝରଣାର ଚରିତ୍ର ଉପରେ ଅନେକ ପ୍ରଶ୍ନ ଉଠାଇଲେ ଓକିଲ ଜଣକ। ଏପରିକି ତାକୁ ବି ଶାରୀରିକ ଭାବରେ କିଛିଟା ଅକ୍ଷମ ବୋଲି ଦର୍ଶାଇଲେ। ମୋଟ ଉପରେ ତାଙ୍କର ଯୁକ୍ତି ହେଲା ଏଭଳି ବୋହୂକୁ ନେଇ କେହି ପରିବାର ଶାନ୍ତିରେ ଚଳିପାରିବେ ନାହିଁ। ଏସବୁ ଶୁଣି ବିଚାରପତି ମହାଶୟ ଅପ୍ରତିଭ ହୋଇପଡିବା ଭଳି ଦେଖାଯାଉଥିଲେ ବି ନ୍ୟାୟାଳୟ ସବୁବେଳେ ଓକିଲଙ୍କ ଯୁକ୍ତି ପ୍ରତିଯୁକ୍ତି ପାଖରେ ବନ୍ଧା । ଶୁଣାଯାଏ ପଇସା ଥିଲେ କୋର୍ଟରେ କଳାକୁ ଧଳା, ଧଳାକୁ କଳା ସହଜରେ କରିହୁଏ। ସାକ୍ଷୀଟିଏ ବେଳେବେଳେ ନ ଦେଖି ଥିବା କଥାକୁ, ଦେଖିଛି ବୋଲି କହେ, ପୁଣି କେତେବେଳେ ଦେଖିଥିବା କଥାକୁ, ଆଦୌ ଦେଖିନି ବୋଲି କହେ । ତଥାପି କୋର୍ଟରେ ଝରଣାର ଆଖି ଶୁଭେନ୍ଦୁର ଆଖି ସହିତ ମିଳିଗଲା ବେଳେ ଝରଣା କେବଳ ଅପଲକ ଆଖିରେ ଚାହେଁ, ହେଲେ ଶୁଭେନ୍ଦୁ ମୁହଁ ତଳକୁ କରିଦିଏ ।

ଝରଣା ଆଉ ଶୁଭେନ୍ଦୁ ଦୁଇ ପଢାସାଥୀ ଥିଲେ। ଦେବୀନଦୀ ଆରପଟ ସୁନ୍ଦରପୁର ଗାଁରେ ଝରଣାର ଘର। ଝରଣା ଗୋଟିଏ ନିମ୍ନ ମଧ୍ୟବିତ୍ତ ପରିବାରର ଝିଅ । ଶୁଭେନ୍ଦୁ ପାଖ ଗାଁର ପୁଅ । ଦୁନିଆରେ ଚାଲୁ ଚାଲୁ ଅନେକ ମଣିଷ କେମିତି ଗୋଟାଏ ଭଲ ଲାଗନ୍ତି, ପରସ୍ପରର ସ୍ୱପ୍ନ ପୁଣି ଏକା ହୋଇଯାଏ। ସ୍କୁଲରେ ପାଠ ପଢୁପଢୁ ଉଭୟେଙ୍କୁ ଉଭୟେ କେମିତି ଭଲ ଲାଗିଥିଲେ । ଦେଖିଲେ ଭଲଲାଗେ । କଥା କିଛି ନଥିଲେ ବି ଘଣ୍ଟା ଘଣ୍ଟା କଥା ହେଲେ ବି ସରେନା । ଅନେକ କିଛି ବାକି ରହିଗଲା ପରି ଲାଗେ । ଶୁଭେନ୍ଦୁ ଆଉ ଝରଣା ଜାଣିପାରିନାହାନ୍ତି କେତେବେଳେ ସେମାନେ ପରସ୍ପରର ଖୁବ୍ ନିକଟତର ହୋଇ ଯାଇଛନ୍ତି । ଖାଲି ନିଜ ନିଜର ନୁହେଁ ଦୁଇ ପରିବାରର ମଧ୍ୟ ।

ଝରଣା କୁଳୁକୁଳୁ ହସର ଝରଣାଟିଏ। ବାପା ହରି ପ୍ରଧାନ ବିଲରେ ଚାଷ କରନ୍ତି । ଖରାବରଷା ଉପରେ ଭରସା କରି ଚାଷ କରନ୍ତି । କେଉଁ ବର୍ଷ ବନ୍ୟା ମାଡିଆସିଲାଣି ତ କେଉଁ ବର୍ଷ ପୁଣି ଅଦିନିଆ ବର୍ଷା । ତଥାପି ପରିବାର ବର୍ଷକ ଚଳିଯାଏ । ଶୁଭେନ୍ଦୁର ବାପା ଚାକିରି କରନ୍ତି ସହରରେ। ଗାଁର ଜମି ଆଉ ସହରର ଚାକରିକି ନେଇ ତାଙ୍କର ସଂସାର । ବେଶ୍ ଭଲ ଘର । ନିଶ୍ଚୟ ଧନୀ କୁହାଯିବ । ଆର୍ଥିକ ବୈଷମ୍ୟ ଥିଲେ ବି ଝରଣା କେମିତି ତାଙ୍କ ଭିତରେ ଗୋଟାଏ ସଂଯୋଗ । ଖାଲି ଶୁଭେନ୍ଦୁକୁ ନୁହେଁ ଝରଣା ବି କେମିତି ଭଲଲାଗେ ତାର ବାପ ମାଆଙ୍କୁ ।

ଗାଁ', ଗାଁ'ର ପାଣି ପବନ, ନଈ, ନଈକୂଳ ବରଗଛ, ସଂଜ ସକାଳରେ ମନ୍ଦିରର ଆରତୀର ଝଙ୍କାରକୁ ନେଇ ତାର ଚଳଣି। ଗାଁର ଲୋକେ ସରଳ ବିଶ୍ୱାସୀ । ପୁଣି ଜାତି ଅଜାତି ନିର୍ବିଶେଷରେ ପ୍ରୀତି ବାନ୍ଧବ ଘର ଆଉ ମାମୁଁ ମଉସା, ଦାଦା ଡକାଡକି । ଶୁଭେନ୍ଦୁ ଆଉ ଝରଣାର ପରିବାର ମଧ୍ୟରେ ଆର୍ଥିକ ବୈଷମ୍ୟ ସେମାନଙ୍କ ସଂପର୍କରେ ବାଧା ଦେଇନାହିଁ ଯେଉଁଦିନ କହୁ କହୁ ଶୁଭେନ୍ଦୁର ମା'କହିଦେଲେ, ଏମିତିଆ ବୋହୂଟିଏ ମୋତେ ମିଳନ୍ତା କି ? ସେଇଦିନ ଶୁଭେନ୍ଦୁ ଆଉ ଝରଣା ଭିତରେ ଶୋଇରହିଥିବା ଭଲପାଇବାର ବୀଜଟି ଅଙ୍କୁରିତ ହେବାକୁ ଲାଗିଲା। ଶୁଭେନ୍ଦୁ ବାପାମା'ଙ୍କର ଗୋଟିଏ ପୁଅ । ଘରେ ବି ଅଭାବ ନାହିଁ। ଏପଟରେ ଝରଣାର ବାପା ହରି ପ୍ରଧାନଙ୍କର ସଂସାର ନାହିଁନାହିଁର ସଂସାର ହେଲେବି ମନଟା କିନ୍ତୁ ଉଚ୍ଚ। ସପନ ସତ ହୋଇଗଲା । ଝରଣା ବୋହୂ ହୋଇ ଆସିଲା ଶୁଭେନ୍ଦୁଙ୍କ ଘରକୁ । ଝରଣାର ମନେ ଅଛି ସେ ଘରକୁ ଆସିଲା ପରେ ଶାଶୂ କେମିତି ଖୁସିରେ ଫାଟି ପଡିଥିଲେ ।

ଆଜି କିନ୍ତୁ ଚେଷ୍ଟାକରି ମନର କୋହକୁ ଚାପି ନ ଥିଲେ କୋର୍ଟରେ ଭୋ ଭୋ କରି କାନ୍ଦିଉଠିଥାଆନ୍ତା ଝରଣା । ଅଜାଣତରେ ସେ ଟାଣି ହୋଇଗଲା ଅତୀତକୁ । ସ୍ଥାନ ବଦଳିଗଲା । ଛୁଟି ଦିନରେ କି କେଉଁ ପର୍ବପର୍ବାଣୀରେ ଝରଣା ଆଉ ଶୁଭେନ୍ଦୁ ନାମକ କିଶୋର କିଶୋରୀ ଚାଲିଯାଉଥିଲେ ପାଖ ଗାଁଆ ନନ୍ଦ ଗ୍ରାମର ଠାକୁର ନନ୍ଦମଣିଙ୍କ ପୀଠକୁ । ଶ୍ରୀକ୍ଷେତ୍ର ପୁରୀରୁ ଅର୍କକ୍ଷେତ୍ର କୋଣାର୍କ ଦେଇ ମା' ଶାରଳାଙ୍କ ପୀଠକୁ ଲମ୍ବି ଯାଇଥିବା ଆଧ୍ୟାତ୍ମିକ ସରଣୀରେ ନାଉଗାଁ ପାଖରେ ଏଇ ଅନନ୍ୟ ମନ୍ଦିର । ସୁନ୍ଦର ପରିବେଶ । କେତେବେଳେ ନିରୋଳା ପୁଣି କେତେବେଳେ କୋଳାହଳ । କିନ୍ତୁ ସବୁବେଳେ ସେଠୁ ଶୁଭେ ମଙ୍ଗଳର

ବାର୍ତ୍ତା । ମନ୍ଦିରର ପରିବେଶ ବହୁତ ଭଲ ଲାଗେ ତାଙ୍କୁ । ସତ୍ୟ ନ୍ୟାୟର ବାର୍ତ୍ତା ନେଇ ଏଠି ବ୍ରହ୍ମଦଣ୍ଡ ବିଦ୍ୟମାନ । ଏହି ବ୍ରହ୍ମଦଣ୍ଡଙ୍କ ସମୀପରେ ମିଛ କହି କେହି ସମ୍ଭାଳି ପାରନ୍ତିନି । ଏ ଅଞ୍ଚଳର ଲୋକେ ଠାକୁରଙ୍କୁ ଝହିଁ ସମସ୍ତେ ସତ କହନ୍ତି । ପୁଲିସ କି କୋର୍ଟ ଯାଆନ୍ତିନି ।

"କହିଲୁ, ଭଗବାନ ଶିବଙ୍କର ବଡଗୁଣ କଣ ?" ସେଦିନ ଠାକୁର ନନ୍ଦମଣିଙ୍କ ପୀଠ ବେଢାରେ ଚଉତରା ଉପରେ ବସିଥିଲା ବେଳେ ଝରଣାକୁ ପଚ୍ଚରିଥିଲା ଶୁଭେନ୍ଦୁ । "ଆରେ, ଠାକୁରଙ୍କର ତ ସବୁଗୁଣ ଭଲ, ତାକୁ ତଉଲିବାକୁ ଆମେ କିଏ ?" ଉତ୍ତର ଦେଇଥିଲା ଝରଣା । କିନ୍ତୁ ନିଜ ତରଫରୁ ଠାକୁରଙ୍କର ସେଇ ଗୁଣଟିକୁ ଯେତେବେଳେ ଶୁଭେନ୍ଦୁ କହିଲା, ମୁଣ୍ଡ ଟେକି ଝହିଁଥିଲା ଝରଣା । ଶୁଭେନ୍ଦୁ କହିଥିଲା, "ଆଲୋ ବୋକୀ, ଭଗବାନ ଶିବ ଚିରଦିନ ଏକପନ୍ନୀ ବ୍ରତରେ ବ୍ରତୀ । ସତୀ ଜନ୍ମରେ ମା' ଭବାନୀଙ୍କ ସମ୍ମାନ ପାଇଁ ସେ ଏ ସଂସାର ଚହଲେଇ ଦେଇଥିଲେ ।" ବହୁତ ଭଲ ଲାଗିଥିଲା ଝରଣାକୁ । ଛାତିରେ ହାତଦେଇ ଆଖିବୁଜି ସେ ପ୍ରଣାମ କରିଥିଲା ସେଇ ଶ୍ମଶାନବାସୀ ବୈରାଗୀଙ୍କୁ । ଭବିଷ୍ୟତରେ ସଂସାର ବାନ୍ଧିବାକୁ ଇଛା କରିଥିବା ଏଇ ମମତାର ପକ୍ଷୀ ଦୁଇଟି ଅନେକ ସମୟରେ ଯାଆନ୍ତି ଏଇ ଶୈବ ପୀଠକୁ । ବୁଝିବାକୁ ଚେଷ୍ଟା କରନ୍ତି ଶିବ ତତ୍ତ୍ୱକୁ । ପ୍ରକୃତିର କୋଳ ତାଙ୍କ ନିବାସ । ଖୁବ ଗମ୍ଭୀର ଭାବରେ ଯେତିକି ବୁଝନ୍ତି କଥା ହୁଅନ୍ତି । ଦୁନିଆରେ ସବୁ ମିଛ, ମରଣ ହିଁ ସତ୍ୟ । ଜୀବନର ସବୁ ଭୋଗ ବିଳାସ ଶ୍ମଶାନରେ ପାଉଁଶ ହୋଇଯାଏ ଆଉ ଭଗବାନ ଶିବଙ୍କ ଶରୀରରେ ସେଇ ପାଉଁଶ ବୋଳି ହୋଇ ଯାଏ । ସେ ମଙ୍ଗଳମୟ । ସଂସାରର ସବୁ ଅମଣିଷ ପଣିଆ ଆଉ ରାକ୍ଷସ ମନୋଭାବର ବିଷକୁ ପାନ କରି ସେ ନୀଳକଣ୍ଠ । ପ୍ରକୃତି କୋଳରେ ରହି ସେ ବାର୍ତ୍ତା ଦେଉଛନ୍ତି । ପ୍ରକୃତିର ଏଇ ମହଲ ସବୁଠୁ ସୁନ୍ଦର ।

ଆଲୋଚନା କରନ୍ତି, ଏଇ ପୀଠର ଉତ୍ପତ୍ତିକୁ । ପଞ୍ଚଦଶ ଆଉ ଷୋଡସ ଶତାବ୍ଦୀ ଉତ୍କଳୀୟ ଇତିହାସରେ ଏକ ଆଧ୍ୟାତ୍ମିକ ପୁନଃ ଜାଗରଣର ସମୟ । ସେଇ ସମୟରେ ଏଇ ପବିତ୍ର ତ୍ରିକୋଣ ଭୂମିରେ ପ୍ରଭୁ ନନ୍ଦମଣିଙ୍କର ଆବିର୍ଭାବ । କରମଙ୍ଗା ଆକୃତିର ଏଇ କଳାକୃତି ବିମୋହିତ କରେ ସେମାନଙ୍କୁ । ପିଲା ହେଲେବି ବୁଝିବାକୁ ଚେଷ୍ଟା କରନ୍ତି ବିରଳ ଆଧ୍ୟାତ୍ମିକ ତତ୍ତ୍ୱକୁ । ବେଢାରେ ବୁଲିବୁଲି ଦେଖନ୍ତି ଏଠି ପୂଜା ପାଉଛନ୍ତି ତ୍ରିଦେବ । ବ୍ରହ୍ମା, ବିଷ୍ଣୁ, ଆଉ ମହେଶ୍ୱରଙ୍କର ପୂଜନ ହୁଏ ଏଠାରେ । ବିଲ୍ୱପତ୍ର ସହ ତୁଳସୀ ଏକତ୍ର ଲାଗି ହୁଏ ଏଇ ପୀଠରେ । ଶୈବ ଆଉ ବୈଷ୍ଣବଙ୍କର ସମନ୍ୱୟର ପୀଠ । ମହାଶିବରାତ୍ରୀରେ ଉଜାଗର ରହି ଏଇ ପ୍ରେମପକ୍ଷୀ ଦିଓଟି ଦର୍ଶନ କରନ୍ତି ମଣିଷର ଅନ୍ତରକୁ ଆଲୋକିତ କରିବାକୁ ପ୍ରଦାନ କରାଯାଉଥିବା ମହାଦୀପକୁ । ପ୍ରଭୂ ନନ୍ଦମଣି ଭକ୍ତି ଭାବ ନିଷ୍ଠା ଆଉ ବିଶ୍ୱାସର ଠାକୁର ।

କୋର୍ଟ ରୁମରେ ବସି ନିଜ ବିବାହ ବିଚ୍ଛେଦର ମାମଲାର କାହାଣୀ ଶୁଣିଲା ବେଳେ ଝରଣା କେବଳ ତନ୍ମୟ ହୋଇ ମନେ ମନେ ଶୁଣୁଥିଲା ପ୍ରଭୁ ନନ୍ଦମଣିଙ୍କ ପୀଠର ମଙ୍ଗଳମୟ ସଂଗୀତକୁ । ସାମନାରେ ଜଜ୍ ସାହେବଙ୍କ ମିସଲ ବଦଳରେ ତାକୁ ଦିଶୁଥିଲା ଗୋଟିଏ କାଷ୍ଠଦଣ୍ଡ ଆଉ ସେଥିରେ ଖୋଦିତ ନାଗ ଦେବତା । ସମୟର ଗଡିରେ ତାଙ୍କ ରଙ୍ଗ ଚନ୍ଦନ ବର୍ଣ୍ଣ ହୋଇ ଅପୂର୍ବ ଶୋଭାରେ ଝଟକୁଛି । ବିକଳରେ ଝହୁଁଥାଏ ନିର୍ବିକାର ଶୁଭେନ୍ଦୁଙ୍କର ମୁହଁକୁ ।

ଆଖି ଛଳଛଳ ହୋଇଯାଉଥାଏ ଝରଣାର । ଏଇ ପବିତ୍ର ବ୍ରହ୍ମକାଷ୍ଠ ତଳେ କେହି ମିଛ କହନ୍ତି ନି । ବିବାଦ କାଳରେ ଦୁଇ ପକ୍ଷ ଏଠିକି ଆସି ହଲପ କରି ସତ କୁହନ୍ତି । ମିଛ କେହି କହିପାରନ୍ତି ନାହିଁ । ସତରେ ଠାକୁର ମଣିଷର ବିବେକର ପ୍ରତୀକ । କିଛି ସମୟ ଆଗରୁ ଶୁଭେନ୍ଦୁ ଫ୍ୟାମିଲି କୋର୍ଟରେ ଗୀତା ଛୁଇଁ "ଯାହା କହୁଚି ସତ କହୁଛି"ବୋଲି ଯାହା କହିଲେ ସେ ଗୋଟାଏ ପୁରା ମିଛ କାହାଣୀ । ତଥାପି ଝରଣା ମନେମନେ କହୁଥିଲା, ହେ ଠାକୁରେ ଏ ମିଛ କହିବାର ଦୋଷ ତାଙ୍କୁ ନ ଲାଗୁ । ହୁଏତ ତାକୁ ଏ ସବୁ, ମିଛ ଲାଗୁଥାଇପାରେ କିନ୍ତୁ ତା ଅଜାଣତରେ ସେ କିଛି ଭୁଲ କରିଥାଇପାରେ । ନିଜର ଅନିଶ୍ଚିତ ଭବିଷ୍ୟତ ଅପେକ୍ଷା ସେ ଶୁଭେନ୍ଦୁର ମଙ୍ଗଳ କାମନା କରୁଥିଲା ।

ପାଦ ଦଉଡଉ ବର୍ଷ କେଇଟାରେ ତା'ର ସୁନାର ସଂସାର ଆଜି ଚୁନା ହୋଇଯିବ । ପାଠପଢା ସରୁସରୁ ଶୁଭେନ୍ଦୁଙ୍କ ସହ ଝରଣାର ବାହାଘର ହୋଇଯାଇଥିଲା । ଗୋଟିଏ ପୁଅ । ତେଣୁ ସାଧାରଣ ଝକିରିଟିଏ କରୁକରୁ ବାହାଘର ହୋଇଗଲା । ଆକସ୍ମିକ ଭାବରେ ଜୀବନର ମୋଡ ବଦଳିଗଲା ଯେଉଁଦିନ ଶୁଭେନ୍ଦୁ ଉଚ୍ଚ ପ୍ରଶାସନିକ ଝକିରି ପାଇଁ ହୋଇଥିବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯୋଗଦେଲା । ଧୀରେ ଧୀରେଗାଁ ଛାଡି ତାଙ୍କର ପରିବାର ସହରରେ ରହିଲେ, ଗାଡି ମଟର ଚଢିଲେ । ଆଉ ପରିବାରକୁ ଆଧୁନିକତା ଛୁଇଁଲା ।

ବାହାଘର ପରେ ଶାଶୂ ତାକୁ ଘରର ଲକ୍ଷ୍ମୀ ବୋଲି କହୁଥିଲେ । ଶୁଭେନ୍ଦୁ ତାକୁ ଦଣ୍ଡେ ଛାଡି ରହୁ ନଥିଲେ । ଆଉ ଝରଣା, ସେତ ଭଲପାଇବା, ସେବା ଆଉ ତ୍ୟାଗର ଝରଣାଟିଏ । ଶୈଳପୁତ୍ରୀ ମା'ଭବାନୀଙ୍କର ମନ୍ତ୍ରରେ ସେ ସଦା ମନ୍ତ୍ରୀତା । ଧୀରେ ଧୀରେ କିନ୍ତୁ ଝରଣା ଶୁଭେନ୍ଦୁ ଆଉ ତାର ମା',ଭଉଣୀଙ୍କ ଆଗରେ ଲକ୍ଷ୍ମୀରୁ ହତଲକ୍ଷ୍ମୀ ପାଲଟିଲା । ଶୁଭେନ୍ଦୁର ସାଙ୍ଗମାନେ ବାହାହୋଇ ଅଧିକ ଯୌତୁକ ଆଣିଥିବା କଥା ସେମାନଙ୍କ ଘରେ ଆଲୋଚନା ହୁଏ । କନ୍ୟାମାନେ ବାପଘରୁ କାର୍ ନେଇ ଆସିଥାଆନ୍ତି । ପୁଣି ଆଣନ୍ତି ମୁଠା ମୁଠା ଟଙ୍କା କି ସହରରେ ଫ୍ଲାଟ । ବିଉଟି ପାର୍ଲରରେ ସଜହୋଇ ସେମାନେ ଆହୁରି ସୁନ୍ଦର ହୋଇଆସନ୍ତି । ଧୀରେ ଧୀରେ ଶୁଭେନ୍ଦୁଙ୍କ ଆଖିରେ ବନ୍ଧୁମାନଙ୍କର ଆଧୁନିକ ଚଳଣି ଆଗରେ ଝରଣା ଗାଉଁଲି ମଫସଲି ଦେଖାଗଲା । ଅନ୍ୟପଟରେ ଝରଣା ହର ପାର୍ବତୀଙ୍କର ପବିତ୍ର ସଂସାର ପଥକୁ ପାଥେୟ କରି ଝଲିଲା । ଶାଶୂ, ନଣନ୍ଦଙ୍କର କଟୁକଥା ବେଳକୁବେଳ ବଢିଗଲା । ଶ୍ୱଶୁର ସବୁ ଜାଣିବି ନିରୁପାୟ ଦେଖାଯାଆନ୍ତି । ଶେଷରେ ବିବାହ ବିଚ୍ଛେଦ ପାଇଁ ପ୍ରସ୍ତାବ ଆସିଲା । କାନ୍ଦି କାନ୍ଦି ସେ କହିଲା, "କହିଲେ ମନକୁ ମନ ମୁଁ ଦୂରେଇଯିବି, ହେଲେ ଏ ସାତ ଜନମର ବନ୍ଧନକୁ ଗୋଟାଏ ଦସ୍ତଖତରେ କାଟିପାରିବି ନାହିଁ ।" କଥା ଦେଲା, ସେମାନଙ୍କ ବାଟରେ କଣ୍ଟା ହେବନି, ନିଶ୍ଚୟ ଦୂରେଇ ଯିବ । ହେଲେ ଶୁଭେନ୍ଦୁର ଆଉଥରେ ବିବାହ କରିବାକୁ ହେଲେ କୋର୍ଟରେ ଡ଼ାଇଭର୍ସ ଦରକାର ।

"ଝରଣା ସତ କହିଲୁ ତୁ ମତେ ଭଲପାଉ ? ଯଦି ମୁଁ କାଲି ନିର୍ଦ୍ଧନ

ହୋଇ ଯିବି କି କେଉଁ ଦୁର୍ଘଟଣାରେ ଗୋଟାଏ ଅଙ୍ଗ ହରେଇବି ତୁ କଣ ଆଜିପରି ଭଲପାଇବୁ" । ଦିନେ ନନ୍ଦମଣି ପୀଠର ପବିତ୍ର ବ୍ରହ୍ମକାଷ୍ଠ ତଳେ ତାକୁ ପଚାରିଥିଲା ଶୁଭେନ୍ଦୁ । ବିନା ବିଚାରରେ ସେଇ ବ୍ରହ୍ମକାଷ୍ଠକୁ ଚାହିଁ, ହଁ ଭରିଥିଲା ଝରଣା ଶୁଭେନ୍ଦୁଙ୍କୁ । କିନ୍ତୁ ସେ ଏଇପରି ପାଲଟା ପ୍ରଶ୍ନ ପଚାରି ନ ଥିଲା । ତା' ମନରେ ତ ଅବିଶ୍ୱାସ ନଥିଲା ତେଣୁ ସେ ପରୀକ୍ଷା ନେଇଥାଆନ୍ତା କାହିଁକି ? କିନ୍ତୁ ନିଜ ତରଫରୁ ଯେତେବେଳେ ଶୁଭେନ୍ଦୁ ବ୍ରହ୍ମକାଠକୁ ହାତ ବଢେଇ, "ତାକୁ ଭଲପାଏ" ବୋଲି କହିବାକୁ ଯାଉଥାଏ ଝରଣା ତା ପାଟିରେ ହାତ ଦେଇଦେଲା । କାଳେ ଶୁଭେନ୍ଦୁର ଅମଙ୍ଗଳ ହେବ । ଆଜି କିନ୍ତୁ ସହରର ଚାକଚକ୍ୟ,ପଦବୀର ପ୍ରଭାବ ତା ମନକୁ ବଦଳେଇ ଦେଇଛି । ମନରେ କ୍ଷୋଭ ନଥିଲା ଝରଣାର, ଥିଲା କେବଳ ଦୁଃଖ । ସହରକୁ କୁଣିଆ ପରି ଆସିଥିଲା । ପୁଣି ସାତଦିନିଆ କୁଣିଆ ପରି ଫେରିଯିବ । କୋର୍ଟରେ ଶେଷରେ ଯାହା ଘଟିବାର ଥିଲା ଘଟିଲା । ସତ ମିଛର ଖେଳ ଭିତରେ ଝରଣା ହାରିଗଲା । ସତ ମିଛର ଖେଳକୁ ଖୁବ ସୁନ୍ଦର ଭାବରେ ଖେଳିଥିବା ଓକିଲ ମୋଟା ଅଙ୍କର ଫିସ୍ ନେଇ ଫେରିଯିବେ । ଜେରାବେଳେ ପ୍ରତିପକ୍ଷ ଓକିଲଙ୍କର ଆରୋପର କିଛି ଉତ୍ତର ନଦେଇ କେବଳ ନିରବରେ କାଠ ଗଡାରେ ଠିଆହେଲା ଝରଣା । ଏପରି ମୌନତା ସମ୍ମତିର ଲକ୍ଷଣ ବୋଲି କହିଲେ ପ୍ରତିପକ୍ଷ ଓକିଲ । ମାମଲାରେ ସେ ହାରିଗଲା । ସବୁ କଳଙ୍କକୁ ବିନା ପ୍ରତିବାଦରେ ମୁଣ୍ଡେଇଲା । ଧର୍ମ ଦୁଆରେ ପ୍ରମାଣିତ କରିବାକୁ ଚାହିଁଲା, ଶୁଭେନ୍ଦୁ ।

"ତୁ କାହିଁକି ଗୀତା ଛୁଇଁଲୁ । ଜାଣିଛୁ ଠାକୁରଙ୍କ ନାମରେ ମିଛ କହନ୍ତି ନି । ଭଗବାନ ଆମକୁ କ୍ଷମା ଦିଅନ୍ତୁ । ଜାଣିଛୁ, ବ୍ରହ୍ମଦଣ୍ଡ ପାଖରେ କେହି ହଲପ୍ କରନ୍ତିନି, ତା ପାଖକୁ ଯିବା ଆଗରୁ ସତ କହନ୍ତି । ସେଇଥିପାଇଁ ସେଦିନ ବ୍ରହ୍ମଦଣ୍ଡ ସାମନାରେ ତୁ ମନର କଥା କହିବାକୁ ଗଲାବେଳେ ମୁଁ ତୋ ପାଟିରେ ହାତ ଦେଇଥିଲି ଆଉ ଆଜି ତୁ ସତ କହୁଛୁ ବୋଲି ପ୍ରମାଣ କରିବାକୁ ମୁଁ ନିରବ ରହିଲି ।" କୋର୍ଟରୁ ବାହାରିଗଲା ବେଳେ ଅପ୍ରତ୍ୟାଶିତ ଭାବେ ଶୁଭେନ୍ଦୁ ପାଖକୁ ଆସି ଝରଣା ଏଇ କଥା କହିଲା । ଶୁଭେନ୍ଦୁ କେବଳ କାନରେ ଶୁଣିଲା, ବୁଲି ଚାହିଁଲା ବେଳକୁ ଝରଣା ସେଠି ନଥିଲା, ଝରଣା ପାଇଁ ଲଢୁଥିବା ମହିଳା ଓକିଲ ଜଣକ ଶୁଭେନ୍ଦୁ ହାତକୁ ହାରଟିଏ ବଢେଇଦେଇ, ଗଲାବେଳେ ଝରଣା ଦେଇଯାଇଛି ବୋଲି କହିଲେ । ବୁଝିବା ପାଇଁ ବାକୀ ରହିଲା ନାହିଁ ଯେ ନନ୍ଦମଣିଙ୍କ ପୀଠରେ ଝରଣା ବେକରେ ପିନ୍ଧେଇ ଦେଇଥିବା ସୁନାହାରଟି ସେ ଫେରେଇ ଦେଇଯାଇଛି । ଶୁଭେନ୍ଦୁକୁ ଲଜ୍ଜିତ କରି, ମହିଳା ଓକିଲ ଜଣକ କହିଲେ, ମୋ ପାଖରେ ବହୁତ ଯୁକ୍ତି ଥିଲା । ଯଥେଷ୍ଟ ହୋଇଥାଆନ୍ତା ଏପରିକି ଆପଣଙ୍କୁ ହାଜତ ପଠାଇବା ପାଇଁ କିନ୍ତୁ ଆଶ୍ଚର୍ଯ୍ୟର କଥା ଝରଣା କହିଲା, ମୁଁ ଯେଉଁ ଗାଁର ଝିଅ ସେ ଗାଁରେ ଆମେ କୋର୍ଟ ଅପେକ୍ଷା ଠାକୁରଙ୍କୁ ଅଧିକ ବିଶ୍ୱାସ କରୁ । ଶୁଭେନ୍ଦୁ ଗୀତା ଛୁଇଁ ଯାହା ସତ ତାହା କହିଛନ୍ତି । ଆପଣଙ୍କର ସବୁ ଆରୋପକୁ ସେଇଥିପାଇଁ ମାନି ନେଇଥିଲେ ସେ । ଗଲାବେଳେ ଖାଲି କହୁଥିଲା, ହେ ଠାକୁରେ ମିଛ କହିବାର ପାପ ତାଙ୍କୁ ନ ଲାଗୁ ।

ଘରକୁ ଫେରିଲା ପରେ ଶୁଭେନ୍ଦୁ ଏକ ସ୍ୱପ୍ନ ଦେଖିଲା । ଯାହାଥିଲା, ତା ପାଇଁ ଆଶ୍ଚର୍ଯ୍ୟଜନକ । ଝରଣା ଫେରିଯାଇ ପ୍ରଭୁ ନନ୍ଦମଣିଙ୍କ ବେଢାରେ ବ୍ରହ୍ମଦଣ୍ଡ ସମ୍ମୁଖରେ ପ୍ରାର୍ଥନା କରୁଛି ଆଉ "ଶୁଭେନ୍ଦକୁ କ୍ଷମା କରିଦିଅ" ବୋଲି ବାରବାର କହୁଛି । ଝରଣାକୁ ନୂଆକରି ଚିହ୍ନିଲା ପରି ଲାଗିଲା ତାକୁ । ତା ଦ୍ୱାରା ପ୍ରତାରିତ ହେବା ପରେ ବି ସେ ଅଭିଶାପ ଦେଉନି ବରଂ ମଙ୍ଗଳ କାମନା କରୁଚି କେମିତି ? ପାଠ ପଢିଲା ବେଳେ ସାଙ୍ଗ ହୋଇ ନନ୍ଦମଣିଙ୍କ ପୀଠକୁ ବୁଲିଗଲା ବେଳେ ପ୍ରକୃତରେ ଥରେ କହିଥିଲା "ଝରଣା ତମକୁ ମୁଁ ଭଲପାଏ"। ପ୍ରତ୍ୟୁତ୍ତରରେ କିନ୍ତୁ ସମାନ ଧରଣର ବାକ୍ୟ ଶୁଣି ନଥିଲା ଝରଣା ଠାରୁ । ସେ ମନରେ ସନ୍ଦେହ କରିଥିଲା ସେତେବେଳେ । ହେଲେ ଆଜି କୋର୍ଟରେ ଝରଣାର ଛବିଟା ତା ଆଗରେ ପାଖୁଡା ପରେ ପାଖୁଡା ପରି ଖୋଲିଯାଇଛି । ଅନ୍ୟ କେହି ସତ ବୁଝିଲେ ବି ସେ ଠିକ୍ ବୁଝିଥିଲା ସେ କୋର୍ଟରେ ମିଛ କହିଛି । ଅଥଚ ସେ ମିଛ କହିବାର ପାପରେ ଦୋଷୀ ନ ହେବା ପାଇଁ ଝରଣା ସମସ୍ତ ଆରୋପକୁ ମାନି ନେଇଛି । ଗୋଟାଏ ଉଜ୍ଜ୍ୱଳ ଜ୍ୟୋତିରେ ଆଲୋକିତ ହୋଇ ଉଠିଲା ତାର ଅନ୍ତର । ଖାଲି ମନେ ପଡିଲା ପୁଷ୍ପ ବିମଣ୍ଡିତା ଶିବପ୍ରିୟା ମା ଭବାନୀଙ୍କ କଥା । ପ୍ରକୃତି କନ୍ୟା ଶୈଳପୁତ୍ରୀ ସକଳ ମଙ୍ଗଳର ଚିନ୍ତକ । କିଏ ଯେପରି ତାକୁ କହିଲା, ତୁ ଦିନେ କହୁଥିଲୁ ନା ଭଗବାନ ଶିବ ଏକ ଅନନ୍ୟ ଠାକୁର । ଏକପତ୍ନୀବ୍ରତର ବାର୍ତ୍ତା ସେ ଦେଉଛନ୍ତି ମାନବ ସମାଜକୁ । ପବିତ୍ର ବ୍ରହ୍ମକାଠ ସତ୍ୟର ବାର୍ତ୍ତା ନେଇ ଧରାରେ ଆର୍ବିଭୂତ । ଅନନ୍ୟ ଏଇ ସତ୍ୟର ଦଣ୍ଡ । ବିଶ୍ୱରେ ନିଶ୍ଚୟ ବିରଳ । ଅବଚେତନ ମନରେ ସ୍ୱପ୍ନରେ କି ସତରେ ସେ ସେଇ ବ୍ରହ୍ମକୁ ଦର୍ଶନ କଲା କି ନାହିଁ ବୁଝିପାରିଲାନି କିନ୍ତୁ ଅନୁଭବ କଲା ସେ ସେଇ ଜ୍ୟୋତି ପଛେ ପଛେ ଧାଇଁଛି । ଏକା ଲକ୍ଷ୍ୟରେ ଧାଉଁଛି । ହୃଦୟରେ ତାର ଶତ ମହାଦୀପ ଜାଳି ଉଠିଲା ।

ତା ପରଦିନ ଦିବ୍ୟାଞ୍ଚଳ ନନ୍ଦୀଗ୍ରାମରେ ଦେଖାଗଲା ନନ୍ଦମଣିଙ୍କ ପୀଠରେ ଆପେ ଆପେ ପହଁଚି ବିଷାଦଗ୍ରସ୍ତ ଝରଣାର ହାତକୁ ଟାଣି ଧରି, ମୁଁ ହଲପ କରି କହୁଚି ଝରଣା,ତୁମକୁ ମୁଁ ଭଲପାଏ ବୋଲି କହି କହି ବ୍ରହ୍ମକାଠ ତଳେ ଚାଲିଗଲା ଶୁଭେନ୍ଦୁ । ସତେ ଯେମିତି ଶୁଭେନ୍ଦୁ ଆଉ ଝରଣା ନୁହଁନ୍ତି ଭଗବାନ ହରପାର୍ବତୀ ଏଇ ବାର୍ତ୍ତା ଦେଇ ଚାଲିଯାଇଛନ୍ତି । ଚେତନାର ସର୍ବୋତ୍ତମ ନ୍ୟାୟାଳୟ ଆଗରେ ଟୁକୁରା ଟୁକୁରା ହୋଇ ଉଡୁଥିଲା ଝରଣା ଆଉ ଶୁଭେନ୍ଦୁର ବିବାହ ବିଚ୍ଛେଦ ଉପରେ ମୋହର ମାରିଥିବା ନ୍ୟାୟାଳୟର ଫଇସଲା କାଗଜ । ବିବେକର ଏଇ ମହାଦୀପ ଜଳିଜଳି ଅନନ୍ତ ସାଥୀରେ ମିଶିଗଲା ।

*ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୭୦୯୨୨୫୯*

# ଭଙ୍ଗା ଆଇନା

**ଶ୍ରୀ ଶଶିଭୂଷଣ ମହାନ୍ତି**

ଫାଲ୍‌ଗୁନର ଗୋଟିଏ କୁହୁଡ଼ି ଘେରା ଶୀତ ସକାଳ । ସବୁ ପ୍ରତୀକ୍ଷାର ଶେଷରେ ଜୀବନ ଜୀବିକା ପଛରେ ଧାଇଁବା ପାଇଁ ନିଜକୁ ପ୍ରସ୍ତୁତ କରୁଥାଆନ୍ତି ସହରର କର୍ମକ୍ଷମ ବ୍ୟକ୍ତିମାନେ । ହେଲେ ଇପ୍‌ସିତା ମନର ସମସ୍ତ ଆଶା ବର୍ତ୍ତମାନ ଆହ୍ୱାନର ପ୍ରାସଙ୍ଗିକତା ଉପରେ କେନ୍ଦ୍ରୀଭୂତ ହୋଇ ରହିଥାଏ । ଯେଉଁଥିପାଇଁ ତୁଚ୍ଛ ହୋଇଯାଉଥାଏ ଅନ୍ୟ ସମସ୍ତ ଦୈନନ୍ଦିନର କାର୍ଯ୍ୟସୂଚୀ । ଅତି ମର୍ମଭେଦି ଭାବେ ନିଜ ସମ୍ମୁଖରେ ଉଭା ହୋଇଯାଇଥାଏ, ସ୍ୱାମୀ ଅନୁପମଙ୍କ ସ୍ୱାସ୍ଥ୍ୟର ସୁସ୍ଥତା, ଯେ କି ଦୀର୍ଘ କିଛି ଘଣ୍ଟା ଧରି ଚେତାଶୂନ୍ୟ ଭାବେ ପଡିରହିଛନ୍ତି ନର୍ସିଂହୋମ୍‌ର ବେଡ୍ ଉପରେ । ଅନାଗତ ପ୍ରତୀକ୍ଷାର ଅନ୍ତ ଘଟାଇ ତା ମନରେ ସୃଷ୍ଟି ହୁଏ ଅସରନ୍ତି ଭାବନା । ଶଙ୍କା ଜଡିତ ମନକୁ ନେଇ ସ୍ୱାମୀଙ୍କ ବେଡ୍ ପାଖରେ ଠିଆ ହୋଇ ସେ ଭାବୁଥାଏ । – ଡାକ୍ତର ଆସିବେ । ମୋ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ । ଶେଷରେ ସେ ଅସହାୟ ଭାବେ ତାଙ୍କ ପାଖକୁ ଯାଇ ପଚାରିବ – "ଡାକ୍ତରବାବୁ, ମୋ ସ୍ୱାମୀଙ୍କ ସ୍ୱାସ୍ଥ୍ୟ କିପରି ଅଛି ?" ସେ ଟିକେ ସମୟ ପାଇଁ ଅଟକି ଯିବେ । ତା' ପରେ ବୁଝାଇବା ଛଳରେ ଶାନ୍ତ୍ୱନା ଦେଇ କହିବେ – "ବ୍ୟସ୍ତ ହୁଅନ୍ତୁ ନାହିଁ ମାଡାମ୍ । ସେ ଭଲ ହୋଇଯିବେ ।"

ତାପରେ ସେ ମେଡିକାଲ୍ ଚାର୍ଟରେ କିଛିଟା ପରାମର୍ଶ ସହିତ ଔଷଧ ଲେଖି ଦେଇ ଫେରିଯିବେ ଅନ୍ୟ ଏକ କ୍ୟାବିନ୍‌କୁ ଯେଉଁଠି ଯନ୍ତ୍ରଣାରେ ଅଭିଭୂତ ହୋଇ ଅନ୍ୟ ଜଣେ ରୋଗୀ ନିଜ ଆତ୍ମୀୟସ୍ୱଜନଙ୍କ ସହ ଅପେକ୍ଷାରେ ଥିବେ ଡାକ୍ତରଙ୍କର ଟିକେ ମାତ୍ର ଆଶ୍ୱାସନା ପାଇବା ଆଶାରେ ।

ବ୍ୟର୍ଥତାର ମଝି ପାହାଚରେ ଠିଆ ହୋଇ ଡାକ୍ତରଙ୍କ ଅପେକ୍ଷା ଥାଏ ଇପ୍‌ସିତା । ସମୟ ଗଡ଼ି ଯାଏ । ମାତ୍ର ସେ ଆସନ୍ତି ନାହିଁ । ଯଦିଓ ସକାଳ ରାଉଣ୍ଡ ଦେବାର ସମୟ ଅତି ବାହିତ ହୋଇଯାଇଥାଏ । ତଥାପି ସେ ପର୍ଯ୍ୟନ୍ତ ଡାକ୍ତରଙ୍କ ଦେଖାନଥାଏ । ଉଦାସୀ ଆଖିରେ ଡାକ୍ତରଙ୍କ ଆସିବା ବାଟକୁ ଚାହିଁ ରହି କ୍ୟାବିନ୍ ଭିତରେ ଉଦ୍‌ବିଗ୍ନରେ ଏପଟ ସେପଟ ହେଉଥାଏ ସେ । ଅନେକ ଚେଷ୍ଟା ପରେ ବି ସ୍ୱାମୀ ଅନୁପମଙ୍କ ସ୍ୱାସ୍ଥ୍ୟର ତିଳେମାତ୍ର ପରିବର୍ତ୍ତନ ଦେଖାଯାଉନଥାଏ । ମନରେ ଛାଇ ହୋଇଯାଇଥିବା ନୈରାଶ୍ୟର ଅନ୍ଧକାର ଯଦିଓ ତାକୁ ବେଳେବେଳେ ଡରାଇଦିଏ ତଥାପି ସେ ଆଶା ରଖିଥାଏ, ସ୍ୱାମୀ ନିଶ୍ଚୟ ସୁସ୍ଥ ହୋଇଯିବେ ।

ଦୀର୍ଘ ଛତିଶ ଘଣ୍ଟା କାଳ, ନିଜ ତୃପ୍ତିହୀନ କ୍ଷୁଧା ମେଣ୍ଟାଇବା ପାଇଁ ଯାଇ ବ୍ରେକ୍ ଫାଷ୍ଟରେ କିଛିଟା ଫଳ, କଫେ କଫି ସହିତ ଲଞ୍ଚ ଓ ଡିନରେ, ପାଖରେ ଥିବା କ୍ୟାଣ୍ଟିନ୍‌ରୁ ଦୁଇ ଚାରିଖଣ୍ଡ ରୁଟି ଓ ଟିକେ ସନ୍ତୁଳା ଖାଇ ନର୍ସିଂହୋମ୍‌ର ସେହି କ୍ୟାବିନ୍‌ରେ ଥିବା ସୋଫାରେ ବସି ନିଜ ଭାଗ୍ୟ ସହିତ ସାଲିସ୍ କରିବା ବ୍ୟତିତ ଅନ୍ୟ କିଛି ପନ୍ଥା ତା ପାଖରେ ନଥାଏ । ନିଦ ଲାଗିଲେ ସେହିଠାରେ ଟିକିଏ ଢୋଳାଇ ପଡେ । ନିଦ ଭାଙ୍ଗିଗଲେ ଆଖିରେ ଆଖିଏ ନିଦ, କ୍ଳାନ୍ତ ଶରୀର ଓ ଦୁର୍ବଳ ମନକୁ ନେଇ ଆଖିରୁ ସିନା ଲୁହ ଗଡାଏ ହେଲେ ମନରେ ଉଦ୍‌ବେଳିତ ହେବାକୁ ଲାଗେ ଅନେକ ଆଶା ଓ ଭାବନା । ହଠାତ୍ ଇପ୍‌ସିତାର ଆଖିରେ ଦେଖାଦେଇଥିଲା ଅନୁପମଙ୍କ ସହିତ ବିତାଇଥିବା ସ୍ମୃତି ମଧୁର ମୁହୂର୍ତ୍ତର ଏକ ଘଟଣା ।

ସେ ଫେରି ଯାଇଥିଲା ଅତୀତକୁ । ପ୍ରଥମ ଥର ପାଇଁ ଅନୁପମଙ୍କ ସହିତ ସାକ୍ଷାତ ହୋଇଥିଲା ଏହିପରି ଏକ ଡାକ୍ତରଖାନାରେ । ପରମୁହୂର୍ତ୍ତରେ ସେ ଦୁହିଁଙ୍କ ଭିତରେ ଗଢି ଉଠିଥିଲା ଭଲ ପାଇବା ଯାହାଥିଲା ପବିତ୍ର ଓ ଶାଶ୍ୱତ । କିଛି ବର୍ଷ ପରେ ମଧ୍ୟ ଦୁହିଁଙ୍କର ବିବାହ ହୋଇଯାଇଥିଲା ।

ନୀରବରେ ବସି ପୁରୁଣା ଦିନର କଥାଗୁଡିକୁ ଭାବୁଥିବା ବେଳେ ଆଖି ତାର ଛଳ ଛାଳ ହୋଇ ଉଠିଥିଲା । ଠିକ୍ ଏତିକିବେଳେ ଜଣେ ରୋଗୀର କରୁଣ ଚିତ୍କାର ଓ ଅନ୍ୟ ଏକ ରୋଗୀର ଭୟାନକ ମୃତ୍ୟୁର କାତର ସ୍ୱର୍ଶରେ ସେ ମ୍ରିୟମାଣ ହୋଇଯାଇଥିଲା । ନିଜର ସମସ୍ତ ଭାବନା ମଧ୍ୟ ବାଧାପ୍ରାପ୍ତ ହୋଇଥିଲା । ନିର୍ବାକ ଓ ନିସ୍ପନ୍ଦ ଥିବାବେଳେ ଡାକ୍ତର ରାଉଣ୍ଡରେ ଆସିଥିଲେ ସେହି କ୍ୟାବିନ୍ ଭିତରକୁ । ଅନୁପମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶେଷରେ ଏକ ଦୀର୍ଘଶ୍ୱାସ ପକାଇ ଫେରିବା ପୂର୍ବରୁ ଇପ୍‌ସିତା ଆଡ଼କୁ ଅନାଇ କହିଲେ – "ବର୍ତ୍ତମାନ ଅନୁପମ ବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା

ସ୍ଥିର ଅଛି ।” ପରେ ଫେରିଯାଇଥିଲେ ସେ । ନିର୍ଦ୍ଧାରିତ ରୋଗର ନିର୍ଣ୍ଣାୟକ ସ୍ଥିତିରେ ବୋଧହୁଏ ଡାକ୍ତର ଏପର୍ଯ୍ୟନ୍ତ ପହଞ୍ଚିପାରିନାହାନ୍ତି । ତେଣୁ ସଠିକ୍ କିଛି କହିପାରୁନାହାଁନ୍ତି ଡାକ୍ତର । ଭାବିଥିଲା ଇପ୍‌ସିତା ।

ସେଠାରୁ ଡାକ୍ତର ଫେରି ଯିବାପରେ ଇପ୍‌ସିତା ଚିନ୍ତାରେ ବାଧା ସୃଷ୍ଟି ହୋଇଥିଲା । ଅତିଷ୍ଟ ହୋଇଯାଇଥିଲା ସେ । ଯଦିଓ ନିଜର ଭାବାନ୍ତର ମୁହଁକୁ ସେ ନିଜେ ଦେଖିପାରୁନଥିଲା ତଥାପି ଜାଣିପାରିଥିଲି ସେ ମୁହଁରେ ସୃଷ୍ଟି ହେଉଥିବା ଯନ୍ତ୍ରଣା ଜନିତ ଶିରାମାନଙ୍କର ଆକୃତି । ଯନ୍ତ୍ରଣାରେ ଛଟପଟ ହୋଇ ସେ ସେମିତି ବସି ରହିଥାଏ ସୋଫାରେ । ମନରେ ତାର ନେସି ହୋଇଯାଉଥାଏ ଦୀର୍ଘ ଛବିଶ ବର୍ଷ କାଳ ଅନୁପମଙ୍କ ସହିତ ଆନନ୍ଦ ଓ ଉତ୍ସାହ ମଧ୍ୟରେ ବିତାଇଥିବା ବୈବାହିକ ଜୀବନ ସ୍ମୃତିମାନ । ବହୁତ ସୁନ୍ଦର ଥିଲା ସେ ଦିନଗୁଡ଼ିକ । ସେହି ସମୟ ମଧ୍ୟରେ କେବେ ହେଲେ ଅନୁପମଙ୍କର ଏ ଅବସ୍ଥା ଦେଖି ନଥିଲା କି ନିଃସଙ୍ଗତା ଉପଲବ୍ଧି କରିନଥିଲା ଇପ୍‌ସିତା । ସରକାରୀ କାର୍ଯ୍ୟରେ ଅନେକ ପରିଶ୍ରମ ପରେ କ୍ଳାନ୍ତ ହୋଇ ଅନୁପମ ଅନେକବାର ଡେରିରେ ଘରକୁ ଫେରିଛନ୍ତି ସତ କିନ୍ତୁ କେବେ ହେଲେ ତାକୁ ଭଲପାଇବାରେ ଊଣା କରିନାହାନ୍ତି ।

ପୁଣି ଥରେ ସ୍ୱାମୀଙ୍କ ମୁହଁକୁ ଚାହିଁଲା ସେ । ଚମକି ପଡିଲି । ସେ ଦେଖିଥିଲା ଅନୁପମଙ୍କ ମୁହଁରେ ପ୍ରତିଫଳିତ ହେଉଥିଲା ଅସୁସ୍ଥତାଜନିତ ଦୁଃଖର ରେଖାମାନ । ନିର୍ଦ୍ଧାରିତ ରୋଗ ସମ୍ବନ୍ଧରେ ସେ ଅବଗତ ନଥିବାରୁ ତାକୁ ଡର ମଧ୍ୟ ଲାଗୁଥିଲା ।

କ୍ରମଶଃ ଅସହାୟ ହେବାକୁ ଲାଗିଲା ତା ମନ । କ୍ଳାନ୍ତ ମନର ଉପଶମ ପାଇଁ ଥରମସ୍‌ରୁ ଟିକିଏ ଚା’ ଢାଳି ପିଇଥିଲା । ଝରକା କାଚ ଦେଇ ବାହାରକୁ ଅନାଇଲା । ଚାରିଆଡ଼େ ଢାଙ୍କି ଦେଇଥାଏ ଘନ କୁହୁଡିର ଏକ ଆସ୍ତରଣ । ତଥାପି ବସିଥିବା ସ୍ଥାନରୁ ଉଠିଆସି ଝରକା ଖୋଲିଥିଲା, ବାହାରର ରୂପକୁ ଟିକେ ଆଖି ପୂରେଇ ଦେଖିବା ପାଇଁ । ଝରକା ଖୋଲୁ ଖୋଲୁ ହଠାତ୍ ତା ନାସାରନ୍ଧ୍ରକୁ ସ୍ପର୍ଶ କରିଥିଲା ଧୂପ, ଚନ୍ଦନ ଓ ଅଗୁରୁର ଏକ ମିଶ୍ରିତ ବାସ୍ନା । ଭାବିନେଲା ତାହା ନିଶ୍ଚୟ ପାଖରେ ଥିବା କେଉଁ ଏକ ଦେବାଦେବୀ ମନ୍ଦିରରୁ ଆସୁଅଛି । ସେହି ବାସ୍ନାରେ ସେ ବିଚଳିତ ହୋଇଯାଇଥିଲା । ମନର ଦୁଃଖ ମଧ୍ୟ ଲାଘବ ହୋଇଯାଇଥିଲା । ମୁହୂର୍ତ୍ତକ ପାଇଁ ସେହିଠାରେ ଠିଆ ହୋଇ ଯୋଡ ହସ୍ତରେ ଠାକୁରଙ୍କ ଉଦ୍ଦେଶ୍ୟରେ କହିଥିଲା – “ଠାକୁରେ ମୋ ସ୍ୱାମୀଙ୍କ ଦେହ ଭଲ କରିଦିଅ ।”

ହଠାତ୍ ଶୀତୁଆ ପବନ ପଶିଆସିଲା କୋଠରୀ ଭିତରକୁ । ମୁହଁ ବୁଲାଇ ପୁଣିଥରେ ଏକ ଲୟରେ ସ୍ୱାମୀଙ୍କ ଆଡ଼େ ଚାହିଁଲା ଇପ୍‌ସିତା । ହେଲେ ଅନୁପମ ପୂର୍ବ ପରି ନୀରବ ଓ ନିଶ୍ଚଳ ଭାବେ ଶୋଇ ରହିଥାଆନ୍ତି । ମନରେ ତା’ର ଶଙ୍କା ଆସିଗଲା । ସ୍ୱାମୀଙ୍କ ବେଡ୍ ପାଖକୁ ଅତି ସନ୍ତର୍ପଣରେ ଫେରିଥିଲା ସେ । ସ୍ୱାମୀଙ୍କ ଶରୀରକୁ ଘୋଡାଇ ଦେଲା କମ୍ବଳରେ । ଆଉଁସି ଦେଲେ ଛାତିକୁ । ନାମ ଧରି ଡାକିଲା । ହେଲେ ଅନୁପମ ପୂର୍ବ ପରି ସ୍ଥିର ଓ ନିଶ୍ଚଳ ଥିଲେ । ଅନ୍ତର ଭିତରୁ ବାହାରି ଆସିଲା କୋହ । ଆଖିରୁ ଦୁଇ ଟୋପା ଲୁହ ବୋହି ଆସି ଖସିପଡିଥିଲା ଅନୁପମଙ୍କ ଛାତି ଉପରେ । ଅନେକଗୁଡ଼ିଏ ସ୍ମୃତି ମନ ଭିତରକୁ ପଶିଆସିଥିବାରୁ ଆଖିରୁ ତା’ର ଖସିପଡ଼ିଥିଲା ଲୁହ ଧାର ।

– ଅନୁପମ ! ଏମିତି କାହିଁକି ହେଲା । ମନେ ଅଛି ନା ? ବହୁ ବର୍ଷ ପରେ ଆଜି ପରି ତୁମ ସହିତ ପୁଣି ମୋତେ ଦିନେ ଏହିପରି ଏକ ଡାକ୍ତରଖାନାରେ ରାତି ବିତାଇବାକୁ ପଡିଥିଲା । ସମୟର ବହମାନ ସ୍ରୋତରେ ଭାସିଯାଇ ଥିବା ସେହି ରାତିର ଘଟଣା ଆଜି ବି ମୋ ମନରେ ଏକ ସ୍ମୃତି ରୂପେ ଦଣ୍ଡାୟମାନ ହୋଇ ରହିଛି । ହେଲେ ସେ ରାତି ଓ ଆଜି ଭିତରେ ଏତିକି ଫରକ୍ ଯେ, ସେ ରାତିରେ ମୁଁ ଚେତା ହରାଇ ଥିଲି କିନ୍ତୁ ଆଜି ତୁମେ । ତୁମେ ମୋତେ ସେଦିନ ଜଗି ରହିଥିଲ । ତୁମର ପୂଣ୍ୟ ବଳରେ ମୋର ଅଳ୍ପ ସମୟ ମଧ୍ୟରେ ଚେତା ଫେରିଥିଲା । ହେଲେ ମୁଁ ଆଜି ! ତୁମକୁ ଜଗି ବସିଛି ସତ, କିନ୍ତୁ ତୁମର ଚେତା ଫେରୁନି । ସେଥିପାଇଁ ମନରେ ଆସୁଛି ବୋଧହୁଏ ମୋର କିଛି ପାପ ପାଇଁ ଆଜି ତୁମର ଏ ଅବସ୍ଥା । ତଥାପି ମନକୁ ପ୍ରଶ୍ନ ଆସେ । ପାପ କ’ଣ ପୂଣ୍ୟ କ’ଣ ? ଯାହାର ସଂଜ୍ଞା ଏ ପର୍ଯ୍ୟନ୍ତ କେହି କହି ପାରିନାହାନ୍ତି ।

ଯାହାହେଉ ପୁଣି ଥରେ ସେ ଅନ୍ତଃଥରା ଦୀର୍ଘ ନିଃଶ୍ୱାସ ନେଇ ଠାକୁରଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି କହିଲେ – “ଠାକୁରେ ! ମୋ ଅଜାଣତରେ ଯଦି କିଛି ପାପ କରିଥାଏ ତେବେ କ୍ଷମା ଦେବେ । ମୁଁ ଜାଣିଛି ଆପଣ ହେଉଛନ୍ତି କ୍ଷମାର ସାଗର । ଆଜି ମୋର ଏତିକି ନିବେଦନ ଆପଣ ମୋ ପ୍ରେମର ଆଇନା ଯାହା ସ୍ୱଚ୍ଛ ଓ ନିର୍ମଳ ଯେପରି ଭାଙ୍ଗି ନଯାଏ । ଯଦି ଭାଙ୍ଗି ଯାଏ ତେବେ ମୁଁ କହିବି ଆପଣଙ୍କ ସପକ୍ଷରେ ଏ ଯୁଗର କବିମାନେ ଯାହା ଲେଖିଛନ୍ତି ଯଥା – “କୁରୁସଭା ତଳେ ଦ୍ରୌପଦୀ ଆତଙ୍କ କାଳେ କୋଟି ବସ୍ତ୍ର ଦେଇ...” ତାହା ବୋଧହୁଏ ସେହି କବିମାନଙ୍କର ଏକ କାଳ୍ପନିକ ଚିନ୍ତାର ଚିନ୍ତାଧାରା ମାତ୍ର ।”

ଶରତର ସେହି କୁହୁଡ଼ି ଘେରା ସକାଳ । ଘରକୁ ଶୀଘ୍ର ପଳେଇ ଯାଇ ନିଜର ନିତ୍ୟକର୍ମ ସାରି ଶୀଘ୍ର ଫେରିଆସିବା ଠିକ୍ ହେବ ବୋଲି ଭାବିଥିଲା ଇପ୍‌ସିତା । ଉଦାସ ଓ ଅସମାହିକ ଯନ୍ତ୍ରଣା ସତ୍ତ୍ୱେ ସ୍ୱାମୀଙ୍କୁ ଏକ ନର୍ସଙ୍କ ତତ୍ତ୍ୱାବଧାନରେ ଛାଡ଼ି ସେ ଘରକୁ ଯିବା ଉଦ୍ଦେଶ୍ୟରେ ବାହାରି ଆସିଲା । କ୍ୟାବିନ୍ ଭିତରୁ ବାରଣ୍ଡାକୁ ପାଦ ବଢାଇଲା ଇପ୍‌ସିତା । ବାରଣ୍ଡା ଓ ଫାଟକ ମଧ୍ୟରେ ଥିବା କରିଡର୍‌ରେ ଗଲାବେଳେ ସେ ପଲକହୀନ ଦୃଷ୍ଟିରେ ନିରୀକ୍ଷଣ କରି ଚାଲୁଥାଏ କାଳେ ପୁଅ ବୋହୂ ଆସୁଥିବାର ଭାବି ।

ଗତ ସନ୍ଧ୍ୟାରେ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଆମେରିକାରେ ଥିବା ପୁଅ ବୋହୁଙ୍କ ସହିତ ଫୋନ୍‌ରେ କଥାବାର୍ତ୍ତା କରିସାରିଥାଏ । ତଥାପି ମନରେ ଥାଏ କିଛିଟା ଅସମାପ୍ତ ପ୍ରଶ୍ନ । ବ୍ୟସ୍ତ ଓ ଅସ୍ଥିର ମନକୁ ସାଥିରେ ନେଇ ସେ ଆସ୍ତେ ଆସ୍ତେ ଆଗକୁ ଆଗକୁ ଚାଲୁଥାଏ । କେତେବେଳେ ଯେ ନର୍ସିଂହୋମ୍‌ର ମୁଖ୍ୟ ଫାଟକ ନିକଟରେ ପହଞ୍ଚିସାରିଥିଲେ ତାହା ତାଙ୍କୁ ଜଣାନଥିଲା । ସିକ୍ୟୁରିଟି ଫାଟକ ଖୋଲିବା ଶବ୍ଦରେ ସେ ପ୍ରକୃତିସ୍ଥ ହୋଇଥିଲା ଏବଂ ସେ ପାଦ ରଖିଥିଲା ସହରର ସେହି ସିମେଣ୍ଟ ତିଆରି ଚିକ୍‌କଣ ରାସ୍ତା ଉପରେ । ସହର ସାରା ଘନ କୁହୁଡିର ଆସ୍ତରଣ । ଏପରିକି ମୁହଁକୁ ମୁହଁ ଦିଶୁନଥାଏ । ରାସ୍ତାଗୁଡ଼ିକ ନିର୍ଜନ କହିଲେ ଚଳେ । କିଛି ଅଳ୍ପ ସଂଖ୍ୟକ ଲୋକମାନଙ୍କ ଚଳପ୍ରଚଳ ହେଉଥାଏ । ସେ ଅଟୋ ଅପେକ୍ଷାରେ ଥାଏ ‘ବସ୍‌ଷ୍ଟପ୍’ ସ୍ଥାନରେ ଥିବା

ଯାତ୍ରୀମାନଙ୍କ ପାଇଁ ଆଶ୍ରୟ ସ୍ଥଳରେ । ଯାହାହେଉ ଅଳ୍ପ କିଛିଟା ମିନିଟ୍ ମଧ୍ୟରେ ଅଟୋଟିଏ ମିଳିଯାଇଥିଲା । ଚିନ୍ତାଗ୍ରସ୍ତ ଓ ଅନ୍ୟମନସ୍କତା ମନକୁ ନେଇ ଇପ୍‌ସିତା ଅଟୋରେ ବସିଥିଲା । ସୁଦୀର୍ଘ କୁହୁଡି ଘେରା ନିର୍ଜନ ରାସ୍ତାରେ ସେ କ୍ଳାନ୍ତ ଓ ଅବସର୍ଣ୍ଣ ଭାବେ ଅଟୋରେ ଯାଉଥାଏ । ଟୁପ୍‌ଟାପ୍ ହୋଇ ଅଟୋର ଛାତ ଉପରେ ପଡୁଥାଏ କୁହୁଡ଼ିର ଟୋପାମାନ । ହଠାତ୍ ମନ ଭିତରକୁ ତା'ର ପଶିଆସିଥିଲା ଏହି ଦୁଇ ଦିନ ତଳର ଘଟଣା । ଗତାନୁଗତିକ ଭାବେ ସବୁଠିକ୍ ଚାଲିଥିଲାବେଳେ ସେଦିନ ରାତିରେ ରାତ୍ର ଭୋଜନ ପରେ ହଠାତ୍ ଅନୁପମ ସାମାନ୍ୟ ଅସୁସ୍ଥତା ସହିତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଯେଉଁଥିପାଇଁ ଅନୁପମ ନିଜେ ଆହାତ କଣ୍ଠରେ ଇପ୍‌ସିତାଙ୍କୁ କହିଥିଲେ ଡାକ୍ତରଖାନା ନେବା ପାଇଁ । ଡାକ୍ତରଖାନାକୁ ଯିବାର ଉପକ୍ରମ ବେଳେ ଅକସ୍ମାତ୍ ସହରର ବିଜୁଳି ଆଲୋକ ବିଚ୍ଛିନ୍ନ ହୋଇଯାଇଥିଲା । ସ୍ୱାମୀ ଅନୁପମଙ୍କ ଛାତିରେ ଯନ୍ତ୍ରଣା ସାଙ୍ଗକୁ ଅନ୍ଧାର ରାତିରେ ନିଜେ ଗାଡ଼ି ଚଳାଇ ନର୍ସିଂହୋମ୍‌କୁ ଯିବା ଠିକ୍ ମନେ କଲା ନାହିଁ ଇପ୍‌ସିତା । ତେଣୁ ସଂଗେ ସଂଗେ ଏକ ଅଟୋରେ ବସାଇ ଅନୁପମଙ୍କୁ ନେଇ ଆସିଥିଲା ଅନତୀ ଦୂରରେ ଥିବା ଏକ ନର୍ସିଂହୋମ୍‌କୁ । ନର୍ସିଂହୋମ୍‌ରେ ପହଞ୍ଚିବା କ୍ଷଣୀ ଅନୁପମ ଚେତା ହରାଇଥିଲେ । ଘରକୁ ଫେରିବା ବଦଳରେ ସେହି ନର୍ସିଂହୋମ୍‌ରେ ଆଡମିଟ୍ ହୋଇଥିଲେ ଅନୁପମ ଏବଂ ଇପ୍‌ସିତା ସେହିଠାରେ ମଧ୍ୟ ରହିଥିଲା ।

ଭାବନା ଭିତରେ ଥିଲାବେଳେ ଅଟୋଟି ଆସି ପହଞ୍ଚିଯାଇଥିଲା ଇପ୍‌ସିତା କହିଥିବା ମୁତାବକ ଗଳି ମୁଣ୍ଡରେ । ଅଟୋର ଗତିକୁ ଟିକେ ଧିର କରି ଡ୍ରାଇଭର ପଚାରିଥିଲେ – "ଆଜ୍ଞା, ଆପଣଙ୍କ କହିବା ସ୍ଥାନଟି ଆସିଗଲା । ଏଇଠି ରହିବେ ନା' ଆଗକୁ ଯିବେ ?" ଡ୍ରାଇଭର କଥା ଶୁଣି ଇପ୍‌ସିତା ଆଶ୍ଚର୍ଯ୍ୟ ହୋଇଯାଇ କହିଲା – "ଏତେ ଚଞ୍ଚଳ ପହଞ୍ଚିଗଲଣି । ଠିକ୍ ଅଛି, ଏହି ବାମ ପାଖରେ ତିନୋଟି ଘର ଟପିଲେ ଦେଖିବେ ଗୋଟିଏ ଏକ ମହଲା କୋଠା ଘର ଏବଂ ବଡ଼ ଫାଟକଟିଏ । ସେହି ଫାଟକରେ ଗୋଟିଏ ନେମ୍ ପ୍ଲେଟ୍ ଝୁଲୁଛି । ସେଥିରେ ଲେଖାଯାଇଅଛି ଅନୁପମ ମହାନ୍ତି ଏବଂ ତଳକୁ ଇପ୍‌ସିତା ମହାନ୍ତି । ସେହିଠାରେ ହିଁ ରଖିବେ ।

ନିର୍ଦ୍ଧିଷ୍ଟ ସ୍ଥାନରେ ପହଞ୍ଚି ଅଟୋ ଅଟକାଇଥିଲେ ଡ୍ରାଇଭର । ଅଟୋର ଭଡା ଦେଇ ଗାଡ଼ିରୁ ଓହ୍ଲାଇଲା ଇପ୍‌ସିତା । ଚାବି ଖୋଲି ଘର ଭିତରକୁ ପଶିଗଲା ଇପ୍‌ସିତା । ତାକୁ ଡର ଡର ଲାଗିଲା । କାରଣ ଏ ଘରେ ଆଜି ସେ ଏକା । ଅନ୍ତଥରା ଦୀର୍ଘ ନିଃଶ୍ୱାସଟିଏ ନେଇ ଥକା ମାରିବା ପାଇଁ ବସିପଡିଥିଲା ଶୋଇବା ଘର ଖଟ ଉପରେ । ତା' ଠାରୁ ପରିବାର ଆଜି ବିଚ୍ଛିନ୍ନ । ଯେଉଁଥିପାଇଁ ମନଟା ତା'ର ବିକ୍ଷିପ୍ତ ହେବାକୁ ଲାଗିଲା । ଡାଇନିଙ୍ଗ୍ ହଲ୍‌କୁ ଗଲା । ସେଦିନ ରାତିରୁ ଜିନିଷ ପତ୍ର ଗୁଡ଼ିକ ପୂର୍ବ ପରି ଇତସ୍ତତଃ ଓ ବିକ୍ଷିପ୍ତ ହୋଇପଡିରହିଥାଏ । କିଏ ବା ସଜାଡ଼ି ଥାଆନ୍ତା । ସବୁ ଠିକ୍ ଥିଲା । କିଏ ବା ଜାଣିଥିଲା ଏପରି ଏକ ଘଟଣା ଘଟିବ ବୋଲି। ଛାତିରେ ଅସହ୍ୟ ଯନ୍ତ୍ରଣା ପରେ ବି ଇପ୍‌ସିତା ସଜାଡୁ ଥାଏ ଅଳିଆ ହୋଇ ପଡ଼ିଥିବା ଜିନିଷଗୁଡ଼ିକୁ । ସମ୍ମୁଖରେ ଦେଖାଗଲା ସ୍ୱାମୀ ଅନୁପମ ଓ ପୁଅ ବୋହୂ ଯେପରି ଖୁବ୍ ନିକଟରେ ଠିଆ ହୋଇଛନ୍ତି । ବୋହୂ ସିପ୍ରା କଥା ମନକୁ ଆସିଥିଲା । ସଂସ୍କାରୀ ଝିଅଟି ଥିଲା ସେ । ଉଚ୍ଚ ଶିକ୍ଷିତା । ସେଥିରେ ପୁଣି ଚାକିରୀ କରିଥିଲା । ତାହା ସତ୍ତ୍ୱେ ତା' ମନରେ ଅହଂକାର ନଥିଲା । କେଉଁଠି କେତେବେଳେ ଖଣ୍ଡେ ଅଧେ ଅଇଁଠା ବାସନ ମାଜିବା ପାଇଁ ଯଦି ନିଜେ ଆଗେଇ ଯାଏ ବୋହୂ ସିପ୍ରା ଧାଇଁ ଆସି ତାଙ୍କ ହାତରୁ ବାସନ ଛଡାଇ ନେଇ ନିଜେ ମାଜି ଦିଏ । ଅନେକବାର ବୋହୂ ମନା କରିଛି ଏ କାମ ସବୁ କରିବା ପାଇଁ । ଆମେରିକା ଯିବାବେଳେ ଇପ୍‌ସିତାଙ୍କ ହାତ ଧରି ସେ କହିଥିଲା – "ମାଆ, ଆପଣ ଗୋଟେ ଚାକରାଣୀ ରଖିବେ । ଏ ବୟସରେ ଏତେ କାମ କରିବେ ନାହିଁ ।" ହଁ କହିଥିଲେ ଇପ୍‌ସିତା । ଆଜି ସେଦିନର କଥା ମନେ ପଡିବାରୁ ବହୁତ କଷ୍ଟ ଲାଗିଥିଲା ତାକୁ । ଏତିକିବେଳେ ଫୋନ୍ ରିଙ୍ଗ୍ ହେଲା । ଭାବନା ତା'ର ବାଧାପ୍ରାପ୍ତ ହେଲା । ତରବର ହୋଇ ଶୋଇବା ଘରକୁ ଧାଇଁ ଆସିଗଲା ଇପ୍‌ସିତା । ଫୋନ୍ ରିସିଭ୍ କଲା । ପୁଅ ସିଦ୍ଧାର୍ଥ ଫୋନ୍ କରି କହିଲା – "ମାଆ ଆମେ ଦୁହେଁ ଆସି ଏବେ ଏବେ ନର୍ସିଂହୋମ୍‌ରେ ପହଞ୍ଚିଲୁ । ବାପାଙ୍କ ପାଖରେ ଅଛୁ । ପୁଅ ଠାରୁ ଶୁଣିଲା ପରେ ଇପ୍‌ସିତା ମନେ ମନେ ଜଗନ୍ନାଥଙ୍କୁ ମୁଣ୍ଡିଆଟିଏ ମାରି କହିଲେ– "ଯାହାହେଉ ଠାକୁରେ ମୋ ଆକୁଳ ନିବେଦନ ରଖିଲେ ।" ଦୀର୍ଘ ନିଶ୍ୱାସ ନେଲା ଇପ୍‌ସିତା । ନର୍ସିଂହୋମ୍ ଯିବାର ପ୍ରସ୍ତୁତିକୁ କିଛି ସମୟ ପାଇଁ ରିହାତି କରି ନିଜ କ୍ଳାନ୍ତ ଶରୀରକୁ ଗଡାଇ ଦେଲା ବିଛଣା ଉପରେ । ଆଖି ପଡିଥିଲା କାନ୍ଥରେ ଝୁଲୁଥିବା ଅନୁପମଙ୍କ ଆବକ୍ଷ ଫଟୋଟି ଉପରେ । ବିଛଣାରୁ ଉଠିଯାଇ ଫଟୋକୁ କାଢି ଆଣି ହାତରେ ଧରିଥିଲା ଇପ୍‌ସିତା। ସେ ଦେଖିପାରିଥିଲେ ଝାପ୍‌ସା ରୂପେ ନିଜ ପ୍ରତିବିମ୍ବକୁ ଅନୁପମଙ୍କ ସହିତ ସେହି ଫଟୋର କାଚ ଭିତରେ ।

ହଠାତ୍ ଇପ୍‌ସିତାଙ୍କ ଆଖି ଆଗରେ ପରିଷ୍କାର ଭାବେ ଦେଖା ଦେଇଥିଲା ନିଜ ମନରେ ସାଇତି ରହିଥିବା ସେହି ଅପରିବର୍ତ୍ତନୀୟ ସ୍ମୃତି।

– ମନେ ପଡ଼େ ନା ଅନୁପମ, ତୁମ ସହିତ ପ୍ରଥମ ସାକ୍ଷାତ ଦିନ ରାତିର କଥା । ସେଦିନ ସନ୍ଧ୍ୟାରେ ଆୟୋଜିତ ହେଉଥାଏ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ଓଡିଶୀ ନୃତ୍ୟ ପ୍ରତିଯୋଗୀତାର ଫାଇନାଲ । ମୁଁ ମଧ୍ୟ ସେହି ଫାଇନାଲ୍ ନୃତ୍ୟ ପ୍ରତିଯୋଗୀତାକୁ ମନୋନିତ ହୋଇଥାଏ । ସେହି ପ୍ରତିଯୋଗୀତାରେ ମୁଖ୍ୟ ଅତିଥିଭାବେ ଯୋଗଦେବାକୁ ଆସିଥିଲ ତୁମେ । ସେତେବେଳେ ତୁମେ ଥିଲ ଆମ ଜିଲ୍ଲାର ଜିଲ୍ଲାପାଳ । ତୁମ ଗୋରା ଦେହ ସାଙ୍ଗକୁ ପରିଧାନ ଥିଲା ବ୍ଳୁ ରଙ୍ଗର ଫୁଲ୍ ପ୍ୟାଣ୍ଟ ସହିତ ଧଳା ଫୁଲ ସାର୍ଟ ଓ ଚମ୍ପା ରଙ୍ଗର ଟାଏ ଯାହାକି ତୁମକୁ ବେଶ୍ ମାନୁଥିଲା। ଯେତେବେଳେ ତୁମ ଶରୀର ଉପରେ ଫ୍ଲଡ଼ ଲାଇଟ୍‌ର ଆଲୋକ ପଡୁଥିଲା ସେତେବେଳେ ତୁମେ ଆହୁରି ସୁନ୍ଦର ଦିଶୁଥିଲ । ତୁମକୁ ଦେଖିଲା ପରେ ମନରେ ମୋର ସୃଷ୍ଟି ହୋଇଥିଲା ଅନୁରାଗ ଏପରିକି ଏକ ଶିହରଣ ମଧ୍ୟ ଖେଳିଯାଇଥିଲା ମୋ ଭିତରେ । ଜାଣିନଥିଲି ତୁମେ ବିବାହିତ ନା ଅବିବାହିତ । ତଥାପି ମୋ ଭିତରେ ସ୍ନାୟୁବିକ ଦୁର୍ବଳତା ଦେଖାଦେଇଥିଲା। ଅଳ୍ପ କିଛି ସମୟ ପରେ ମୁଁ ଆଉ ଏକ ନୂତନ ସୁଯୋଗର ଭାଗୀଦାର ହୋଇଥିଲି । ଅର୍ଥାତ୍ ତୁମକୁ ଫୁଲତୋଡା ଦେଇ ସମ୍ବର୍ଦ୍ଧନା କରିବାପାଇଁ

ମୋତେ ହିଁ ସୁଯୋଗ ମିଳିଥିଲା । ମୋ ହାତରୁ ଫୁଲତୋଡା ଗ୍ରହଣ କରିବା ସମୟରେ ମୁଁ ଦେଖିଛି ତୁମେ ନା ଅନୁପମ, ମୋ ମୁହଁକୁ ଚାହିଁ ହସିଦେଇଥିଲ । ମୁଁ କିନ୍ତୁ ଲାଜେଇ ଯାଇଥିଲି ।

ତା'ପରେ ଅଡିଟୋରିଅମ୍ ଅନ୍ଧକାର ହୋଇଥିଲା ଏବଂ ସଂଗୀତ ମହାବିଦ୍ୟାଳୟର ଖୋଲା ମଞ୍ଚରେ ପରିବେଷିତ ହୋଇଥିଲା ଫାଇନାଲ୍ ଓଡିଶୀ ନୃତ୍ୟ ପ୍ରତିଯୋଗୀତା । ମୁଁ ସେଦିନ ମଙ୍ଗଳା ଚରଣ (ଗଣେଶ ବନ୍ଦନା) ପରିବେଷଣ କରୁଥାଏ । ଶେଷ ହେବାକୁ ଅଳ୍ପ ସମୟ ଥାଏ । ମୁଁ ଅସଂଯୁକ୍ତ ହସ୍ତମୁଦ୍ରା ପରିବେଷଣ ସମୟରେ ମୋ ପାଦର ଗତି ମନ୍ଥର ହୋଇଥିଲା । ମୁଁ ଖୁବ୍ କ୍ଳାନ୍ତ ଅନୁଭବ କରିଥିଲି । ଟିକିଏ ପରେ ମୁଁ ପେଣ୍ଡାଲ ଉପରେ ଚେତା ହରାଇ ପଡିଯାଇଥିଲି । ଚେତା ଫେରିବା ପରେ ଅର୍ଥାତ୍ ମେଡିକାଲରେ, ଶୁଣିଥିଲି ତୁମେ ଅନ୍ୟମାନଙ୍କ ସାହାଯ୍ୟରେ ମୋତେ ତୁମ ଗାଡିରେ ମେଡିକାଲକୁ ନେଇଥିଲ । ଆମ ଘରକୁ ମଧ ଖବର ଦେଇଥିଲ । ଚେତା ଫେରିବା ପର୍ଯ୍ୟନ୍ତ ତୁମେ ଡାକ୍ତରଖାନାରେ ରହି ମୋର ଟିକିନିଖି ଚିକିତ୍ସାର ତଦାରଖ କରିଥିଲ । ଅଳ୍ପ କିଛି ସମୟ ପରେ ମୋର ଚେତା ଫେରିଥିଲା । ହେଲେ ଡାକ୍ତରଙ୍କ ପରାମର୍ଶକ୍ରମେ ମୋତେ ସେହି ରାତିଟା ସେଠାରେ ରହିବାକୁ ପଡିଥିଲା । ମୋ ବାପା ମାଆଙ୍କ ସହିତ ତୁମେ ମଧ କିଛି ସମୟ ଡାକ୍ତରଖାନାରେ ରହିଥିଲ । ବାପା ମାଆ ହେଟେଲକୁ ଖାଇବାକୁ ଯିବାପରେ ତୁମେ ମୋ ବେଡ୍ ପାଖକୁ ଆସି ମୋ ନୃତ୍ୟର ବହୁ ପ୍ରଶଂସା କରିଥିଲ । ସେତେବେଳେ ମୁଁ ତୁମକୁ ଖୁବ୍ ଆବେଗରେ ଆଖି ପୁରାଇ ଦେଖିବାର ସୁଯୋଗ ପାଇଥିଲି । ଅନୁମାନ ମଧ କରିଥିଲି ତୁମେ ମୋତେ ଭଲ ଭାବରେ ଦେଖୁଥିଲ । ଭାବିଲେ ଆଜି ବି ବିଶ୍ୱାସ ହେଉନି, ସେଦିନ ମେଡିକାଲରେ ତୁମେ କହୁ କହୁ କହିଦେଇଥିଲ- "ଇପ୍ସିତା ! ତୁମର କମନୀୟ ରୂପକାନ୍ତି ସହିତ ଆଖିର ସ୍ନିଗ୍ଧତା ବେଶ ଆକର୍ଷଣୀୟ ।" ଆଉ କିଛି କଥା ଢୋକି ଦେଇଥିଲ । ତୁମ କଥା ଶୁଣି ମୁଁ ଲାଜେଇ ଯାଇଥିଲି । ତୁମ ମୁହଁର ଭାବ ଭଙ୍ଗିରୁ ଠିକ୍ ବୁଝିହେଉଥିଲା ତୁମେ ଢୋକି ଦେଇଥିବା ଶବ୍ଦ ଗୁଡ଼ିକ ।

ଯେହେତୁ ଆମ ଦୁହିଁଙ୍କର ପ୍ରତ୍ୟକ୍ଷ ଉପଲବ୍ଧି (ଚରକ୍ଷମରକ୍ତ୍ରସ୍ପସକ୍ଟଭ) ରୁ ଚିହ୍ନା ହୋଇଥିଲା ସେଥିପାଇଁ ମୋର ମଧ ଇଚ୍ଛା ହେଉଥିଲା ତୁମକୁ କିଛି କହିବାପାଇଁ । ହେଲେ କହିପାରିନଥିଲି । କାରଣ ସେତେବେଳେ ତାହା ମୋ ପକ୍ଷେ ସମ୍ଭବପର ନଥିଲା । ଯାହାହେଉ ଅଳ୍ପ କିଛି ସମୟ ଡାକ୍ତରଖାନାରେ ରହି ତୁମେ ଫେରିଯାଇଥିଲ । ତୁମେ ଫେରିଯିବା ପରେ ମୁଁ ବହୁତ ରାତି ପର୍ଯ୍ୟନ୍ତ ଆଖି ବନ୍ଦ କରି ମିଛିମିଛିକା ବିଛଣାରେ ପଡ଼ି ରହି ଭାବୁଥିଲି ତୁମ କଥା । ହୁଏତ ସେଦିନ ମୋର ସମସ୍ତ ଆସ୍ଥା ତୁମ ଉପରେ ଅଜାଡ଼ି ହୋଇଯାଇଥିଲା ।

ମୁଁ ଆରୋଗ୍ୟ ହୋଇ ଡାକ୍ତରଖାନାରୁ ଫେରିବା ପରେ ତୁମ ସହିତ ବହୁବାର ଦେଖା ସାକ୍ଷାତ ହୋଇଛି । ଫୋନ୍‌ରେ ମଧ କଥାବାର୍ତ୍ତା ହୋଇଛେ। ହେଲେ ଖୁବ୍ କମ୍ ସମୟ ପାଇଁ । ଯାହାଥିଲା ଫର୍ମାଲ୍ । କାରଣ ଜିଲ୍ଲାପାଳ ହିସାବରେ କାମ ତ ଅଧିକ ତା'ପରେ ଗୋଟିଏ ଝିଅ ସହିତ ପାର୍କରେ ବୁଲିବା, ଗପିବା ତୁମେ ପକ୍ଷେ ସମୀଚୀନ ନଥିଲା । କି ମୁଁ ମଧ ଚାହୁଁନଥିଲି । ଦୁହେଁ ଦୁହିଁଙ୍କ ସହିତ ଦେଖା ସାକ୍ଷାତ, କଥାବାର୍ତ୍ତା ହେବା ପାଇଁ ଚିରବ୍ୟସ୍ତ ଓ ଅସ୍ଥିର ଥିଲେ ତା'ର କାରଣ କ'ଣ ମୁଁ ଠିକ୍ ରୂପେ ଜାଣିପାରୁନଥିଲି । ତୁମେ କ'ଣ ଚାହୁଁଛ ତାହା ମଧ ଜାଣିପାରୁନଥିଲି କି ମୋ ମନର କଥା ତୁମକୁ ମଧ କହିପାରୁନଥିଲି ।

ଆଉ ଦିନେ ମୁଁ ଶିକ୍ଷକତା କରୁଥିବା ଶାରୀରିକ ଅକ୍ଷମ ଅସହାୟ ପିଲାଙ୍କ ପାଇଁ ସ୍କୁଲରୁ ଜନଗହଳି ରାସ୍ତାରେ ଦେଇ ଘରକୁ ଫେରୁଥିବା ବେଳେ ତୁମ ଠାରୁ ଫୋନ୍ ପାଇଥିଲି । ତରତର ହୋଇ ବ୍ୟାଗ୍ ଭିତରୁ ଫୋନ୍ ବାହାର କରି ହ୍ୟାଲୋ କହିବା କ୍ଷଣି ତୁମେ ଏତିକି କହିଥିଲ ଆସନ୍ତା କାଲି ଛୁଟି ଥିବାରୁ ଏକ ଲଙ୍ଗ୍ ଡ୍ରାଇଭ୍‌ରେ ପୁରୀ, କୋଣାର୍କ ଯିବା ପାଇଁ ସିଦ୍ଧାନ୍ତ କରିଛ । ମୋର ମତାମତ ଚାହିଁଥିଲ । ମୁଁ ଆଗ ପଛ ନଭାବି 'ହଁ' କହି ଦେଲି । ସେଦିନ ରାତିରେ ବୋଉକୁ ମିଛରେ କହିଥିଲି ଆସନ୍ତା କାଲି ମୋର ଗୋଟିଏ ସାଙ୍ଗର ଜନ୍ମଦିନ । ତେଣୁ ସକାଳେ ତା' ଘରକୁ ଯିବି । ଫେରୁ ଫେରୁ ସନ୍ଧ୍ୟା ହୋଇଯିବ ।

ପରଦିନ ସକାଳ ନ'ଅଟା ସମୟରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ମୁଁ ପହଞ୍ଚିଯାଇଥିଲି । ତୁମେ ଆସି ପହଞ୍ଚିଥିଲ । ତୁମେ ନିଜ କାର୍‌ରେ ନିଜେ ଡ୍ରାଇଭିଙ୍ଗ୍ କରି ପୁରୀ ଯିବା ବାଟରେ ତୁମ ମନକଥାକୁ ମୋତେ କହିଥିଲ ଅର୍ଥାତ୍ ମୋ ସହିତ ତୁମର ବିବାହ ପ୍ରସ୍ତାବ ଉତ୍‌ଥାପନ କରି ମୋର ସହମତି ଲୋଡିଥିଲ । ତୁମକୁ ବିବାହ କରିବା ପାଇଁ ମୋର ମଧ ଇଚ୍ଛା ଥିଲା । କିନ୍ତୁ କ୍ଷଣକ ପାଇଁ ମନରେ ଦ୍ୱିଧା ଓ ହୃଦୟରେ ଅସ୍ଥିରତା ସୃଷ୍ଟି ହେବାରୁ ମୋତେ ଭୟ ଲାଗିଥିଲା । ଯଦିଓ ଓଠରେ ମୋର ହସ ଆସିଥିଲା । କିନ୍ତୁ ଉତ୍ତର କିଛି ଦେଇନଥିଲି । ପୁରୀରେ ଠାକୁର ଦର୍ଶନ ଓ ସମୁଦ୍ର କୂଳରେ ବୁଲାବୁଲି ଶେଷରେ ଆମେ ଦୁହେଁ ଘରକୁ ଫେରିଥିଲେ ଏବଂ ସନ୍ଧ୍ୟା ସୁଦ୍ଧା ଘରେ ପହଞ୍ଚିଯାଇଥିଲେ । ହେଲେ ତୁମ ଶୁଖିଲା ଚେହେରା ମୋତେ ବହୁତ ଦୁଃଖ ଦେଇଥିଲା ।

ହଠାତ୍ ଦିନେ ସଂଧ୍ୟାରେ ତୁମେ ଫୋନ୍‌ରେ କହିଥିଲ, ଏହି ୨/୩ ଦିନ ମଧରେ ତୁମେ ମଶୂରୀ ଟ୍ରେନିଂରେ ଯିବ । ପରେ ପୁଣି ପ୍ରଶ୍ନଟିଏ ମଧ ପଚାରିଥିଲ – "ଇପ୍ସିତା ! ମୋର ଟ୍ରେନିଂ ସରିବା ପର୍ଯ୍ୟନ୍ତ ମୋତେ ଅପେକ୍ଷା କରିବ ତ ?" ସେତେବେଳେ ମୁଁ ଜାଣିପାରିଥିଲି ତୁମ ଭଲ ପାଇବାରେ ଆବିଳତା ନଥିବାର । ହେଲେ ସେଦିନ ମୁଁ ତୁମ ପ୍ରଶ୍ନର ଉତ୍ତର ନ ଦେଇ ଖାଲି ହସି ଦେଇଥିଲି ଏବଂ ତତ୍‌କ୍ଷଣାତ୍ ମୋ ଆଖି ପତା ଦୁଇଟି ଅର୍ଦ୍ଧମୁଦ୍ରିତ ହୋଇଯାଇଥିଲା । ଯାହାହେଉ ତୁମେ ଟ୍ରେନିଂରେ ଯିବା ମଧରେ ମୁଁ ଯେହେତୁ ମନସ୍ତତ୍ତ୍ୱରେ ପି.ଜି. ଶେଷ କରିଥିଲି ସେଥିପାଇଁ ଏକ ଘରୋଇ କଲେଜରେ ଅଧ୍ୟାପିକା ଚାକିରୀ ପାଇଯାଇଥିଲି ।

ତୁମ କଥା ମନେ ଥାଏ । ଯଦିଓ ମୁଁ ବିବାହଯୋଗ୍ୟା ହୋଇସାରିଥାଏ, ତଥାପି ସେପର୍ଯ୍ୟନ୍ତ ମୋର ବିବାହ ହୋଇନଥାଏ । କିନ୍ତୁ ବିବାହ ପାଇଁ ପ୍ରସ୍ତାବମାନ ଆସୁଥାଏ। ହେଲେ ସେ ସବୁ ପ୍ରସ୍ତାବକୁ ମୁଁ ଗ୍ରହଣ କରୁନଥିଲି। ସେତେବେଳକୁ ତୁମେ ଟ୍ରେନିଂ ଶେଷ କରି ଫେରିଆସିଥାଅ । ହଠାତ୍ ଦିନେ ତୁମ ଘରୁ ଆମ ଘରକୁ ବିବାହ ପ୍ରସ୍ତାବ ଆସିଥିଲା । ମୋ ମନ ତଳର ଇପ୍ସିତ୍ ଇଚ୍ଛା ପୂରଣ ହେବାକୁ ଯାଉଥିବାରୁ ମୁଁ ଅନୁଭବ କରିଥିଲି ଏକ ସ୍ୱର୍ଗୀୟ ସୁଖ । ମନେ ହେଲା ସତେ ଯେପରି ସ୍ୱର୍ଗ ମୋ ହାତ ମୁଠାକୁ ଚାଲିଆସିଛି । ହେଲେ ଏହି ବିବାହ ପାଇଁ ମୋ ବାପା ମାଆ ରାଜି

ନଥିଲେ । କାରଣ ଥିଲା ସେମାନେ ଜାଣିଥିଲେ ତୁମେ ବଡଘରର ପୁଅ, ବଡ ଚାକିରୀ, କାଳେ କିଛି ଅଘଟଣ ଘଟିବ । ହେଲେ ମୁଁ ବାପା ମାଆଙ୍କୁ ରାଜି କରାଇଥିଲି । ଶେଷରେ ଆମ ଦୁହିଁଙ୍କର ବାହାଘର ହୋଇଗଲା । ଘର ସଂସାର କଲେ । ଦେବା ଦେବୀ ତୁଲ୍ୟ ଶଶୁର ଶାଶୁ ଓ ସର୍ବଗୁଣ ସମ୍ପୂର୍ଣ୍ଣ ତୁମପରି ସ୍ୱାମୀଟିଏ ପାଇ ମୁଁ ଏକା ନୁହେଁ ମୋ ବାପା ମାଆ ବହୁତ ଖୁସି ହୋଇଥିଲେ । ନିର୍ଦ୍ଦିଷ୍ଟ ସମୟରେ ପୁଅଟିଏ ଜନ୍ମ ହେଲା । ପୁଅର ପାଠପଢା ତା'ର ବାହାଘର ତା'ପରେ ତମର ଓ ମୋର ଚାକିରୀରୁ ଅବସର ଏବଂ ପରିଶେଷରେ ଶାଶୁ, ଶ୍ୱଶୁର ଓ ମୋ ବାପା ମାଆଙ୍କ ମୃତ୍ୟୁ ଯଦିଓ ଆମ ଦୁହିଁଙ୍କୁ କିଛିଟା ବ୍ୟଥିତ ଭିତରକୁ ଟାଣି ନେଇଥିଲା, ତଥାପି ଆମେ ଦୁହେଁ ଖୁସିଥିଲେ ? ହେଲେ ପୁଅବୋହୂ ଆମେରିକା ଯିବାପରେ ବୟସର ଅପରାହ୍ନରେ ଆମେ ଦୁହେଁ ଏକୁଟିଆ ହୋଇଯାଇଥିଲେ । ତଥାପି ବି ଶାନ୍ତିରେ ଥିଲେ । ମନେପଡୁଛି ନା ?

ପୁରୁଣା କଥା ଭାବି ଭାବି ଇପ୍‌ସିତାଙ୍କ ଆଖିରୁ ଖସିପଡିଥିଲା କେଇଠୋପା ଲୁହ । ଯାହାକି ପଡିଯାଇଥିଲା ଅନୁପମଙ୍କ ଫଟୋ ଫ୍ରେମ୍‌ର କାଚ ଉପରେ । ନିଜ ହାତରେ କାଚରେ ପଡିଥିବା ଲୁହକୁ ପୋଛୁ ପୋଛୁ ଫଟୋଟି ତଳକୁ ଖସିପଡି ଭାଙ୍ଗିଯାଇଥିଲା । ମନରେ ଏକ ଅଶୁଭ ସଂକେତ ଯାତ ହେବା ସତ୍ତ୍ୱେ ତଳେ ପଡିଥିବା କାଚ ଖଣ୍ଡଖଣ୍ଡକୁ ଉଠାଇବାବେଳେ ଭଙ୍ଗା କାଚ ଧାରରେ ହାତ ଆଙ୍ଗୁଠି କଟିଯାଇ ସେଥିରୁ ରକ୍ତ ବାହାରିଥିଲା । ସାମାନ୍ୟ ଜ୍ୱାଳାରୁ ଉପଶମ ପାଇବା ପାଇଁ ପାଖରେ ଥିବା ଅୟଣ୍ଟମେଣ୍ଟ କ୍ଷତ ସ୍ଥାନରେ ଲଗାଇଥିଲା ଇପ୍‌ସିତା ।

ଆଖିରୁ ଲୁହ ପୋଛିଥିଲା ଇପ୍‌ସିତା । ପରମୁହୂର୍ତ୍ତରେ ସେ ଅନୁଭବ କରିଥିଲା ସତେ ଯେପରି ତାଙ୍କ ମୁଣ୍ଡର ଅବିନ୍ୟସ୍ତ କେଶଗୁଡିକୁ ଅନୁପମ ନିଜ ହାତର ଆଙ୍ଗୁଳିରେ ସଜାଡି ଦେଇ କହୁଛନ୍ତି - ଇପ୍‌ସିତା ପଳାଇ ଆସ । ସେହ ଅଦୃଶ୍ୟ ସ୍ପର୍ଶରେ ସେ ଉତ୍ତେଜିତ ହୋଇପଡିଥିଲା ।

ଝରକା ଫିଟାଇ ପଦାକୁ ଅନାଇଲା ଇପ୍‌ସିତା । ଅନେକ ବେଳୁ ରାତି ପାହି ସାରିଥିଲେ ବି ସୂର୍ଯ୍ୟକୁ ଲୁଚାଇ ରଖିଥାଏ ଘନ କୁହୁଡ଼ିର ଆସ୍ତରଣ । ହେଲେ ବେଳେବେଳେ କୁହୁଡ଼ି ଅନ୍ତରାଳରେ ଦେଖାଯାଏ ଲୁଚିଯାଇଥିବା ସକାଳର ସୂର୍ଯ୍ୟ । ତୁଳନା କଲା ନିଜ ଅତୀତ ଓ ବର୍ତ୍ତମାନ ଜୀବନ ସହିତ । ହା ହା କାର ଲାଗିଲା ତାଙ୍କୁ । ପୁଣି ଟିକିଏ ସମୟ ବିଶ୍ରାମ ନେବା ପାଇଁ ସେ ନିଜ ଅଳସ ଶରୀରକୁ ଗଡାଇଦେଲା ବିଛଣା ଉପରେ । ଆଖିର ଲୁହଧାର ବୋହି ଆସିଲା । ପାଟିରୁ ବାହାରି ଆସିଲା, ତୁମେ ଫେରି ଆସ ଅନୁପମ । କୁହତ ଦେଖି ତୁମ ଅନୁପସ୍ଥିତିରେ ମୁଁ କ'ଣ ଏଠି ଚଳିପାରିବି ?

ହଠାତ୍ ବୋହୂ ନର୍ସିଂହୋମ୍‌ରୁ ଫୋନ୍ କରି କହିଲା- ବାପାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହୋଇଛି । ତାଙ୍କ ଅବସ୍ଥା ଅବନ୍ନତି ଆଡକୁ ଗତି କରୁଛି । ଶୀଘ୍ର ଯିବାକୁ ମଧ୍ୟ କହିଲା । ତା କଥା ଶୁଣି ଅସୁସ୍ଥ ବୋଧ କଲା ଇପ୍‌ସିତା । ମନରେ ସୃଷ୍ଟି ହେଲା ଏକ ପ୍ରଶ୍ନବାଚୀ । ସଂଶୟ ଜନ୍ମନେଲା ନିଜ ଭବିଷ୍ୟତ ଉପରେ । ପଛରେ ଛାଡ଼ି ଆସିଥିବା ଅତୀତକୁ ଦେଖିବା ପାଇଁ ପୁଣି ଥରେ ପଛକୁ ଅନାଇଲା ସେ । ହେଲେ କିଛି ଦେଖିନଥିଲା । କିନ୍ତୁ କାନରେ ପ୍ରତିଧ୍ୱନିତ ହେଇଥିଲା ସେହି ପରିଚିତ ଅନୁପମଙ୍କ କଣ୍ଠ ସ୍ୱରରେ - "ଇପ୍‌ସିତା ! ମୋ ପାଖକୁ ଶିଘ୍ର ଆସ । ନହେଲେ ମୁଁ ଚାଲିଯିବି ଅନେକ ଦୂରକୁ । ନିରାଶର ଏକ ଆଛନ୍ନତା ତାକୁ ମାଡ଼ି ବସିଥିଲା ।

ଅନ୍ୟମନସ୍କ ହୋଇପଡିଥିଲା ସେ । ତା'ର ମନେ ପଡିଥିଲା ଜଣେ ମନବୈଜ୍ଞାନିକ କହିଥିଲେ- ମନ ଗୋଟିଏ ଆଇନା ପରି । ଆଇନା ଭାଙ୍ଗି ଚୂରମାର ହୋଇଗଲେ, ଯେତେ ଚେଷ୍ଟା କଲେ ମଧ୍ୟ ସେ ଖଣ୍ଡଗୁଡିକୁ ଆଉଥରେ ଏକତ୍ରୀକରଣ କରିହୁଏ ନାହିଁ । ସେହିପରି ମନ ଭାଙ୍ଗିଗଲେ ସେଥିରୁ ପ୍ରତିଫଳିତ ହେଉଥିବା ସମସ୍ତ ସ୍ମୃତି ଭାଙ୍ଗି ଚୂରମାର ହୋଇଯାଏ । ଶେଷରେ ସେ ମନ ହୋଇଯାଏ ଅଥର୍ବ, ନିଃସଙ୍ଗ । ଇପ୍‌ସିତାକୁ ଭବିଷ୍ୟତ ଭୟଙ୍କର ଦେଖାଗଲା । ଶେଷରେ ସେହି ଭୟଙ୍କର ନିଃସଙ୍ଗତାକୁ ଆପଣେଇ ନିଜ ଶୋଇବା ଘର କୋଠରୀ ତଳେ ସାଷ୍ଟାଙ୍ଗ ମୁଦ୍ରାରେ ବସି ରହି ଜଗନ୍ନାଥକୁ ଡାକି କହିଲେ- "ପ୍ରଭୁ ! ମୋତେ ଟିକିଏ ନେଇଯାଅ ମୋ ଭାଙ୍ଗିଯାଇଥିବା ପ୍ରେମର ଆଇନା ପାଖକୁ । ମୁଁ ଆଜି ଏକଲା । ଛାତିରେ ଯନ୍ତ୍ରଣା । ପାଦ ମୋର ଦୁର୍ବଳ ।"

ମୁଁ ଯିବା ପାଇଁ ଅସମର୍ଥ ।

*ପ୍ଲଟ ନଂ ୨୨୪, ସହିଦ ନଗର*
*ଭୁବନେଶ୍ୱର - ୭୫୧୦୦୭*
*ଦୂରଭାଷ: ୯୮୬୧୬୬୪୫୨୯*

ଧାରାବାହିକ
ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### କଳିଙ୍ଗର ଐତିହାସିକ ମଗଧ ବିଜୟ

ନଗର ଅଖଣ୍ଡାଂଶ ତାଙ୍କର ବ୍ୟାଖ୍ୟା ଜାରି ରଖିଛନ୍ତି। ଏଥିରେ ଉଲ୍ଲିଖିତ – "ମାଗଧାନ ଚ ବିପୁଳଂ ଭୟଂ ଜନେତୋ ହଥସଂ ଗଂଗାୟ ପାୟୟତି। ମାଗଧଂ ଚ ରାଜାନଂ ବହସତିମିତଂ ପାଦେ ବନ୍ଦାପୟତି॥ ନଂଦରାଜ ନୀତଂ କାଳିଗଜିନଂ ସଂନିବେସଂ (କଳିଙ୍ଗ) (ରାଜ)ଗହ ରତନ ପରିହାର ହିଂ ଅଂଗମଗଧବସୁଂ ଚ ନୟତି॥" ପଦଟିର ଅର୍ଥ ହେଉଛି, (ପ୍ରତ୍ୟାବର୍ତ୍ତନ ସମୟରେ ଗଙ୍ଗାନଦୀରେ ସୈନ୍ୟବାହିନୀର ଘୋଡ଼ା ଓ ହାତୀଙ୍କୁ ଜଳପାନ କରାଇବା ଘଟଣା ମଗଧରାଜଙ୍କ ମନରେ ଭୟ ସଞ୍ଚାରକରେ। ମଗଧରାଜ ବୃହସ୍ପତି ମିତ୍ର ତାଙ୍କ ପାଦତଳେ ଶରଣ ପଶନ୍ତି ଏବଂ ପୂର୍ବରୁ ନନ୍ଦରାଜ କଳିଙ୍ଗରୁ ନେଇ ଆସିଥିବା ମୁକୁଟ ପରିହିତ କଳିଙ୍ଗଜୀନ୍ ମୂର୍ତ୍ତିକୁ କଳିଙ୍ଗାଧିପତିଙ୍କୁ ଅର୍ପଣ କରନ୍ତି। ତା ସହିତ ଅଙ୍ଗ ଆଉ ମଗଧର ସମସ୍ତ ରାଜକୋଷର ଧନରତ୍ନ ସମର୍ପଣ କରନ୍ତି।)

ନଗର ଅଖଣ୍ଡାଂଶ ଭୂତି କହନ୍ତି, ଏହି ଧାଡ଼ିଟିଏ ହାତୀଗୁମ୍ଫା ଶିଳାଲିପି ଅନେକ ଐତିହ୍ୟ ବର୍ଣ୍ଣନା କରେ। ଏହା କଳିଙ୍ଗବାସୀଙ୍କ ଦର୍ପର ପରିଚାୟକ। ମଗଧ ପରି ଶକ୍ତିବନ୍ତ ରାଜ୍ୟ ଯେ କଳିଙ୍ଗର ହାତୀ ଘୋଡ଼ା ଗଙ୍ଗାନଦୀରେ ଗାଧୋଇବା ସମୟରେ ତଦାନୀନ୍ତନ ମଗଧରାଜ ବୃହସ୍ପତି ମିତ୍ର ମଗଧର ଅତୀତ କଳିଙ୍ଗ ଆକ୍ରମଣ ନିମନ୍ତେ କ୍ଷମାପ୍ରାର୍ଥନା ପୂର୍ବକ କଳିଙ୍ଗର ସନ୍ତକ କଳିଙ୍ଗଜୀନ୍‌କୁ ଫେରାଇଦେଇଛନ୍ତି। ଏହି କଳିଙ୍ଗଜୀନ୍ ନିଜର ମୂଲ୍ୟବାନ ମୁକୁଟ ପରିହିତ ଏବଂ ତାହା ସହିତ ମଗଧାଧୀନ ଅଙ୍ଗ ରାଜ୍ୟ ସମେତ ମଗଧର ରାଜକୋଷକୁ କଳିଙ୍ଗାଧିପତିଙ୍କୁ ପ୍ରଦାନ କରିଥିଲେ। ଅନେକ ବର୍ଷ ପୂର୍ବରୁ ନନ୍ଦରାଜ କଳିଙ୍ଗ ଆକ୍ରମଣ କରି ଏହି ସନ୍ତକ କଳିଙ୍ଗରୁ ବିଜୟର ପ୍ରମାଣ ସ୍ୱରୂପ ଘେନି ଯାଇଥିଲେ।

ଉତ୍ତରପଥରେ ସେମାନେ ତକ୍ଷଶିଳା ପାଖରୁ ଫେରିବାର ଉପକ୍ରମ କରିଥିଲେ। ସେଠାରୁ ମଥୁରା ବାଟ ଦେଇ ସେମାନେ ମଥୁରାରୁ ଦକ୍ଷିଣପଥ ନଧରି ସିଧା ପୂର୍ବଦିଗକୁ ମଗଧମୁହାଁ ହୋଇ ଚାଲିଲେ। ରାସ୍ତାରେ ଦୁଇଟି ରାଜ୍ୟ ପାରି ହେବାକୁ ପଡ଼ିଲା, ସୁରସେନ ଏବଂ ବତ୍ସ ରାଜ୍ୟ। ବିରାଟ ଥାଟ ଏକଲକ୍ଷ ପଦାତିକ, ସଂଖ୍ୟାତୀତ କଳିଙ୍ଗ ଗଜାରୋହୀ ଏବଂ ଅଶ୍ୱାରୋହୀ ମଗଧ ସୀମାରେ ପଶିଲେ।

ଏହି ସମୟରେ କଳିଙ୍ଗ ମହାସେନାନୀ ସମ୍ରାଟ ଖାରବେଳଙ୍କୁ ସୂଚାଇ ଦେଲେ, "ଅନେକଥର ମହାମହିମଙ୍କର ଉତ୍ତର ଭାରତ ଅଭିଯାନ ସମୟରେ କୁମାରୀଗିରିର ଅର୍ହତମାନେ ଆପଣଙ୍କ ପଥ ଚାହିଁ ବସିଥାନ୍ତି। କଳିଙ୍ଗରୁ ଅଗ୍ରଜିନାଙ୍କୁ ମୁକୁଟ ସହିତ କଳିଙ୍ଗର ସନ୍ତକ ଭାବରେ ଯୁଦ୍ଧଜୟୀ ନନ୍ଦରାଜ ମଗଧରେ ରଖି ପୂଜାର୍ଚ୍ଚନା କରିବାର ତିନିଶହ ବର୍ଷ କାଳ କେବଳ କୁମାରୀଗିରି ଜୈନକୁଳର ଦିନ ଗଣିବାରେ କଟିଛି। ସମାଧାନ ନୃପତିଙ୍କ ଦ୍ୱାରା ସମ୍ଭବ ବୋଲି ପ୍ରତୀୟମାନ ହୁଏ। ଅଗ୍ରଜିନାଙ୍କ ସହିତ ଶିଳାର ବିସ୍ମୟ ଆପଣ ଏହି ଉତ୍ତରପଥ ଗସ୍ତରୁ ଜିତାପଟ ଭାବରେ କଳିଙ୍ଗ ଘେନିଯିବାର ସମୟ ଆସିଛି। ଚତୁର୍ଦ୍ଦିଗର ଦିଗ୍‌ବିଜୟ ପରେ ସବୁ ଧନଧାନ୍ୟ କେନ୍ଦ୍ର କଳିଙ୍ଗ। ଆଜି ସୁବର୍ଣ୍ଣ ବେଳାରେ ରାଜ୍ୟ ପହଞ୍ଚିଛି। ତା ସହିତ ହୃତ୍‌ଗୌରବର ପୁନଃସଂସ୍ଥାପନ କଳିଙ୍ଗରାଜ୍ୟର ଶୌର୍ଯ୍ୟର ପରିଚାୟକ ହେବ।"

ମହାସେନାନୀ ଲେଉଟାଣି ପଥରେ ସମ୍ରାଟଙ୍କ ପାଖରେ ଉପସ୍ଥିତ ହେଲେ। ସମ୍ରାଟଙ୍କ ମନରେ ମଗଧର କଳିଙ୍ଗ ପ୍ରତି ଅତୀତର ନିର୍ଯ୍ୟାତନା ବିଷୟ ସ୍ମରଣ କରି ନଦେଲେ, କାଳେ ମହାମହିମ ଭୁଲି ଯିବେ, ସେଥିପାଇଁ କହିବାକୁ ଲାଗିଲେ, "ମହାମହିମ, ଆପଣ ତ ଆମ କଳିଙ୍ଗଜୀନାର ଐତିହ୍ୟ ଆମୂଳଚୂଳ ଜାଣିଥିବେ। ସେହି ନନ୍ଦରାଜ ଯେଉଁ ଦିନ କଳିଙ୍ଗ ଆକ୍ରମଣ କଲେ, ତାହା ଆନୁମାନିକ ତିନିଶହ ବର୍ଷ ତଳର ଘଟଣା। ବିଶାଳ ମୌର୍ଯ୍ୟ ସାମ୍ରାଜ୍ୟ। ତାଙ୍କର ରାଜ୍ୟର ସ୍ପନ୍ଦନ ଉଦ୍‌ଭୂତ ହେଉଥିଲା ମଗଧର ପାଟଳୀପୁତ୍ର ଏବଂ ପଶ୍ଚିମ ତକ୍ଷଶିଳା ସହିତ ଗାନ୍ଧାର ଏବଂ ସମ୍ପର୍କୀତ ପଶ୍ଚିମା ଯବନରାଜ୍ୟ ସହିତ। ତଥାପି ପାଟଳୀପୁତ୍ର-ଅବନ୍ତୀ ଏବଂ ଅବନ୍ତୀର ରାଜଧାନୀ ଉଜ୍ଜୟିନୀ ମୌର୍ଯ୍ୟ ସାମ୍ରାଜ୍ୟର ପ୍ରମୁଖ ସହର ଥିଲା। କଳିଙ୍ଗ ସେମାନଙ୍କ ଭାଷାରେ ଏକ ଅବିଜିତ ରାଜ୍ୟ ହୋଇ ରହିଥିଲା। ଏହାର ଅଭ୍ୟନ୍ତର ମୌର୍ଯ୍ୟ ବା ତାଙ୍କ ପୂର୍ବ ମହାପଦ୍ମନନ୍ଦ କି ଧନ ନନ୍ଦଙ୍କୁ ଗୋଚର ନଥିଲା। କେବଳ ପ୍ରଶାସନିକ ସମ୍ପର୍କ ରହିଥିଲା ମଗଧ ପ୍ରଶାସନ ନିଜର ବିଶାଳ ଗଜବାହିନୀ ନିମନ୍ତେ କଳିଙ୍ଗର ବିଶାଳ କୃଷ୍ଣକାୟ ଯୁଦ୍ଧହସ୍ତୀ କ୍ରୟ କରୁଥିଲେ। ଏହା ବି କଳିଙ୍ଗର ଏକ ମୂଲ୍ୟବାନ ବ୍ୟବସାୟ ହୋଇ ରହିଥିଲା। ନହେଲେ କଳିଙ୍ଗବାସୀ ନିଜ ପଛରେ ଥିବା ମଗଧକୁ କାହିଁକି ବା ଚାହିଁବେ?

ସେମାନଙ୍କର ମୁହଁ କଳିଙ୍ଗୋଦ୍ର ବା ମହୋଦଧି ଆଡ଼କୁ; ଆବହମାନ କାଳରୁ ପୋତାଶ୍ରୟରୁ ପୋତ ସାହାଯ୍ୟରେ ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜକୁ ଯାଇ ବଣିଜ କରି କଳିଙ୍ଗର ରାଜକୋଷ ଭରିବା। ଘଞ୍ଚ ବନାନୀ ପରିବେଷ୍ଟିତ ନଦୀନାଳ ଦ୍ୱାରା ଯାହାର ନିରାପତ୍ତା ସଂରକ୍ଷିତ ସେଠାକୁ ମଗଧ ପଶିପାରିବ ବା କିପରି ?

"ମୌର୍ଯ୍ୟ ସାମ୍ରାଜ୍ୟ ପୂର୍ବରୁ ପଶ୍ଚିମ ଏବଂ ଉତ୍ତରରୁ ଦକ୍ଷିଣ ସମଗ୍ର ଭାରତୀୟ ଉପମହାଦେଶକୁ ଅନ୍ତର୍ଭୁକ୍ତ କରିପାରେ, କିନ୍ତୁ କଳିଙ୍ଗକୁ ସ୍ପର୍ଶ କରିବାର ଆସ୍ପର୍ଦ୍ଧା ନଥିଲା। ପ୍ରାକୃତିକ ଭୌଗଳିକ ନିରାପତ୍ତା ଭାଙ୍ଗି ମୌର୍ଯ୍ୟସମ୍ରାଟମାନେ କଳିଙ୍ଗକୁ ମୌର୍ଯ୍ୟ ସାମ୍ରାଜ୍ୟରେ ବିଜିତ ରାଜ୍ୟ ଭାବରେ କଳିଙ୍ଗକୁ ସାମିଲ୍ କରିବାର ଦୁଃସ୍ୱପ୍ନ ଦେଖୁ ନଥିଲେ।

କିନ୍ତୁ ତୃତୀୟ ମୌର୍ଯ୍ୟ ସମ୍ରାଟ ପିୟଦଶି ଅଶୋକ ନିଜର ଅମାନୁଷିକ ଯୁବାବସ୍ଥାରେ କଳିଙ୍ଗରୁ ରାଜସ୍ୱ ପାଇବାକୁ ସ୍ୱପ୍ନ ଦେଖୁଥିଲେ। ତାଙ୍କ ପିତାମହ ଯେଉଁ ଜୈନଧର୍ମ ଗ୍ରହଣ କରି ଅନ୍ନତ୍ୟାଗ କରି ସଲ୍ଲେହନ ପ୍ରଣାଳୀରେ ଆତ୍ମଘାତୀ ହେଲେ, ତାହା ତାଙ୍କ ମାନସିକତାକୁ ପ୍ରଚଣ୍ଡ ଭାବରେ ଆଘାତ ଦେଇଛି। କଳିଙ୍ଗର ନୌବାଣିଜ୍ୟ ତାଙ୍କର ଈର୍ଷାର କାରଣ ଏବଂ ସେ ସାମରିକ ଭାବରେ କଳିଙ୍ଗର ବହୁଗୁଣ ଶକ୍ତି ବିଶିଷ୍ଟ ହୋଇଥିବାରୁ ବାରମ୍ବାର ଚାପ ସୃଷ୍ଟିକଲେ। ରାଜ୍ୟ ହିସାବରେ କ୍ଷୁଦ୍ର ହେଲେ ହେଁ କଳିଙ୍ଗବାସୀ ନିଷ୍ପତ୍ତି ନେଲେ, ମଗଧର ଲୋଲୁପଦୃଷ୍ଟିକୁ ଖାତିର ନକରି ନିଜର ଧର୍ମ ଛାଡିବେ ନାହିଁ; କଳିଙ୍ଗ ବକ୍ଷରେ ବୀରମାନଙ୍କର ଶରୀରରେ ଯେତିକି ରକ୍ତ ପ୍ରବାହିତ ହେଉଛି, ବିନ୍ଦୁଟିଏ ରକ୍ତ ସଞ୍ଚାଳିତ ହେଉଥିବା ଯାଏ ମଗଧକୁ ପ୍ରତିରୋଧ କରିବ। ନନ୍ଦରାଜ ଯାହା କଳିଙ୍ଗରୁ ନେବ, ନେଉ। ତା ଅଣମଣିଷ ପ୍ରବୃତ୍ତି ହିଁ ସ୍ୱକୀୟ ଭାବରେ ଜୀବନବ୍ୟାପୀ ଶିକ୍ଷା ପାଇବ।"

ଅଟକିଗଲେ ମହାସେନାନୀ। ଓଠ ତାଙ୍କର ଥରି ଉଠିଲା। ମଥାରୁ ଝାଳ ବାହାରିଲା ଏବଂ ହୃଦୟ ଶିହରି ଉଠିଲା।

"ତୁମେ ଅଧାରେ ରହିଗଲ ଯେ, ମହାସେନାନୀ," ଉତ୍ସୁକ କଳିଙ୍ଗାଧିପତି ପଚାରିଲେ।

"ଆପଣ ମହାମହିମ କଅଣ ତିନିଶ ବରଷ ତଳର କଳିଙ୍ଗଜିନା ଅପହରଣ କଥା କୁମାରଗିରି ମୁଖ୍ୟ ଅର୍ହତଙ୍କ ପାଖରୁ ଶୁଣିନାହାନ୍ତି ?"

"ନା, ମୁଁ କେବଳ 'ନନ୍ଦରାଜ' ବଳପ୍ରୟୋଗ କରି ଆମ କଳିଙ୍ଗରାଷ୍ଟ୍ରର ଧର୍ମସନ୍ତକକୁ ମଗଧ ଘେନି ଯିବାର ଇତିହାସ ଶୁଣିଛି। ଆମ ରାଜ୍ୟ ମଗଧଠାରୁ ସ୍ୱାଧୀନ ହେବା ପରଠାରୁ ମୋର ପିତାମହ ଦୀର୍ଘ ପଚାଶ ବର୍ଷ ଧରି ଆମର ଗଜଶକ୍ତିର ସଂରକ୍ଷଣ କରି ରଖିଛନ୍ତି। ପ୍ରକାଶିତ ନହେଲେ, ଏବେ ମୁଁ ତାହାର ମୂଳମର୍ମ ଅନୁଭବ କରୁଛି। ସେହି କଳିଙ୍ଗର ବଳଶାଳୀ ହାତୀ ବଳରେ ଦିନେ ମଗଧ ବଳୀୟାନ ଥିଲା, ଏଇଟା ମୋର ହୃଦ୍‌ବୋଧ ହୋଇଛି। ଆଉ ମୁଁ କଳିଙ୍ଗ ଯୁଦ୍ଧ ବିଷୟରେ ଜାଣେନା, ସମ୍ଭବତଃ ମୋତେ ସେ ବିଷୟରେ ଜଣାଇବାକୁ ମହାମେଘବାହନ ପରିବାର ପକ୍ଷରୁ ସମସ୍ତଙ୍କୁ କିଛି ନିଷେଧାଜ୍ଞା ଯେ ରହିଛି, ମୁଁ ଅନୁଭବ କରୁଛି। ପିଲାଦିନରୁ ଦୟାନଦୀ ପଠାରେ ମୋତେ ଯେଉଁ ଆର୍ତ୍ତନାଦ ଶୁଭେ, ମୋତେ ସେଠିକାର ଧଳା ପଥରର ଅଧାହାତୀଟି ଆଉ ସୁନ୍ଦର ଦିଶେନି। ସେହି ଦୟା ନଦୀଟି ଦେଖିଲେ ମୋର ହୃଦ୍‌କମ୍ପନ ଆରମ୍ଭ ହୋଇଯାଏ। ଯେତେବେଳେ ମୋର ପିତାମହଙ୍କ ନିର୍ଦ୍ଦେଶ ମୁଁ ସେ ବିଷୟ ଶୁଣିବିନି, ସତରେ ମୁଁ ତାହା ଜାଣିବାକୁ ଚାହେନି, କିନ୍ତୁ ଆମର ରାଷ୍ଟ୍ରଦେବତା ଏବଂ ଧର୍ମଦେବତାଙ୍କୁ ରାମାୟଣର ରାବଣ ପରି ଜଣେ କ୍ରୂରବ୍ୟକ୍ତି ଅପହରଣ କରି ନେଇଯାଇଛି, କଳିଙ୍ଗ କଦାଚନ ତାକୁ କ୍ଷମା ଆଚରିବ ନାହିଁ। ଦେବମୂର୍ତ୍ତି ଉଦ୍ଧାର କରିବାକୁ ମହାମେଘବାହନ କଳିଙ୍ଗ ଯତ୍ପରୋନାସ୍ତି ଉଦ୍ୟମ କରିବ। ଏବଂ ସଫଳ ହେବାର ଦୃଢ଼ ବିଶ୍ୱାସ ମୋର ରହିଛି। ମୋତେ ଆଉ ସେ ଦୁର୍ଦ୍ଦିନ କଥା କୁହନାହିଁ।"

ମହାସେନାନୀ ସେ ଦିଗକୁ ଆଉ କଥା ନେଲେନି। ସମସାମୟିକ ସ୍ଥିତି ଜଣାଇବାକୁ ସ୍ଥିର କଲେ। ଅନୁସନ୍ଧାନ କରି ଜଣାଇଲେ ନୃପତିଙ୍କୁ, "କଳିଙ୍ଗର ଚତୁରଙ୍ଗର ଉତ୍ତରପଥ ଗସ୍ତ ମଗଧରାଜ ବୃହସ୍ପତି ମିତ୍ରଙ୍କୁ ଅସ୍ତବ୍ୟସ୍ତ କରି ପକାଇଛି। ନିଜର ସୈନ୍ୟ ସାମନ୍ତଙ୍କୁ ପ୍ରସ୍ତୁତ କରିବାର କୌଣସି ଉଦ୍ୟମ ମଗଧରେ ଦେଖାଯାଉ ନାହିଁ। ପୂର୍ବଥର ଆମଦ୍ୱାରା ରାଜଗୃହ ଗୋରଥଗିରି ବିନଷ୍ଟ ନିଶ୍ଚିତ ଭୟଭୀତର କାରଣ ହୋଇପାରେ। ମଗଧରେ କିଛି ବିସ୍ମୟ ଘଟି ପାରେ।"

କଳିଙ୍ଗାଧିପତି ଆଦେଶ ଦେଲେ, "ତେବେ ସବୁ ସେନାନୀ ଫେରିବା ରାସ୍ତାରେ ଗଙ୍ଗାକୂଳରେ ଏକଜୁଟ ହୁଅ। ଆମର ସମର ଥାଟଟି ତୁମକୁ ଅନୁଧାବନ କରୁ।"

ସତକୁ ସତ କଳିଙ୍ଗର ପଦାତିକ ଥାଟ, ଅଶ୍ୱ, ଗଜ, ରଥ ଆଦିର ଥାଟ ଗଙ୍ଗାରେ ଜଳପାନ କରି ପାଟଳୀପୁତ୍ର ଆକ୍ରମଣ କରିବାର ରାଜ ଆଦେଶକୁ ଅପେକ୍ଷା କରିଛନ୍ତି। ସେଇ ଗହଳିରେ ଜଣେ ଆଗନ୍ତୁକ ମହାସେନାନୀଙ୍କୁ ଖୋଜିବାରେ ବ୍ୟସ୍ତ। ମଗଧର ରାଜପୋଷାକଧାରୀ ମଧ୍ୟମ ବୟସ୍କ ବ୍ୟକ୍ତି। ତାଙ୍କର ପରିଚୟ ରାଜକୀୟ ବାର୍ତ୍ତାବାହକ ମଗଧର। କଳିଙ୍ଗାଧିପତିଙ୍କ ଦର୍ଶନ ଆକାଂକ୍ଷା କରନ୍ତି। ଉପସ୍ଥାପିତ ହୁଅନ୍ତି ଖାରବେଳଙ୍କ ସମ୍ମୁଖରେ। ଜୈନ ଭଙ୍ଗୀରେ ନମସ୍କାର କରନ୍ତି ଖାରବେଳଙ୍କୁ। ବିନୟର ସହିତ ପ୍ରର୍ଥନା କରନ୍ତି – "ମହାନୁଭବ ଆର୍ଯ୍ୟ ଚେଦିକୁଳନନ୍ଦନ ଖାରବେଳ। ମଗଧରାଜ ବୃହସ୍ପତି ମିତ୍ର ଆପଣଙ୍କ ଦର୍ଶନ ପାଇଁ ଅନୁମତି ଭିକ୍ଷା କରୁଛନ୍ତି।"

"ଏଇ କଅଣ ମଗଧର ଶାସକ, ଯାହାପାଇଁ ଦିନେ ତାଣ୍ଡବ ନୃତ୍ୟ ଘଟିଥିଲା କଳିଙ୍ଗରେ ? ନରସଂହାରୀ ମଗଧରାଜ ବି କେବେ ଦର୍ଶନର ଅନୁମତି ପ୍ରାର୍ଥୀ ! ଧନ୍ୟ କାଳଚକ୍ର ! ଧନ୍ୟ ତୁମର ପ୍ରବର୍ତ୍ତନ !" ତାଚ୍ଛଲ୍ୟ ପ୍ରକାଶ କଲେ କଳିଙ୍ଗାଧିପତି।

ପରିଶେଷରେ ଅନୁମତି ଦେଲେ ମଗଧରାଜଙ୍କୁ ଆସି ଭେଟିବା ପାଇଁ।

ଅଳ୍ପ ସମୟରେ ମଗଧ ନୃପତି ବୃହସ୍ପତି ମିତ୍ର ମଗଧର ମନ୍ତ୍ରୀ ଓ ପାର୍ଷଦଙ୍କ ସହିତ ଗଙ୍ଗାନଦୀ କୂଳରେ କଳିଙ୍ଗାଧିପତିଙ୍କ ଦର୍ଶନାର୍ଥେ ଅଶ୍ୱପୃଷ୍ଠରୁ ଅବତରଣ କରି ମଥାପାତି ପ୍ରଣିପାତ କରୁଛନ୍ତି। କଳିଙ୍ଗର ସତର୍କ ସୁରକ୍ଷା ରାଜକର୍ମଚାରୀମାନେ ନିଜ ସମ୍ରାଟଙ୍କ ଆଜ୍ଞାନୁସାରେ ତାଙ୍କ ପାଖକୁ ଯାଇ କଳିଙ୍ଗ ପ୍ରତି ମଗଧର ସ୍ୱୀକୃତ ଆନୁଗତ୍ୟକୁ ସାଦରେ ଗ୍ରହଣ କରନ୍ତି।

ଖାରବେଳଙ୍କର ମୁଖରୁ ନିସୃତ ଅସ୍ପଷ୍ଟ ଭାଷ୍ୟ ବୃହସ୍ପତି ମିତ୍ର ଓ ତାଙ୍କ ପାର୍ଷଦଙ୍କୁ ଠିକ୍‌ରେ ଶୁଭୁଥିଲା -"ମଗଧ ଏପରି ଆତ୍ମସମର୍ପଣ କରିବାର ମାନସିକ ନିର୍ଣ୍ଣୟ ନେଇପାରେ ! ଅଦ୍ୟାବଧି କଳିଙ୍ଗ ବହୁଥର ମଗଧର ସମ୍ମୁଖୀନ ହୋଇଛି। ମହାପଦ୍ମନନ୍ଦର ଚିଟାଉକୁ ଖାତିର ନକରି ଯୁଦ୍ଧର ପରିଣାମ ସ୍ୱରୂପ ବହୁ କ୍ଷତ୍ରିୟଙ୍କୁ ହରାଇଛି। ମୌର୍ଯ୍ୟ ସମ୍ରାଜ୍ୟର ବଶ୍ୟତା ବିରୋଧରେ କଳିଙ୍ଗ ନିଜ ବକ୍ଷର ସମସ୍ତ ରୁଧିର ପ୍ରୟୋଗ କରିଛି ବିଶ୍ୱ ଇତିହାସର ବିରାଟ କଳିଙ୍ଗ ସମର। କଳିଙ୍ଗ ସମରରୁ ଉତ୍ପନ୍ନ ମଗଧର ଦେବାନାଂ ପ୍ରିୟ ନୃପତି। ଆଉ ସୁଙ୍ଗଶାସନର କେତେଥର ଆକ୍ରମଣର

ମୁକାବିଲା କରିଛି କଳିଙ୍ଗ ଅସି ମୂନରେ। କଳିଙ୍ଗସୂତ ନମନୀୟ ନୁହେଁ। ଅଦମ୍ୟ ସ୍ୱାଧୀନଚେତ।"

ପରବର୍ତ୍ତୀ କ୍ଷଣରେ ଚଢ଼ାଗଳାରେ କଳିଙ୍ଗାଧିପତି ଆଦେଶ ଦେଲେ – "ହେଉ, ମଗଧରାଜ ବୃହସ୍ପତି ମିତ୍ର, କଳିଙ୍ଗର ମାନବିକତା ରହିଛି। ଜଣେ ଶରଣାଗତକୁ ସମ୍ମାନ କରେ। ନିରସ୍ତ୍ର, ନିରପରାଧ, ନିରପେକ୍ଷ, ନାରୀ, ଠାକୁର ଏବଂ ବାଳୁତ ଏବଂ ବୃଦ୍ଧମାନଙ୍କୁ ସ୍ପର୍ଶ କରେନାହିଁ।"

କଳିଙ୍ଗାଧିପତିଙ୍କ ଆଦେଶକ୍ରମେ ଗର୍ଜି ଉଠିଲେ ମହାସେନାନୀ, "ଲେଉଟାଇ ଦିଅ କଳିଙ୍ଗର ମୂଳଦେବତା କଳିଙ୍ଗଜୀନ୍ ଯେ ହେଉଛନ୍ତି କଳିଙ୍ଗର ପ୍ରାଣକେନ୍ଦ୍ର। ଆଜିଠାରୁ କଳିଙ୍ଗ ଦାୟିତ୍ୱରେ ମଗଧର ଶାସନ। ଅଙ୍ଗ ରାଜ୍ୟକୁ କରଦ ଭାବରେ ମଗଧ ଯାହା ରଖିଛି, ତାହା ବି ଆଜିଠାରୁ କଳିଙ୍ଗର। ଅବିଳମ୍ବେ ଅଗ୍ରଜିନାଙ୍କୁ ସମର୍ପଣ କର। ମୁକୁଟ ମଣ୍ଡିତ ସନ୍ନିବେଶଂ କଳିଙ୍ଗଜିନା ତିନିଶ ବରଷ ହେବ ଏଠିକାର ରାଜ ପ୍ରାସାଦରେ ପୂଜା ପାଉଛନ୍ତି। ମୁକୁଟ ସହିତ ଯେଉଁଦିନ ନନ୍ଦରାଜା ଏହାକୁ କଳିଙ୍ଗ ରାଜପ୍ରାସାଦରୁ ବଳପୂର୍ବକ ଛଡାଇ ଆଣିଲେ, ତା ପରଠାରୁ ଆମର ଜୈନ ମୁନିମାନେ ଦିନ ଗଣୁଛନ୍ତି। ଅବିଳମ୍ବେ ସସମ୍ମାନେ ସେହି କଳିଙ୍ଗ ଦେବତାଙ୍କୁ ଫେରାଇଦିଅ।"

କାଳ ବିଳମ୍ବ ହୋଇଛି ଖୁବ୍ କମ୍ ସମୟ ପାଇଁ। ବୃହସ୍ପତି ମିତ୍ର ସେଠାରେ କଳିଙ୍ଗାଧିପତିଙ୍କ ଅନତି ଦୂରରେ ଦଣ୍ଡାୟମାନ। ସେମାନଙ୍କ ମଧ୍ୟରେ କଳିଙ୍ଗର ମହାସେନାନୀ ମାନସିକ ଭାବରେ ତୁଳୁଛନ୍ତି କେଇ ଶତାବ୍ଦୀ ପୂର୍ବର ମଗଧର କଳିଙ୍ଗ ସମର ଯାହା ଆଜି ସିନା ସାଧାରଣ ସ୍ମୃତିରୁ ହଜିବାକୁ ବସିଛି, କିନ୍ତୁ ସେଇ ଆତତାୟୀ ମଗଧ ସମ୍ରାଟ ଲଜ୍ୟା ତ୍ୟାଗ କରି ନିଜର କୃତିତ୍ୱ ରଚିଛି ସୁଦୂର ଅନେକ ଶିଳାଲିପିରେ। ସେ ଲେଖା ତାହାର ଆତ୍ମଗର୍ବ ହୋଇପାରେ, ତଥାପି କିୟଦଂଶ ବି ସତହେଲେ, କଳିଙ୍ଗ ସମର ଏକ ମହାସମର ଏବଂ ଏହାର ନୈତିକ ଦାୟିତ୍ୱ ନେଇ ପିୟଦଶୀ ଜୀବନ ସାରା 'ଧମ୍ମ' 'ଧମ୍ମ' ଓ 'ଧର୍ମ' ହୋଇ ବିଳାପ କରିଛି। ଗୋରୁମରା ହିନ୍ଦୁଟିଏ ପରି ପାଟିରେ ତିରଣ ଜାବୁଡ଼ି ଲୋକଗମନାଗମନ ସ୍ଥାନରେ 'ଧମ୍ମ' 'ଧମ୍ମ' ବୋଲି ଚିତ୍କାର କରିଛି। କୌଣସି ପାହାଡ଼ କି ସ୍ତମ୍ଭ ଛାଡିନି, ସବୁଠି ଶାସନର 'ଧମ୍ମ' 'ଧମ୍ମ'ର ଅନୁଶାସନ ଖୋଦନ କରି ମୌର୍ଯ୍ୟ ରାଜକୋଷକୁ ଦୁର୍ବଳ କରିଚାଲିଛି। ଜଗତରେ ଅନୁତପ୍ତ ଜୀବନର ପ୍ରମୁଖ ଉଦାହରଣ।

ମହାସେନାନୀ ଶବ୍ଦକରି ନକହିଲେ ବି, ତାଙ୍କ ମନରେ ଖେଳିଯାଉଛି ଉତ୍କର୍ଷତାର ଉଦାହରଣ। ଜଣେ ଲକ୍ଷ୍ମୀବନ୍ତ ରାଜା କଳିଙ୍ଗାଧିପତି ବିନା ରକ୍ତପାତ ବିନା ବାକ୍‌ବିତଣ୍ଡାରେ ନିଜ ଦେଶମାତୃକାର ସ୍ୱାଭିମାନ ବଢାଇଛନ୍ତି। ଜୈନ କି ହିନ୍ଦୁ ଭାବରେ ନୁହେଁ ବରଂ ଜଣେ ପ୍ରାଣବନ୍ତ ପୁରୁଷ ଭାବରେ ଯିଏ ମଣିଷ ଜୀବନର ମୂଲ୍ୟ ବୁଝନ୍ତି।

ଅଳ୍ପ ସମୟରେ ମଗଧ ଲେଉଟାଇ ଦେଇଛି ମୁକୁଟମଣ୍ଡିତ କଳିଙ୍ଗଜୀନ୍। ମଗଧ ଓ ଅଙ୍ଗ ରାଜକୋଷର ସମସ୍ତ ମୂଲ୍ୟବାନ ଧନସମ୍ପଦ, ସୁନାରୁପା, ମୋତି ମାଣିକ୍ୟ ଜମାଦେଇଛି କଳିଙ୍ଗ ପରିବହନ ସେନାନୀଙ୍କ ପାଖରେ। ସସମ୍ମାନେ କଳିଙ୍ଗସେନା ସେଗୁଡିକ ଗଜ ବାହିନୀ ଦ୍ୱାରା ବହନ କରି କଳିଙ୍ଗ ଅଭିମୁଖେ ଯାତ୍ରାକରୁଛି। ଏହି ଖବର କଳିଙ୍ଗରେ ପହଞ୍ଚାଇବାକୁ କଳିଙ୍ଗାଧିପତିଙ୍କ ପତ୍ର ବହନକରି ଅଶ୍ୱାରୋହୀ ଲେହହାରକ କଳିଙ୍ଗନଗରୀ ଆଡକୁ କ୍ଷିପ୍ରବେଗରେ ଧାବମାନ କରିଛନ୍ତି।

ଏବେ କଳିଙ୍ଗ ନଗରୀ ସ୍ୱାଗତ ମୁଖର। ଏହି ମଗଧ ବିଜୟ କଳିଙ୍ଗର ସର୍ବଶ୍ରେଷ୍ଠ କୃତିତ୍ୱ। କେତେ ଶତାବ୍ଦୀର ଆଶା ଓ ଆକାଂକ୍ଷା ଆଜି ମଗଧର ଆତ୍ମସମର୍ପଣର ରୂପନେଇଛି। ପ୍ରତି ରାଜ୍ୟବାସୀ ନିଜକୁ ମଗଧବିଜୟୀ ବୋଲି ମନେକରନ୍ତି। କଳିଙ୍ଗରେ ଏମିତି ପରିବାର ନାହିଁ ଯିଏ ମୌର୍ଯ୍ୟକୃତ କଳିଙ୍ଗ ସମରରେ ପ୍ରାଣ ବଞ୍ଚାଇ ଅନାହତ ହୋଇ ରହିଯାଇଥିଲା। ଅପ୍ରକାଶିତ ହେଲେ ବି ସମସ୍ତ କଳିଙ୍ଗବାସୀଙ୍କ ମନରେ ମଗଧ ପ୍ରତି କ୍ରୋଧ ଓ ଘୃଣାର ବିଶାଳ ପର୍ବତ ରହିଯାଇଛି। ଆଜି ତେଣୁ ପ୍ରତି କଳିଙ୍ଗବାସୀ ଉଲ୍ଲସିତ, ମଗଧ ରାଜଗାଦି ଦୋହଲି ପଡିଛି। ମଗଧ କଳିଙ୍ଗର କରଦ ରାଜ୍ୟ। ବିଶାଳ ମଗଧ ବିଜୟ ଉତ୍ସବ ପାଳନ ପାଇଁ ସମସ୍ତେ ତତ୍ପର।

ସତେକି ରାଣୀହଂସପୁର କାନ୍ଥର ସେଇ ଦୃଶ୍ୟ ଦୁଇଟି ରଙ୍ଗମଞ୍ଚକୁ ଅବତରଣ କରିଆସିଛି ! ଅଶ୍ୱପୃଷ୍ଠରୁ ଅବତରଣ କରି ମଗଧରାଜ ଭୂମିଷ୍ଠ ପ୍ରଣାମ କରନ୍ତି କଳିଙ୍ଗାଧିପତିଙ୍କୁ !

କଳିଙ୍ଗନଗରୀରେ ବିଶାଳ ଶୋଭାଯାତ୍ରା। ଆଜି କେବଳ ଅଗ୍ରଜୀନ୍ ତିନିଶହ ବର୍ଷ ପରେ କଳିଙ୍ଗ ଲେଉଟି ନାହାନ୍ତି, ସାଥିରେ ଧରି ଆଣିଛନ୍ତି ମଗଧର ସାର୍ବଭୌମତ୍ୱ। ବହୁତଳ ପ୍ରାସାଦରେ ପୂର୍ଣ୍ଣକୁମ୍ଭ ସହିତ ଅପେକ୍ଷମାଣ ଅସଂଖ୍ୟ ନରନାରୀ। ଗଜାରୋହୀ ଖାରବେଳ ନିଜର ମହାସେନାନୀ ଓ ସେନାପତି ସହ ପ୍ରବେଶ କରୁଛନ୍ତି କଳିଙ୍ଗ ନଗରୀ ମୁଖ୍ୟ ପ୍ରବେଶ ଦ୍ୱାରରେ। କଳିଙ୍ଗର ଆନନ୍ଦର ଉଚ୍ଛ୍ୱାସ ସ୍ୱରନେଇଛି ରାଜନଗରୀର ସମସ୍ତ ବାଦକ ଓ ବାଦିକାଙ୍କ ବାଦ୍ୟଯନ୍ତ୍ରର ସ୍ୱରରେ। ନଗର ପରିକ୍ରମା ପରେ ଦେବ ଦର୍ଶନ ପାଇଁ ସଜା ହୋଇଛନ୍ତି ନଗରୀର ସମ୍ମିଳନୀ କକ୍ଷରେ।

ମଗଧ ବିଜୟ ଉପଲକ୍ଷେ ଆୟୋଜନ କରାଯାଇଛି ବିଶାଳ ସାଧାରଣ ଅଭିନନ୍ଦନ ସଭା। କଳିଙ୍ଗନଗରୀର ସାଧାରଣ ଜନତା ସେମାନଙ୍କର ସମ୍ରାଟ ଖାରବେଳଙ୍କୁ ଅଭିନନ୍ଦନ ଜଣାଇବେ, କଳିଙ୍ଗମାତା ପାଇଁ ଅସାଧ୍ୟ ସାଧନ କରିଥିବାରୁ ସାଧୁବାଦ ଜ୍ଞାପନ କରିବେ। ଅଭିଭାଷଣ ରଖିବେ କଳିଙ୍ଗାଧିପତି କୁମାରଗିରି ଅର୍ହତ, ଜୈନ ସାଧକ। ବିଶାଳ ଜନସମୁଦ୍ରରେ ପୂରିଉଠିଛି କଳିଙ୍ଗନଗରୀ। କୁମାରଗିରୀ, କୁମାରୀଗିରି, ସୁଦୂର ଦନ୍ତପୁର, ତାମ୍ରଲିପି, କୋପକଟକ, ପାଲୁରା, କରଞ୍ଜିଆ ଓ ଦୂରାନ୍ତ କଳିଙ୍ଗ ଅଭ୍ୟନ୍ତରର ଜୈନମାନେ ସେମାନଙ୍କର ସାଧକଙ୍କ ନିମନ୍ତ୍ରଣରେ କଳିଙ୍ଗନଗରୀ ଚାଲି ଆସିଛନ୍ତି। ପୂର୍ବରୁ ସେମାନେ କଳିଙ୍ଗ ଦେଖିଛନ୍ତି ଏବଂ ଏବେ ଅଗ୍ରଜୀନ୍ କଳିଙ୍ଗ ଫେରି ଆସିବାପରେ, ପରିବର୍ଦ୍ଧିତ ଗୁଣବାନ୍ କଳିଙ୍ଗ ଦେଖିବେ। ସାଧାରଣ କଳିଙ୍ଗ ଜନତା ତାଙ୍କୁ କଳିଙ୍ଗର ପ୍ରତୀକ ଭାବରେ ମନେକରନ୍ତି। ପଣସ୍ୱରୂପ ମଗଧର ନନ୍ଦରାଜ ଦିନେ ତାଙ୍କୁ ମଗଧ ନେଇଯାଇ ଥିବାରୁ ସେ କଳିଙ୍ଗର ଅଧିଷ୍ଠାତା ବୋଲି ସର୍ବସାଧାରଣଙ୍କର ନବଚେତନା ଆସିଛି। ଏହି ସଭାରେ ଅସଂଖ୍ୟ ଲୋକ ଯୋଗଦେଇ କଳିଙ୍ଗାଧିପତିଙ୍କର ଦର୍ଶନ ଅଭିଳାଷୀ ହୋଇଛନ୍ତି।

ପ୍ରଥମେ ନିଜର ବକ୍ତବ୍ୟ ରଖିଛନ୍ତି ଜୈନ ମୁନି। କଳିଙ୍ଗବାସୀ ଭାରତବର୍ଷର ଗୋଟିଏ ସମୃଦ୍ଧ ରାଜ୍ୟର ବାସିନ୍ଦା ବୋଲି ସ୍ୱାଗତ କରିଛନ୍ତି। ଏଠାରେ ଲୋକମାନେ ଆଧ୍ୟାତ୍ମିକତାର ଉଦାହରଣ ହୋଇଛନ୍ତି। ଏଠିକାର ରାଜନ୍ ସମ୍ରାଟ ଖାରବେଳ ଅଧ୍ୟବସାୟ ଓ ସାଧନା ବଳରେ ଭାରତରେ ଅସାଧ୍ୟ ସାଧନ କରିପାରିଛନ୍ତି। କେବଳ ରାଜ୍ୟ କି ଦେଶ ପାଇଁ ନୁହେଁ, ମନୁଷ୍ୟ ସମାଜ ପାଇଁ ମାନବିକତାର ବିଜୟବାର୍ତ୍ତା ଆଣିଛନ୍ତି। ସମ୍ରାଟ ଦିନେ ମଗଧ ଯାଇ ଅଗ୍ରଜୀନ୍‌ଙ୍କୁ ଫେରାଇ ଆଣିବେ, ତାହା କେବେ ପ୍ରକାଶ କରିନାହାନ୍ତି କି ପଣ

କରିନାହାନ୍ତି। ପ୍ରତିଥର ଦିଗ୍‌ବିଜୟ ପାଇଁ ଗଲାବେଳେ, ଏହି ଜୈନ ଅର୍ହତମାନେ ତାଙ୍କ ଆସିବା ପଥକୁ ଚାହିଁ ରହିଥାନ୍ତି। କଳିଙ୍ଗ ଦିନକୁ ଦିନ ବଳବାନ୍ ହେବାକୁ ଲାଗିଲାଣି, ଆମର ଠାକୁର ଫେରାଇଆଣିବାକୁ କଳିଙ୍ଗ ସମର୍ଥ ହେଲାଣି। ସମ୍ରାଟ ଖାରବେଳଙ୍କ ସମୟୋପଯୋଗୀ କାର୍ଯ୍ୟସୂଚୀ ଆଜିର ସଫଳତାର ମୂଳାଧାର। ସାଧୁ ମହାରାଜାଙ୍କୁ ପରାମର୍ଶ ଦେଲେ, କଳିଙ୍ଗଜୀନ୍ ଯଦିଚ ତିନିଶହ ବର୍ଷ ତଳେ ତତ୍କାଳୀନ କଳିଙ୍ଗର ରାଜଧାନୀରୁ ଉଠାଇନିଆ ଯାଇଥିଲା, ସେଇ ଦେବତାଙ୍କୁ କେଉଁଠାରେ ପୁନଃପ୍ରତିଷ୍ଠା କରାଯିବ ତାହା ହିଁ କଳିଙ୍ଗବାସୀଙ୍କ ମାନସିକତା ନେଇ କଳିଙ୍ଗାଧିପତି ନିଷ୍ପତ୍ତି ନେବେ।

କଳିଙ୍ଗନଗରୀ ସନ୍ନିକଟ ବିଶାଳ ଜନବସତି ତୋଷାଳିର ଜନସେବକ ତଥା ରାଜପାର୍ଷଦ ତୋଷାଳିସୁତ ଜନସାଧାରଣ ପକ୍ଷରୁ ଏହି ସଭାମଞ୍ଚରେ ଉପବିଷ୍ଟ। ସିଏ ଏହି ଅଭିନନ୍ଦନ ସମ୍ମିଳନୀର ଆବାହକ। କଳିଙ୍ଗାଧିପତିଙ୍କ ଅନୁମତି ଭିକ୍ଷା କରି କଳିଙ୍ଗର ଅଧିବାସୀଙ୍କ ତରଫରୁ ମର୍ଯ୍ୟାଦା ପ୍ରଦାନ ନିମନ୍ତେ ନିଜର ମତରଖିଛନ୍ତି। ସମ୍ରାଟଙ୍କ ଶତକୋଟି ପ୍ରଣାମ ଜଣାଇ ମାତ୍ର ଗୋଟିଏ ଯୁଗର ଅନ୍ତରରେ କଳିଙ୍ଗ ଯେ ଭୂସ୍ୱର୍ଗରେ ପରିଣତ ହୋଇଯାଇଛି ଏହି ଅନୁଭବ ପରଶିଥିଲେ। ବିଶାଳ କଳିଙ୍ଗର ପ୍ରତିଷ୍ଠାତା ଓ ବିଶାଳ ଭାରତୀୟ ଜାତୀୟ ଭାବନାର ମହାନୁଭବ ଖାରବେଳ କଳିଙ୍ଗମାତାର ସର୍ବମୟ କୃତୀସନ୍ତାନ, ଚିରକାଳ ପାଇଁ କଳିଙ୍ଗ ଇତିହାସରେ ଅମର ହୋଇ ରହିବେ ବୋଲି ଦୃଢ ସ୍ୱରରେ ପ୍ରକାଶ କରୁଛନ୍ତି। କଳିଙ୍ଗମାତାର ଜୟ ଜୟକାର ଶବ୍ଦରେ କଳିଙ୍ଗନଗରୀ ଉଚ୍ଛୁଳି ପଡୁଛି।

ଏବେ ନିଜର ବକ୍ତବ୍ୟ ରଖିଛନ୍ତି ସ୍ୱୟଂ କଳିଙ୍ଗାଧିପତି ଖାରବେଳ। କଳିଙ୍ଗ ପାଟବସ୍ତ୍ର ପରିହିତ, କାନରେ କୁଣ୍ଡଳ ବେକରେ ପ୍ରଶସ୍ତ ହାର ବୁକୁ ମଧ୍ୟଭାଗ ପର୍ଯ୍ୟନ୍ତ ଲମ୍ବିଛି। ମୁହଁରେ ପୂର୍ଣ୍ଣମୀ ଜହ୍ନର ଆଭା ମନର ପରିପୂର୍ଣ୍ଣତା ପ୍ରକାଶ କରୁଛି। ଚକ୍ଷୁଯୁଗଳର ଗତି ନିଜ ବ୍ୟକ୍ତିତ୍ୱର ବିଶାଳତା ତୋଳୁଛି ସଭାଜନଙ୍କ ମାନସପଟରେ। ସ୍ୱଳ୍ପଭାଷୀ ତୃତୀୟ ଚେଦିନନ୍ଦନ ଯେ କର୍ମପ୍ରିୟ ଏକଥା ସ୍ପଷ୍ଟ ଜଣାପଡୁଛି। ବିଶାଳ ଜନସମୁଦ୍ର ନିରବିଗଲେ, ନିଃଶବ୍ଦ ସଭାସ୍ଥଳ। କହିବା ଆରମ୍ଭକଲେ କଳିଙ୍ଗାଧିପତି।

"ଆଜିର କଳିଙ୍ଗ ଯେ କଳିଙ୍ଗବାସୀଙ୍କ କର୍ମନିଷ୍ଠା ଓ ଉତ୍ସର୍ଗର ଫଳ, ଏଥିରେ ସନ୍ଦେହନାହିଁ। ରାଜ୍ୟବାସୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ମୁଁ ମୋ ଜୀବନର ଗୋଟିଏ ଗୋପନ କଥା ଆଜି ପ୍ରକାଶ କରୁଛି। କାରଣ ନସରିବା କାର୍ଯ୍ୟର ପ୍ରତିଶ୍ରୁତି ମହାମେଘବାହନ ବଂଶର ସୁଗୁଣ ନୁହେଁ। ମୁଁ ପିଲାଦିନର ଶିକ୍ଷାଲାଭ ବେଳରୁ ଗୋଟିଏ ଲକ୍ଷ୍ୟ ମନରେ ରଖିଥିଲି, କଳିଙ୍ଗଜୀନ୍ ମଗଧରୁ ଆଣି କଳିଙ୍ଗ ଗଢିବି। ଆଜି ମୋର ପ୍ରଥମ ଲକ୍ଷ୍ୟ ଅଧା ପୂରଣ ହୋଇଛି ବୋଲି ବୋଧକରେ। ଆଉ ବି କେତେ କାମ ବାକି ଅଛି। ଏବେ ଆମର ମର୍ଯ୍ୟାଦାବୋଧ ଓ ସାମାଜିକତା, ମାନବିକତାର ପ୍ରତିଷ୍ଠା ବେଳ ଉପନୀତ। କଳିଙ୍ଗବାସୀଙ୍କ ଆଶୀର୍ବାଦରୁ ସବୁ ସମ୍ଭବ ହୋଇପାରିବ। ଆପଣମାନେ ବି ସହମତ ହେବେ, ଆମର ଏହି ଦେବତାଙ୍କୁ ଆଉ ପିଥୁଣ୍ଡା ପରି ଦୂରାନ୍ତ ଅସୁରକ୍ଷିତ ପ୍ରାନ୍ତରେ ପୁନଃପ୍ରତିଷ୍ଠା ନକରି କଳିଙ୍ଗନଗରୀ ଉପକୂଳ କୁମାରୀଗିରିରେ ହିଁ ପ୍ରତିଷ୍ଠା କରିବା। ଅବଶ୍ୟ କିଛି ସମୟ ଲାଗିବ କୁମାରୀଗିରିକୁ କଳିଙ୍ଗପାଟ ଭୂଆସୁଣୀ ଭାବରେ ସଜାଇବାକୁ।

କଳିଙ୍ଗ ସର୍ବଦା ଉର୍ବର ରହୁ ଏବଂ କୃଷିରେ ଉତ୍କର୍ଷ ଲାଭ କରୁ, ଏଥିନିମନ୍ତେ ଆମମାନଙ୍କର ବୃକ୍ଷପୂଜାର ମାନସିକତା ରହୁ। କଳିଙ୍ଗ କେବଳ ଭାରତବର୍ଷର ଧନଶାଳୀ ରାଜ୍ୟ ହେଉ, ତା ଆମର ଆନ୍ତରିକତା ହୋଇପାରେ, କିନ୍ତୁ ଆମର ସାମାଜିକତା ଓ ମାନବିକତା ଦେଶ ପାଇଁ ଆଦର୍ଶ ହେଉ। କଳିଙ୍ଗ ହିଁ କଳିଙ୍ଗ।

ମାଘ ପୂନେଇଁର ଅସ୍ତଗତ ଜହ୍ନ ପରିଷ୍କାର ଆକାଶରେ ଯେପରି କୁମାରଗିରି ପଛକୁ ନିମ୍ନଗାମୀ ହେବାକୁ ବିଳମ୍ବ କରୁଥିଲା। ରାଜାଙ୍କ ମର୍ମସ୍ପର୍ଶୀ ଭାଷଣରେ ସିଏ ସ୍ତବ୍ଧ ହୋଇଯାଇଥିଲା। ଉଦ୍‌ବୁଦ୍ଧ ହୋଇ ନିଜକୁ ମାନବିକତାର ଆଦର୍ଶ ଭାବରେ ପରିବର୍ତ୍ତନ କରିବାର ନିଷ୍ପତ୍ତିନେଉଥିଲା।

ସେହି ପରି ଅଭିନନ୍ଦନ ସଭାର ଦର୍ଶକବୃନ୍ଦ ଚକିତ ହୋଇଯାଇଛନ୍ତି ଓ ବିଶାଳ ଜନରାଶି ବାକଶୂନ୍ୟ। କିନ୍ତୁ ପ୍ରତିଟି ମନରେ ଅସମ୍ଭବକୁ ସମ୍ଭବ କରିପାରୁଥିବା କଳିଙ୍ଗାଧିପତିଙ୍କ ସ୍ପଷ୍ଟ ବିଚରଣ କରୁଥିବାର ଦୃଶ୍ୟ। ଦୁନିଆରେ ସବୁ ସମ୍ଭବ କରିପାରୁଥିବା ଅଧ୍ୟବସାୟୀ ଖାରବେଳ। କୋଉ ଶାସକ ସ୍ୱଳ୍ପ ଯୁଗଟିଏ ଶାସନକାଳରେ ଦେଶ ଓ ଦଶର ବିକାଶ ସାଧନ କରିପାରିବ? ଏତେ ବିରାଟ ସମର ବାହିନୀ ଧାରଣ କରି ନଦନଦୀ ପାହାଡ ପର୍ବତ ଅତିକ୍ରମ କରି ଦାକ୍ଷିଣାତ୍ୟ ସମେତ ସମ୍ପୂର୍ଣ୍ଣ ଭାରତବର୍ଷ ଅଭିଯାନ କରିବାକୁ ସକ୍ଷମ ହେବ?

ଅନେକ ଦର୍ଶକ କଳିଙ୍ଗ ବାହାରର ସମରଚାଳନା ବିଷୟ ଶୁଣି ଚକିତ ହୋଇଛନ୍ତି, କିନ୍ତୁ ଏହି ଯୁଗଟିଏ ସମୟରେ କଳିଙ୍ଗର ସର୍ବମୟ ଉନ୍ନତି ସମସ୍ତଙ୍କ ଆଗରେ ଉପନୀତ। ବାଣିଜ୍ୟର ପରିସର ଯେତିକି ବଢିଛି, ଉତ୍ପାଦନ ସମତାଳରେ ରପ୍ତାନିକୁ ପ୍ରୋତ୍ସାହିତ କରୁଛି। ରାଜ୍ୟର ଅଭ୍ୟନ୍ତରରେ ସେତିକି ଉନ୍ନତି ପରିଲକ୍ଷିତ ହେଉଛି। କଳିଙ୍ଗରେ ମାନବ ଜୀବନ ସହଜ ଆଉ ସରସ। କେବଳ ଧନଧାନ୍ୟରେ ପରିପୂର୍ଣ୍ଣ ହୋଇଗଲେ ଦୁଃଖ ଅପସରି ଯିବନି। ନାରୀ ଜୀବନର ମୂଲ୍ୟଯୁକ୍ତ ହୋଇପାରିଛି ଏଠାରେ। ଘରେ ଘରେ ସୁଖଶାନ୍ତି ବିରାଜମାନ।

ତୁହାକୁ ତୁହା ମନକୁ ଆସେ ସେଇ ମଗଧ ନୃପତିଙ୍କର କଳିଙ୍ଗାଧିପତିଙ୍କ ପାଦତଳେ ଶରଣ ପଶି ଯୁଦ୍ଧ ବା ଆକ୍ରମଣ ଜନିତ କ୍ଷୟକ୍ଷତି ଘଟି ପୁନରାୟ କଳିଙ୍ଗ ଯୁଦ୍ଧ ପରି ମଗଧ ଯୁଦ୍ଧ ନଘଟୁ। କଳିଙ୍ଗାଧିପତି ଖାରବେଳ ତିନିଶହ ବର୍ଷ ତଳର ନନ୍ଦରାଜ ପରି ଅବିବେକୀ ନ ହୋଇ ଆଚରିଛନ୍ତି ଅହିଂସା ବର୍ଜନ! ବିନା ସର୍ତ୍ତରେ ଅପୂର୍ବ ଆନନ୍ଦ ଦେଇଛନ୍ତି ମହାମେଘବାହନ। ଚତୁର୍ଦ୍ଦିଗରୁ କୋଳାହଳ ଶୁଭୁଛି, "ଧନ୍ୟ ତୁମେ କଳିଙ୍ଗାଧିପତି ଖାରବେଳ!"

***ସମାରୋହ, ୧୨୮, ଢୁମୁଢୁମା (କ),***
***ଖଣ୍ଡଗିରି, ଭୁବନେଶ୍ୱର-୩୦;***
***ଦୂରଭାଷ: ୯୪୩୮୦୦୭୫୦୯***

୦୦୦

***କ୍ରମଶଃ...***




# ଜୀବନଚକ୍ର

**ଡକ୍ଟର ନାରାୟଣ ପଣ୍ଡା**

କାଗଜଘର ଜୀବନ
ଚିର ସହଚର ପବନ।
ଅନାମିକା
ଫୁଲର ରଂଗ ରାତିର ସପନ।

ବାରବାହାନା
କଥା ପଦକେ ଛଳନା
ଅନେକ ଆଳ ଭିତରେ
ଚଳୁଥାଏ ଜୀବନ।
ମନରେ ଥିଲେ
ଦୂର ନିକଟ।
ମନରୁ ଗଲେ
ନିକଟ ଦୂର।

ସତସତିକା ମରଣ ଆଗରୁ
ସଂସାର ଚଳଣିରେ
ମଣିଷ ମରୁଥାଏ ନିତିଦିନ।
ସ୍ୱାର୍ଥର ପଶାପାଲିରେ
ଜରାଜୀର୍ଣ୍ଣ ଜୀବନ।

ସମୟ
ବଦଳିବା ଆଗରୁ
ବଦଳିଯାଏ ମଣିଷ।
ପର ଆପଣା ଭିତରେ
ଜାଣିହୁଏ ନାହିଁ ଭେଦ।
ଗଡ଼ିଯାଏ
ଦିନ ମାସ ବର୍ଷ।

କାଳଚକ୍ର ପରି
ଜୀବନଚକ୍ର
ଘୁରୁଥାଏ ଅବିରତ।
ଜାଣିହୁଏ ନାହିଁ
କିଏ ସତ କିଏ ମିଛ।

*ବଉଳପଦା, ବଳରାମପୁର*
*ଆଠଗଡ଼, କଟକ-୭୫୪୨୯୫*

# ମୋତେ ଯେତେ ମାଠିବୁ ମାଠ

**ରତ୍ନାକର ରାଉତ**

ତୁମେ ମୋ କାନ ପାଖରେ
ତୂରି ବଜାଅ କି ମହୁରି ବଜାଅ
ଅବା ମାଦଳ ବଜାଅ
ଘଣ୍ଟା, ଘଡ଼ି, ପେଁକାଳି ଯାହା ବଜାଅ
କିବା ରେଳଗାଡ଼ି ଦଉଡ଼ାଅ ମୋ ଆଖ ପାଖରେ
ଘର୍ଘର ନାଦରେ କମ୍ପାଅ ମୋ ଚଉପାଶ
ତଥାପି ମୁଁ ଉଠିବି ନାହିଁ
ମୁଁ ଚେଇଁ ଶୋଇଛି
ମୋତେ କିଏ ଉଠେଇ ପାରିବ
ମୋ ଆଖି ଆଗରେ ଉଭା ଭାତିଆ ନାନାଦି ସୁବିଧା
ସୁଯୋଗର ଲୋଭନୀୟ ମହାକାଳ ଫଳ ପେନ୍ଥା ପେନ୍ଥା ହୋଇ ଝୁଲୁଛି
ଏସବୁ ଦେଖି ସୁଖ ସ୍ୱପ୍ନରେ ମୋ ଆଖି ମୁଦି ମୁଦି ଆସୁଛି
ମୋ ଆପଣା ହିତରେ ମୁଁ ଅନ୍ଧ, ବାଇ
ଧୃତରାଷ୍ଟ୍ରଭଳି ମୋ ପରିବାରର ଯାବତୀୟ ଫାଇଦାହିଁ ମୋର ପ୍ରାଥମିକତା
ବାବୁରେ, ତେଣିକି ତୁମେ ମୋ ବାବଦରେ ଯାହା ଯାହା ଭାବିବା କଥା ଭାବ
ମୋର କିଛି ଯାଏ କି ଆସେନି ସେଥିରେ
ମୋର ନୀତି, ମୋତେ ଯେତେ ମାଠିବୁ ମାଠ
ମୁଁ ସେହି ଦରପୋଡ଼ା କାଠ।

ମୁଁ ମୋ ଯୋଡ଼ାକ ଯାକ ଆଖି ବୁଜି ଦେଇଛି ଆପଣା ସ୍ୱାର୍ଥରେ
ଯେପରି ମୋତେ କିଛି ଦିଶୁନି
ମୁଁ କିଛି ଜାଣୁନି
କଣ କଣ ସବୁ ଘଟୁଛି
କିଛି ଶୁଣି ପାରୁନି।

ମୁଁ ସବୁ ଜାଣୁଛି ବୋଲି କେହି କିଛି ନ ଜାଣନ୍ତୁ
ତେଣୁ ବିଲେଇଟିଏ ପରି ମୁଁ ଆଖି ବୁଜିଦେଇ ଦୁଧ ପିଉଛି
ଶୁଣେ, ତୁମେ କିଏ କିଏ କାହିଁକି ମୋତେ ଉଠେଇବାକୁ ଚାହୁଁଛ
ମୋ ପଛରେ ଲାଗିପଡ଼ିଛ
ବିଭିନ୍ନ ଆଳରେ ମୋତେ କୁଲା ଢାଉଁ ଢାଉଁ ଶୁଣଉଛ
କଣ ଜିଗର ପଡ଼ିଛି ତୁମର
ମୁଁ ଆଖି ଖୋଲି ଉଠିଲେ ତୁମେ କଣ ପାଇବ ସେଥିରୁ
କୁମ୍ଭକର୍ଣ୍ଣ ଭଳି ମୋର ମରଣହିଁ ନିଧାର୍ଯ୍ୟ
ମୋର କେବଳ ଅପୂରଣୀୟ କ୍ଷତିହିଁ କ୍ଷତି ହେବ
ମୋ ପରିବାର ଅବେଳ ବଢ଼ିରେ ଭାସିଯିବେ
ନାନାଦି ଦୁଃଖ ଯନ୍ତ୍ରଣା ପାଇବେ
ତୁମେ ସବୁ ଚେଇଁ ରହି କଣ ଆଳୁଅ କରିପକଉଛ
ଯେଉଁମାନେ ତୁମଭଳି ଆଗରୁ ଚେଇଁ ରହିଥିଲେ
କଣ ଆଲୁଅ କରି ପକେଇ ଗଲେ
ଲୋକେତ' ଯେଉଁ ତିମିରରେ ଥିଲେ ଏବେ ସେହି ତିମିରରେ
କେବଳ ବଦଳିଯାଇଛି ବଂଚିବାର ଢଂଗ ଢାଂଗ, ଜୀଇଁବାର ତରିକା
ସେପାଇଁ ଜାଣିଜାଣି ମୁଁ ଆଖି ବୁଜି ଦେଇଛି
ବାସ୍ ମୋତେ କିଛି ଦିଶୁନି
ମୁଁ କିଛି ଜାଣିପାରୁନି, କିଛି ଶୁଣି ପାରୁନି
ମହାଶାନ୍ତିରେ ନିଘୋଡ଼ ନିଦରେ ଶୋଉଛି
ମୋ ବିଚାରରେ ସବୁ ଠିକ୍ ଠାକ୍ ଚାଲିଛି
ତୁମେ ତୁମ କଥା ବୁଝ
ମୋତେ ମୋ ବାଟରେ ଛାଡ଼ିଦିଅ
ଏବେ ତୁମେ ସବୁ ଖୁସି ତ ?

*ପ୍ଲଟ୍ ନଂ. ୭୬୭, ଜୟଦୁର୍ଗା ନଗର, ଭୁବନେଶ୍ୱର-୭୫୧୦୦୬*

# ଆବାହନ

**କିଶୋର ମିଶ୍ର**

ଟୁପ୍ ଟାପ୍ ବର୍ଷା ବିନ୍ଦୁ ଝରିପଡ଼େ
ଓଠରେ, ଗାଲରେ।
ତୁମେ ଭାରାକ୍ରାନ୍ତ ମେଘର ସମ୍ମୋହନ
ମୋତେ ଆଉଟିନିଅ ଏଥର
ତୁମର ନିବିଡ଼ତାକୁ।

ଉଡ଼ାଣ ବ୍ୟତୀତ ସବୁ ସୁଖ ଅଛି
ଏ ଦ୍ୟାବ୍ୟା ପୃଥିବୀରେ
ଆକାଶୀଏ ନୀଳର ସ୍ୱପ୍ନରେ
ମୋତେ ଉଡ଼ାଣ ଖୋର କର
ଯେମିତି ମାଟି ଛାଡ଼ିବା ମାତ୍ରକେ
ମୁଁ ପବନ ବେଗରେ ଯିବି
ତୁମର ହିମଚୂଡ଼ାକୁ
ଯାହା ଚିକ୍ ଚିକ୍ କରୁଥିବ କନକ କିରଣରେ।

ବର୍ଷା ମାଟି ଲଗ୍ନା କରେ
ସମସ୍ତ ପ୍ରାଣ ପ୍ରାଚୁର୍ଯ୍ୟକୁ
ଡେଣା ଉଡ଼ାଣ ଖୋର କରେ
ସବୁ ମନକୁ, ସବୁ ସମ୍ଭାବନାକୁ।
ଭିଜିବ ହିଁ ମାୟା
ଭିଜେଇବା ହିଁ କଳାକୌଶଳ
ତୁମେ ଷୋଳକଳାରେ ପରିପୂର୍ଣ୍ଣ
ବିଟପୀ ନଟନାଗର
ମୋତେ ମୁକ୍ତକର ତୁମ ବନ୍ଧନରୁ ଏଥର
ଓ ଜଳକଣା କରି ଉଡ଼ାଇନିଅ ଆକାଶକୁ।
ମୁଁ ବର୍ଷା ବିନ୍ଦୁ ହୋଇ
ଝରିପଡ଼ିବି ଏଥର
ତୁମ ଭୂବନମୋହିନୀ ମହୋତ୍ସବରେ ॥

*ଚନ୍ଦ୍ରଚୂଡ଼, ବୌଦ୍ଧ*
*ଦୂରଭାଷ: ୯୪୩୭୩୨୭୫୦୨*

# ବଦଳା ନାଆ

**ସରୋଜିନୀ ମିଶ୍ର, ଏମ୍.ଏ.**

ପୁରୁଣା ଦୁନିଆଟା କେବେ ବଦଳିଗଲା
ତାହା ମୁଁ ଜାଣିପାରିଲିନି,
ମୁଁ ସେଇ ପୁରୁଣା ହୋଇ ରହିଗଲି।
ସୁଖ ସୌଭାଗ୍ୟ କେତେବେଳେ
ଆସି ଚାଲିଗଲା, ମୁଁ ଜାଣିପାରିଲିନି,
ସୁଖ ଫେରିଗଲା, ତାକୁ ମୁଁ ଶଙ୍ଖୋଳି ପାରିଲିନି।

ସ୍ୱପ୍ନ ସବୁ ସ୍ୱପ୍ନରେ ରହିଗଲା।
ତାକୁ ପୂରାକରି ପାରିଲିନି
ଦୁର୍ଭାଗ୍ୟକୁ ସେମିତି ଜାବୁଡ଼ି ପଡ଼ିରହିଲି।
ଆଖିରେ ମୋ ଅସୁମାରୀ ନିଦ
ତଥାପି ବି ଶୋଇପାରିଲିନି।

ସର୍ବ ହରାର ଜୀବନ
ସମସ୍ତେ ମୋ ପାଇଁ ସମାନ
ତାକୁ ମୁଁ ଭାବିନେଲି।

ମୋହମାୟା ସଂସାର
ତଥାପି ମୋତେ ବାନ୍ଧିପାରିଲାନି।
ଈଶ୍ୱର ମୋ ପାଇଁ କାଠ ପଥର।
ମନ ଭରି ପୂଜିପାରିଲିନି।
ଦଦରା ନାଆ ମୋର ଟଳମଳ
ସମୟ ସୁଅରେ
କେତେବେଳେ ଭାଙ୍ଗିଯିବ
ତାହା ମୁଁ କହିପାରିବିନି।

*କ୍ୱାର୍ଟର ନଂ.- ଏମ୍. ଆଇ. ଜି., କେ/୬୩୫,*
*କଳିଙ୍ଗ ବିହାର, ଭୁବନେଶ୍ୱର*
*ଦୂରଭାଷ: ୯୭୭୮୮୨୪୬୦୦*

# ପିଙ୍ଗଳାର ସ୍ପର୍ଶ

**ଚୈତନ୍ୟ ପ୍ରସାଦ ବେହେରା**

ମନ୍ଦିର ଠାରୁ ସ୍ମଶାନ
ଏବେ  ମୋତେ ବେଶ୍ ଆପଣାର ଲାଗେ
କାରଣ ସେ ମୋ ବାହୁଡା ବେଳର
ଶାନ୍ତିର ଶ୍ରୀମନ୍ଦିର।
ମନ୍ଦିର କିନ୍ତୁ ପ୍ରତାରିତ କରେ
ଧର୍ମର ଗଦ ଟିକେ
ବେଳେ ମୋତେ
କେଳା ପରି ସୁଙ୍ଘେଇ,
ପ୍ରେମିକା ଠାରୁ ପିଙ୍ଗଳା
ଏବେ ମୋତେ ବେଶ୍ ଆପଣାର ଲାଗେ
ଯେଣୁ ସେ ମୋ ପଂଚ ତୀର୍ଥ
ଯିଏ ଦେଇପାରେ ମୋତେ
ଧର୍ମ, ଅର୍ଥ, କାମା, ମୋକ୍ଷର
ଚଉବର୍ଗ ଫଳ, ପୁଣି
ଯିଏ ପରକୁ ବଂଚାଇ
ନିଜେ ପିନ୍ଧେ
କଳଙ୍କର ଟିକା।।

କିନ୍ତୁ ପ୍ରେମିକା ଏବେ
ଫାଙ୍କ ଦିଏ ମଥାରେ ତାର
ରକ୍ତର ସିନ୍ଦୁର ଟୋପା
ତେଣୁ ମୋତେ ବେଶ୍
ଆପଣାର ଲାଗେ
ପ୍ରେମିକା ଠାରୁ
ପିଙ୍ଗଳାର ସ୍ପର୍ଶ
ପୁଣି ପ୍ରେମିକାର ପ୍ରେମ ପତ୍ର ଠାରୁ
ପିଙ୍ଗଳାର ଇଶାରା।।

*ଅଧ୍ୟକ୍ଷ, ଓଡିଶା ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟ୍.*
*ଖୋର୍ଦ୍ଧା: ୭୫୨୦୫୫*
*ଦୂରଭାଷ: ୯୪୩୭୭୬୩୭୪୧*

# ନାରୀ ସର୍ବମୟୀ ସର୍ବବ୍ୟାପିନୀ

**ଅନସୂୟା ପଣ୍ଡା**

ସମୟ କଡ଼ ଲେଉଟାଏ
କେତେବେଳେ ପ୍ରତିରୋଧ କରେ
ଆଗରେ ପାହାଡ଼ ଭର୍ତ୍ତି ସମସ୍ୟା
ଓଜାଡ଼ି ଅସହିଷ୍ଣୁତାରେ।

ପୁଣି କେତେବେଳେ
ପ୍ରାୟଶ୍ଚିତ୍ତର ରାସ୍ତା ତିଆରେ
ଲୁହର ବନ୍ୟା ପଶିଆସେ ଅହମିକାରେ
କବାଟ ଫାଙ୍କ ଦେଇ
ପରିତାପ ପ୍ରତିଶୋଧ ସବୁ ଝରିପଡ଼ନ୍ତି।

ନାରୀ ମନରୁ ଝରି ପଡୁଥିବା ପ୍ରୀତିର ଋତୁ
ଆଳାପରେ ଖେଳେଇଦିଏ ଫଗୁର ଫଗୁଣ
କଥାରୁ ବୋହିପଡ଼େ ମକରନ୍ଦ
ଶୋଇପଡ଼େ ମନଭିତରେ ହାର ମାନି
ଗଜୁରି ଉଠିଥିବା ଅହମିକାର ମରୁବନ।

ଦିନମଣି ବୁଣିଦେବା ପରି
ସ୍ୱର୍ଣ୍ଣିମ ଆଭା ଖେଳି ଉଠେ
କେତେବେଳେ ଦେବୀଟିଏ ହୋଇ
ସଂସାର ଉପବନେ ସର୍ବବ୍ୟାପିନୀ

ଧରେଇ ଦିଏ ଇଚ୍ଛାର ମୁକ୍ତା ମଣି
ମନକାମନା ନିଃସ୍ୱାର୍ଥରେ ପୂର୍ତ୍ତିକରେ
ପ୍ରୀତିଯୁକ୍ତ ଅନୁରାଗର ବିଭୁତିରେ ।

ତନ୍ମୟ ହୃଦୟ ତାର ଆଞ୍ଜୁଳାରେ
ସର୍ବମୟୀ ସମୁଦ୍ରେ ଆଶାକୁ ଧରି
ଆକ୍ରୋଶ ଅଭିମାନ ଅହଂକାର
ଲୋଟିପଡ଼ନ୍ତି ବାସି ଫୁଲପରି
ତା ନହୁଲୀ ମନର ଲାଜୁଆ ଚାହାଣୀରେ ।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ: ୯୪୩୯୨୧୧୯୭୧*

# ବାହାନଗାରେ ବର୍ଷା

**ଶ୍ରୀ ଭୁବନେଶ୍ୱର ବିଶି**

ଝରଝର ହୋଇ ଝରିଯାଏ ବର୍ଷା
ବାହାନଗାର ମାଟିରେ
ଶହ ଶହ ନିରୀହଙ୍କ
ରକ୍ତ ଧୋଇଦେବା ପାଇଁ ॥

ଲୌହ ଦାନବର
ରକ୍ତଭୋଜି ପରେ
ଘନ ଘନ ବିଜୁଳି ମାରେ
ବିଜୁଳି ଆଲୋକରେ
କେଉଁଟା ଲୁହ କେଉଁଟା ଲହୁ
କିଛି ଜଣାପଡୁ ନାହିଁ ॥

ଆକାଶରୁ ନୁହେଁ
ମନରୁ ଆଖିଦେଇ ବର୍ଷାଝରେ
ମାଟିର ରକ୍ତ ଧୋଇହେଲା
ଆଉଥରେ ଦୂବ କଅଁଳିବା ପାଇଁ,
ମନର କୋହ ଯେ ମନେ ରହିଗଲା
ଧରା ଶ୍ରାବଣର ଅବିରତ ବାରି
ପାରୁନି ଧୋଇ ॥

*ରେଳବାଇ କଲୋନି, ଜୟପୁର, କୋରାପୁଟ-୭୬୪୦୦୨*
*ଦୂରଭାଷ: ୭୫୮୭୪୪୫୮୦୩*

# ଗୋଧୂଳି

**ଡକ୍ଟର ମିହିର ପଟ୍ଟନାୟକ**

ଇଚ୍ଛା ହୁଏ ସଖି କଟୀତଟେ ତୁମ ବେଢ଼ାଇବାକୁ ମେଖଳ
କାର୍ତ୍ତିକ ସଂଜେ ସଂଜବତୀ ହୋଇ ଜଳିବାକୁ ବାର ବାର
ପାପୁଲିରେ ତୁମ ରହି
ହସି ହସି ବାଣ୍ଟୁଥାଆନ୍ତି ଆଲୋକ ତୁମ ସୁଖ ଚାହିଁ ଚାହିଁ ।

ଇଚ୍ଛା ହୁଏ ସଖି ଗୋଲାପୀ ଓଠ ତୋ ଛୁଅନ୍ତି ମୋ ଓଠେ ଧିରେ
ଶିଶିର ସ୍ନାତ ପୂର୍ଣ୍ଣମୀ ରାତ୍ରେ ତାରକତ ମଗୁଶିରେ
ହସୁଥିବା ବେଳେ ରାତି
ମନ ଅଳିନ୍ଦରୁ ମାପିଥାନ୍ତି ତମ ହୃଦୟ ତରଳା ତାତି ।

ମହେନ୍ଦ୍ର ଗିରିରୁ ମେଘାସନୀ ଯାଏ ଲେଖନ୍ତି ତୁମରି ନାଆଁ
ସଂଜ ପହରୁ ସକାଳ ଯାଏ ମୁଁ ଅନ୍ତରେ ଜାଳି ନିଆଁ
ତନୁ ତୀର୍ଥକୁ ତୁମ
ପୋଷେ ପଉଷରେ ରଙ୍ଗାଇ ଦିଅନ୍ତି ଅଭିନବ ଅନୁପମ ।

ଧାନବିଲ ଧାରୁ ଶୁଣିକ ତୁମର ଗହମ ନିଦର ସୁର
ଆସ୍ତେ ତୁମକୁ ଆଉଜାଇ ଧରି ଆଉଁସିବି କଳେବର
ଶୁଆଶାରୀ ବଣ ଶେଷେ
ମାଘରେ ମେଘର ବେହାଗ ତୋଳିବ ଶଙ୍ଖଶାମୁକାର ଦେଶେ ।

ଫୁଲ ସଂଜରେ ମଳୟ ସାଉଁଟେ ଅଂଶୁପ୍ରଜ୍ଞାର ହସ
କିଆରୀ କିଆରୀ କୁଆଁରୀ ନିଆରୁ ସଂଚରେ ମଧୁ ମାସ
ରୂପେଲି ରାତିର ରାଗେ
କୁତୁ କୁତୁ କଥା କେତକୀ ଶୁଣାଏ ଫଗୁଣକୁ ଅନୁରାଗେ ।

ବସନ୍ତ ଋତୁର ରଙ୍ଗରେ ମାଖି ରକ୍ତଜବାର ତନୁ
ପ୍ରବାସୀ ପରଜାପତି ଉଡ଼ିବୁଲେ ବିରହର ବାତାୟନୁ
ବନପୁଷ୍ପରେ ଜୁଡ଼ା
ମଣ୍ଡାଇ ଗାଉଛି ଚଇତାଳି ବାଆ ହସୁଛି କୃଷ୍ଣଚୂଡ଼ା ।

ବଇଶାଖି ଆଖି ଆଖିରେ ମାଖି ଆଦିମାନବର ଆଶା
ଅର୍ଦ୍ଧରାତ୍ରୀର ଉଆଁସୀ ଆଉଁସା ପରିଚିତ ପରିଭାଷା
ଉପାସୀ ଫୁଲେଇ ଉଷା
ଚିପୁଡ଼ି ଚିପୁଡ଼ି ଆଖିପତା ଦିଏ ଅନୁରାଗେ ଆଡ଼ରୁଷା ।

ନରମ କେଶର କୃଷ୍ଣାନଦୀରେ ପଳାସ ପତ୍ର ଭାଷେ
ଜ୍ୟେଷ୍ଠ ମାସର ଗ୍ରୀଷମ କଷ୍ଟେ ରାଧାରାଣୀ ରୁଷିବସେ
ମଲ୍ଲୀଫୁଲିଆ ମୋହେ

ସୀମଂଚ ସୀମାରେ ସଂଧ୍ୟାରେ ବସି ରକ୍ତ ସିନ୍ଦୁର ନାଏ।

ନଗ୍ନ ପ୍ରିୟାର ରଂଗରେ ମଗ୍ନ ଯୌନ ଆଷାଢ଼ ରାତି
ମଉଳା ଧରଣୀ ମଲାଟରେ ଲେଖେ ବର୍ଷାର ଅନୁଭୂତି
ଛୁଆଁ ଛୁଇଁ ଖେଳେ ମେଘ
ବାଉଳା ବଉଦ ବାଟହୁଡ଼ି ବୁଲେ ମନେଭରି ଅନୁରାଗ।

ମୁହଁ ସଂଜରେ ଶ୍ରାବଣ ଗାଉଛି ବର୍ଷା ବଉଳବେଣୀ
ଶେଷସ୍ୱପ୍ନର ସ୍ୱରକୁ ଭିଜାଏ ଅୟସୀ ଅଶ୍ରୁପାଣି
ମଥୁରାର ମରୀଚିକା
ହତାଶାର ମରୁଭୂମିରେ ଦେଖଇ ସତ୍ୟସିନ୍ଦୁର ଟୀକା।

ଭଲପାଇବାର ଭଉଁରୀରେ ଏଠି ଭୋଦୁଅ ଯାଇଛି ଛାଡ଼ି
ଆକାଶ ଆଖିରେ କଜଳ ମେଘର ଦୀର୍ଘ କବିତା ଧାଡ଼ି
ଦିଧାର ଅଶ୍ରୁ ପାଖେ
ତରକୁଳୀ ଫୁଲ ତରଳି ତରଳି ରଙ୍ଗ ଅବୀର ମାଖେ।

କୁଆଁର ପୂନେଇଁ ଜହ୍ନରେ ଗାଏ ଅଶିଣ ସଞ୍ଜ ଗୀତ
ପଦ୍ମାବତୀର ପଦ୍ମତୋଳାରେ ଦିଗ କରି ମୁଖରିତ
ଗୋଲାପ କଢ଼ିର ଗପ
ଦୀର୍ଘଭୂରୁରେ କଳୁଥାଏ ପୁଷ୍ପଧନୁ ତୀର ପରିମାପ।

# ପୁଅ

**ସୁଜିତ୍ କୁମାର ମିଶ୍ର**

ସତରେ କ'ଣ ପୁଅ ପୁଣ୍ୟ ଫଳ
ନା ଆଖିକୁ ସୌନ୍ଦର୍ଯ୍ୟର କଜଳ ?

ଘରେ ଘରେ କେଜାଣି କାହିଁକି
ସରଗ ସୁଖରେ ପଡ଼ିଛି ତାଟି କବାଟ ?
ହୃଦୟଗଡ଼ରେ ପ୍ରେମଫୁଲବନ
ଜଳୁଛି ହୁତ୍‌ହୁତ୍,
ମନ ଜହ୍ନକୁ ଘୋଡ଼େଇଛି ସ୍ୱାର୍ଥର
କଳାମେଘ,
ପରିଣତ ବୟସର ପିତାମାତା
ଏବେ ଶୃଙ୍ଖଳା ଜାଳ,
ବୋଝ ହେଲେଣି ଆକଟର ଲରିଆଖି,
ମରଣକୁ ଶ୍ରେୟ ମଣୁଥିବା ମଣିଷ ଆଖିରେ
ଲୁଣି ଲୁହର ବନ୍ୟାଜଳ...।

ଡେଣା ଲାଗିଗଲେ
ପୁଅ ପକ୍ଷୀଠୁ ଉଡ଼େ ଅଧିକ ବେଗରେ,
ଫେରି ପାରେନି ମୂଳ ବସାକୁ
ବିକ୍ରି କରି ଆଖିକୁ କଂସେଇଖାନାରେ,
ଦୁଇ ହଳ ପାକଳ ଆଖି ଏପଟେ ଝୁରି
ମରନ୍ତି ଶୂନ୍ୟରୁ ବନ୍ଧୁକ ଗୁଳିରେ...।

ଶୈଶବର ସେ
ଆକର୍ଷଣୀୟ ବେଶ ପୋଷାକ ଆଉ କାହିଁ ?
ବିଭୂତି ବଦଳରେ ବିସ୍ଫୋରଣ,
ଏବେତ ପୁଅ କାହାର ସେବକ ଜହ୍ନ,
ଅପହୃତ ଇଶ୍ୱର ଇଶ୍ୱରୀଙ୍କ
ଆସ୍ଥା ଓ ଆସ୍ଥାନ,
ନିଜ ନଇ ପ୍ରଦୂଷିତ କେଉଁ ଶାଖା ନଈର
ଔଦ୍ଧତ୍ୟରେ
ମିଳୁନି ଏ ରୋଗକୁ ଔଷଧ ମର୍ତ୍ତ୍ୟରେ,
ଫେରିବକି ବସନ୍ତ ପୁଣି
ବୋଲି ହୋଇ ଅନୁତାପର
ନିରନ୍ତର ବର୍ଷାରେ ?
ପୁଅ ବି ହୁଅନ୍ତି ବଡ଼,
କାହାକୁ ଛାଡ଼େନି
କାଳର ସମଦଶା ନିଆଁରଡ଼।

ହାତ ଓ ହୃଦୟରୁ ଗଢ଼ା ପୁଅ
ଫେରିବକି ବସାକୁ ସଜେଇ ସେଇ
ଅନ୍ତରଙ୍ଗତାକୁ ?

ପୁଅ ପୁଅ ହେଲେ
ମନ ପ୍ରେମତୀର୍ଥ,
ନହେଲେ ଉଦାସୀ କ୍ଷେତ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ଦୂରଭାଷ: ୭୬୮୩୮୬୭୭୪୨*



# ସମୟ : ତିନୋଟି ସ୍କେଚ୍

**ସଂଜୟ କୁମାର ତ୍ରିପାଠୀ**

କର୍ଦ୍ଦମାକ୍ତ ଅତୀତ
ବୀତସ୍ପୃହ ବର୍ତ୍ତମାନ
ଭାନୁମତୀ ଭବିଷ୍ୟତ
ମୁଁ ଯେବେ କ୍ରୋଧିତ ହୋଇ ପଛକୁ ଚାହେଁ
ବାକି ଇତିହାସ ଲେଖାହୁଏ ପରୀକ୍ଷାର୍ଥୀର ଉତ୍ତରଖାତାରେ
ମୁଁ ଯେବେ ନିଜକୁ ନିଜେ ପଚାରେ
ଏକ ଅସ୍ଥିସାର ଶୂନ୍ୟ କଂକାଳ ପରିଦୃଷ୍ଟ ହୁଏ ସାମ୍ନାରେ
ଆଉ ମୁଁ ଯେବେ ସୁନେଲି ସପନଟିଏ ଦେଖେ
ଗଣତଂତ୍ରର ମହାପର୍ବରେ ଲେଖାହୁଏ ଅଲଗା ଏକ ଅଧ୍ୟାୟ
ମୁଁ ନିଜକୁ ନିଜେ ପଚାରେ :
କଣ କରିଛି ମୁଁ
କଣ କରୁଅଛି
ଓ କଣ କରିବି
ପ୍ରଶ୍ନ ପ୍ରଶ୍ନରେ ଲେଖାହୁଏ, "ମୋ" ପ୍ରଜାତିର ଏକ ଅନନ୍ୟା କବିତା

*ସଂତୋଷ ବିହାର, ଗୋପାଳମାଳ, ବୁଢ଼ାରଜା, ସଂବଲପୁର-୪*
*ଦୂରଭାଷ: ୯୯୩୮୧୪୨୯୦୭*

# ହଜିଛି ଅତୀତ... ରହିଛି ସ୍ମୃତିରେ

**ସୁଜାତା ପତି**

ଯେଉଁ ଅତୀତରେ ଖୁସି ଭରିଯାଏ
ସେହି ମୋର ପିଲାବେଳ
ଟିକେ ରାଗ ରୁଷା ଟିକେ କଟିମିଟି
ପୁଣି ହୁଏ ସାଙ୍ଗ ମେଳ ।

ପାଠପଢ଼ା କଥା ମନକୁ ଆସିଲେ
ମାଟି ସିଲଟ ଟି ଦିଶେ
ଫୁଲଖଡ଼ି ସହ ପତର ଚଟେଇ
ସବୁ କଥା ମନେ ଆସେ ।

ଖେଳ ଛୁଟି ବେଳେ ପାଠ ତ ନ ଥାଏ
ଚାଲେ ଛକି ଶୂନ ଖେଳ
ପାଠ ଭୁଲ୍ ହେଲେ ଲିଭାଇକି ଲେଖୁ
ଜମିଯାଏ ସାଙ୍ଗ ମେଳ ।

କେତେ ଖଡ଼ି ସରେ କେତେ ଖଡ଼ି ହଜେ
ସିଲଟ କିନ୍ତୁ ସରେନା
ହଜିଛି ଅତୀତ ଛାଡ଼ିଛି ତା'ଚିହ୍ନ
ସ୍ମୃତିକୁ ଭୁଲି ପାରେନା ।

ପିଲା ଦିନର ସେ ସାଙ୍ଗ ସାଥି ମେଳ
ସବୁଠୁ ଥିଲା ନିଆରା
ବହୁ ଚୋରି ପୁଣି କବାଡ଼ି ଖେଳରେ
ବାଧୁ ନ ଥିଲା ତ ଖରା ।

ଛୁଟି ଦିନେ ଆମେ ସାଙ୍ଗ ସାଥିମାନେ
ବଣଭୋଜି କରିଥାଉ
ଯାହା ରାନ୍ଧିଥାଉ ଅସ୍ୱାଦୁ ଲାଗେନା
ଆନନ୍ଦରେ ଖାଇଥାଉ ।

ପିଲାଦିନ କଥା ସ୍ମୃତିରେ ଆସିଲେ
ମନେପଡ଼େ ସବୁ କଥା
ଅତୀତର ସ୍ମୃତି ଜୀବନ୍ତ ହୁଅଇ
ଭାବିଲେ ତ ଲାଗେ ବୃଥା ।

*ପୋଖରୀପୁଟ, ଭୁବନେଶ୍ୱର*
*ଦୂରଭାଷ: ୬୩୭୨୦୪୭୬୨୨*

# ବାଟ

**ରାହାସ କୁମାର ବେହେରା**

ବାଟ ପଡ଼ିଛି କେଉଁ ଆବାହାନ କାଳରୁ
ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ ନାନା ମତେ
ହୋଇ ଛନ୍ଦା ଛନ୍ଦି,
ବିପରୀତ ଦିଗେ, ଉଠାଣି ଗଡ଼ାଣି ପୁଣି କେତେ
ଅଙ୍କା ବଙ୍କା ଜନ ଗହଳି କରି ଫନ୍ଦି ।

କେହି କହି ନଥିଲେ ଆଗେ କାହାକୁ ଏଇ ବାଟେ ଆସ,
ଧୀରେ ଲୋକ, ପଶୁ, ପକ୍ଷୀ / ସରୀସୃପ
ଚାଲିଲେ ଘୋରି ହେଲା ଛୋଟ ଗଛ ବୃଛ /
ଦୁବ ଘାସ ।

ଛିଡ଼ିଲା ମାଟି ହାତେ ତାପରେ ଆଉ ଦି'ହାତ
ପରେ କାଦୁଆ ମାଦୁଆ ବାଲି କଂକ୍ରିଟ ଯେତେ

ଗାଆଁ କି ସହର ହେଉ ଖାଲି ପିଚୁ ଆଉ ପିଚୁ
ଯାତାୟତ ପାଇଁ ଦେଖ ହେଉଛି କେତେ ଜନହିତ ।

ବେଳେବେଳେ ବାଟ ପାଇଁ ହୁଏ ଏଠି
ଖଟା ମିଠା କେତେ ଆତ୍ମସାତ,
ରକମ ରକମ ବାଟମାରଣା ତଳୁ ଉପର,
ଯନ୍ତ୍ରୀଠୁ ମନ୍ତ୍ରୀ
ଆସିଥିବା ଧନ, ବିନିଯୋଗ ବଳ ବପୁ,
ମୂଲିଆ ମଜୁରି
ଶୁଣିଲେ କର୍ଣ୍ଣେ ଲାଗଇ ବିସ୍ମିତ !

ଅସରାଏ ବର୍ଷାରେ ଧୋଇଯାଏ
ସିମେଣ୍ଟ, ବାଲି, ଗୋଡ଼ି, ପିଚୁରେ ତିଆରି
ସେ ବାଟ,
ଟଳିପଡ଼େ ବହୁ ଆଡ଼ମ୍ବରେ ନଗଦ ଗଢ଼ି ଉଠିଥିବା
ନୂଆ ପୋଇ/ଘାଟ, ଜନତା ହତବାକ,
ବାଟ ଯେଉଁ ଖାଲ ଢିପକୁ ସେଇ ଖାଲ ଢିପ ।

କେବେ କେବେ ବାଟ ଲାଗଇ ଅବାଟ
ତାପାଇଁ ବସଇ ହାଟ, ହୁଅଇ ନାନା ଉଦଣ୍ଡ ନାଟ ।

ପୁଣି ବାଟ ଭୁଲେ ମଣିଷ, ବାଟ ଭୁଲନ୍ତି
ସଚରାଚର ଜୀବ, ଭୁଲିବାଟା ସହଜ
ମାତ୍ର ପୁଣି ଫେରି ଆସିବା/ନଆସିବା
ପୂର୍ବ ଅବସ୍ଥାକୁ
ଲାଗେ ଭାରି କଷ୍ଟ,
ଜୀବନ ହୋଇଯାଏ ପୂରା ନଷ୍ଟ / ଧୈର୍ଯ୍ୟ ହୁଏ ଚ୍ୟୁତି
ଭୋଗିବାକୁ ଯେତେକ ଦୁଃଖଦ ଅନିଷ୍ଟ ।

ଆସନ୍ତୁ ଗଢ଼ିବା ସୁନ୍ଦର ସବୁଜ ଯେତେ ବାଟ
ହେଉ ଜୀବନ / ଜୀବିକା,
ଯିବାକୁ ଦୂର ନଦୀ ଘାଟ / ସୀମା ହୀନ ରାଜପଥ
ଆସିଥିଲେ ଦିନେ ଯେଉଁଠୁ
ପୁଣି ଫେରି ପାଇବାକୁ ସୃଷ୍ଟିର ଅଭୀଷ୍ଟ ।

*ବାଲ୍ୟମ୍ବା, ଭାପୁର, ଢେଙ୍କାନାଳ-୭୫୯୦୧୫*
*ଦୂରଭାଷ: ୯୪୩୮୧୧୪୩୬୮*

# ବୁଢ଼ିଆଣୀ ବଡ଼ ଶିକ୍ଷାଦିଏ

**ବିନୟ ଭୂଷଣ ପାଣିଗ୍ରାହୀ**

ବୁଢ଼ିଆଣୀ ଜାଲ ବୁଣୁଥାଏ
ଜାଲ ତା'ର ବାସ, ଆହାର ମାଧ୍ୟମ
ଛିଡ଼ିଗଲେ ଅବା ଛିଡ଼େଇଦେଲେ କେ
ବାରମ୍ବାର ତାକୁ ଯୋଡୁଥାଏ ।

ଏତେ ଟିକି ସେତ ଜୀବଟିଏ
ଆହାର ଟିକିଏ ଯୋଗାଡ଼ିବା ପାଇଁ
କାହାରି ଉପରେ ନିର୍ଭର ନକରି
ଦିନରାତି ଖଟି ଚାଲିଥାଏ ।

ବୁଢ଼ିଆଣୀ ବଡ଼ ଶିକ୍ଷାଦିଏ
ନିଜର ପାରିବାପଣକୁ ଭରସି
ନିରନ୍ତର ଯିଏ କର୍ମ କରିଚାଲେ
ପରମ ଆନନ୍ଦ ଲଭେ ସିଏ ।

*ହରସିଂହପୁର, ପୀରହାଟ ବଜାର*
*ଭଦ୍ରକ-୭୫୬୧୩୧*
*ଦୂରଭାଷ: ୯୯୩୭୫୪୮୪୩୧*

# ପ୍ରଥିତ : ପାର୍ଶ୍ୱଦେବତା

**ଶ୍ରୀ ବଳରାମ ପୂଜାରୀ**

କିଛି ଅନୁବନ୍ଧିତ ଆୟୁଷଙ୍କୁ
ପିନ୍ଧାଉଥିଲି, କାପାଳିକର କବଚ କୁଣ୍ଡଳ !
କିଛି ଫେରା ମୁହୂର୍ତ୍ତମାନଙ୍କୁ ମାଗୁଥିଲି
'ମୋକ୍ଷ'ର ଅପହୃତ: ଠିକଣା !
ସଭିଏଁ, କଢ଼େଇ ନେଉଥିଲେ, ମୋତେ,
କୋଉ, ଦୂର ମଶାଣି ଫୁଲ
ଫୁଟିଥିବା ଅମୂର୍ତ୍ତ ଅମୁହାଁ
ନୂଆଣିଆଁ ଭଗ୍ନାବଶେଷ ମୁଖଶାଳାର ଉହାଡ଼ ଆଡ଼କୁ,
କାଳେ !! ଏଇଠି ଖୋଳପା ଛଡ଼ାଏ,
ବିତର୍କିତ ପରାସ୍ତ: ପରମାୟୁ ?
ନିର୍ବାଣ ମୁହାଁ ଇଚ୍ଛାମାନେ
କୁହନ୍ତି ! ମୋକ୍ଷ ଏକ ହତାଶିଆ ମସ୍ତିଷ୍କର

ଆଞ୍ଜୁଳାଏ ପ୍ରତିବେଦନ,
ଅନଭିଜ୍ଞ ଅହଂକାର ମାନଙ୍କ ନିଷ୍ଫଳ: ଅନୁପ୍ରାସ।

ସବୁ ଉଲ୍ଲସିତ ଉଲଂଘନ, ସବୁ ଅପ୍ରାସଙ୍ଗିକ: ଅବଶୋଷ,
ସବୁ ଅଣ ଲେଉଟା ଅଣାୟତ୍ତ ଆକ୍ରୋଶ,
ପ୍ରାରବ୍ଧ, ପରାହତ ଛଦ୍ମ ଛେଦବିନ୍ଦୁମାନଙ୍କ
ଭିଡ଼ ଭିତରେ ବିସ୍ଥାପିତ,
ମୁଁ ଓ ମୋ,
ମୋ ଅର୍ଜିତ, ଅବଶିଷ୍ଟ ଅବଶୋଷ,
କଳଙ୍କିତ ଅଳ୍ପାୟୁଷିଆ କପାଳର କାକୁସ୍ଥ ପରମାୟୁ!!
ହାତ ଛାଡୁଥିଲେ, ପରସ୍ତେ ପରସ୍ତେ, ହତୋତ୍ସାହିତ ହଳାହଳ,
ତଟସ୍ଥ ଥିଲେ!! ସମଗ୍ର ତଥାସ୍ତୁ,
କାହାଣୀ ଲେଖୁଥିଲେ:
ପରାର୍ଦ୍ଧ୍ୟ ଈଶ୍ୱର ଓ ମୋତେ କାନ୍ଧ ଦେଉଥିଲେ!!
ପ୍ରୟାଣ ପ୍ରହର ଦାୟିତ୍ୱରେ ଥିବା ପ୍ରଥିତ: "ପାଶ୍ୱଦେବତା"।

*କୁଡୁମୁଲୁଗୁମ୍ମା, ମାଲକାନଗିରି,*
*ଦୂରଭାଷ: ୯୬୬୮୬୮୮୪୭୪*

# ମୈଥୁନ

**ଡ଼ ବେଣୁଧର ପାଣିଗ୍ରାହୀ**

ଯେବେ ମୁଁ ଲେଖେ
ଯାତ୍ରାଟିଏ ଆରମ୍ଭ ହେଇଯାଏ
ଦେଖୁ ଦେଖୁ
ମୋ ଲେଖା ମୋତେ ନେଇଯାଏ
ମୋ ଚେତନାର କଉ ଏକ ଇଲାକାକୁ
ମୋ' ଅବଚେତନାର।
ମୁ ବି ଜାଣେନା ସେ ଯାଗା
ସବୁ ନୁଆ ନୁଆ ଲାଗେ
ଚରିତ୍ର, ଘଟଣା ଆଉ ସେମାନଙ୍କର
ସମ୍ପର୍କର ରହସ୍ୟର ବିନ୍ଦୁ।

ଯାତ୍ରା ସଦାରୋମାଞ୍ଚକ
ନୂଆ ସୀମାରେଖା, ଅସରନ୍ତି ଦିଗ୍‌ବଳୟ
ଆଉ ଅସଂଖ୍ୟ ଆବିଷ୍କାରର
ଅନନ୍ତାନନ୍ତ ଅନ୍ତର୍ଜଗତ
ଲେଖା ଯେତେ ଘନୀଭୂତ ହୁଏ
ମୁଁ ସଂଶ୍ଳିଷ୍ଟ ହେଇପଡ଼େ



ଲେଖା ସହ, ଭୂଲିଯାଏ ଯେ ମୁଁ
ମାତ୍ର ଲେଖକଟିଏ
କାହାଣୀ ନୁହେଁ, ସଂଳାପ ନୁହେଁ
ନୁହେଁ ଅବା ଚରିତ୍ର
କିମ୍ବା ଫମ୍ପା କଳ୍ପନା ବିଳାସ ॥

ପ୍ରତ୍ୟେକ ଅକ୍ଷର ଯୋଡ଼େ ରାସ୍ତା
ରାସ୍ତା ସହ
ଏବଂ ଯାତ୍ରା ବଢ଼ିଚାଲେ
ଭିତରକୁ ଆହୁରି ଭିତରକୁ
ଲାଗେ, ସତେ ଅବା
ଅଦୃଶ୍ୟ ଚେତନାମାନେ
ଧାଡ଼ିବାନ୍ଧି ଛିଡ଼ା ହେଇଥାନ୍ତି
ଅନ୍ତହୀନ ସେ ଧାଡ଼ି
ଆକାଶରୁ ମାଟିକୁ
କେନ୍ଦ୍ରରୁ ପରିଧିକୁ
ଶୂନ୍ୟରୁ ଶୂନ୍ୟକୁ
ଶବ୍ଦ ସହ ଯୋଡ଼ି ହେଇଚାଲେ
ଶବ୍ଦ; ବାକ୍ୟ, ବାକ୍ୟ ସହ
ଛନ୍ଦ ପରେ ଛନ୍ଦ ଗୁନ୍ଥି ହେଇଯାନ୍ତି
କିମ୍ବା ଅନୁଚ୍ଛେଦମାନେ ଓହ୍ଲେଇ ଆସନ୍ତି
ସ୍ୱୟମ୍ଭୂ କ୍ରମରେ।

ବିଚିତ୍ର ଏ ଲେଖାର ଏନ୍ତୁଡ଼ିଶାଳ
ରୋମାଞ୍ଚକ ଏ ପ୍ରଣୟର
ମହାନନ୍ଦର ମୁହୂର୍ତ୍ତ
ଏ ନିବିଡ଼ତାର ମୈଥୁନ ମୁହୂର୍ତ୍ତ ପରେ ପରେ
ଭୂମିଷ୍ଠ ହୁଏ ଲେଖାଟିଏ।
ସେମାନେ ଖୁସି ହୁଅନ୍ତି
କେବେହେଲେ ବୁଝନ୍ତିନି
ମଧୁଶଯ୍ୟା ଆଉ ଏନ୍ତୁଡ଼ିଶାଳର
ଚରମ ଆନନ୍ଦ ଓ ଯନ୍ତ୍ରଣାର
ଯାତ୍ରାଂଶ ରହସ୍ୟ ॥

*ସି-୦୩, ଏମ୍-୯୦,*
*ଗୋପବନ୍ଧୁ ନଗର, ଛେଣ୍ଡ, ରାଉରକେଲା-୧୫*

# ଚା' କପ୍ ଆଉ ତୁମେ

**ସ୍ୱୟଂପ୍ରଭା ରଥ**

ଆସ ଆମେ ଚା' କପେ କପେ ପିଇବା
ଚା'ର ତାତିରେ ଆମ
ଶୀତଳ ପଡ଼ିଯାଇଥିବା ପ୍ରେମ, ସମ୍ପର୍କ
ହଜିଯାଇଥିବା ଅନୁଭବ, ବିତିଯାଇଥିନା ମୁହୂର୍ତ୍ତ
ମାନଙ୍କୁ ଟିକେ ଧୂଆଁ ଦେବା।

ତୁମେ କର୍ମ ବ୍ୟସ୍ତ ଜୀବନକୁ ନେଇ ଏକା ଏକା
ମୋ କବିତା ଝୁଡ଼ିରେ ମୁଁ ବି ଏକା ଏକା
ଏମିତି ସମୟ ଟେ ମିଳୁଛି କେବେଯେ
ଚା' କପ୍ ସାଙ୍ଗେ, ତୁମେ ?

ଏମିତି ଦିନ ଥିଲା
ପ୍ରତି ସନ୍ଧ୍ୟାରେ, ଚା' କପ୍ ସାଙ୍ଗେ
ଆମେ ଟୁପୁରୁ, ଟାପୁରୁ ହୋଇ କେତେ ଗପୁ ଥିଲେ,
ପିଲାଙ୍କ ଅଝଟ ରୁ ନେଇ
ଦେଶର ଭବିଷ୍ୟତ ଯାଏ.....
ଗପ ସବୁ ସରିଯାଉଥିଲା
ଚା'ର ଉଷ୍ଣତାରେ
ମୁଁ ବେଶୀ ଗପିଲେ, ତୁମେ ପଚାରୁ ଥିଲ
ତୋ' ଗପ ଶୁଣିବାକୁ ଆଜି କେହି ମିଳିଲେନି କି ?
ଆଉ ମୁଁ ଧିକ୍‌କାର କରୁଥିଲି ମୋ ଗପୁଡ଼ି ଗୁଣକୁ।

କୁହତ, ଭଲ ସାଥୀଟିଏ ଆଉ
ଚା' କପ୍ ଥିଲେ, କେହି କ'ଣ ରୋକିପାରେ
ଭାବନାର ପ୍ରବାହକୁ।
ତୁମେ ଯେବେ ପାଖରେ ଥାଅ
ଚା' କପ୍‌ର ଉଷ୍ଣତା ସଞ୍ଚରିଯାଏ ଦେହକୁ, ମନକୁ।
ବଦଳିଯାଏ ଋତୁ, ସ୍ଥାନ, କାଳ, ସ୍ଥିତି
ଚା'ର ମିଠା ସାଙ୍ଗେ ମିଶି
ସବୁ ଲାଗେ ଖୁବ୍ ମିଠା ମିଠା
ସତେକି ମୁଁ ଯାଇ ପହଞ୍ଚିଯାଏ
ଆଉ ଏକ ପୃଥିବୀକୁ।

ଏମିତି ସମୟଟେ ମିଳୁଛି କେବେଯେ,
ଚା' କପ୍ ଆଉ ତୁମେ ???

ବାଲି ଝରରୁ ଝରି ଝରି ଯାଏ ସମୟ
ସରି ସରି ଆସେ ଜୀବନ
ଏବେତ ମୋଡ଼ ବଦଳି ଯାଇଛି ଜୀବନ ସ୍ରୋତର।
ଏମିତି କିଛି ସ୍ମୃତି ଅଛି
ଯାହା ବଞ୍ଚିବାକୁ ଦେଉନାହିଁ
ଏମିତି କିଛି କର୍ତ୍ତବ୍ୟ ଅଛି
ଯାହା ପାଇଁ ମରି ମଧ୍ୟ ହେଉନାହିଁ ॥
ଚାଲ ଚା' ଟିକେ ପିଇ ମନକୁ ଉଷୁମ କରିବା
ସବୁ ଦୁଃଖ, ସୁଖ ବାଣ୍ଟି ନେବା ॥

ଚା' ସାଙ୍ଗେ ମୁଢ଼ିପାଗ ନହେଲେ ପକୁଡ଼ିବି ରଖିଥିବି
ଫାଙ୍କା ସନ୍ଧ୍ୟାଟିଏ ଧରି ନିଶ୍ଚୟ ଆସିବ
ଚା' କପେ ସଙ୍ଗେ ଜୀବନକୁ ସାଉଁଟି ଆଣିବା ॥



ତନ୍ମାତ୍ର




# ବଡ଼େ ମିଆଁ - ଛୋଟେ ମିଆଁ

ଅମିତାଭ ବଚ୍ଚନ ଓ ଗୋବିନ୍ଦା ଅଭିନୀତ ୧୯୯୮ ରେ ମୁକ୍ତିଲାଭ କରିଥିବା ଡେଭିଡ୍ ଧାୱନ ନିର୍ଦ୍ଦେଶିତ ବଲିଉଡ୍ ଚଳଚ୍ଚିତ୍ରକୁ ପ୍ରତ୍ୟେକ ବଲିଉଡ୍ ଦର୍ଶକ ଆଜି ମଧ୍ୟ ମନେରଖିଛନ୍ତି ଏହି ଚଳଚ୍ଚିତ୍ରର ହାସ୍ୟରସ, ଅଭିନୟ ଓ ଚମତ୍କାର ସଙ୍ଗୀତ ନିମନ୍ତେ। "କିସି ହୋଟେଲ ମେ ଯାଏ", "ବଡ଼େମିଆଁ ତୋ ବଡ଼େ ମିଆଁ" ଭଳି ମଧୁର ଓ ରୋଚକ ସଙ୍ଗୀତ ଆଜିବି ପ୍ରତ୍ୟେକ ଚଳଚ୍ଚିତ୍ର ପ୍ରେମୀର ମାନସପଟ୍ଟରେ ଉଜ୍ଜୀବିତ ହୋଇରହିଛି। ଛବିଶ ବର୍ଷପରେ ୨୦୨୪ ରେ ସେଇ ଏକା ନାମରେ ଆଉ ଗୋଟିଏ ଚଳଚ୍ଚିତ୍ର ନିର୍ମିତ ହୋଇଛି ଯାହାର ନିର୍ଦ୍ଦେଶନା ଦେଇଛନ୍ତି ଅଲ୍ଲୀ ଆବ୍ବାସ ଜାଫର। ଜାଫର ଏହି ଚଳଚ୍ଚିତ୍ରର ଯୁଗ୍ମ ପ୍ରଯୋଜକ ମଧ୍ୟ। ବିଜ୍ଞାନ ଆଧାରିତ କାହାଣୀକୁ ନେଇ ନିର୍ମିତ ଏଇ ଚଳଚ୍ଚିତ୍ରଟିକୁ ପ୍ରଯୋଜନାରେ ପୂର୍ଣ୍ଣ ସହଯୋଗ ଦେଇଛନ୍ତି ଜ୍ୟାକି ଓ ବାସୁ ଭଗନାନୀ, ଦୀପଶିଖା ଦେଶମୁଖ ଏବଂ ହିମାଂଶୁ କିଶନ ମେହେରା। ଜାନୁୟାରୀ ୨୦୨୩ ରେ ସୁଟିଂ କାର୍ଯ୍ୟ ଆରମ୍ଭ ହୋଇ ଫେବୃୟାରୀ ୨୦୨୪ ରେ ଶେଷ ହୋଇଥିଲା ଫିଲ୍ମଟିର ନିର୍ମାଣ କାର୍ଯ୍ୟ। ୩୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏଇ ଚିତ୍ରଟିର ବିଭିନ୍ନ ଦୃଶ୍ୟର ସୁଟିଂ ହୋଇଛି ସ୍କଟଲାଣ୍ଡ, ଲଣ୍ଡନ, ଲୁଟନ, ଆବୁଧାବି ଓ ଜୋର୍ଡ଼ାନରେ। ଆକ୍ସନ ଚିତ୍ର ଭାବରେ ସମ୍ଭବତଃ ସର୍ବାଧିକ ଅର୍ଥ ବ୍ୟୟ ହୋଇଛି ଏଇ ଚିତ୍ରଟିରେ।

ଚିତ୍ରଟିର କାହାଣୀଟି ଗଢ଼ିଉଠିଛି ଦୁଇଜଣ କୋର୍ଟ ମାର୍ଶଲ ହୋଇଥିବା ସାମରିକ କର୍ମଚାରୀଙ୍କର କଥାବସ୍ତୁ ଉପରେ। ଯେତେବେଳେ ପ୍ରତିରକ୍ଷା ବିଭାଗର "କରନ୍ କବଚ୍" ନାମକ କିଛି ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାଧୁନିକ ସାମରିକ ସରଞ୍ଜାମ ପରିବହନ କରାଯିବା ବେଳେ "କବୀର" ନାମକ ଜଣେ ଛଦ୍ମବେଶୀ ସନ୍ତ୍ରାସବାଦୀ ନେତୃତ୍ୱରେ ହରଣଚାଳ ହୋଇଛି ନାଟକୀୟ ଭାବରେ। ଏଥିନିମନ୍ତେ ଗଠିତ ଏକ ଗୁପ୍ତ ମିଶନର ଦାୟିତ୍ୱ ଦିଆଯାଇଛି ଫ୍ରେଡି ଓ ରକି ନାମକ ଦୁଇ ପ୍ରାକ୍ତନ ସାମରିକ କର୍ମଚାରୀଙ୍କୁ ଯେଉଁଭଳିକି ଏଇ ହରଣଚାଳ କରାଯାଇଥିବା ସରଞ୍ଜାମର ଦୂରପଯୋଗ କରାଯାଇ ଧ୍ୱଂସଲୀଳା ସୃଷ୍ଟି କରାଯାଇପାରିବନାହିଁ। ମିଶନର ସଫଳତା ସହିତ ଫିଲ୍ମଟିର କାହାଣୀ ସମାପ୍ତ ହୋଇଛି।

ପୂର୍ବରୁ ୧୯୯୮ ରେ ନିର୍ମିତ "ବଡ଼େମିଆଁ ଛୋଟେମିଆଁ" ଭଳି ଏଇ ଚିତ୍ରଟିକୁ ଆର୍ଥିକ ସହଯୋଗ ଦେଇଛନ୍ତି ୧୯୯୮ ରେ ନିର୍ମିତ ଚିତ୍ରକୁ ପ୍ରଯୋଜନାରେ ସହାୟତା ଦେଇଥିବା ପୂଜା ଏଣ୍ଟରଟେନମେଣ୍ଟ। ଅମିତାଭ ବଚ୍ଚନ ଓ ଗୋବିନ୍ଦାଙ୍କ ଭଳି ଏଇ ଫିଲ୍ମଟିରେ ନାୟକ ଭାବରେ ନିଆଯାଇଛି ଅକ୍ଷୟ କୁମାର ଏବଂ ଟାଇଗର ସ୍ରଫ୍। ଏଥିରେ ଫିରୋଜ୍ (ଫ୍ରେଡି) ଭୂମିକାରେ ଅକ୍ଷୟ କୁମାର ଏବଂ କ୍ୟାପ୍‌ଟେନ୍ ରାକେଶ (ରକି) ଭୂମିକାରେ ଟାଇଗର ସ୍ରୋଫ୍ ଅଭିନୟ କରିଛନ୍ତି। ଏକଲବ୍ୟ / ଡ. କବୀର ଭୂମିକାରେ ପୃଥ୍ୱୀରାଜ ସୁକୁମାରନ୍, ଡ. ପରଶିକର ବାଓ୍ୱା, "ପାଶ" ଭୂମିକାରେ ଆଳୟ, କ୍ୟାପ୍‌ଟେନ୍ ମିଶା ଭୂମିକାରେ ମାନୁଷୀ ଚିଲ୍ଲାର, ପ୍ରିୟା ଦିକ୍ଷୀତ ଭୂମିକାରେ ସୋନାକ୍ଷି ସିହ୍ନା, କର୍ଣ୍ଣେଲ ଆଦିଲ ଆଜାଦ ଭୂମିକାରେ ରୋହିତ ରାୟ, ଜେନେରାଲ କରନ୍ ସେରଗିଲ ଭୂମିକାରେ ମନିଷ ଚଉଧୁରୀ, ମୋହସିନ ଖାନ୍ ଭୂମିକାରେ ଯୁଗଲ ହଂସରାଜ, କ୍ୟାପ୍‌ଟେନ୍ ବିକ୍ରମ ଭୂମିକାରେ ସାହାବ ଅଲ୍ଲୀ ଅଭିନୟ କରିଥିଲା ବେଳେ ପଓ୍ୱନ ଚୋପ୍ରା ଏବଂ ଖଲିଦ୍ ସିଦ୍ଦିକି ଅଭିନୟ କରିଛନ୍ତି ଯଥାକ୍ରମେ ପ୍ରତିରକ୍ଷା ସଚିନ ଓ ଭାରତୀୟ ରାଷ୍ଟ୍ରପତି ଭୂମିକାରେ।

ବହୁ ଅର୍ଥ ବ୍ୟୟରେ ଏଇ ଚଳଚ୍ଚିତ୍ରଟି ଏକ ଆକ୍ସନ ଭରପୁର ଚିତ୍ର ହୋଇଥିଲେ ମଧ୍ୟ ଡେଭିଡ୍ ଧାଓ୍ୱନଙ୍କର ହାସ୍ୟରସାତ୍ମକ "ବଡ଼େମିଆଁ ଛୋଟେମିଆଁ" ସହିତ ତୁଳନୀୟ ନୁହେଁ। ଅକ୍ଷୟ କୁମାରଙ୍କର ବୟସାଧିକ୍ୟ ସତ୍ତ୍ୱେ ତାଙ୍କର ଅଭିନୟ ପ୍ରଭାବଶାଳୀ ଏବଂ ଟାଇଗର ସ୍ରଫଙ୍କର ଅଭିନୟ ମଧ୍ୟ ସ୍ୱାଭାବିକ ଭାବରେ ଆକର୍ଷଣୀୟ। ଚଳଚ୍ଚିତ୍ରଟି ଉପରେ ଦର୍ଶକଙ୍କର ମିଶ୍ରିତ ପ୍ରତିକ୍ରିୟା ମିଳିଥିଲେ ମଧ୍ୟ ବକ୍ସ ଅଫିସରେ ଏହା ଆଶାନୁରୂପ ସଫଳତା ପାଇବା ସମ୍ଭବ ହୋଇନାହିଁ। ବିଜ୍ଞାନ ସଂପର୍କିତ କାହାଣୀ ସବୁପ୍ରକାରର ଦର୍ଶକଙ୍କୁ ପ୍ରଭାବିତ କରିପାରିନଥିବାରୁ ଏଭଳି ବ୍ୟବସାୟିକ ବିଫଳତାର ସମ୍ମୁଖୀନ ହୋଇଛି ଚିତ୍ରଟି।

# କ୍ରୀକେଟ୍‌ର କ୍ରମବିକାଶରେ ଭାରତର ସ୍ଥାନ

ଅଷ୍ଟାଦଶ ଶତାବ୍ଦୀରେ ଭାରତକୁ ବାଣିଜ୍ୟ କରିବାକୁ ଆସିଥିବା କିଛି ବ୍ରିଟିଶ ନାବିକ ଭାରତ ଭୂମିରେ କ୍ରୀକେଟ ଖେଳର ଆରମ୍ଭ କରିଥିଲେ । ଏହାପରେ ଭାରତର ସର୍ବପ୍ରଥମ କ୍ରୀକେଟ କ୍ଲବ ପ୍ରତିଷ୍ଠିତ ହୋଇଥିଲା । ୧୭୯୨ ପରଠାରୁ ବ୍ରିଟେନ୍‌ରୁ ଆସିଥିବା କିଛି ଲୋକ ତାଙ୍କର ପରିବାର ବର୍ଗ ଓ ସେମାନଙ୍କର ସ୍ଥାନୀୟ ବନ୍ଧୁ ଏକାଠି ଏଇ ଖେଳଟିକୁ ଖେଳିବା ଆରମ୍ଭ କରିଥିଲେ ।

ବ୍ରିଟିଶ ଶାସନାଧିନ ଭାରତର କିଛି କ୍ରୀକେଟ ଖେଳାଳୀ ଇଂଲଣ୍ଡ ଦଳରେ ଅନ୍ତର୍ଭୁକ୍ତ ହୋଇ ଖେଳିବାର ସୁଯୋଗ ପାଇଥିଲେ ଊନବିଂଶ ଶତାବ୍ଦୀର ଆରମ୍ଭରେ । ସେ ସମୟରେ କିଛି ରାଜପରିବାର ବ୍ରିଟିଶ ଶାସକଙ୍କ ସହିତ କାନ୍ଧକୁ କାନ୍ଧ ମିଳେଇ କ୍ରୀକେଟ ଖେଳରେ ଯୋଗଦେଇଥିଲେ । ରଂଜିତ ସିଂଜୀ ଓ ଦୁଲୀପ ସିଂଜୀ ଇଂଲଣ୍ଡ କ୍ରୀକେଟ ଦଳର ସଦସ୍ୟ ଭାବରେ ଖେଳିବା ଆରମ୍ଭ କରିଥିଲେ ।

ଜଣେ ଭାରତୀୟ ଭାବରେ କ୍ରୀକେଟରେ ପ୍ରଥମ ସର୍ବଶ୍ରେଷ୍ଠ ନାୟକ ଥିଲେ ରଣଜିତ ସିଂଜୀ । ସିଏ ଥିଲେ ଇଂଲଣ୍ଡ ଦଳପକ୍ଷରୁ ଟେଷ୍ଟ ଖେଳିଥିବା ଏବଂ ପ୍ରଥମଥର ପାଇଁ ଟେଷ୍ଟ ଖେଳିଥିବା ଭାରତୀୟ ଖେଳାଳୀ । କେମ୍ବ୍ରିଜ ୟୁନିଭର୍ସିଟି ଓ ସସେକ୍‌ସ ଦଳର ସଫଳ ପ୍ରତିନିଧିତ୍ୱ କରି ସେ ଅଷ୍ଟ୍ରେଲିଆ ବିରୁଦ୍ଧରେ ଟେଷ୍ଟ ଖେଳିବାର ସୁଯୋଗ ପାଇଥିଲେ । ୧୮୯୬ ରେ ତାଙ୍କର ଟେଷ୍ଟ ଜୀବନରେ ୨ ଟି ଶତକ ଓ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୧୭୫ ସହିତ ସେ ଖେଳିଥିଲେ ୧୫ଟି ଟେଷ୍ଟମ୍ୟାଚ୍ ଏବଂ ସମୁଦାୟ ସ୍କୋର କରିଥିଲେ ୯୮୯ ରନ୍ । ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ କିନ୍ତୁ ୩୦୭ ମ୍ୟାଚ୍ ଖେଳି ୭୨ଟି ଶତକ ସହିତ ସେ ସ୍କୋର କରିଥିଲେ ୨୪୬୯୨ ରନ୍ । ସେ ସମୟରେ ଏହା ଏକ ଉତ୍କୃଷ୍ଟ ପ୍ରଦର୍ଶନ ରୂପେ ବିଚାର କରାଯାଇଥିଲା । ଏହାପରେ ଦୁଲୀପ ସିଂଜୀ ମଧ୍ୟ ଇଂଲଣ୍ଡ ଦଳପକ୍ଷରୁ ଖେଳି କିଛି ସଫଳତା ହାସଲ କରିବାପରେ କ୍ରୀକେଟ ବହୁତ ଭାରତୀୟଙ୍କର ଧ୍ୟାନ ଆକର୍ଷଣ କରିଥିଲା । କ୍ରମେ କିଛି ଉଚ୍ଚବର୍ଗର ଉଚ୍ଚଶିକ୍ଷିତ ଓ ସମ୍ଭ୍ରାନ୍ତ ଶ୍ରେଣୀୟ ବ୍ୟକ୍ତି ଏହି ଖେଳକୁ ଏକ ସୌଖୀନ ଖେଳ ଓ ଅବସର ବିନୋଦନର ମାଧ୍ୟମ ରୂପରେ ଗ୍ରହଣ କରିନେଲାପରେ ଏହାର ଲୋକପ୍ରିୟତା କ୍ରମଶଃ ବଢ଼ିବାରେ ଲାଗିଲା । ଯେତେବେଳେ ଏଇ ଭାରତୀୟମାନେ ବ୍ରିଟିଶ ଲୋକଙ୍କ ସହିତ ସମାନ ତାଳ ଦେଇ ଭଲ ପ୍ରଦର୍ଶନ କରିବା ଆରମ୍ଭ କଲେ ଶିକ୍ଷିତ ବର୍ଗଙ୍କ ମଧ୍ୟରେ ଏହା ଏକ ଆଭିଜାତ୍ୟପୂର୍ଣ୍ଣ ଖେଳର ମର୍ଯ୍ୟାଦା ଲାଭ କଲା । ଅଧିକ ସଂଖ୍ୟକ ଭାରତୀୟ ଏଇ ଖେଳର ଅନ୍ତର୍ଭୁକ୍ତ ହୋଇ ଆନ୍ତର୍ଜାତିକ ସ୍ତରରେ ଭଲ ପ୍ରଦର୍ଶନ କଲାପରେ ଟେଷ୍ଟ ଖେଳିବା ପାଇଁ ଦଳଗତ ଭାବରେ ଭାରତକୁ ସ୍ୱୀକୃତି ମିଳିଲା । ୧୯୩୨ ରେ ପରାଧୀନ ଭାରତର ପ୍ରଥମ କ୍ରୀକେଟ ଦଳ ଏଇ ପ୍ରଥମ ଟେଷ୍ଟ ଖେଳିଥିଲେ ଲର୍ଡସଠାରେ ସି. କେ. ନାଇଡୁଙ୍କ ଅଧିନାୟକତ୍ୱରେ ଇଂଲଣ୍ଡ ବିରୁଦ୍ଧରେ । ପ୍ରଥମେ ପାତିଆଲା ମହାରାଜ ଭୂପିନ୍ଦର ସିଂହ, ଯିଏ କି ଭାରତୀୟ କ୍ରୀକେଟରେ ସବୁଠାରୁ ବଡ଼ ପୃଷ୍ଠପୋଷକ ଥିଲେ, ମନୋନୀତ ହୋଇଥିଲେ ଭାରତୀୟ ଦଳର ନେତୃତ୍ୱ ନେବାକୁ । କିନ୍ତୁ ସ୍ୱାସ୍ଥ୍ୟଗତ କାରଣରୁ ଇଂଲଣ୍ଡ ଗସ୍ତରୁ ଓହରିଯିବାପରେ ସି. କେ. ନାଇଡୁ ମନୋନୀତ ହୋଇଥିଲେ ଅଧିନାୟକ ଭାବରେ ।

ସର୍ବପ୍ରଥମେ ଟେଷ୍ଟ ଖେଳିଲାବେଳେ ଯଦିଓ ଭାରତୀୟ ଦଳ ହାରିଯାଇଥିଲେ । ତଥାପି ଏହାର ପ୍ରଦର୍ଶନ ବେଶ୍ ଭଲ ଥିଲା । ଏଇ ଖେଳଟି ୩ ଦିନ ପାଇଁ ଖେଳାଯାଇଥିଲେ ମଧ୍ୟ ଏହାକୁ ଟେଷ୍ଟ ମ୍ୟାଚ୍‌ର ମାନ୍ୟତା ଦିଆଯାଇଥିଲା । ମହମ୍ମଦ ନିସାର ଚମତ୍କାର ଦ୍ରୁତ ବୋଲିଂ ଦ୍ୱାରା ୫୩ ରନ୍ ବିନିମୟରେ ୭ଟି ଉଇକେଟ୍ ଦଖଲ କରି ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋରକୁ ମାତ୍ର ୨୫୮ ରନ୍‌ରେ ସୀମିତ ରଖିଦେଇଥିଲେ । କିନ୍ତୁ ଭାରତୀୟ ଦଳ ଅଧିନାୟକ ସି. କେ. ନାଇଡୁଙ୍କ ୪୦ ରନ୍ ସହାୟତାରେ ୧୮୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ଇଂଲଣ୍ଡ ଦ୍ୱିତୀୟ ପାଳିରେ ୨୭୫ ରନ୍ ସ୍କୋର କରି ୩୪୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ବେଳେ ଭାରତୀୟ ଦଳ ୧୮୭ ରନ୍ କରି ମ୍ୟାଚ୍ ହାରିଯାଇଥିଲା । ଏହାଥିଲା ସ୍ୱତନ୍ତ୍ର ଭାରତୀୟ କ୍ରୀକେଟ ଦଳର ଟେଷ୍ଟ କ୍ରୀକେଟରେ ଅୟମାରମ୍ଭ ।

ଏହାପରେ ସ୍ୱାଧୀନ ଭାରତର ପ୍ରଥମ କ୍ରୀକେଟ ଦଳ ପ୍ରଥମ ଟେଷ୍ଟ ଖେଳିଥିଲେ ବ୍ରାଡ଼ମ୍ୟାନ ଅଧିନାୟକତ୍ୱ କରୁଥିବା ଅଷ୍ଟ୍ରେଲିଆ ଦଳ ବିରୁଦ୍ଧରେ ୧୯୪୮ ରେ ବ୍ରିସବେନ୍ ଠାରେ । ଲାଲା ଅମରନାଥ ଥିଲେ ସ୍ୱତନ୍ତ୍ର ଭାରତର ପ୍ରଥମ କ୍ରୀକେଟ ଅଧିନାୟକ ଏବଂ ଏହି ୫ ଟେଷ୍ଟ ବିଶିଷ୍ଟ ଶୃଙ୍ଖଳାରେ ଭାରତ ପରାସ୍ତ ହୋଇଥିଲା ୪-୦ ରେ । କିନ୍ତୁ ପ୍ରଥମ ଟେଷ୍ଟ ବିଜୟର ସ୍ୱାଦ ଭାରତକୁ ମିଳିଥିଲା ୧୯୫୨ ରେ ଇଂଲଣ୍ଡ ବିରୁଦ୍ଧରେ ମାଡ୍ରାସଠାରେ । ୧୯୫୪ ରେ ପାକିସ୍ତାନ ବିରୁଦ୍ଧରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଭାରତ ଶୃଙ୍ଖଳାକୁ ଅମୀମାଂସିତ ରଖିଥିଲା ।

ଏଇ ସମୟରେ ଭାରତୀୟ କ୍ରୀକେଟରେ ଆବିର୍ଭାବ ହୋଇଥିଲା ଉମ୍ରିଗାର ଓ ବିଜୟ ମଂଜରେକରଙ୍କ ଭଳି ଶକ୍ତିଶାଳୀ ବ୍ୟାଟ୍‌ସମ୍ୟାନଙ୍କର। ସୁବାସ ଗୁପ୍ତେ ଏବଂ ବିନୁମାଙ୍କଡ଼ଙ୍କ ଭଳି ଚମତ୍କାର ବୋଲର ଓ ଅଲରାଉଣ୍ଡରଙ୍କର। ଏଇ ଶକ୍ତି ଆଧାରରେ ୧୯୫୬ ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୦ ରେ ଭାରତ ଜୟଲାଭ କରିଥିଲା। ୫୦ ଦଶକର ଶେଷ ଭାଗକୁ କିନ୍ତୁ ଅଷ୍ଟ୍ରେଲିଆ ଓ ଇଣ୍ଡିଜ ଠାରୁ ଉଭୟ ଶୃଙ୍ଖଳା ୩-୦ ରେ ପରାସ୍ତ ହୋଇ ଦଳର ଅଗ୍ରଗତି ସ୍ଥିର ହୋଇଯାଇଥିଲା।

ଷାଠିଏ ଦଶକରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶୃଙ୍ଖଳା ଜିତିବା ଥିଲା ବିଦେଶରେ ପ୍ରଥମ ସଫଳତା। ସେଇ ଦଶନ୍ଧିର ଶେଷ ବେଳକୁ ଭାରତ ଘରୋଇ ଶୃଙ୍ଖଳାରେ ବିଜୟୀ ହୋଇଥିଲା ନ୍ୟୁଜିଲାଣ୍ଡ ବିପକ୍ଷରେ। ଏହି ବର୍ଷ ଅଷ୍ଟ୍ରେଲିଆ ବିପକ୍ଷରେ ଶୃଙ୍ଖଳାରେ ପରାସ୍ତ ହୋଇଥିଲେ ମଧ୍ୟ ମାଡ୍ରାସଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବପ୍ରଥମ ବିଜୟ ମଧ୍ୟ ହାସଲ କରିଥିଲା।

ଭାରତୀୟ କ୍ରୀକେଟରେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆସିଥିଲା ସତୁରି ଦଶକର ପ୍ରଥମ ଭାଗରେ। ଗାଭାସ୍କର, ବିଶ୍ୱନାଥଙ୍କ ଭଳି ବ୍ୟାଟ୍‌ସମ୍ୟାନଙ୍କ ଆବିର୍ଭାବ ଓ ପ୍ରସନ୍ନା, ଚନ୍ଦ୍ରଶେଖର, ବେଦୀ ଓ ଭେଙ୍କଟଙ୍କ ଭଳି ସ୍ପିନରଙ୍କ ଅଭ୍ୟୁଦୟ ବିଶ୍ୱ କ୍ରୀକେଟରେ ହଲଚଲ ସୃଷ୍ଟି କରିଦେଇଥିଲା। ବିଦେଶ ମାଟିରେ ଶକ୍ତିଶାଳୀ ଇଣ୍ଡିଜ ବିରୁଦ୍ଧରେ ୧-୦ ଏବଂ ଇଂଲଣ୍ଡ ବିରୁଦ୍ଧରେ ୧-୦ ରେ ସିରିଜ ବିଜୟଲାଭ କଲାପରେ ଭାରତୀୟ କ୍ରୀକେଟର ସମ୍ମାନ ବେଶ୍ ଉପରକୁ ଆସିଯାଇଥିଲା। ଏଇ ଦୁଇଟି ବିଦେଶ ମାଟିରେ ବିଜୟ ପରେ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ୨-୧ ରେ ବିଜୟ ଏବଂ ଶକ୍ତିଶାଳୀ ଇଣ୍ଡିଜ ବିପକ୍ଷରେ ଲଢୁଆ ୨-୩ ପରାଜୟ ଭାରତୀୟ ଦଳକୁ ବିଶ୍ୱରେ ଶ୍ରେଷ୍ଠ ଦଳର ମାନ୍ୟତାର ନିକଟତର କରିଦେଇଥିଲା। ଏହି ସମୟରେ ବିଶ୍ୱକ୍ରୀକେଟରେ ସ୍ପିନ୍‌ର ଆଦର ବଢ଼ିଯାଇଥିଲା ଏବଂ ଭାରତୀୟ କ୍ରୀକେଟ ସବୁଠାରୁ ଭଲ ସ୍ପିନରଙ୍କୁ ନେଇ ସମୃଦ୍ଧ ବୋଲି ସମସ୍ତେ ସ୍ୱୀକାର କରିଥିଲେ। ସତୁରି ଦଶକର ଶେଷ ଭାଗରେ ଓ ଅଶୀ ଦଶକର ପ୍ରଥମାର୍ଦ୍ଧରେ ମଧ୍ୟ ଭାରତୀୟ କ୍ରୀକେଟ୍ ଦଳ ବିଶ୍ୱର ଶ୍ରେଷ୍ଠ ଦଳମାନଙ୍କର ସମକକ୍ଷ ବୋଲି ଅନେକ ବିଚାର କରୁଥିଲେ।

ଏହା ମଧ୍ୟରେ ଭାରତୀୟ କ୍ରୀକେଟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଥିଲା, ପ୍ରଥମଟି ହେଲା କପିଳ ଦେବଙ୍କର ଆବିର୍ଭାବ ସହ ଭାରତୀୟ ଦ୍ରୁତ ବୋଲିଂରେ ଅଗ୍ରଗତି ଏବଂ ଦ୍ୱିତୀୟଟି ହେଲା ଏକଦିବସୀୟ କ୍ରୀକେଟର ଅଭ୍ୟୁଦୟ ଓ ପ୍ରଭାବ ଯେଉଁଥିରେ ଭାରତ ବାରମ୍ବାର ବିଫଳତାକୁ ହିଁ ଆଲିଙ୍ଗନ କରୁଥିଲା। କିନ୍ତୁ କପିଳ ଦେବଙ୍କର ଅଭ୍ୟୁଦୟ ୧୯୮୩ ରେ ଭାରତକୁ ବିଶ୍ୱକପ୍ ଜିତାଇବାପରେ ବିଶ୍ୱ କ୍ରୀକେଟ୍‌ରେ ଆଉ ଏକ ବଡ଼ ମୋଡ଼ ଆସିଥିଲା ଯେଉଁଥିରେ ଟେଷ୍ଟ କ୍ରୀକେଟ ସହ ଏକଦିବସୀୟ କ୍ରିକେଟରେ ମଧ୍ୟ ଭାରତ ଉଚ୍ଚତର ମାନ୍ୟତା ପାଇବା ଆରମ୍ଭ ହୋଇଥିଲା।

ଏଇ ଧାରା ବଜାୟ ରଖି ୧୯୮୭ ବିଶ୍ୱକପ୍‌ରେ ମଧ୍ୟ ଭାରତ ସେମି ଫାଇନାଲରେ ପହଞ୍ଚିଯାଇଥିଲା। ଏପର୍ଯ୍ୟନ୍ତ ଦଳର ହିରୋ ହୋଇ ଆସିଥିବା ସୁନୀଲ ଗାଭାସ୍କର କ୍ରୀକେଟରୁ ବିଦାୟ ନେଇଥିଲେ ଏବଂ ଏଇ ସମୟରେ ପ୍ରବେଶ କରିଥିଲେ ଯୋଗଜନ୍ମା ସଚ୍ଚିନ ତେନ୍ଦୁଲକର। ତରୁଣ ସଚ୍ଚିନ ବିଶ୍ୱ କ୍ରୀକେଟର ଅଙ୍କକଷାକୁ ଓଲଟପାଲଟ କରିଦେବା ଆରମ୍ଭ କରିଦେଇଥିଲେ। ସମୟକ୍ରମେ ଗାଙ୍ଗୁଲି, ଆଜାରୁଦ୍ଦିନ, ସେୱାଗ, ଦ୍ରାବିଡ଼ ଓ ଲକ୍ଷ୍ମଣଙ୍କର ଯୋଗଦାନ ଭାରତୀୟ କ୍ରୀକେଟକୁ ଦୁଇ ଦଶନ୍ଧି ଧରି ପ୍ରଭାବଶାଳୀ କରି ରଖିଥିଲା। ୧୯୯୬ ରେ ବିଶ୍ୱକପ୍ ସେମି ଫାଇନାଲ, ୨୦୦୩ ରେ ଫାଇନାଲ ଖେଳିବା ଥିଲା ଭାରତୀୟ ଦଳର ବିଶେଷ ଉପଲବ୍ଧି। ଉଭୟ ଏକଦିବସୀୟ ଓ ଟେଷ୍ଟରେ ବିଶ୍ୱର ଶ୍ରେଷ୍ଠ ଚାରୋଟି ଦଳ ମଧ୍ୟରେ ଲଗାତାର ରହିବା ଥିଲା ଭାରତୀୟ କ୍ରୀକେଟର ଏକ ବିରାଟ ରୂପାନ୍ତିକରଣ। ଏଇ କ୍ରମରେ ଆବିର୍ଭାବ ହେଲା ମହେନ୍ଦ୍ର ସିଂହ ଧୋନିଙ୍କର ଯାହାଙ୍କର ଧୂଆଁଧାର ବ୍ୟାଟିଂ, ବିଚକ୍ଷଣ ଅଧିନାୟକତ୍ୱ ଭାରତକୁ ୨୦୦୭ ରେ ଟି-୨୦ ବିଶ୍ୱକପ୍ ଏବଂ ୨୦୧୧ ରେ ଏକଦିବସୀୟ ବିଶ୍ୱକପ୍‌ରେ ବିଜୟ ଆଣିଦେଇଥିଲା। ସେଇବେଳଠାରୁ ଭାରତ ପ୍ରାୟତଃ ୩ଟି ଫର୍ମାଟ୍‌ରେ ଯେକୌଣସି ଗୋଟିକରେ କିମ୍ବା ଏକାଧିକ କ୍ଷେତ୍ରରେ ଶ୍ରେଷ୍ଠ କିମ୍ବା ଦ୍ୱିତୀୟ ଶ୍ରେଷ୍ଠ ଦଳର ମାନ୍ୟତା ପାଇପାରିଲା।

ବିଶ୍ୱକ୍ରୀକେଟରେ ସବୁଠାରୁ ବଡ଼ ରୂପାନ୍ତିକରଣ ଘଟିଛି ଆଇ.ପି.ଏଲ୍ ର ପ୍ରବର୍ତ୍ତନ ପରେ। ଆଇ.ପି.ଏଲ୍ ର ପ୍ରଚଣ୍ଡ ସଫଳତା ବିଶ୍ୱକର୍ପ କ୍ରୀକେଟର ଗଣିତକୁ ବିଗାଡ଼ି ଦେଇ ପୁରାପୁରି ନେଇ ଆସିଛି ଭାରତ ସପକ୍ଷକୁ। ଆଜି ଭାରତୀୟ କ୍ରୀକେଟ ବୋର୍ଡ଼ ସବୁଠାରୁ ଧନୀ ଓ ପ୍ରଭାବଶାଳୀ ଏବଂ ଆଇ.ସି.ସି. ମଧ୍ୟ ତାର ପୁରା କବ୍‌ଜାରେ। ଯେଉଁ ବିଦେଶୀ ଖେଳାଳୀମାନେ ଭାରତ ଆସିବାକୁ ମନା କରିଦେଉଥିଲେ ଆଜି ସେମାନେ ପ୍ରତିଯୋଗିତା କରୁଛନ୍ତି ଭାରତ ମାଟିରେ ଆସି ଆଇ.ପି.ଏଲ୍ ଖେଳିବାକୁ। କ୍ରୀକେଟ ମ୍ୟାଚଟିଏ ଭାରତ ଖେଳୁଥିଲେ ହିଁ ସେଥିରେ ଆର୍ଥିକ ଫାଇଦା ରହୁଛି। ତେଣୁ ଭାରତ ବିରୁଦ୍ଧରେ ଖେଳିବାକୁ ଦେଶମାନଙ୍କ ମଧ୍ୟରେ ପ୍ରତିଯୋଗିତା। ପ୍ରକାଶଯୋଗ୍ୟ ଯେ ଦିନଥିଲା ଯେତେବେଳେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଭାରତ ଗସ୍ତ କରିବାକୁ କିମ୍ବା ଭାରତୀୟ ଦଳ ସେମାନଙ୍କ ଦେଶ ଗସ୍ତ କରିବାକୁ କୁଣ୍ଠା ପ୍ରକାଶ କରୁଥିଲେ। ଆଜି ପରିସ୍ଥିତି ବଦଳିଯାଇଛି। ଭାରତୀୟ ଖେଳାଳୀଙ୍କ ନୈପୁଣ୍ୟ, କ୍ରୀକେଟ ସଂଗଠକଙ୍କର ବିଚକ୍ଷଣତା, ଭାରତୀୟ ଦର୍ଶକଙ୍କର ଅଦ୍ଭୁତ ସମର୍ଥନ ଓ ପ୍ରାୟୋଜକ ମାନଙ୍କର କ୍ରୀକେଟକୁ ସମର୍ଥନ କରିବା ପାଇଁ ଧାଡ଼ିବାନ୍ଧି ଠିଆହେବା କାରଣରୁ। ଏଇ ସବୁ ଭିତ୍ତିରେ ଆଜି ଅଲିମ୍ପିକରେ କ୍ରୀକେଟ ସ୍ଥାନ ପାଇବା ସ୍ଥିର ହୋଇଯାଇଛି।

୧୯୩୨ ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିବା ଦଳ ଆଜି ୨୦୨୪ ରେ ସମଗ୍ର ବିଶ୍ୱକ୍ରୀକେଟର କୋହିନୂର ସାଜି ବିଶ୍ୱକ୍ରୀକେଟକୁ ନିୟନ୍ତ୍ରଣ କରୁଛି ତାହା ଆଜି ପ୍ରଣିଧାନଯୋଗ୍ୟ। ବିଶ୍ୱକ୍ରୀକେଟ୍‌ର କ୍ରମବିକାଶରେ ଏଇ ରୂପାନ୍ତିକରଣ ପ୍ରକ୍ରିୟା ଦ୍ୱାରା ଯେଉଁ ଅଭୂତପୂର୍ବ ପରିବର୍ତ୍ତନ ଘଟି ଭାରତକୁ ବିଶ୍ୱନେତୃତ୍ୱ ପ୍ରଦାନ କରିଛି ତାହାହିଁ ଆଜି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୌରବର ବିଷୟ।

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୬/୨୦୨୪ ରୁ ତା: ୧୪/୭/୨୦୨୪)

### ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ




**ମେଷ:-** ଶୁଭାଶୁଭ ମିଶ୍ରିତଫଳ ଭୋଗ ହେଲେବି ମଝିରେ ମଝିରେ ମାନସିକ ଅବସାଦ ପରିଲକ୍ଷିତ ହେବ। ନାନା ପ୍ରକାରର ଜଂଜାଳ ମଧ୍ୟରେ ପେଷିହୋଇ ବିଶ୍ରାମହୀନ ହୋଇପାରନ୍ତି। ଗତାନୁଗତିକ କାର୍ଯ୍ୟ ଧିରେ ସୁସ୍ଥେ ଆଗେଇ ଚାଲିବ। ସାମର୍ଥ୍ୟ ଅପେକ୍ଷା ଦାୟିତ୍ୱର ବୋଝ ଅଧିକ ହୋଇପାରେ। ଉପରିସ୍ଥ ମାନଙ୍କ ସହୃଦୟତା ଲାଭକରି ଆଶ୍ୱସ୍ତ ହେବେ। କର୍ମର ଗତି ବିଳମ୍ବିତ ହେଲେବି ଅଟକିଯିବାର ଆଶଙ୍କା ନାହିଁ। ସାମାଜିକ ସ୍ତରରେ ସ୍ଥାନମାନ ପ୍ରତି ଅଘଟଣ ଘଟିବାର ନାହିଁ। ଆପଣାରମାନେ ବେଳେବେଳେ ବିଭ୍ରାନ୍ତି କଲେବି ଆଶ୍ଚର୍ଯ୍ୟ ଚକିତ ହେବାର ନାହିଁ। ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ। ବେପାର ବାଣିଜ୍ୟରେ କ୍ଷତି ସହିବାର ନାହିଁ। ବିବାଦୀୟ କ୍ଷେତ୍ରରେ ଅର୍ଥବ୍ୟୟ ହେଲେବି ହାରିଯିବାର ଭୟନାହିଁ। ଯୋଜନାବଦ୍ଧ କାର୍ଯ୍ୟର ପୂର୍ଣ୍ଣତା ପ୍ରାପ୍ତି ନିମନ୍ତେ ସମୟର ଆବଶ୍ୟକତା ଅଛି। ମୂଲ୍ୟବାନ ଦ୍ରବ୍ୟ ଅଥବା ଜମିଭୂମି କ୍ରୟ କରିବେ। ସନ୍ତାନମାନଙ୍କ ନିମିତ୍ତ ଚିନ୍ତା ବୃଦ୍ଧି ପାଇବ। ମୋଟା ଅଙ୍କର ଅର୍ଥ ପ୍ରାପ୍ତି ନିମିତ୍ତ ଚେଷ୍ଟିତ ହେବେ। ଚକ୍ଷୁ ଓ ଉଦରପୀଡ଼ାର କବଳିତ ହୋଇପାରନ୍ତି। ପାରିବାରିକ ବୁଝାମଣାରେ ବିଭ୍ରାଟ ଉପୁଜିବ ନାହିଁ। ମହିଳାମାନେ କର୍ମରେ ପୀଡ଼ା ପାଇଲେବି ସମ୍ଭାଳି ନେବେ। ବିଦ୍ୟାର୍ଥୀମାନେ ଭବିଷ୍ୟତ ଗଠନରେ ବ୍ରତୀ ହେବେ।

ଅଶୁଭ ଦିବସ:- ୨୨, ୨୩, ୩, ୪, ୭, ୮, ୯ ଅଷ୍ଟମଚନ୍ଦ୍ର:- ୨୦, ୨୧ ଘାତଚନ୍ଦ୍ର:- ୧, ୨ ବାକିଦିନ ଶୁଭ।



**ବୃଷ:-** ଚଳିତ ମାସଟି ଆପଣଙ୍କ ନିମିତ୍ତ ପୂର୍ବ ଅପେକ୍ଷା ଅଧିକ ଶୁଭ ସାବିତ ହେବ। କର୍ମପଥରେ ଧିରେ ସୁସ୍ଥେ ଆଗେଇବେ। ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ ସାମାନ୍ୟ ବିଳମ୍ବ ହୋଇପାରେ। ଉଚ୍ଚପଦସ୍ଥ ମାନଙ୍କଠାରୁ ଆଶା ଆଶ୍ୱାସନା ପାଇବା ଦ୍ୱାରା ସାହାସ ଓ ସନ୍ତୋଷ ପ୍ରାପ୍ତ ହେବ। ଅନୁକୂଳ ପାଗ ଯୋଗ ପରିଲକ୍ଷିତ ହେବା ଫଳରେ ଗତାନୁଗତିକ ଦିନଚର୍ଯ୍ୟା ରକ୍ଷା କରି ଦୃଢ଼ମନା ହେବେ। ସମୟର ସଦୁପଯୋଗ କରିବା ନିମିତ୍ତ ମଉକା ମିଳିବ। ଆର୍ଥୀକ ଦିଗ ସବଳ ହେବାଯୋଗେ ଆତ୍ମତୃପ୍ତି ଲାଭ ହୋଇପାରେ। ବେପାର ବାଣିଜ୍ୟରେ ପଛେଇ ଯିବେ ନାହିଁ। ସାମାଜିକ ସ୍ତରରୁ ପ୍ରୋତ୍ସାହନ ମିଳିବ। ଅର୍ଥ କାରବାରରୁ ହାତକୁ ଦୁଇପଇସା ଆସିପାରେ। ନିମ୍ନ ବର୍ଗରୁ ଓ ଦୂରକ୍ଷେତ୍ରରୁ ଲାଭବାନ ହେବାର ଅଛି। କର୍ମପ୍ରାପ୍ତି ତଥା କର୍ମରେ ଉନ୍ନତି ପ୍ରାପ୍ତ ନିଶ୍ଚିତ। ଭ୍ରମଣ ଯୋଗେ ଶାନ୍ତି ପାଇବେ। ଦେବଦର୍ଶନରୁ ଆଶୀର୍ବାଦ ମିଳିବ। ପେଟ ଗୋଳମାଳ ଓ ଥଣ୍ଡାଦୋଷ ଦେଖାଦେବ। ପାରିବାରିକ ଶାନ୍ତି ଅତୁଟ ରହିବ। ମହିଳାମାନେ ମାଙ୍ଗଳିକ କାର୍ଯ୍ୟରେ ଆଗଭର ହେବେ। ସୌଖୀନ ଦ୍ରବ୍ୟ ରୁଚି ବଢ଼ିବ। ଗୃହ ପରିଚାଳନାରେ ନିପୁଣା ହେବେ। ମର୍ଯ୍ୟଦା ପ୍ରାପ୍ତି ଯୋଗଅଛି। ବିଦ୍ୟାର୍ଥୀମାନେ ଯଥା ସମ୍ଭବ ଆଗେଇବେ।

ଅଶୁଭ ଦିବସ:- ୨୪, ୨୫, ୫, ୬, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୨, ୨୩ ଘାତଚନ୍ଦ୍ର:- ୧୫, ୧୬, ୧୨, ୧୩, ୧୪ ବାକିଦିନ ଶୁଭ।



**ମିଥୁନ:-** ଆପଣଙ୍କ ପକ୍ଷେ ମାସଟି ଶୁଭାଶୁଭ ମିଶ୍ରିତ ଫଳ ମିଳିଲେବି ପୂର୍ବ ତୁଳନାରେ ଶୁଭତ୍ୱ ଅଧିକହେବ। ମାନସିକ ଓ ଶାରିରୀକ ଦୁଃସ୍ଥିତି ଅପସରି ଯିବା କାରଣରୁ ଉତ୍ସାହଯୁକ୍ତ ହୋଇ କର୍ତ୍ତବ୍ୟରେ ଅଗ୍ରସର ହେବାର ସୁଯୋଗ ଉପଲବ୍ଧ ହେବ। ଯୋଜନା ବଦ୍ଧତାକୁ ଆଧାର କରି କର୍ମକ୍ଷେତ୍ରରେ ଉଚ୍ଚଭୂମିକା ନିର୍ବାହ କରି ଆତ୍ମ ସନ୍ତୋଷି ଉପଲବ୍ଧି କରିବେ। ଅଭୀଷ୍ଟ ଲାଭ ହେବାର ସମ୍ଭାବନା ଉଜ୍ଜ୍ୱଳ। ସହଯୋଗର ହାତମାନ ଲମ୍ବି ଆସିବା ଫଳରେ କର୍ମସାଧନ ସହଜ ସରଳ ହେବ। ଶତ୍ରୁମାନେ କ୍ରମଶଃ ଦୁର୍ବଳ ହୋଇ ପଡ଼ିବେ। ଆପଣାର ମାନଙ୍କ ଅପେକ୍ଷା ସାମାଜିକ ସ୍ତରରୁ ସମସ୍ତ ପ୍ରକାରର ସାହାଯ୍ୟ ସହଯୋଗ ଆଶା ମୁତାବକ ମିଳିଯିବ। ଆର୍ଥୀକ ଦିଗ ଦୁର୍ବଳ ହେବାର ନାହିଁ। ବେପାର ବାଣିଜ୍ୟରେ କ୍ଷତି ସହିବାର ନାହିଁ। ସ୍ତ୍ରୀ ଲୋକମାନେ ସହଯୋଗର ହାତ ବଢ଼ାଇବେ। ଲକ୍ଷ୍ୟପ୍ରାପ୍ତି ନିକଟତର ହେବ। ଗୁରୁଜନମାନଙ୍କ ଯୋଗେ ଚିନ୍ତିତ ହୋଇପାରନ୍ତି। ଗୃହ ନିର୍ମାଣରେ ଆଗ୍ରହୀ ହେବେ। ଖାଦ୍ୟ ରୁଚି


ବଢ଼ିବ। ଗଡ଼ି ଚାଲିଥିବା ସମସ୍ୟାର ଅନ୍ତ ଘଟିପାରେ। ବାୟୁ ଓ ପିତ୍ତ ଦୋଷରୁ ଆକ୍ରାନ୍ତ ହେବେ। ପାରିବାରିକ ଅଶାନ୍ତି ସାମାନ୍ୟ ଭାବେ ପରିଲକ୍ଷିତ ହେଲେବି ତାହା ଆୟତ୍ତରେ ରହିବ। ମହିଳାମାନେ ଅପେକ୍ଷାକୃତ ଭାବେ ଶାନ୍ତି ପାଇବେ। ଗଠନମୂଳକ କାର୍ଯ୍ୟରେ ତତ୍ପରତା ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ନିଜକୁ ସୁଧାରି ନେଇ ଆଗେଇବେ।

ଅଶୁଭ ଦିବସ:- ୧୫, ୧୬, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୪, ୨୫ ଘାତଚନ୍ଦ୍ର:- ୨୬, ୨୭ ବାକିଦିନ ଶୁଭ।



**କର୍କଟ:-** ମାସଟି ଶୁଭାଶୁଭ ମିଶ୍ରିତଫଳ ବହନ କଲେବି ମଝିରେ ମଝିରେ ଅଦିନଝଡ଼ ସଦୃଶ ଦୁର୍ଭାବନା ଧସେଇ ପଶିପାରେ। ମାନସିକ ସ୍ଥିତି ସୁଦୃଢ଼ କରି କର୍ମପଥରେ ଅଗ୍ରସର ହେବାକୁ ପଡ଼ିବ। ଆପଣାରମାନେ ବେଳଉଣ୍ଡି ଦୂରେଇ ଯିବାର ଉପକ୍ରମ କରିବେ। ଈଶ୍ୱରୀୟ ଚିନ୍ତାଧାରାକୁ ପାଥେୟ କରି ତଥା ମନୋବଳକୁ ଦୃଢ଼କରିବା ଫଳରେ ଅନେକ ସମସ୍ୟା ସହଜରେ ଉଭେଇଯିବ। ଆକସ୍ମିକ ଭାବେ ମୂଲ୍ୟବାନ ପଦାର୍ଥ ଅଥବା ମୋଟାଅଙ୍କର ଅର୍ଥ ପ୍ରାପ୍ତି ଭୋଗ ହେବା ଯୋଗେ ପ୍ରଫୁଲ୍ଲିତ ହେବେ। ବୈଷୟିକ ଅଭିବୃଦ୍ଧି ଘଟିବା ଯୋଗେ ମନ ଶାନ୍ତି ରହିବ। କର୍ମକ୍ଷେତ୍ରର ପରିବେଶ ହରକତ କରିବ ନାହିଁ। ବେପାର ବାଣିଜ୍ୟରେ ଆଗଧାଡ଼ିରେ ରହିବେ। ଆର୍ଥୀକ ଦିଗ ଗୁଜୁରାଣ ମେଣ୍ଟାଇବାରେ ଦୁର୍ବଳ ହେବନାହିଁ। ସାମାଜିକ ସ୍ତରରେ ସମସ୍ତଙ୍କ ସହିତ ମନ ମିଳାଇ ଚଳିବାର ସମୟ। ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ବୃଦ୍ଧି ପାଇବ। ଖାଦ୍ୟ ଓ ବେଶ ପୋଷାକ ପ୍ରତି ଲାଳାୟିତ ହୋଇପାରନ୍ତି। ବନ୍ଧୁବାନ୍ଧବ ଦିଗରୁ ଉପକୃତ ହେବେ। ଦାନ୍ତ ଓ ଚକ୍ଷୁରେ ଯନ୍ତ୍ରଣା ଦେଖାଦେବ। ଆତ୍ମ ସଂଯମତାର ଆବଶ୍ୟକତା ଅଛି। ପାରିବାରିକ ଜୀବନରେ ଦୁଶ୍ଚିନ୍ତାଗ୍ରସ୍ତ ହେବେନାହିଁ। ମହିଳାମାନେ ଆନନ୍ଦ ଉତ୍ସବରେ ସମୟ ବିତାଇବେ। ପରିବାରରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ଲୋକଙ୍କୁ ନିୟନ୍ତ୍ରଣ କଲେ ଭଲ। ବିଦ୍ୟାର୍ଥୀମାନେ ନିରାଶ ହେବେ ନାହିଁ।

ଅଶୁଭ ଦିବସ:- ୧୭, ୧୮, ୧୯ ଅଷ୍ଟମଚନ୍ଦ୍ର:- ୨୪, ୨୫ ଘାତଚନ୍ଦ୍ର:- ୧୦, ୧୧ ବାକିଦିନ ଶୁଭ।




**ସିଂହ:-** ମାସଟି ଆପଣଙ୍କ ନିମିତ୍ତ ଶୁଭଫଳର ଉପହାର ପ୍ରଦାନ କରି ଆନନ୍ଦିତ କରିବ। ଶତ୍ରୁଜିତ୍ ହୋଇ ନିରୁପଦ୍ରବ ଜୀବନଚର୍ଯ୍ୟାର ଉପଭୋକ୍ତା ହେବେ। ଭାବମୂର୍ତ୍ତି ବଳରେ ଉଚ୍ଚ ପ୍ରତିଷ୍ଠାକୁ କାଏମ ରଖିପାରିବେ। ବକେୟା କର୍ମର ପୂର୍ଣ୍ଣତା ପ୍ରଦାନରେ ସମର୍ଥ ହେବେ। ନିଜର ସ୍ୱାଭିମାନ ଓ ଅହଂକାରକୁ ସନ୍ତୁଳିତ କରିପାରିଲେ ଯେ କୌଣସି କାର୍ଯ୍ୟ ସାଧନ ଅସମ୍ଭବ ହେବନାହିଁ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ହୋଇପାରେ। ବେପାର ବାଣିଜ୍ୟରେ ନୂତନ ପର୍ଯ୍ୟାୟ ସୃଷ୍ଟି କରିବେ। କାରବାର ପ୍ରସାରିତ ହେବ। ସାମାଜିକ ସ୍ତରରେ ନିଜର ପ୍ରତିପତ୍ତି ବୃଦ୍ଧି ଘଟାଇବେ। ଆର୍ଥୀକ ଦିଗରୁ ଚିନ୍ତିତ ହେବାର ନାହିଁ। ପ୍ରିୟଜନମାନଙ୍କ ପରାମର୍ଶ ଗ୍ରହଣ କରି ଶାନ୍ତି ଓ ସଫଳତା ପାଇବେ। ନିମ୍ନ ବର୍ଗର ଲୋକମାନେ ଅସହଯୋଗ କରିପାରନ୍ତି। ମୂଲ୍ୟବାନ ଦ୍ରବ୍ୟ କ୍ରୟ ଓ ବିକ୍ରୟ କରିବେ। ସରକାରୀ କଳ ଆପଣଙ୍କ ସପକ୍ଷରେ ରହିବ। ନିର୍ମାଣ କାର୍ଯ୍ୟରେ ମନୋନିବେଶ କରିବେ। ଦେବ କାର୍ଯ୍ୟରେ ଆଗ୍ରହ ବଢ଼ିବ। ପିତ୍ତ ପ୍ରକୋପ ଓ ରକ୍ତଚାପ ରୋଗ ଦେଖାଦେବ। ପାରିବାରିକ ସ୍ଥିତି ଆୟତ୍ତରେ ରହିବ। ମହିଳାମାନେ ଦାୟିତ୍ୱ ବହନ କରି କର୍ତ୍ତବ୍ୟରେ ମଜ୍ଜି ରହିଲେବି ଭୋଗ ବିଳାସରୁ ବଞ୍ଚିତ ହେବେ ନାହିଁ। ବିଦ୍ୟାର୍ଥୀମାନେ ପୂର୍ବାପେକ୍ଷା ଉନ୍ନତି କରିବେ।

ଅଶୁଭ ଦିବସ:- ୨୦, ୨୧, ୧, ୨, ୭, ୮, ୯ ଅଷ୍ଟମଚନ୍ଦ୍ର:- ୨୮, ୨୯, ୩୦ ଘାତଚନ୍ଦ୍ର:- ୨୪, ୨୫ ବାକିଦିନ ଶୁଭ।



**କନ୍ୟା:-** ମାସଟି ଆପଣଙ୍କ ନିମିତ୍ତ ମଧ୍ୟମ ଶୁଭଦାୟକ ହେବ। ସମସ୍ୟା ସମାଧାନ କରି କର୍ମ ପଥରେ ଆଗେଇବା ଯୋଗେ କର୍ମର ଗତି ସାମାନ୍ୟ ଶିଥିଳ ହୋଇପାରେ। ଶତ୍ରୁମାନେ ସୁଯୋଗ ଦେଖି ହଇରାଣ କରିବାକୁ ପଛେଇବେ ନାହିଁ। ଅନେକ ସମୟରେ ଉଦ୍‌ବେଗର କବଳିତ ହେବା ଯୋଗେ ମାନସିକ ଶାନ୍ତିରେ ବାଧା ଉପୁଜିବା ବିଚିତ୍ର ନୁହେଁ। ସତ୍ କର୍ମ, ଦୃଢ଼ ମନୋବଳ ସାଙ୍ଗକୁ ଐଶୀ ଆଶୀର୍ବାଦ ଫଳରେ ସମସ୍ତ ପ୍ରକାରର ନକାରାତ୍ମକ ପରିବେଶକୁ ପ୍ରତିହତ କରିବା ଅସମ୍ଭବ ହେବନାହିଁ। ପତିତ ଧନ ହାତକୁ ଆସିବା ଯୋଗେ ଶାନ୍ତି ପାଇବେ। ଦେବ କାର୍ଯ୍ୟରେ ନିଜକୁ ଲିପ୍ତ କରିବେ। ସାମାଜିକ ଭାବମୂର୍ତ୍ତି ଅମଳିନ ରହିବ। ବେପାର ବାଣିଜ୍ୟରୁ ଲାଭ ଓ ଭବିଷ୍ୟତ ସଞ୍ଚୟ କରିବା ନିମିତ୍ତ ମଉକା ମିଳିବ। ବିବାଦୀୟ କ୍ଷେତ୍ରରେ ଉତ୍ତମ ବିଚାର ପାଇବେ। ନିଜ କର୍ତ୍ତୃପକ୍ଷଙ୍କ ସହାୟତାରୁ ଉପକୃତ ହେବେ। ସୌଖୀନ ପଦାର୍ଥର ଉପଭୋଗ ହେବ। ଶ୍ୱାସ ଓ ସ୍ନାୟୁ ଜନିତ ରୋଗରୁ ଉଦ୍ଧାର ପାଇଲେବି ପେଟରୋଗ ଦେଖାଦେବ। ପାରିବାରିକ ସ୍ତରରେ ଶାନ୍ତି ଓ ଗର୍ବ ଅନୁଭବ କରିବେ। ମହିଳାମାନେ କାର୍ଯ୍ୟ ହାସଲ ଜନିତ ଚେଷ୍ଟାରତ ହେବେ ଏବଂ ଲାଭବାନ ହେବେ। ଅଭିଳାଷ ପୂରଣ ହେବ। ବିଦ୍ୟାର୍ଥୀମାନେ ଆପଣା ମାର୍ଗରେ ପାରଦର୍ଶିତା ଦର୍ଶାଇବେ।

ଅଶୁଭ ଦିବସ:- ୨୪, ୨୫, ୩, ୪, ୧୦, ୧୧ ଅଷ୍ଟମଚନ୍ଦ୍ର:- ୧, ୨ ଘାତଚନ୍ଦ୍ର:- ୫, ୬ ବାକିଦିନ ଶୁଭ।



**ତୁଳା:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କ ପକ୍ଷେ ଶୁଭଲାଭ କାରକ ହେବ। ଦେହ ଓ ମନର ଦୁଃସ୍ଥିତି କ୍ରମଶଃ ଅପସରି ଯିବା ଯୋଗେ ସ୍ଫୁର୍ତ୍ତି ଓ ଆଗ୍ରହର ସହିତ କର୍ତ୍ତବ୍ୟ ପଥରେ ଅଗ୍ରସର ହେବେ। ଶତ୍ରୁ ତଥା ବିରୋଧି ଶକ୍ତିଗୁଡ଼ିକ ଦୁର୍ବଳ ହୋଇପଡ଼ିବା କାରଣରୁ ବିନାବାଧାରେ କର୍ମ ସଂପାଦନ କରିବାର ସୁଯୋଗ ମିଳିବ। ସାହାଯ୍ୟ ଓ ସହଯୋଗର ହାତମାନ ଲମ୍ବିଆସିବା କାରଣରୁ ମନରେ ସାହାସ ଓ ଉତ୍ସାହ ଭରିଯିବ। ବୈଷୟିକ ପ୍ରାଚୁର୍ଯ୍ୟ ମଧ୍ୟରେ ଉତ୍ତମ ଭାବମୂର୍ତ୍ତି ପ୍ରଦର୍ଶନ କରି ସାମାଜିକ ସ୍ତରରେ ଯଶମାନର ଉପଭୋକ୍ତା ହେବାରେ ବାଧା ଉପୁଜିବ ନାହିଁ। କେତେକ ବ୍ୟକ୍ତି ଆପଣାର ଦର୍ଶାଇ ଶୋଷଣ କରିବାର ମନୋବୃତ୍ତି ପୋଷଣ କରିପାରନ୍ତି। ଗୃହକୁ ନୂତନ ରୂପ ଦେବାରେ ପ୍ରୟାସ ଜାରି ରହିବ। ବେପାର ବାଣିଜ୍ୟର


ଧାରା ଅବାରିତ ରହିବ। ତୀର୍ଥ ଭ୍ରମଣରେ ରୁଚି ବଢ଼ିବ। ଆର୍ଥୀକ ଦିଗ ବହୁ ଉଚ୍ଚକୋଟୀର ନହେଲେବି ଊଣା ହେବାର ନାହିଁ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। ପୁରୁଣା ସଂପର୍କରୁ ଫାଇଦା ଉଠାଇବେ। ପୁରାତନ ରୋଗବ୍ୟାଧି ସାମାନ୍ୟ ପୀଡ଼ାପ୍ରଦ ହୋଇପାରେ। ପାରିବାରିକ ଜୀବନ ଅବାଟକୁ ଯିବନାହିଁ। ମାତାପିତାଙ୍କ ସ୍ୱାସ୍ଥ୍ୟ ଚିନ୍ତାଜନକ ହୋଇପାରେ। ମହିଳାମାନେ ଗୃହର ମର୍ଯ୍ୟଦା ରକ୍ଷା କରିବାରେ ଯଥା ସମ୍ଭବ ଚେଷ୍ଟା କରିବେ। ଉପଢୌକନ ପ୍ରାପ୍ତିଯୋଗ ଅଛି। ବିଦ୍ୟାର୍ଥୀମାନେ ଶିକ୍ଷା ସହିତ ମନୋରଞ୍ଜନରେ ଆଗ୍ରହୀ ହେବେ।

ଅଶୁଭ ଦିବସ:- ୧୫, ୧୬, ୨୬, ୨୭, ୫, ୬, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୩, ୪ ଘାତଚନ୍ଦ୍ର:- ୨୨, ୨୩ ବାକିଦିନ ଶୁଭ।




**ବିଛା:-** ମାସଟି ଆପଣଙ୍କ ନିମିତ୍ତ ଶୁଭଦାୟକ ହେବାର ସମ୍ଭାବନାରେ ଭରପୁର। ସାମାନ୍ୟ କିଛି ସମସ୍ୟା ଉପୁଜିଲେ ତାହା ନିଜର ଦୋଷ ତ୍ରୁଟିରୁ ଘଟିପାରେ। ଅହେତୁକତା ଠାରୁ ଦୂରେଇ ଯାଇ ବାସ୍ତବତାକୁ ଆପଣେଇ ନେଇ ଚଳିଲେ ଝୁଣ୍ଟି ପଡ଼ିବେ ନାହିଁ। ସ୍ଥିର ଚିତ୍ତରେ କାର୍ଯ୍ୟ ନିର୍ବାହ କଲେ ସୁରୁଖୁରୁରେ ତାହା ସଂପାଦିତ ହେବ। ଚେଷ୍ଟା ଚରିତ୍ର ବ୍ୟର୍ଥ ହେବାର ନାହିଁ। କାର୍ଯ୍ୟ ସାଧନ ନିମିତ୍ତ ସମସ୍ତ ପ୍ରକାରର କୌଶଳ ଓ ପନ୍ଥା ଅବଲମ୍ବନ କରିବେ। ସରକାରୀ ସ୍ତରରୁ କାର୍ଯ୍ୟ ହାସଲ ହେବାର ସମ୍ଭାବନା ଅଧିକ। ଧନବଳ ଓ ମନୋବଳ ଯୋଗେ କାର୍ଯ୍ୟ ହାସଲ କରିବେ। ଉଚ୍ଚ କର୍ତ୍ତୃପକ୍ଷଙ୍କ କୃପାଦୃଷ୍ଟି ଲାଭ ଯୋଗ ଅଛି। ବେପାର ବାଣିଜ୍ୟରେ ବୁଦ୍ଧି ଖଟାଇ ବେପାର ବୃଦ୍ଧି ଘଟାଇବେ। ସାମାଜିକ ସ୍ତରରେ ଜନାଦୃତି ବୃଦ୍ଧିପାଇବ। ନିଜର ଗୋପନୀୟ କଥା ଅନ୍ୟ ଆଗରେ ପ୍ରକାଶ ନ କରିବା ଭଲ। ଭ୍ରମଣ ଯୋଗେ ଶାନ୍ତି ପାଇବେ। ଛୁଆପିଲା ମାନଙ୍କର ଉନ୍ନତିରେ ଆନନ୍ଦିତ ହେବେ। ସ୍ୱାର୍ଥପର ଲୋକଙ୍କ ଠାରୁ ଦୂରେଇ ରହିବା ଉଚିତ ହେବ। ଅସ୍ଥିରେ ଆଘାତ ସହିତ ଉଚ୍ଚ ରକ୍ତଚାପ ଓ ବାୟୁରୋଗ ଦେଖାଦେଇପାରେ। ପାରିବାରିକ ଶାନ୍ତି ଅତୁଟ ରହିବ। ମହିଳାମାନେ ମାସଟିରେ କଠିନ ପରିଶ୍ରମର ବଶବର୍ତ୍ତୀ ହେଲେବି ଗୃହର ଉନ୍ନତିରେ ମୁଖ୍ୟ ଭୂମିକା ନିର୍ବାହ କରିବେ। ବିଦ୍ୟାର୍ଥୀମାନେ ପରିଶ୍ରମର ସୁଫଳ ପାଇବେ।

ଅଶୁଭ ଦିବସ:- ୧୭, ୧୮, ୧୯, ୨୨, ୨୩, ୨୮, ୨୯, ୩୦ ଅଷ୍ଟମଚନ୍ଦ୍ର:- ୫, ୬ ଘାତଚନ୍ଦ୍ର:- ୩, ୪ ବାକିଦିନ ଶୁଭ।



**ଧନୁ:-** ମାସଟି ଆପଣଙ୍କ ନିମିତ୍ତ ଉତ୍ସାହପ୍ରଦ ହୋଇ କାର୍ଯ୍ୟକର୍ମରେ ଅନେକ ବାଟ ଆଗେଇନେବାର ସୁଯୋଗ ପ୍ରଦାନ କରିବ। ଗଠନମୂଳକ କାର୍ଯ୍ୟକ୍ରମ ସାଙ୍ଗକୁ ନିତ୍ୟନୈମିତିକ କର୍ମକୁ ଉଜ୍ଜ୍ୱଳ କରିବାର ସମ୍ଭାବନା ଅଧିକ। ଶତୃଜିତ୍ ହୋଇ ନିରୁପଦ୍ରବ ଜୀବନଚର୍ଯ୍ୟାକୁ ଆପଣେଇ ନେଇ ମାନସିକ ଶାନ୍ତି ଉପଲବ୍ଧି କରିବେ। ବିବାଦୀୟ କ୍ଷେତ୍ରରେ ନିଜର ପକ୍ଷ ସୁଦୃଢ଼ ରହିବ। ଉପରିସ୍ଥ ମାନଙ୍କର ବିଶ୍ୱାସଭାଜନ ହେବାଫଳରେ କର୍ମ ସଂପାଦନ ନିମିତ୍ତ ଆଗ୍ରହ ବୃଦ୍ଧିପାଇବ। ବାକି ପଡ଼ିଥିବା ପଇସାପତ୍ର ହାତକୁ ଆସିବାର ଆଶା ଉଜ୍ଜ୍ୱଳ। ପଡ଼ୋଶୀମାନଙ୍କ ସହିତ ସଂପର୍କରେ ଦୃଢ଼ତା ଆସିବ। ସାମାଜିକ କ୍ଷେତ୍ରରେ ନେତୃତ୍ୱ ବହନ କରି ଅନେକ ସମସ୍ୟାର ସୁସମାଧାନ କରିପାରିବେ। ବେପାର ବାଣିଜ୍ୟ ନିମିତ୍ତ ଆତଙ୍କିତ ହେବାର ନାହିଁ। ବ୍ୟବହାର କୁଶଳତା ଯୋଗେ କାରବାର ବୃଦ୍ଧି ଘଟିବ। ବ୍ୟକ୍ତିତ୍ୱର ପରିପ୍ରକାଶ ଯୋଜନା ଅନେକ ଲୋକଙ୍କର ଭରସାର ପାତ୍ର ହେବେ। ଦେବ ଦର୍ଶନର ସୁଯୋଗ ମିଳିବ। ଆତ୍ମୀୟ ମାନଙ୍କ ଯୋଗେ ଚିନ୍ତିତ ହେବେ। ମାସର ଶେଷ ଭାଗରେ ସାମାନ୍ୟ ସ୍ୱାସ୍ଥ୍ୟ ପୀଡ଼ା ଦେଖାଦେବ। ମନୋବଳକୁ ଦୃଢ଼ କରିବାର ଆବଶ୍ୟକତା ଅଛି। ପାରିବାରିକ ଜୀବନ ଚଳନୀୟ ହେବ। ମହିଳାମାନେ ଆମୋଦ ସହିତ ନିଷ୍ଠାପର କର୍ତ୍ତବ୍ୟରେ ଅଗ୍ରଣୀ ହେବେ। ବିଦ୍ୟାର୍ଥୀମାନେ ମନକଷ୍ଟ କରିବାର ନାହିଁ।

ଅଶୁଭ ଦିବସ:- ୨୦, ୨୧, ୨୪, ୨୫, ୧, ୨ ଅଷ୍ଟମଚନ୍ଦ୍ର:- ୭, ୮, ୯ ଘାତଚନ୍ଦ୍ର:- ୨୮, ୨୯, ୩୦ ବାକିଦିନ ଶୁଭ।



**ମକର:-** ଆପଣଙ୍କ ପକ୍ଷେ ମାସଟି ମିଶ୍ରିତଫଳ ପ୍ରଦାନ କରିବ। ଅଯଥା ଅଶାନ୍ତି ଓ ଉଦ୍‌ବେଗ ଯୋଗେ ମାନସିକ ଶାନ୍ତି ହରାଇପାରନ୍ତି। କର୍ମକ୍ଷେତ୍ରର ଗତି ଆଶାନୁରୂପ ହେବାରେ ସନ୍ଦେହ ଅଛି। ଉପରିସ୍ଥ ମାନଙ୍କ ଆଶୀର୍ବାଦ ଓ ସଦିଚ୍ଛା ଯୋଗେ କର୍ମରେ ଆଗେଇବେ। ଲୋକ ହିତକର କାର୍ଯ୍ୟ ସାଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ଜଡ଼ାଇ ରଖିବା ଦ୍ୱାରା ଅବସାଦ ଅପସରିଯିବ। କଳା କ୍ଷେତ୍ରରେ କୃତିତ୍ୱ ହାସଲ କରିପାରନ୍ତି। ବେଳେବେଳେ ନିଜଲୋକଙ୍କ ସହିତ ଭୁଲ ବୁଝାମଣା ଘଟିବା ଫଳରେ ବିରକ୍ତିଭାବ ଉଦ୍ରେକ ହେବ। ଐଶୀ କୃପା ଯୋଗେ ଅନେକ ସମସ୍ୟାର ଅନ୍ତ ଘଟି ଶୁଭତ୍ୱରେ ପରିଣତ ହେବ। ଯୋଜନା ବଦ୍ଧତାକୁ ପ୍ରାଧାନ୍ୟ ଦେବେ। ସୌଖୀନ ଦ୍ରବ୍ୟ ପ୍ରତି ରୁଚି ବଢ଼ିବ। ସାମାଜିକ ସ୍ତରରେ ଆତ୍ମ ସମ୍ମାନ ପ୍ରତି ଅଙ୍କୁଶ ଲାଗିବାର ନାହିଁ। ବେପାର ବାଣିଜ୍ୟରେ ନୂତନ ଦିଗ ଉନ୍ମେଷ କରିବେ। ଭ୍ରମଣରୁ ଶାନ୍ତି ମିଳିବ। ଆୟ ତୁଳନାରେ ବ୍ୟୟର ମାତ୍ରା ଅଧିକ ହୋଇପାରେ। ଚକ୍ଷୁରୋଗ ଓ ବାୟୁ ବିକାର ରୋଗ କଷ୍ଟଦାୟକ ହେବ। ପାରିବାରିକ ଜୀବନ ସନ୍ତୋଷପ୍ରଦ ହେବ। ମହିଳାମାନେ ଆଗଧାଡ଼ିରେ ରହି କାର୍ଯ୍ୟ ସଂପାଦନ କରି ପ୍ରଶଂସାର ପାତ୍ର ବନିପାରନ୍ତି। ସେବା ଧର୍ମ ଓ ଦେବା ଧର୍ମ ଯୋଗେ ଶାନ୍ତି ଓ ଧର୍ମ ବୃଦ୍ଧି ହେବ। ବିଦ୍ୟାର୍ଥୀମାନେ ଅସ୍ଥିରତା ମଧ୍ୟଦେଇ ଗତି କରିବେ।

ଅଶୁଭ ଦିବସ:- ୨୬, ୨୭, ୩, ୪ ଅଷ୍ଟମଚନ୍ଦ୍ର:- ୧୦, ୧୧ ଘାତଚନ୍ଦ୍ର:- ୧୦, ୧୧ ବାକିଦିନ ଶୁଭ।



**କୁମ୍ଭ:-** ଶୁଭାଶୁଭ ସ୍ଥିତିରେ ମାସଟି ଅତିବାହିତ କରିବ। ମଝିରେ ମଝିରେ ଦୌଡ଼ଧୂପ ଓ ଅର୍ଥବ୍ୟୟ ଜନିତ ଦୁଶ୍ଚିନ୍ତା ଘାରିପାରେ। କର୍ମର ଗତି ଅଟକିନଗଲେବି ମନ୍ଥରଗତି ଧାରଣ କରିବ। ଶତୃମାନଙ୍କ ଉପଦ୍ରବ ସାମୟିକ ଚିନ୍ତାର କାରଣ ସାଜିପାରେ। ଭାବି ବିଚାରି କାର୍ଯ୍ୟ କଲେ ପଶ୍ଚାତାପ କରିବାକୁ ପଡ଼ିବ ନାହିଁ। କ୍ରୋଧକୁ ନିୟନ୍ତ୍ରଣ କରି ଧୈର୍ଯ୍ୟ ଧାରଣ କଲେ ଅନେକ ଛୋଟବଡ଼

ସମସ୍ୟାର କବଳିତ ହେବେ ନାହିଁ। ଯୋଜନାବଦ୍ଧ କାର୍ଯ୍ୟ ଫଳବତୀ ହେବ। ବିଚ୍ଛରବନ୍ତ ଲୋକଙ୍କ ଉତ୍ତମ ପରାମର୍ଶ ଗ୍ରହଣ କଲେ କାର୍ଯ୍ୟଧାରା ସାବଲୀଳ ହେବ। ଭୋଗ ବିଳାସର ସାଧନ ପ୍ରାଚୁର୍ଯ୍ୟ ଥିଲେବି ଉପଭୋଗ ନିମନ୍ତେ ସମୟର ଅଭାବ ପରିଲକ୍ଷିତ ହେବ। ଏକଲାବୋଧ କରିପାରନ୍ତି। ସାମାଜିକ ସ୍ତରରେ ଅନ୍ୟମାନଙ୍କଠାରୁ ସହଯୋଗ ଲାଭକରି ଆଶ୍ୱସ୍ତ ହେବେ। ଭାବମୂର୍ତ୍ତି ଅମଳିନ ରହିବ। ବେପାର ବାଣିଜ୍ୟ ପୂର୍ବଭଳି ଚାଲୁ ରହିବ। ଅଯଥା ଭ୍ରମଣରୁ କ୍ଲାନ୍ତି ଅନୁଭବ କରିବେ। ସରକାରୀ କଳରୁ ସାହାଯ୍ୟ ପାଇବାରେ ବିଳମ୍ବ ହେବ। ଆର୍ଥୀକ ଦିଗ ଚଳନୀୟ ହେବ। ଦାନ୍ତ ବିନ୍ଧା ସାଙ୍ଗକୁ ଅବୟବରେ ଯନ୍ତ୍ରଣା ପାଇପାରନ୍ତି। ପାରିବାରିକ ଜୀବନରେ ଶାନ୍ତି ଅନୁଭବ କରିବେ। ମହିଳାମାନେ ମାସଟିରେ ସୁଖ ଦୁଃଖ ବାଣ୍ଟି ଚଳିବେ। ମନର ଦୁଃଖକୁ ଚାପି କର୍ତ୍ତବ୍ୟରେ ମନୋନିବେଶ କରିବେ। ବିଦ୍ୟାର୍ଥୀମାନେ ପରିଶ୍ରମ ଦ୍ୱାରା କଷ୍ଟକୁ ସହଜ କରିବେ।
ଅଶୁଭ ଦିବସ:- ୨୮, ୨୯, ୩୦, ୫, ୬ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୨, ୧୩, ୧୪ ଘାତଚନ୍ଦ୍ର:- ୨୨, ୨୩ ବାକିଦିନ ଶୁଭ।

**ମୀନ:-** ଆପଣଙ୍କ ନିମିତ୍ତ ପୂର୍ବ ତୁଳନାରେ ମାସଟି ଶୁଭପ୍ରଭାବକ ହେବ। ମାନସିକ ଅଶାନ୍ତି ଓ ଶାରିରୀକ ଦୁର୍ବଳତାରୁ କ୍ରମଶଃ ମୁକ୍ତହୋଇ କର୍ମକ୍ଷେତ୍ରରେ ନିଜର ଦକ୍ଷତା ଦର୍ଶାଇବାର ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟିହେବ। ବିରୋଧି ଶକ୍ତିମାନେ ଦୁର୍ବଳ ହୋଇପଡ଼ିବା କାରଣରୁ କର୍ମକ୍ଷେତ୍ରରେ ଗତି କରିବା ସହଜ ସରଳ ହେବ। ପରିଶ୍ରମ ଓ ଖଟଣୀ ସତ୍ୱେ ଉତ୍ସାହ ଉଦ୍ଦୀପନା କେତେକାଂଶରେ ଉଦ୍‌ବୁଦ୍ଧ କଲେବି ଭୋଗ ବିଳାସ ନିମନ୍ତେ ଅବସରର ଅଭାବ ପରିଲକ୍ଷିତ ହେବ। ଚେଷ୍ଟା ଚରିତ୍ର ଯୋଗେ ମନୋକାମନା ପୂରଣ ହେବାର ସମୟ। ସାମାଜିକ ସ୍ତରରେ ଏବଂ ଆନୁଷ୍ଠାନିକ ସ୍ତରରେ ସମ୍ମାନିତ ହେବାର ଯୋଗ ଅଛି। ବେପାର ବାଣିଜ୍ୟରୁ ସନ୍ତୋଷ ପ୍ରାପ୍ତ ହେବ। ଖର୍ଚ୍ଚକୁ ନିୟନ୍ତ୍ରଣ କରିବା କାଠିକର ପାଠ ହେବ। ଉତ୍ତମ ସ୍ଥାନ ଭ୍ରମଣ କରିବେ। ବନ୍ଧୁ ମିଳନର ଯୋଗ ଅଛି। ବିକଳ୍ପ ଉପାୟରେ ଅର୍ଥ ଉପାର୍ଜ୍ଜନ ନିମନ୍ତେ ଯୋଜନା କରିବେ। ବିବାଦୀୟ କ୍ଷେତ୍ରରେ ସମାଧାନ ନିମିତ୍ତ ସମୟର ଆବଶ୍ୟକତା ଅଛି। ପିତ୍ତଦୋଷ ଓ ବାୟୁଦୋଷରେ ଆକ୍ରାନ୍ତ ହେବେ। ପାରିବାରିକ ଶାନ୍ତି ଆୟତ୍ତରେ ରହିବ। ମହିଳାମାନେ ପରିବାରର ପ୍ରତିଷ୍ଠା ଦିଗରେ ଯଥା ସମ୍ଭବ ଚେଷ୍ଟା ଜାରି ରଖିବେ। ବିଳାସ ପ୍ରତି ରୁଚି ବଢ଼ିବ। ମାଙ୍ଗଳିକ କାର୍ଯ୍ୟ ପ୍ରତି ଆଗୁଆ ହେବେ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟରେ ବାନ୍ଧିହୋଇ ବିଳାସ ପ୍ରତି ସମୟର ଅଭାବ ଅନୁଭବ କରିବେ।
ଅଶୁଭ ଦିବସ:- ୧, ୨ ଅଷ୍ଟମଚନ୍ଦ୍ର:- ୧୭, ୧୮, ୧୯ ଘାତଚନ୍ଦ୍ର:- ୨୬, ୨୭ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

DM Associates
Chartered Accountants
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*

Postal Regd. No. CK (C)/91/2024-2026
The Samaroha June - 2024, Vol. - 33, Issue - 9
RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

*CORPORATE OFFICE*

A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in

₹ 20/-

Date of Publication : 15.06.2024
Facebook: The Samaroha
E-mail: thesamaroha@gmail.com, Website: www.samaroha.in